ଚନ୍ଦ୍ରମୁଖୀ

ଏ ଘରଟିର ସବୁକଥା ଏ ଦୁହିଁଙ୍କ ମନକୁ ପାଇଛି । ଲନ୍ଟି ଛୋଟ ହେଲେ ବି ପାଚେରି ଧାରେ ଧାରେ କେତୋଟି କୃଷ୍ଣଚୂଡ଼ା ଗଛର ଶୋଭା, ଏପାଖେ ଘର ଭିତରର କୋଠରୀ, କରିଡର ଓ ବାଥ୍ରୁମ୍ ଆଦିର ବ୍ୟବସ୍ଥା ସବୁ ଯେମିତି ସେମାନଙ୍କ ନିଜସ୍ୱ ପ୍ଲାନ୍ ଅନୁଯାୟୀ ଯୋଗାଇ ଦିଆଯାଇଛି । କେହି କହିବେ ନାହିଁ ଏହା ଗୋଟିଏ ସରକାରୀ କ୍ୱାର୍ଟର । ପରିବେଶ ନୈଭନୀସ୍ଥ । ପୁଣି ଘର ସାମ୍ନାରେ ଅଛି ଏକ ପାର୍କ, ଯାହାର ନାମ ହେଲା—ପୁଷ୍ପ ବାଟିକା । ଏତେ ସୁବିଧା ସୁଯୋଗ ଉପଭୋଗ କରୁଥିବା ଏଇ ପରିବାରଟି ଅତି ଛୋଟ—ମାତ୍ର ଦୁଇଜଣ ତରୁଣ ତରୁଣୀ—ନବ ବିବାହିତ ସ୍ୱାମୀ ସ୍ତ୍ରୀ । ଦୁହିଁଙ୍କର ଚାକିରି । ସୁନ୍ଦର ରୂପ, ଅନୁରୂପ ସ୍ୱାସ୍ଥ୍ୟ । ପରିବାରଟିର ତୃତୀୟ ପ୍ରାଣୀ ହେଲା ଗୋଟିଏ ଚାକରାଣୀ । ସମ୍ପୂର୍ଣ୍ଣ ଛଳନାବିହୀନ ଏ ଦୁହିଁଙ୍କର ଜୀବନଯାତ୍ରା ଖୋଜି ପାଇଛି ଏକ ପ୍ରୀତିପୂର୍ଣ୍ଣ ବନ୍ଧନ । ଯେଉଁମାନେ ତାଙ୍କୁ ଜାଣିଛନ୍ତି ସେମାନେ ଜାଣନ୍ତି, ଆଉ ଏ ଦୁହେଁ ମଧ୍ୟ ଜାଣନ୍ତି ଯେ ସେ ଦୁହେଁ ଦୁଇଟି ସୁଖୀ ପ୍ରାଣୀ ।

ସେଦିନ ସୁଧା ବସି ତା ବାଁ ହାତ ଅଙ୍ଗୁଳିରେ ନେଲ୍ପଲିସ୍ ଲଗାଉଛି । ପାଖରେ ବସିଛି ଅନୁପମ । ଟେଲିଫୋନ୍ ରିଙ୍ଗ୍ ହେଲା । ସୁଧା ଡାହାଣ ହାତରେ ରିସିଭର୍ ଉଠାଇଲା । ଏପାଖରେ ଅନୁପମ ସୁଧାର ବାଁ ପାପୁଲିଟିକୁ ଉଠାଇଆଣି ନିଜ ଜଙ୍ଘ ଉପରେ ରଖି ବାକିଥିବା ଦୁଇଟି ଅଙ୍ଗୁଳିରେ ନେଲ୍ପଲିସ୍ ଲଗାଇବାକୁ ଆରମ୍ଭ କଲା । ସୁଧାର ଟେଲିଫୋନ୍ରେ କଥାବାର୍ତ୍ତା ଚାଲିଛି, ଏଣେ ଅନୁପମ ନେଲ୍ପଲିସ୍ ଲଗେଇ ଚାଲିଛି । ଦେଖାଗଲା, ଟେଲିଫୋନ୍ରେ ସୁଧାର କଥାବାର୍ତ୍ତା ଶେଷ ହେଲାବେଳକୁ ଅନୁପମର ପ୍ରସାଧନ କର୍ମଟି ମଧ୍ୟ ଶେଷ ହୋଇଯାଇଛି । ଅନୁପମ ଏମିତି ନିପୁଣତାର ସହିତ ପଲିସ୍ ଲଗାଇବା କାମଟି କରିଛି ଯେ, ସୁଧା ଆଦୌ ଜାଣିପାରିନି । ସେ ହୁଏତ କେବଳ ଏତିକି ଜାଣିଛି ଯେ, ଅନୁପମ ସ୍ନେହରେ ତା ପାପୁଲିଟିକୁ ନେଇ ତା ଜଙ୍ଘ ଉପରେ ରଖିଛି । ସୁଧା ହାତ ଉଠାଇ ଆଣି ଅଙ୍ଗୁଳି ଦିଓଟିକୁ ଦେଖିଲା—ଦେଖିଲା ପୁଣି ଅନୁପମର ହସ ହସ ମୁହଁ । ତା'ପରେ ? ନା, ତା ପରର କଥା କିଛି ବର୍ଣ୍ଣନାର ଅପେକ୍ଷା ରଖେନା ।

ଅନୁପମ ଅଫିସ୍ ଯିବା ପାଇଁ ପ୍ରସ୍ତୁତ ହେଉଛି । ଦେଖିଲା, ଜାମାଟିର ଗୋଟାଏ ବୋତାମ ନାହିଁ । ଏମିତି ଘଟଣା ସିନେମା ଆଉ ଟି.ଭି.ରେ ବହୁ ସମୟରେ ଦେଖିବାକୁ ମିଳୁଛି । ଯେତେ ତରବରରେ ଥିଲେ ବି ସ୍ୱାମୀ ଆଉ ଗୋଟାଏ ଜାମା ନ ପିନ୍ଧି ସେଇ ବୋତାମ-ଛୁଣ୍ଡା ଜାମାକୁ ଦେହରେ ଗଳାଇ ଠିଆ ହୋଇଥିବେ ଓ ଶ୍ରୀମତୀଙ୍କୁ ଡାକୁଥିବେ । ଶ୍ରୀମତୀ ଯାଉଛି ଯାଉଛି କହି ତରତର ଅବସ୍ଥାରେ ହେଉ ବା ଗର୍ ଗର୍ ଅବସ୍ଥାରେ ହେଉ, ଆସି ସ୍ୱାମୀଙ୍କ ଅଧପିନ୍ଧା ଜାମାରେ ବୋତାମ ଲଗାଇ ସୂତାକୁ ଦାନ୍ତରେ ଛୁଣ୍ଡାଇବେ । ହଁ, ଦାନ୍ତରେ । ପାଖରେ କଇଁଚିଟାଏ ଥିଲେ ମଧ୍ୟ ଛୁଇଁବେ ନାହିଁ, ଦାନ୍ତରେ ଛୁଣ୍ଡାଇବେ । ଏଇ ଦାନ୍ତରେ ସୂତା ଛୁଣ୍ଡାଇବା ପ୍ରକ୍ରିୟାରେ ସ୍ତ୍ରୀଙ୍କ ମଥା ସ୍ୱାମୀଙ୍କ ବକ୍ଷ ସ୍ପର୍ଶ କରୁଥିବ—ଡାବର୍ ଆମ୍ଳା କେଶ ତୈଳ-ସ୍ନାତ ତାଙ୍କ ଘନକୃଷ୍ଣ କବରୀର ବାସ୍ନାରେ ସ୍ୱାମୀଙ୍କ ଘ୍ରାଣ ପୁଲକିତ ହୋଇ ଉଠୁଥିବ । ଦାନ୍ତରେ ବୋତାମ ଛୁଣ୍ଡାଇବା ବାହାନାରେ ସ୍ୱାମୀଙ୍କୁ କିଛି ରୋମାଣ୍ଟିକ୍ ମୁହୂର୍ତ୍ତଦାନର ପ୍ରତିଦାନ ସ୍ୱରୂପ ନିଜ ଚିବୁକରେ ସ୍ୱାମୀଙ୍କ ଅଙ୍ଗୁଳି ସ୍ପର୍ଶ ଲଭିକରି, ପତ୍ନୀଟି ଷୋଳ ବର୍ଷର ଉଚ୍ଛୁଳା ଝିଅଟି ପରି ଘର ଭିତରକୁ ଖସିଗଲାବେଳେ ସ୍ୱାମୀଟି ଯାନରେ ନୁହେଁ, ଯେମିତି ମନପବନ ଘୋଡ଼ାରେ ବସି ବାହାରକୁ ଯିବେ । ...ଯାତ୍ରାକାଳରେ ସ୍ୱାମୀଙ୍କ ଜାମା ବୋତାମ ଛିଣ୍ଡିଗଲେ, ଏଇଭଳି ନାଟକଟିଏ ପ୍ରାୟତଃ ଅଭିନୀତ ହୋଇଥାଏ ।

ବୋତାମଛୁଣ୍ଡା ଜାମାଟିକୁ ଦେହରେ ଗଳାଇ ସେଦିନ ଅନୁପମ ବେଶ୍ ମଧୁର ଗଳାରେ ସୁଧାକୁ ଲକ୍ଷ୍ୟ କରି କହିଲା—କ'ଣ କରୁଛ କି ? ଭିତରୁ ସୁଧାର ଅନୁରୂପ ଉତ୍ତର ଆସିଲା—କାହିଁକି, କ'ଣ ହେଲା ? ଟିକିଏ ବିଜି ଅଛି । ...ଅନୁପମ ମନେ ମନେ ଭାବିଲା, ବିଜି ଅଛି କହୁଛି ଯେତେବେଳେ, ଥାଉ ! ବୋତାମଟା ମୁଁ ନିଜେ ଲଗେଇ ନେବି ।...ଯଥା ସ୍ଥାନରୁ ଛୁଞ୍ଚିସୂତା ଓ ବୋତାମ ଆଣି ଯେମିତି ଜାମା ପିନ୍ଧିଥିବା ଅବସ୍ଥାରେ ଜାମା କାନିର ଭିତରପଟୁ ଛୁଞ୍ଚି ଫୋଡ଼ିଲା ବେଳେ, ଛୁଞ୍ଚି ଲକ୍ଷ୍ୟଭେଦ କରି ନ ପାରି ଅର୍ଥାତ୍ ବୋତାମ କଣା ବାଟେ ନ ଆସି ବାହାରପଟେ ଆସି ଅନୁପମର ସୁଗୋଲ ବୃଦ୍ଧାଙ୍ଗୁଳିକୁ ଭେଦ କଲା—ସେଇ ସଙ୍ଗେ ସଙ୍ଗେ ଅନୁପମ ପାଟିରୁ ଯନ୍ତ୍ରଣାସୂଚକ 'ଆଃ' ସ୍ୱରଟି ଖସିଯାଇ ସୁଧାର ଶ୍ରବଣଶକ୍ତିକୁ ଭେଦକଲା । ...କ'ଣ ହେଲା, କ'ଣ ହେଲା କହି କହି ସୁଧା ଛୁଟିଆସି ଦେଖିଲା ଅନୁପମ ଅଙ୍ଗୁଳିରେ ଲାଲ୍ ଟହ ଟହ ରକ୍ତ ଟୋପାଟି ଗଲ ଗଲ ହେଉଛି । ମୁହୂର୍ତ୍ତେ କାଳବିଳମ୍ବ ନ କରି ସୁଧା ଅନୁପମର ଅଙ୍ଗୁଳିଟି ପାଟିକୁ ନେଇ ଚୂପିବାରେ ଲାଗିଲା । ଅନୁପମ ପାଟିକରି ଉଠିଲା—ଆରେ ଆରେ ଏ କ'ଣ କରୁଛ ? ...ତାକୁ ଚୁପ ରହିବାକୁ ଇଙ୍ଗିତରେ ଜଣାଇ ଦେଇ ସୁଧା ଯଥାସମୟରେ ଅଙ୍ଗୁଳିଟିକୁ ପାଟିରୁ ବାହାରକରି ଅନୁପମକୁ ଦେଖାଇ କହିଲା—ଦେଖ, ଆଉ ରକ୍ତ ବାହାରୁ

ନାହିଁ । ଜାଣିଚ, ଏଇ ଛେପ ନା—ସବୁଠୁ ଭଲ ଆଣ୍ଟିସେପ୍‌ଟିକ୍ ...ସ୍ନେହପୂର୍ଣ୍ଣ ଅନୁରାଗରେ ଅନୁପମ ସୁଧାକୁ ତା ଗ୍ରୀବ ଉପରକୁ ଧୀରେ ଆଉଜାଇ ଆଣିଲାବେଳକୁ ସୁଧା ପ୍ରୀତିପୂର୍ଣ୍ଣ ଅନୁରକ୍ତିରେ ଅନୁପମ ଗ୍ରୀବରେ ସମ୍ପୂର୍ଣ୍ଣ ଢଳି ପଡ଼ିଲା, ଆଉ ସେଇ ସଙ୍ଗେ ସଙ୍ଗେ ତା କଣ୍ଠରୁ ବି ଯନ୍ତ୍ରଣାସୂଚକ 'ଆଃ' ସ୍ୱରଟି ବାହାରି ଆସିଲା । କ'ଣ ହେଲା—କ'ଣ ହେଲା କହି ଅନୁପମ ପାଟି କରି ଉଠୁଚି । ...ହବ ଆଉ କ'ଣ ? ଛୁଞ୍ଚିଟି ପୂର୍ବପରି ମଥା ଟେକି ଯଥା ସ୍ଥାନରେ ରହିଚି । ସୁଧା ଅନୁପମ ଗ୍ରୀବରେ ଢଳି ପଡ଼ିଲାକ୍ଷଣି ଛୁଞ୍ଚିମୁନରେ ତା'ର ବକ୍ଷ ଭେଦ ହେଲା । ଅନୁପମ ଦୋଷ ସ୍ୱୀକାର କଲାଭଳି କହୁଚି—ମୁଁ ତ ତମକୁ ଧୀରେ ଟିକଏ ଆଉଜାଇ ଆଣୁଥିଲି, ତମେ... ହସି ହସି ସୁଧା କହିଲା—ହେଲା ବାବୁ ହେଲା, ମୁଁ ଜାଣିଶୁଣି ଛୁଞ୍ଚିରେ ଫୋଡ଼ି ହୋଇ ଯାଇଚି—ଟିକଏ ରକ୍ତ ବାହାରିଚି ! ତମ ଆଙ୍ଗୁଠିରୁ ତ ପୁଣି ରକ୍ତ ବାହାରିଥିଲା ! ...ରୁହ, ମୁଁ ଆଗେ ବୋତାମଟା ଲଗେଇଦିଏ । ..ବୋତାମ ଲଗିଲା, ଦୁହେଁ ହସିଖେଳି ଗଲାପରି ଅଫିସ୍‌କୁ ଗଲେ ।

ଶୟନ କକ୍ଷ । ନିଦ୍ରାରୁ ଅନୁପମ ପାଟିକରି ଉଠିଲା—ଏ ତୁମେ କ'ଣ କରୁଚ ସୁଧା ? ...ସୁଧାର ଉତ୍ତର—ତମ ଗୋଡ଼ ମୋଡ଼ି ଦେଉଚି । ...ଅନୁପମ ଟିକେ ଚେଇଁ ଉଠି ପଚାରିଲା—କାହିଁକି ? ...ଟିକେ ରହି ସୁଧା କହିଲା—ଏଭଳି ପ୍ରଶ୍ନର କିଛି ଉତ୍ତର ନାହିଁ । ...ଅନୁପମ ତା ଗୋଡ଼ ଟାଣିନବାକୁ ଚେଷ୍ଟାକଲା, ସୁଧା କିନ୍ତୁ ଛାଡ଼ିଲାନି । ଅନୁପମ କହିଚାଲିଚି—ନା, ନା, ଏସବୁ ସାମନ୍ତବାଦୀ ପ୍ରଥା ଆଉ ଚଳୁନାହିଁ । ସୁଧା ଅନୁପମ ପାଟିରୁ କଥା ଛଡ଼େଇ ନେଲାଭଳି ଅତି ସ୍ପଷ୍ଟ ଭାବରେ ପଚାରିଲା—ମତେ କହିବଟି, ମଞ୍ଜାଳିବା ଶବ୍ଦର ଅର୍ଥ କ'ଣ ?

—ମୁଁ ଯାହା କହିଲି, ସେ କଥାଟା ଟିକଏ ହୃଦୟଙ୍ଗମ କର । ...ସୁଧା ହସି ନଯାଇ ସମସ୍ୱରରେ କହିଲା—ମୁଁ ଯାହା ପଚାରିଲି ମୋ' ପ୍ରଶ୍ନର ଉତ୍ତର ମତେ ଦିଅ, ମଞ୍ଜାଳିବା ଶବ୍ଦର ଅର୍ଥ କ'ଣ ? ...ଅନୁପମ ଅଡୁଆରେ ପଡ଼ିଗଲା । ମଞ୍ଜାଳିବା ଶବ୍ଦର ଅର୍ଥ ତାର ମନେ ପଡୁନି, କେବଳ ଅସ୍ପଷ୍ଟ ସ୍ୱରରେ 'ମଞ୍ଜାଳିବା' 'ମଞ୍ଜାଳିବା' ହଉଚି, ସୁଧା ବୁଝିପାରିଲାଣି ତା' ସ୍ୱାମୀଟିର ଅବସ୍ଥା । ସେତେବେଳକୁ ତାର ସ୍ୱାମୀଙ୍କ ପଦସେବା କର୍ମ ଶେଷ ହୋଇଯାଇଚି । ଟିକେ ହସି ଶଯ୍ୟାରେ ଶୋଇପଡ଼ି କହିଲା—ରାମାୟଣ ଟି. ଭି. ସିରିଏଲ୍‌ରେ ସବୁ ସମାଜବାଦୀମାନେ ଦେଖି ଉପଭୋଗ କରିଚନ୍ତି, ବନବାସବେଳେ ସହସୁନାଗୋରୀ ସୀତା କେମିତି ନବଦୂର୍ବାଦଳକାନ୍ତି ଶ୍ରୀରାମଚନ୍ଦ୍ରଙ୍କ ପଦ ମଞ୍ଜାଳୁଥିଲେ, ମାନେ ମୁଁ ଏଠି ଯେମିତି ତମକୁ ମୋଡ଼ି ଦଉଚି, ସେମିତି ପର୍ଣ୍ଣ-କୁଡ଼ିଆରେ ସୀତା ଶ୍ରୀରାମଚନ୍ଦ୍ରଙ୍କ ଗୋଡ଼ ମୋଡ଼ି ଦଉଥିଲେ ...ଏହାପରେ ଅନୁପମର ବୋଧହୁଏ ଆଉ କିଛି କହିବାର ନଥିଲା । ବରଂ ସୁଧାର

ସୁନିପୁଣ ପଦସେବାରେ ପରିତୃପ୍ତ ହୋଇ ନିଦ୍ରାଯିବା ପୂର୍ବରୁ କେବଳ ଏତିକି କହିଲ—ହଉ, ହେଲା । କିନ୍ତୁ ଜାଣିରଖ, ମୁଁ ମଧ୍ୟ ତମକୁ ଛାଡ଼ୁନାହିଁ ।··· ସ୍ୱାମୀଙ୍କର ଏକଥାରେ ସ୍ତ୍ରୀଟି ମନେ ମନେ ହସି ଆଖି ବୁଜିଲା । କିଛିଦିନ ପରର କଥା । ସୁଧା ବିଛଣାରେ ମୁହଁମାଡ଼ି ଶୋଇଚି । ତା'ର ବେକ ଓ ବେକ ସଂଲଗ୍ନ କାନ୍ଧର କିଛିଟା ମୁକୁଳା ଅଂଶ ଦେଖି ଅନୁପମର ମନେପଡ଼ିଲା ଗତକାଲି ତା'ର ଠିକ୍ ଏଇ ଅଂଶଟାକୁ ସୁଧା ତା'ର ସୁକୋମଳ ପାପୁଲିରେ ଚିପିଦେଲାବେଳେ ତାକୁ ଖୁବ୍ ଖୁବ୍—ଆରାମ ଲାଗୁଥିଲା । ଜାଣିଲା, ଗୋଟାଏ ସୁଯୋଗ ତାକୁ ମିଳିଚି । ନିଦ୍ରିତା ସୁଧା ପାଖରେ ସେ ଆସନ ଜମେଇ ବସିଲା । ଧୀରେ ବେଣୀଟିକୁ ଆଡ଼େଇ ଦେଲା । ତା'ପରେ ସୁଧା ତାକୁ ଯେଉଁ ଢଙ୍ଗରେ ଚିପି ଦେଉଥିଲା, ଠିକ୍ ସେଇ ଢଙ୍ଗରେ ତା'ର ରଜତ-ଶୁଭ୍ର କାନ୍ଧ ଓ ବେକର ସଂଲଗ୍ନ ଅଂଶଟିକୁ ଧୀରେ ଧୀରେ ଚିପି ବସିଲା । ସୁଧା ଟିକିଏ ନିଃଶ୍ୱାସ ନେଲା ବୋଧହୁଏ । ତାକୁ କି'ଣ ଭଲ ଲାଗୁଚି ? ତାକୁ ଭଲ ଲାଗୁ କି ନ ଲାଗୁ, ତା'ର ଏ ସେବା ଟିକିକ କରିବା ପାଇଁ ଅନୁପମକୁ ଭାରି ଭଲ ଲାଗିଲା । ମନପ୍ରାଣ ଢାଳି ସିଏ ଏ ପତ୍ନୀ-ସେବା କର୍ମଟି କରି ଚାଲିଚି । ଏତିକିବେଳେ ସୁଧା କଣ୍ଠର କେଉଁ ଏକ କୋମଳ ପର୍ଦ୍ଦାରୁ ଅନୁଚ୍ଚ 'ଉଁ' 'ଉଁ' ସ୍ୱର ଭାସିଆସିଲା । ···ଏ ସ୍ୱର କାହିଁକି ? ଏ ପ୍ରଶ୍ନର ଉତ୍ତର ଖୋଜି ପାଇବା ପୂର୍ବରୁ ସୁଧା ପଛପଟକୁ ହାତବୁଲାଇ, ଅନୁପମର ହାତକୁ ତା' ବେକରେ ଗୋଟିଏ ସ୍ଥାନରୁ ଉଠାଇଆଣି ଆଉ ଗୋଟିଏ ସ୍ଥାନରେ ଚପେଇ ଦେଲା ! ତା' ଅର୍ଥ ସୁଧା ଚାହୁଁଚି ସେଠି ନୁହେଁ, ଏଠି ବେକର ଏ ତଳ ଅଂଶଟା ! ଅତ୍ୟନ୍ତ ଉତ୍ସାହର ସହିତ ଅନୁପମ ବେକର ସେଇ ଅଂଶକୁ ଟିକିଏ ଜୋରରେ ଚିପିଦେଲା ବେଳକୁ ସୁଧାର ନିଦ ଭାଙ୍ଗିଗଲା । ଏପର୍ଯ୍ୟନ୍ତ ସେ ଯେପରି ଅଧାଶୁଆ ଅଧାଚିଆଁ ଅବସ୍ଥାରେ ଏକ ସ୍ୱପ୍ନାବିଷ୍ଟ ମନରେ ଧରି ନେଇଥିଲା ଯେ ତା' ବୋଉ ତାକୁ କୋଳରେ ଶୁଆଇ ତା'ର ଏ ସେବା କରୁଚନ୍ତି । ଉଠିବସି ଆଖି ଆଗରେ ଅନୁପମକୁ ଦେଖି ସେ ବୁଝିପାରିଲା ନାହିଁ ଯେ ସିଏ ହସିବ କି କାନ୍ଦିବ !

ଏ ଦୁନିଆରେ ଅନେକ ଆଦର୍ଶ ପ୍ରେମକାହାଣୀ ରହିଚି । ସେ ସମସ୍ତ ପ୍ରାୟ ବିରହାତ୍ମକ । କିନ୍ତୁ ଆମ ଲୋକକଥାରେ ଗୋଟିଏ ପ୍ରେମ କାହାଣୀ ଅଛି, ଯାହା ହେଉଚି ଏ କ୍ଷେତ୍ରରେ ଏକ ଜାଗ୍ରତ ବ୍ୟତିକ୍ରମ । ସେଠି ବିରହ ବିଚ୍ଛେଦର ଜ୍ୱାଳା କାହାକୁ ଘାରି ନାହିଁ । ଏ କାହାଣୀଟି ହେଲା ଆମ ଲୋକଗାଥାର ସେଇ ଅମର କାହାଣୀ—ଟୂଆଁ ଟୂଇଁ । ଅନନ୍ତକାଳ ଧରି ଆମେ ଏ କାହାଣୀରେ ଶୁଣିଆସିଛୁଁ—ଟୂଇଁ କରୁଥାଏ, ଟୂଆଁ ଖାଉଥାଏ । ଆଶା କରାଯାଉଥିଲା ଆମ ଏ କାହାଣୀର ନାୟକ ନାୟିକା ଅନୁପମ ଓ ସୁଧା, ଟୂଆଁ ଟୂଇଁଙ୍କ ବିରହହୀନ ପ୍ରେମ ରେକର୍ଡ଼କୁ ଭାଙ୍ଗିବେ । କିନ୍ତୁ ତାହା ହେଲା ନାହିଁ । ମାତ୍ର ଚାରିମାସ ପରେ ସୁଧା ଓ ଅନୁପମର

ପ୍ରେମ ପଥରେ ଫାଟ ପଡ଼ିଲା । ହିଁ ଫାଟ, ହିନ୍ଦୀରେ ଯାହାକୁ କହନ୍ତି ଦରାର୍, ଇଂରାଜୀରେ ଫିସର୍ (Fissur) । ଗୋଟିଏ ପ୍ରଚଳନ ଅଛି—ଚା' କପ୍‌ରେ ଝଡ଼ । ଏଠି ବାସ୍ତବରେ ଏକ ଚା' କପ୍‌ର ଘଟଣାରୁ ଏମିତି ଝଡ଼ର ସୃଷ୍ଟି ହେଲା ଯେ, ଚାରିମାସର ଛଳନା-ବନ୍ଧନ ପ୍ରେମ-ରସରେ ପୁଷ୍ଟ ଦୁଇଟି ପ୍ରେମପକ୍ଷୀ (Love bird)ଙ୍କ ଡେଣା ମାତ୍ର ଚାରିଦିନରେ ବିଚ୍ଛିନ୍ନ ହୋଇଗଲା । ···ସେଦିନ ଦୁହେଁ ପ୍ରତିଦିନ ପରି ନିତ୍ୟକର୍ମ ଶେଷ କରି ହସଖୁସିରେ ଚା' ଟେବୁଲକୁ ଆସିଲେ । ଚାକରାଣୀ ଚା' ସରଞ୍ଜାମ ଆଣି ରଖି ଦେଇଗଲା । କପ୍‌ରେ ଲିକର୍ ଢାଳୁ ଢାଳୁ ସୁଧା କହିଲା—ଦେଖ, ଆଜି ଟିକିଏ ଦୁଧ ଆଉ ଚିନି ବେଶି ଦେଉଚି । ଆଜି ପରି ଚା' ନାହିଁ ତ, ଗୁଣ୍ଡି ଚା' । ବେଶ୍ ଭଲ କ୍ୱାଲିଟିର ଗୁଣ୍ଡି । ଜଣାଗଲା, ଏ କଥାରେ ଅନୁପମ କପାଳର ଶିରା ଯେମିତି ଫୁଲି ଫୁଲି ଉଠିଲା ! ସେ କହିଲା—ତମେତ ଜାଣ, ମୁଁ ସକାଳେ ଲିଫ୍‌ଟି ଛଡ଼ା ଅନ୍ୟ କିଛି ଚା' ଖାଏ ନାହିଁ । ଅନୁପମର କଥାରେ କିଛିଟା ତୀବ୍ରତାର ସ୍ପର୍ଶ ଅନୁଭବ କରି ବି ଯେମିତି କିଛି ହୋଇନି, ସେମିତି କଥାଟାକୁ ଉଡ଼ାଇ ଦେଇ ସୁଧା କହିଲା—ଓହୋ, କହିଲି ପରା ଆଜି ଲିଫ୍‌ଟି ଆଣିବାକୁ ମୁଁ ଭୁଲିଯାଇଚି । ନିଅ । ···ସୁଧା ହାତରୁ ଚା' କପ୍‌ଟା ଛଡ଼େଇ ନେଇ ଅନୁପମ କପ୍‌ଟାକୁ ଟେବୁଲ୍‌ରେ ପିଟି ଭାଙ୍ଗି ଉଠିଗଲାବେଳକୁ ସୁଧା ସ୍ନିଗ୍ଧ କଣ୍ଠରେ କହିଲା—ଶୁଣ । ମୁହୂର୍ତ୍ତକ ପରେ ତା'ର ସେ ସ୍ନିଗ୍ଧ ଭାବ କୁଆଡ଼େ ଉଭେଇଗଲା —ଉଗ୍ରମୂର୍ତ୍ତି ଧାରଣ କରି ଟ୍ରେ'ରେ ବାକି ଯାହାଥିଲା--ଦାମିକା ଚାଇନାକ୍ଲେର କେଟ୍‌ଲି, କପ୍, ସସର ଆଦି ସବୁକୁ ପିଟି ଚୁନା କରିଦେଲା । ଦ୍ୱିତୀୟଦିନ ସେହିପରି କଣ୍ଠରେ ଅନୁପମ ସୁଧାକୁ କହିଲା—ଅଫିସ୍‌ରୁ ଆଜି ଫେରିବାବେଳେ ଆମ ଏଇ ଘର ସାମ୍ନାରେ ତମ ଡିପାର୍ଟମେଣ୍ଟର ଶ୍ରୀହରି କାନୁନ୍‌ଗୋ ସହିତ ତମର ଏତେ ସମୟ ଧରି ଯେ ଖୁସିଗପ ଚାଲିଥିଲା··· ବାଧା ଦେଇ ସୁଧା କହିଲା—ସିଏ ତରବରରେ ବାହାରିଗଲେ, ନ'ହେଲେ ଆଉ କିଛି ସମୟ ହୁଏତ ଗପ ଚାଲିଥାନ୍ତା !! ତୃତୀୟଦିନ ଅନୁପମ ସୁଧାକୁ କହିଲା—କାଲି ତମେ ଶ୍ରୀହରି ସହିତ ଗପିଲାପରି ମୁଁ ଆଜି ଯଦି ଆମ ସେକ୍‌ସନ୍‌ର ମଞ୍ଜୁଳା ଦାସ ସହିତ ଆମର ଏଇ ଘର ସାମନାରେ ଗପ କରେ··· ? ଟିକିଏ ହସି ସୁଧା କହିଲା—ଗପିବାଯାଏ କଥା ଯାଉଚି କାହିଁକି ? ମୁଁ ଜାଣିଲି ଯେ ତମ ଡିପାର୍ଟମେଣ୍ଟରେ ମଞ୍ଜୁଳା ଦାସଟିଏ ଅଛି, ବାସ୍ । ଚତୁର୍ଥଦିନ ହେଉଛି ମାସର ପହିଲା । ଅଫିସ୍‌ରୁ ଫେରି ଅନୁପମ କହିଲା—ଏବେ ତ ଆମର ବାହାର କିଛି ଠିକ୍ ଠିକଣା ନାହିଁ, କିଏ କୋଉଠି ଖାଉଚି, କ'ଣ କରୁଚି ! ତେବେ ସ୍ୱାମୀ ଭାବରେ ମୋର ତ ତମ ପ୍ରତି ଦାୟିତ୍ୱବୋଧ ରହିଚି । ନିଅ, ଏ ଟଙ୍କା ରଖ । ···ବେଶ୍ କେତେ ଖଣ୍ଡି ଶହେ ଟଙ୍କାର ନୋଟ୍ ସୁଧା ହାତକୁ ବଢ଼ାଇ ଦେଲା । ନୋଟ୍‌ତକ ହାତରେ ଧରି ସୁଧା, ହେଁଡେଟା ପାରେ ଶ୍ଳେଷଭରା

କଣ୍ଠରେ ଆଣି କହିଲ—କର୍ତ୍ତବ୍ୟବୋଧ । ଉଁ ? ଓଃହୋରେ ମୋ' ପୋଷଣାହାସ ; ଜଅ, ରଖ । ··ନୋଟ୍‌ଟିକ ଅନୁପମ ହାତରେ ଧରାଇ ଦେଇ ଚାଲିଗଲ ।

ଏହାପରେ ଏଗାରଟି ମାସ କଟିଯାଇଚ । ସେଦିନ ଏମାନଙ୍କର ଏ ଘରକୁ ଆସିଚନ୍ତି ଶ୍ରୀମତୀ ପଦ୍ମାଦେବୀ—ଅନୁପମର ବଡ଼ଭାଉଜ ଓ ସୁଧାର ବଡ଼ ଯା' । ସୁଧା ପଦ୍ମାଦେବୀଙ୍କ ପାଖରେ ବସିଚ, ଅନୁପମ ଟିକିଏ ଦୂରେଇ କରି ବସିଚ । ଦୁହିଁଙ୍କର ମୁହଁ ତଳକୁ । ପଦ୍ମା କହି ଚାଲିଚନ୍ତି—ମୁଁ କିଛି ବୁଝିପାରୁନି । ମୁଁ ଏତେ ପଚାରି ହଉଚ, କାହାରି ପାଟିରେ ପଦେ କଥା ନାହିଁ । ଦୁହେଁ ମୁହଁ ତଳକୁ କରି ବସିଚ ! ପରଲୋକ ମୁହଁରୁ ଆମେ ଶୁଣିଲୁ, ତମ ଦୁହିଁଙ୍କ ଭିତରେ ଗୋଟାଏ ଝଡ଼ ବହିଯାଇଚ—ସ୍ତ୍ରୀ' ମୁହଁ ଏଣିକି, ତା' ମୁହଁ ତେଣିକି ! ଆମେ ଟିକିଏ ଜାଣିପାରିଲୁ ନାହିଁ ! ହେ ସୁଧା, ମୁହଁ ଟେକିଲୁ । ଅନୁ ମୁହଁ ଟେକବଟି ! ···ସୁଧା ଆଉ ଅନୁପମ ଦୁହେଁ ମୁହଁ ଟେକ ସାଙ୍ଗେ ସାଙ୍ଗେ ପୁଣି ମୁହଁ ତଳକୁ କରି ବସିଲେ । କାହାରି ମୁହଁରେ କିଛି ବିପକ୍ଷ ଭାବ ନାହିଁ; କେବଳ ପଦ୍ମାଦେବୀଙ୍କ ପାଖରେ ଯେମିତ କିଛିଟା ଅପରାଧୀ ହୋଇ ପଡ଼ିଚନ୍ତି । ପଦ୍ମାଦେବୀ କହୁଚନ୍ତି—କାହିଁ, ତମ ମୁହଁ ଦେଖିକି ମୁଁ କିଛି ଜାଣି ପାରୁନାହିଁ । ତମ ଦୁହିଁଙ୍କ ଭିତରେ ଯଦି ଝଡ଼ ବହୁଥିଲ, ଏ ଚନ୍ଦ୍ରବଦନା ଚନ୍ଦ୍ରମୁଖୀ ପୁଣି ଆସିଲା କୋଉବାଟେ ? ଆସିଚ ପୁଣି ଏକାବେଳେକେ ଡିଣ୍ଡିମ ବଜାଇ । ···କଥା କହୁ କହୁ ଖଟୁଲି ଉପରୁ ସୁଧା ଆଉ ଅନୁପମର କଅଁଳା ଝିଅକୁ ଉଠାଇ ନେଇ କହି ଚାଲିଚନ୍ତି—ଚନ୍ଦ୍ରମୁଖୀଟା ଗୋଟିପଣେ ବାପର ମୁହଁ ଆଉ ମା'ର ରଙ୍ଗନେଇ ଆସିଚ ।

ଏଇଠି ଏଗାରମାସ ତଳକୁ ପୁଣି ଟିକିଏ ଫେରି ଯିବାକୁ ପଡ଼ୁଚି । ସେତେବେଳେ ଘଟଣା ସବୁ ଏଇ କ୍ରମରେ ଚାଲିଥିଲ । ସୁଧା ଅନୁପମ ଦୁହିଁଙ୍କର ମନ ଫଟାଫଟି ତ ଚରମ ସୀମାରେ ପହଞ୍ଚିଯାଏ । ରାତିରେ ଶୟନକକ୍ଷକୁ ଯିବାବେଳେ ଦୁହେଁ ନୀରବ । ସକାଳେ ବିଛଣାରୁ ଉଠି ଯେମିତି ନୀରବରେ ଜଣେ ଏ ପାଖକୁ ମୁହଁ କରି ଖଟରୁ ଓହ୍ଲାଇଯିବ—ଆଉ ଜଣକ ସେମିତି ସେ ପାଖକୁ ମୁହଁକରି ଚୁପହୋଇ ବିଛଣା ଛାଡ଼ି ଚାଲିଯିବ । ଗୋଟିଏ ଶଯ୍ୟାରେ ଶୋଇ ମଧ୍ୟ ଦୁହେଁ ଯେମିତ ପ୍ରତିଜ୍ଞା କରୁଛନ୍ତି ସକାଳୁ ଉଠି କେହି କାହାରି ମୁହଁ ଚାହିଁବେ ନାହିଁ । ପ୍ରାୟ ତିନିମାସ ପରେ ସୁଧା ସେଦିନ ବାହାରୁ ବେଶ୍ ଫୁର୍ତ୍ତିରେ ଫେରିଲା-ବେଳକୁ ଅନୁପମ ପଚାରିଲ—କୁଆଡ଼େ ଯାଇଥିଲ ? ···ଉତ୍ତର ଆସିଲ ଗାଇନା-କଲୋଜିର ଡାକ୍ତର ଶ୍ରୀମତୀ ମିଶ୍ରଙ୍କ ପାଖକୁ । ···ତମେ କିଷ୍ଟପ୍ସ ଚାହୁଁଥିଲ, ମୁଁ ତମକୁ ସାଥିରେ ନେଇ ଶ୍ରୀମତୀ ମିଶ୍ରଙ୍କ ପାଖକୁ ଯାଇଥା'ନ୍ତି । ସେ ପାଖରୁ ଚଟାପଟ୍ ଉତ୍ତର ଆସିଲା—ଭୁଲ୍ କହିଲ । ତମେ ଚାହୁଁଥିଲ ତମେ ମୋ' ସାଙ୍ଗରେ

ଯିବାପାଇଁ ମୁଁ ତମକୁ ଖୋସାମଦ କରିଥାନ୍ତି । ...ଏ ପାଲା ଏମିତି ରହିଥାଏ । ତା' ପରେ ଯେଉଁଦିନ ଅନୁପମର ଆଖି ସାମ୍ନାରେ ସୁଧା ଆମ୍ବୁଲାନ୍‌ସରେ ଗୃହିଣୀଙ୍କୁ ସାଥିରେ ନେଇ ପ୍ରସୂତିଭବନକୁ ଗଲା, ଘର ଭିତରେ ଅନୁପମର ତାଣ୍ଡବନୃତ୍ୟ ଆରମ୍ଭ ହୋଇଗଲା । କ'ଣ କରିବ ସେ ? ନଜେ ଯିବ କି ନାହିଁ ? ଗଲେ କେତେବେଳେ ଯିବ ? କାହିଁକି ଯିବ ? ଗଲେ କ'ଣ ହେବ ? ନଗଲେ କ'ଣ ହେବ ? ଘଣ୍ଟା ଉପରେ ଆଖି ପଡ଼ିଲା, ସୁଧା ଯିବାର ତିନିଘଣ୍ଟାରୁ ଉପର ହୋଇଗଲାଣି । ଧଡ଼୍‌କରି ଗାଡ଼ି ଷ୍ଟାର୍ଟ କରିସାଇ ପ୍ରସୂତି ଭବନରେ ପହଞ୍ଚିଲା । ଏ ପ୍ରସୂତିଭବନ ଗୋଟାଏ ଏମିତି ଅଞ୍ଚଳ ଯେଉଁଠିକି ସ୍ୱୟଂ ବିଧାତାପୁରୁଷଙ୍କ ପ୍ରବେଶ ଅଧିକାର ନାହିଁ । କେହି କିଛି ଶୁଣୁନାହାଁନ୍ତି । ଠକ୍ ଠକ୍ ଶବ୍ଦକରି ଝୁବ୍ ଫୁର୍ତ୍ତିରେ ଜଣେ ସିଷ୍ଟର ଆସିଲେ । ଉପସ୍ଥିତ ବୁଦ୍ଧି ଖର୍ଚ୍ଚକରି ଦୁଇ ହାତ ଯୋଡ଼ି ଅନୁପମ ସିଷ୍ଟରଙ୍କ ସାମ୍ନାରେ ଠିଆ ହୋଇ କହିପକେଇଲା—ଶ୍ରୀମତୀ ସୁଧା ପଟ୍ଟନାୟକ ? ...ଗୋଟିଏ ବନ୍ଦ ଦରଜା ଆଡ଼କୁ ଅଙ୍ଗୁଳି ପ୍ରଦର୍ଶନ କରି ସିଷ୍ଟର୍ ଚାଲିଗଲେ । ଅନୁପମ କ'ଣ କରିବ ? ଦରଜାରେ ନକ୍ କରିବ ? ...ଖୋଦ୍ ଡକ୍ଟର ଶ୍ରୀମତୀ ମିଶ୍ର ଆସିଲେ । ଅନୁପମର ବିନମ୍ର ପ୍ରଶ୍ନର ଉତ୍ତରରେ ଡାକ୍ତରଣୀ ସ୍ମିତବଦନରେ କହିଲେ—ଆପଣ... ? ଯେମିତି ଅପରାଧୀଙ୍କ ପରି ଅନୁପମ ତା ନାଁ କହିଲା । ଆହୁରି ଟିକିଏ ହସ ହସ ମୁହଁରେ ଡକ୍‌ଟର ମିଶ୍ର କହିଲେ—ଏତେ ଚଞ୍ଚଳ ଆସିଲେ !! ଯାନ୍ତୁ ଯା'ନ୍ତୁ । ଲାଜ କରୁଚନ୍ତି କାହିଁକି ? ମା'ନ୍ତୁ, ସବୁ ଭଲ । ଭିତରକୁ ଯା'ନ୍ତୁ ।

ଅନୁପମ ଭିତରକୁ ଗଲା । ଆଗେ ସୁଧାକୁ ଚାହିଁଲା । ସୁଧା ମୁହଁ ବୁଲେଇନେଲା । ଅନୁପମ ବସିଲା । ସୁଧା ଅନୁପମକୁ ଚାହିଁଲା, ଅନୁପମ ମୁହଁ ବୁଲେଇନେଲା । ତା'ପରେ ଦୁହେଁ ଝିଅକୁ ଚାହିଁଲେ । ଝିଅକୁ ଦେଖି ଦୁହିଁଙ୍କର ପେଟ ପୂରି ଉଠୁଚି । ଝିଅ ଉପରୁ ଆଖି ଉଠେଇ ଦୁହେଁ ଦୁହିଁଙ୍କୁ ଚାହିଁଲେ । ଏବେ ଦିନପରେ ପୁଣି ଆଜି ଜଣକର ହାତ ଆଉଜଣକ ହାତରେ ଧରା ଦେଇଚି ।

ଘର ଭିତରେ ପଦ୍ମା ଦେଈଙ୍କୁ ଅନୁପମ କହୁଚି—କଟକ ଟେଲିଫୋନ କଲି । ସମସ୍ତେ ତ ଆଜି ସକାଳେ କଟକରେ ଆସି ପହଞ୍ଚିଯାଇଚନ୍ତି । ଏକୋଡ଼ିଶାକୁ ସମସ୍ତେ ଏଠିକି ଆସିବେ । ତମେ କାଲି ବାରଣ ବର୍ତ୍ତମାନ୍ ଅଉ କଟକ ଫେରିବ ନାହିଁ । ...ହସି ହସି ପଦ୍ମା କହିଲେ—ଏଇଟାକୁ ଛାଡ଼ି ମୁଁ କୁଆଡେ ଆଉ ଯିବି ? ହଁ, ଝିଅ ନାଆଁ କ'ଣ ଦଉଚ ?...ଉତ୍ତରରେ ସୁଧା କହିଲା—ନାଁ' ତ ତମେ ଦେଇ ସାରିଚ ଅପା—ଚନ୍ଦ୍ରବଦନୀ ଚନ୍ଦ୍ରମୁଖୀ ...ହସରେ ଫାଟିପଡ଼ି ପଦ୍ମାଦେଈ କହିଲେ—ସତେ ! ହଉ, ତା ନାଁ ରହିଲା—ଚନ୍ଦ୍ରମୁଖୀ !

ମଧୁରାତିର ପ୍ରହସନ

ଜେମା ଜୀବନର ସ୍ୱପ୍ନ ଥିଲା ସେ ଗୋଟିଏ ସୁହାଗିନୀ ପତ୍ନୀ ହେବ । ତେଇଶି ବର୍ଷର କୁମାରୀ ଜୀବନ ପିତୃକୁଳର ପ୍ରାଚୁର୍ଯ୍ୟ ଭିତରେ ଅତିବାହିତ ହୋଇ-ଯାଇଚି । ମଫସଲ କଲେଜର ଗ୍ରାଜୁଏଟ୍ ଝିଅ ସେ । ସ୍ୱାମୀ ଶ୍ୱଶୁର ଉଭୟ ପକ୍ଷ କେହି ଚାହାନ୍ତିନି ସେ ଆଉ ଅଧିକ ପାଠପଢ଼ୁ କି ଚାକିରି କରୁ । ସ୍ୱାମୀ ରଜନ ମିଶ୍ର ନିଶ୍ଚିତ ଭାବେ ସୁନ୍ଦର, ସୁପୁରୁଷ, ଆଉ ହୁଏତ କିଛିଟା ଚଳ-ଚଞ୍ଚଳ ।

ଆଜି ସେମାନଙ୍କର ମଧୁଶଯ୍ୟାର ରାତି । ମଧୁଶଯ୍ୟାର ମୁହୂର୍ତ୍ତ କିଛି ତିଥି ଲଗ୍ନ ଉପରେ ନିର୍ଭର କରେ ନାହିଁ । ନିର୍ଭର କରେ ଗୃହସ୍ଥଳୀର ପରିବେଶ ଉପରେ । ରାତି କିଛିଟା ଅତିବାହିତ ହୋଇଗଲାଣି । କେତୋଟି ତରୁଣୀଙ୍କ ଗହଣରେ ଜେମା ଗୋଟିଏ ଘରେ ବସିଚି । ମନଭିତରେ ଭାସିଆସୁଚି ସୁଜାତାର କଥା···ସୁଜାତା, ଜେମାର ପିଉସୀ ଝିଅ ଅପା—ତିନିବର୍ଷର ବିବାହିତ ଜୀବନ, ଗୋଟିଏ ସନ୍ତାନର ମା' । ବିବାହ ପୂର୍ବରୁ ଏଇ ବାସର ରାତି ପ୍ରସଙ୍ଗରେ ସୁଜାତା ଜେମାକୁ କେତୋଟି ଏକାନ୍ତ ପରାମର୍ଶ ଦେଇଥିଲେ । ଜେମା ପଚାରିଥିଲା—ତୁ କହିଲୁ ଅପା, ମୁଁ କ'ଣ···ନମସ୍କାର କରିବି ? ବେଶ୍ ବିଜ୍ଞତାର ସହ ସୁଜାତା ଉତ୍ତର ଦେଇଥିଲେ—ଏ ପ୍ରଶ୍ନର ଉତ୍ତର ସେଇ ଭେଟାଭେଟି ବେଳର ପରିସ୍ଥିତି ଉପରେ ନିର୍ଭର କରେ । ବାସରଘରେ ତୋତେ ଦେଖିଲାକ୍ଷଣି ରଜନ ଯଦି ତୋର ହାତଧରି ଚଟେ ସ୍ନେହ ଆଦର କରି ବସନ୍ତି, ତେବେ ନମସ୍କାରର ସ୍କୋପ୍ କାହିଁ ? ତା' ନ ହେଲେ, ହଁ ଜେମା, ତୁ ନମସ୍କାର କରିପାରୁ । ···ଜେମାର ଆଗ୍ରହ ବଢ଼ିଚାଲିଚି । ପଚାରିଲା—କ'ଣ ମୁଣ୍ଡ ଲଗାଇ ?

—ଏ···ହେ ! ତଳେ ମୁଣ୍ଡ ଲଗାଇ ! ନା, ନା । ଖାଲି ମଥା ଟିକିଏ ନୁଆଁଇଦେଇ ହାତଯୋଡ଼ି ନମସ୍କାର କରିବୁ !

—ସେଇଠୁ ?

ଜେମାର ଏ ପ୍ରଶ୍ନରେ ତା ପ୍ରତି ସବୁ ସ୍ନେହ-ସରାଗ ଅଜାଡ଼ି ଦେଇ ସୁଜାତା କହିଲେ—ସେଇଠି ?? ତୋତେ ମୋ ଆଖି ଆଗରେ ଦେଖି କି ଭାଷାରେ ମୁଁ ତୋ ରୂପ ବର୍ଣ୍ଣନା କରିବି ଜାଣିପାରୁନି । ବି.ଏ.ରେ ମୋର ଓଡ଼ିଆ ଅନର୍ସ ଥିଲା । କିଛି ରୀତିଯୁଗର ସାହିତ୍ୟ ପଢ଼ିଛି । ସେଇଥିରୁ ଗୋଟିଏ ଦୁଇଟି ଶବ୍ଦ ଆଣି କହୁଛି— ତୋର ଏ ଯେଉଁ କଟି ମଧ୍ୟମା ସୁହାସିନୀ ତନୁଲତାଟି !! ...ବାସ୍ ଏତିକି, ସୁଜାତାର ଏଇ କେଇପଦ କଥାରେ ଜେମାର ମନପ୍ରାଣ ରୋମାଞ୍ଚ ଓ ଶିହରଣରେ ଭରିଉଠିଲା—ଗୋଟିଏ ସୁହାଗିନୀ ସ୍ତ୍ରୀ ହେବାର ସ୍ୱପ୍ନ ତା'ର ଆହୁରି ଉଜ୍ଜ୍ୱଳ ହୋଇ ଉଠିଥିଲା । ...ଏବେ ନବବଧୂ ଜେମା କେତୋଟି ତରୁଣୀଙ୍କ ମେଳରେ ଶାଶୁଘରେ ବସିଛି । ତା ସୁଜାତା ଅପାର ଏଇସବୁ କଥା ତା ମନରେ ଖେଳିଯାଉଛି । ଏତିକିବେଳେ କେହି ଜଣେ ବୟସ୍କା କହିଉଠିଲେ—ଆଲୋ ରାତି ଆସି ଅଧ ହେଲାଣି, ବାରଟା ବାଜିବ କି କ'ଣ—ବୋହୂ କ'ଣ ସେ ଘରକୁ ଯିବ ନାହିଁ ? ...ଟିକିଏ ଚହଳ ପଡ଼ିଗଲା । ଜେମାର ଯାଆ ନଣନ୍ଦ ପ୍ରଭୃତି ମଧୁଶଯ୍ୟା ଗନ୍ଧିର ଯଥାରୀତି ଲଘୁ ପରିବେଶ ଭିତରେ ତାକୁ ନେଇ ବାସରଘରେ ଛାଡ଼ିଦେଇ ଆସିଲେ । ଘର ଭିତରକୁ ଆସି ଜେମା ଟିକିଏ ସ୍ୱସ୍ତିର ନିଃଶ୍ୱାସ ମାରି ଦେଖିଲା ବିଜନ ବିପରୀତ ଦିଗକୁ ମୁହଁକରି ଖଟ ଉପରେ ବସିଚନ୍ତି । ଘର ଭିତରକୁ ଜେମା ଆସିବାର ସୂଚନା ପାଇ ମୁହଁ ଫେରାଇ ସ୍ମିତ ମୁଖରେ ତାକୁ କହିଲେ—ଆସ, ଏଇଠିକି ଆସ । ...ସୁଜାତାଅପା କଥା ମନେ ପକାଇ ଖୁସିରେ ଜେମା ଟିକିଏ ମଥା ନୁଆଁଇ ନମସ୍କାର କରିବାକୁ ଯିବାବେଳେ ଦେଖିଲା ବିଜନ ମୁହଁ ଫେରାଇ ନେଲେଣି । ସ୍ୱାମୀଙ୍କ ପଛପଟକୁ କି ନମସ୍କାର ବା କରିବ ତା ମନ ଫିକା ପଡ଼ିଯାଉଛି । ସେ ଦେଖୁଛି, ତାଙ୍କ ଦୃଷ୍ଟି ଅଦୂରସ୍ଥ ଟି.ଭି. ସେଟ୍ ଉପରେ । ଟି.ଭି. ଖୋଲା ହେଇଛି । ସେଇ ଅବସ୍ଥାରେ ସେ କହି ଗ୍ଲୁଲଚନ୍ତି—ଆସ, ଏଇ ପଲଙ୍କ ଉପରକୁ ଆସ ।

ମଥା ନୁଆଁଇ ଥିଲା, ହାତ ଯୋଡ଼ିଥିଲା—ତେବେ ବି ଜେମା ନମସ୍କାର କରିପାରିଲା ନାହିଁ । ସେମିତି ଫିକାମନ ନେଇ ପଲଙ୍କ ଉପରକୁ ଉଠିଲା । ବିଜନର ଆଖି ଟି.ଭି. ଉପରେ । ପାଟିରେ କଥା ନାହିଁ । ଜେମା କେଉଁଠି ବସିବ, ହାତର ସଙ୍କେତରେ ସେ କଥା ଜଣାଇ ଦେଲା । ସଙ୍କେତ ମାନି ଜେମା ଯାଇ ବସିଲା ବିଜନର ବାଆଁ ପାଖରେ, ପ୍ରାୟ ତା'ର ପାଖକୁ ଲାଗି । ବିଜନ ଆଖି ଫେରାଇ ଜେମାକୁ ଚାହିଁଲା । ଜେମାକୁ ପୂର୍ବରୁ ସେ ଦେଖିଛି, ଦେଖି ଖୁସି ହେଇଛି । ଟିକିଏ ହସି କହିଲା—ତମର ଏଇ ଜେମା ନାଁଟି ଭାରି ସୁନ୍ଦର, ସତରେ ଭାରି ସୁନ୍ଦର । ...ତା କଥା ଶେଷ ହେବା ପୂର୍ବରୁ ତା ଆଖି ପୁଣି ଟାଣି ହୋଇଗଲା ଟି.ଭି. ପର୍ଦ୍ଦାକୁ । ଜେମା ଦେଖୁଛି, ସ୍ୱାମୀ ତା'ର ଖଟ ଉପରେ ଆସନ ଜମାଇ ବସି ଟି.ଭି.

ଦେଖୁଚନ୍ତି—ଏ ଟି.ଭି. ତାଙ୍କର ଘରୁ ଆସିଚ; ଏଥିପାଇଁ ତା ମନରେ ଅବଶ୍ୟ କିଛି ସନ୍ତୋଷ ଆସିଲା । ବଜନ ପୁଣି କଥା ଆରମ୍ଭ କଲା—ଦେଖ ଜେମା, ଆଜି କି ଚମତ୍କାର ଯୋଗ ! ଏଇ ଗତ ବାରଟାବେଳେ ତମେ ଏଇ ଘରକୁ ଆସିଲ, ଆଜି ଠିକ୍ ସେଇ ଗତ ବାରଟାରେ ଏଇ ଟି. ଭି. ରେ ଦେଖ ଫିଫା (Fifa) ଇଟାଲିଆ ନାଇନ୍ଟି—ମାନେ ରୋମରେ ଉଣେଇଶ ଶହ ନବେ ବିଶ୍ୱକପ୍ ଫୁଟବଲ୍ ଫାଇନାଲ ଖେଳ ଆରମ୍ଭ ହେଉଚ—ଖେଳୁଚନ୍ତି ଆର୍ଜେଣ୍ଟିନା ଆଉ ଜର୍ମାନୀ । ଦେଖ, ଟି.ଭି. ଦେଖ । ଜେମା ତା' ଜୀବନରେ ସ୍କୁଲ୍‌ରେ ପଢ଼ୁଥିଲାବେଳେ ଥରେ ଛୁଞ୍ଚ ସୂତା ରେସ୍‌ରେ ଯୋଗ ଦେଇଥିଲା । ବାସ୍, ସେତକ । ଏସବୁ ସ୍ପୋର୍ଟସ ପ୍ରଭୃତିରେ ତାର ଅଦୌ ଅଗ୍ରହ ନ ଥିଲା କି ଆଜି ନାହିଁ । ସ୍ୱାମୀ ଏବେ ତାକୁ କ'ଣ କହିଗଲେ, ସେ କଥା ସିଏ ଜାଣେନି । ତା' ମନରେ ବର୍ତ୍ତମାନ ଖେଳୁଚ ଅତର କଥା । ସୁଜାତା ଅପା କହୁଚ; ଦେଖ୍ ଜେମା, ସିଏ ତୋ' ଉପରେ ନିଶ୍ଚେ ଅତର ଛିଞ୍ଚିବେ ! ଆଲୋ ତୁ ଏମିତ ବୋକୀଙ୍କ ପରି ଗୁହୁଁଚୁ କ'ଣ ? ଯଦି ସେ ନ ଛିଞ୍ଚିନ୍ତି, ତେବେ ତୁ ତୋ' ଦେଖିଲା କାମ କରିବୁ । ...ଜେମା ଆହୁରି ବୋକୀ ପାଲଟିଯାଇ କହିଲା—କ'ଣ କି ଦେଖିଲା କାମ ମୁଁ କରିବି ? ...ସିଏ ନ ଛିଞ୍ଚିଲେ, ତୁ ଛିଞ୍ଚିବୁ । ସେଇଠୁ ସିଏ ବଳେ ଛିଞ୍ଚିବେ, ବୁଝିଲୁ ? ...ଜେମା ବର୍ତ୍ତମାନ ପଲଙ୍କ ଉପରେ ବସି ଦେଖୁଚ ଅଦୂରରେ ଗୋଟିଏ ପାତ୍ରରେ ଅତର ଆଉ ସଂଗ୍ରାମ ଥିଆ ହୋଇଚ । ସେ ବୁଝିପାରଲାଣି ଟି. ଭି. ପର୍ଦ୍ଦାରୁ ତାଙ୍କ ଆଖି ସହଜରେ ତା' ନିଜ ଉପରକୁ ଆସିବ ନାହିଁ । ସନ୍ତର୍ପଣରେ ସେ ଅତର ଶିଶିଟିକୁ ଅଣି ଠିପିଖୋଲି ଟିକିଏ ସ୍ପ୍ରେ କଲାକ୍ଷଣି ବଜନ ଖୁସିରେ ପାଟି କରି ଉଠିଲା—ଇସ୍, କି ଚମତ୍କାର ସେଣ୍ଟ, କି ସୁନ୍ଦର ବାସ୍ନା...ଅତର ବାସ୍ନା ଅଘ୍ରାଣ କରିବା ସଙ୍ଗେ ସଙ୍ଗେ ଜେମାକୁ ନ ଚାହିଁ ସେ ଟି. ଭି. ଆଡକୁ ଆହୁରି ଝୁଙ୍କି ପଡ଼ି ଦେଖିଲା ।

ଜେମା ଅତର ଶିଶିଟିକୁ ସ୍ୱାମୀଙ୍କ ଆଡ଼କୁ ବଢ଼ାଇ ଧରିଚ, ଉଦ୍ଦେଶ୍ୟ—ସେ ତା' ହାତରୁ ଶିଶିଟିକୁ ନେଇ ତା' ଉପରେ ଛିଞ୍ଚନ୍ତୁ । ଏତିକିବେଳେ ବଜନ ହଠାତ୍ ଖୁସି ଆଉ ଉତ୍ତେଜନାରେ ହାତ ହଲାଇ ପାଟି କରି ଉଠିଲା—ଏଇ, କିକ୍ ଅଫ୍—ଖେଳ ଆରମ୍ଭ ହୋଇଗଲା !

ଏଇ ପ୍ରତିକ୍ରିୟାରେ ବଜନର ହାତ ଜୋର୍‌ରେ ଜେମା ହାତରେ ବାଜି ଅତର ଶିଶିଟି କୁଆଡ଼େ ହଜିଗଲାଣି । ଜେମା ଆଖି ବୁଲାଇ ଦେଖୁଚ—ଏତେ ଫୁଲ, ଶେଜ, ତକିଆ ଭିତରେ ଛୋଟ ଶିଶିଟିକୁ ପାଉନାହିଁ । ସେ ହତାଶ ହୋଇ ବସି ରହିଲା । ମନେ ମନେ ଚିନ୍ତାକଲା, ଏମିତ କ'ଣ କେହି କ୍ରୀଡ଼ା-ବିରହିଣୀ ଝିଅ ଅଛି, ଯିଏ ଆଜି ଏ ରାତିର ଆକର୍ଷଣ ଭୁଲି ବିଶ୍ୱକପ୍ ଦେଖିବ ବୋଧହୁଏ ନୁହେଁ,

ସିଏ ନିଜେ ତ ବିଭୂତି ପଟ୍ଟନାୟକ ଓ ପ୍ରତିଭା ରାୟ ପ୍ରଭୃତିଙ୍କ ଏକାନ୍ତ ଉପଯୋଗୀ ଉପନ୍ୟାସ ସବୁ ପଢ଼ି ନିଜକୁ ଜଣେ ସୁପତ୍ନୀ ଓ ସୁଗୃହିଣୀ ରୂପେ ସଜାଇ ରଖିଥିଲା । ଏତିକବେଳେ ତା' ଆଖି ପଡ଼ିଲା ଗୋଟିଏ ପାନଡିବା ଉପରେ । ଖୋଲି ଦେଖିଲା ପାନ ଭର୍ତ୍ତି ହୋଇ ରହିଛି । ସେ ଜାଣେ, ସ୍ୱାମୀ ତା'ର ପାନ ଖାଆନ୍ତି । ସେ ନିଜେ ମଧ୍ୟ ବେଳେ ବେଳେ ଖାଏ । ଡିବା ଖୋଲି ସେ ପାନ ଖଣ୍ଡିଏ ହାତରେ ଧରି ସ୍ୱାମୀଙ୍କ ପାଟି ପାଖକୁ ନେଲା । ଲକ୍ଷ୍ୟ କଲା ସେ ତାକୁ ପଲକପାତରେ ଥରେ ଚାହିଁ ପୁଣି ଆଖି ଫେରାଇ ନେବା ସଙ୍ଗେ ସଙ୍ଗେ ପାନଖଣ୍ଡିଏ ଓଠ ସାହାଯ୍ୟରେ ପାଟିକୁ ନେଲେ । ଜେମା ଆନନ୍ଦରେ ଉଚ୍ଛୁଳି ଉଠିଲା । କିନ୍ତୁ ଏ କ'ଣ ? ତାଙ୍କ ଉନ୍ମୁଖ ଚକ୍ଷୁ ଟି.ଭି. ପର୍ଦ୍ଦାରେ ନିବଦ୍ଧ, ପାନଖଣ୍ଡିକ ସେମିତି ଅଧାକାମୁଡ଼ା ଅବସ୍ଥାରେ ପାଟିରେ ରହିଛି !

ଟିକଏ ପରେ ଟି.ଭି.ରେ କ'ଣ ଘଟିଲା କେଜାଣି, ସେ ପାନଖଣ୍ଡିକ ପାଟି ଭିତରକୁ ନେଇ ହୃଷ୍ଟ ମନରେ ଚୋବାଇବାକୁ ଲାଗିଲେ । ଉତ୍ସାହିତା ହୋଇ ଜେମା ଆଉ ଖଣ୍ଡିଏ ପାନ ହାତରେ ଧରି ତାଙ୍କ ମୁହଁ ସମ୍ମୁଖକୁ ନେଲା । ଉଦ୍ଦେଶ୍ୟ—ଏ ପାନ ଖଣ୍ଡିକ ସ୍ୱାମୀ ତାକୁ ଖୁଆଇ ଦେବେ । ଲକ୍ଷ୍ୟ କଲା, ସିଏ ପାନ ଖଣ୍ଡିକୁ ଚାହିଁଲେ—ତା' ପରେ ନିଜ ହାତରେ ନେଇ ଧରିଲେ । ଜେମାର ଦେହ ମନରେ ପୁଲକ ଜାଗିଲାଣି । କେତେବେଳେ ତାକୁ ପାନ ଖଣ୍ଡିଏ ଖୁଆଇ ଦେବେ । କିନ୍ତୁ ଖେଳ ଦେଖୁ ଦେଖୁ କ'ଣ ଦେଖିଲେ କେଜାଣି, ସେ ଚଟକରି ପାନଖଣ୍ଡିକ ନିଜ ପାଟିକୁ ନେଇ ପୂର୍ବ ଅପେକ୍ଷା ଆହୁରି କ୍ଷିପ୍ର ଗତିରେ ଚୋବାଇବାକୁ ଲାଗିଲେ । ଖୁସିରେ ତାଳିମାରି ଉଠିଲେ । ତା'ପରେ ଜେମା ଆଡ଼କୁ ଚାହିଁ କହିଲେ, ବୁଝିଲ ଜେମା, ଏ ଯେଉଁ ଓ୍ୱାର୍ଲ୍ଡ କପ୍ ଫୁଟବଲ ଖେଳ ହେଉଛି, ମୁଁ ସେଇ ଆର୍ଜେଣ୍ଟିନା ସପକ୍ଷର ଲୋକ । ଏଇ ବର୍ତ୍ତମାନ ଆର୍ଜେଣ୍ଟିନା ଗୋଟାଏ ନିଶ୍ଚିତ ଗୋଲରୁ ରକ୍ଷା ପାଇଗଲା । ଦିଅ, ସେଇ ଖୁସିରେ ମତେ ଆଉ ଖଣ୍ଡେ ପାନ ଖୁଆଇ ଦିଅ । ହସ ହସ ମୁହଁରେ ଜେମା ପାନ ଖୁଆଇ ଦେଇ ତାଙ୍କୁ ପଦେ କ'ଣ କହିବା ପୂର୍ବରୁ ତାଙ୍କ ଦୃଷ୍ଟି ଫେରିଗଲାଣି ଟି.ଭି. ଉପରକୁ । ଜେମା ମନେ ମନେ ଭାବୁଛି, ମୁଁ ତାଙ୍କୁ ତିନିଖଣ୍ଡ ପାନ ଖୁଆଇ ଦେଲିଣି, ସିଏ କ'ଣ ଜାଣିପାରୁ ନାହାନ୍ତି ମୋ ପାଟି ଖାଲି । ତା'ପରେ ମନକୁ ପ୍ରବୋଧନା ଦେଲାପରି କହିଲା—ହେଇଥିବ, ଜାଣିପାରୁ ନାହାନ୍ତି !

ପାଟିରେ ପାନ ନଥିଲେ ବି ନିଜ ହାତରେ ଖଣ୍ଡେ ପାନ ଆଣି ଖାଇବାକୁ ଜେମାର ଇଚ୍ଛା ହେଲା ନାହିଁ । ମନେମନେ ଭାବିଲା, ସୁଜାତାଅପା ଟିକଏ ଏଠିକି ଆସନ୍ତା ନାହିଁ ଆସି ଦେଖନ୍ତା ଏଠି କେମିତି ମଧୁଶଯ୍ୟା ରାତିରେ 'ଇଣ୍ଟାଲ୍' ଚାଲିଛି । ସିଏ ନିଜେ ସିନା କିଛି କହିପାରୁନି, ସୁଜାତାଅପା ଥିଲେ ତ ରୋକ୍‌ଠୋକ୍

ସବୁ ଶୁଣେଇ ହଉଥିଲା ! ଏମିତି ଭାବୁ ଭାବୁ ଜେମା ହଠାତ୍ ତା' ଡାହାଣ ହାତ ପାପୁଲିକୁ ନେଇ ବଜନ ବାଁ କାନ୍ଧରେ ରଖିଲା । ବଜନ ସ୍ମିତ ମୁଖରେ ଟିକେ ଚାହିଁ ମୁହଁ ଫେରାଇ ନେଲା । ଟିକଏ ପରେ ଜେମା ବୁଲି ବସି ତା' ବାଁ ହାତ ପାପୁଲିକୁ ନେଇ ସେଇଠି ରଖିଲା । ବଜନ ସେମିତି ମୃଦୁହସି ଟିକଏ ଚାହିଁ ଟି.ଭି. ଆଡ଼କୁ ପୁଣି ଦୃଷ୍ଟି ଦେଲା । ଏଥର ଜେମା ତା' ଦୁଇ ପାପୁଲିକୁ ଛନ୍ଦି ବଜନ କାନ୍ଧ ଉପରେ ରଖିଲା ଓ ତା' ଉପରେ ନିଜ ମଥାକୁ ଢଳି ପଡ଼ିବା ଭଙ୍ଗୀରେ ନେଇ ଥୋଇଲା । ଏଇଟି ଗୋଟିଏ ଦେଖିବା ଭଳି ଦୃଶ୍ୟ । [କିଛି ବର୍ଷ ତଳେ ଗୋଟିଏ ଆମେରିକାନ୍ ଫିଲ୍ମରେ ନାୟକ କ୍ଲାର୍କ ଗାବ୍ଲ ଓ ନାୟିକା ଜିଞ୍ଜର ରୋଜାର୍ସ ଗୋଟିଏ ବସ୍‌ରେ ପାଖାପାଖି ବସି ଯାତ୍ରା କଲାବେଳେ ଏମିତି ଗୋଟିଏ ମନୋହର ଦୃଶ୍ୟ ଦେଖିବାକୁ ମିଳିଥିଲା ।]

ବଜନ ମୁଗ୍ଧ ଦୃଷ୍ଟିରେ କିଛିକ୍ଷଣ ଜେମାର ଏ ଭଙ୍ଗୀଟିକୁ ଦେଖିଲା, ତା' ପରେ ଅଙ୍ଗୁଳିରେ ଜେମାର ଚିବୁକ ଟେକିଧରିଲା । ଜେମା ଲାଜରେ ମୁହଁ ତଳକୁ କଲା । ଏତିକିବେଳେ ଟି.ଭି.ରେ କିଛି ଆକର୍ଷଣୀୟ ଦୃଶ୍ୟର ସୂଚନା ପାଇ, ଜେମାକୁ ଛାଡ଼ିଦେଇ ଟି.ଭି.କୁ ଦୃଷ୍ଟି ଫେରାଇ ଆଣିଲା ଓ ଖୁସିରେ ତାଳିମାରିବାକୁ ଲାଗିଲା, କାରଣ ଆର୍ଜେଣ୍ଟିନାର ଗୋଲ୍‌ରକ୍ଷକ ଜର୍ମାନ ଷ୍ଟ୍ରାଇକର୍‌ର ଆଣ୍ଡ୍ରେସ୍ ବେହମ୍‌ର ଏକ ଚମତ୍କାର ସଟ୍ ଅଟକାଇ ଦେଇଛି । ବଜନ ପୁଣି ନିବିଷ୍ଟ ମନରେ ବସି ଟି.ଭି. ଦେଖିଲା । ଜେମା ସେମିତି ମୁହଁ ତଳକୁ କରି ବସିଛି । ଭାବୁଥିଲା, ବଜନ ଅଧରରେ ତା' ଚିବୁକ ଟେକି ଧରିଥିଲେ, ସିଏ ଲତାପରି ତାଙ୍କ ଦେହରେ ଛନ୍ଦି ହୋଇଯାଇଥା'ନ୍ତା । ହଠାତ୍ ତା'ର ମନେପଡ଼ିଗଲା କୁଳଦୀପ କଥା । ସିଏ ଜାଣେ ପୁଣି ସୁଜାତାଅପା ତାକୁ କହିଛନ୍ତି, ଏଇ କୁଳଦୀପର ବେଶ୍ ମହତ୍ତ୍ୱ ରହିଛି । ସେ ବଜନକୁ ଟିକଏ ହଲେଇ ଦେଇ କହିଲା—ଶୁଣୁଛ ?···ବଜନ ଟିକଏ ଚମକି ଉଠି କହିଲା—କ'ଣ, କ'ଣ ଶୁଣିବି ?······ଉତ୍ତରରେ ଜେମା ବେଶ୍ ଦୃଢ଼ ଗଳାରେ କହିଲା—ମୁଁ ଯାହା କହୁଛି ଶୁଣ । ଏଥର ବଜନ କେବଳ ଜେମାକୁ ଚାହିଁ ରହିଲା ।

ଏତିକିବେଳେ ବଜନର ଦୃଷ୍ଟି ପଡ଼ିଗଲା ପୁଣି ଟି.ଭି. ଉପରେ । ସେ ଅସ୍ଥିର ହୋଇ ପାଟିକରି ଉଠିଲା—ଅରେ ଅରେ ! ଏ ବଦ୍‌ମାସ ମେକ୍‌ସିକୋ ରେଫରି ଏଡ୍‌ଗାର୍ଡୋ ମେଣ୍ଡେସ୍ ବର୍ତ୍ତମାନ ପୃଥିବୀର ସର୍ବଶ୍ରେଷ୍ଠ ଫୁଟ୍‌ବଲର୍ ଅର୍ଜେଣ୍ଟିନା କାପ୍ଟେନ୍ ମାରାଡୋନାକୁ କାର୍ଡ ଦେଖାଇ ପଡ଼ିଆରୁ ବାହାର କରି ଦେଉଛି ! ଦେଖୁଛ, ଦେଖୁଛ ଜେମା, ମୁଁ ତମକୁ ସେତେବେଳେ ଯୋଉ ଆର୍ଜେଣ୍ଟିନା ଟିମ୍ କଥା କହୁଥିଲି—ସିଏ ଆଜି ୱାର୍ଲ୍ଡ କପ୍ ଚମ୍ପିଅନ ହେବା କଥା, ସେଇ

ଟିମ୍‌ର ମାରାଡୋନାକୁ ଏ ଖାଲି ରେଫରୀ ପଡ଼ିଅରୁ ବାହାର କରିଦେଉଛି ।...... ନିଜ କଥାରେ ଜୋର୍ ଦେଇ ଜେମା କହିଲା—ଭଲକରିଛି ।

—କ'ଣ ଭଲ କରିଛି ? ତମେ ଏ ଫୁଟବଲ୍ ଖେଳର କ'ଣ ଜାଣ ଯେ, କହିଦେଲ ଭଲକରିଛି

—ତମେ ତ ଜାଣ ମୁଁ ଏ ଖେଳର ଧାର ଧାରେନା । ତମେ ମୋ ଆଗରେ ମେଣ୍ଡେଜ, ଫେଣ୍ଡେଜ ଗୁମିଅନ, ଏଗୁଡ଼ିକ ଗପୁଛ କାହିଁକି ? ମୁଁ ତମକୁ ଗୋଟାଏ କଥା କହିବାକୁ ଯାଉଛି, ଆଉ ତମେ ଏଗୁଡ଼ା ମୋ ଆଗରେ ଗପି ହଉଛ ।......ବିଜନ କିଛିକ୍ଷଣ ଚୁପ୍ ରହି ଈଷତ୍ ଶାନ୍ତଗଳାରେ କହିଲା—ଅଚ୍ଛା କୁହ କ'ଣ କହୁଛ ?......ଜେମାର କିନ୍ତୁ ଉତ୍ତେଜନା କମିନି । ସେ କହି ଚାଲିଛି—ଏଇ ଯେ ଦୀପ ଏ ଘରେ ଜଳୁଛି... ମୋ ଆଡ଼କୁ କ'ଣ ଚାହୁଁଛ ! ଏଇ ଯେଉଁ ସେ ପିଲସଜ ଉପରେ ଜଳୁଛି, ଜାଣ ସେଇଟା କି ଦୀପ ?... ..ବିଜନ ଯେମିତି ହଡ଼ବଡ଼େଇ ଯାଇ କହିଲା—ନାହିଁ ମୁଁ ଜାଣିନି ।

ବିଜନର ଏ କଥାରେ ଜେମା ବିବ୍ରତ ହେଇପଡ଼ିଲାଣି । ମଧୁଶଯ୍ୟା ରାତିରେ ବର 'କୁଳଦୀପ' ଜାଣିନତ ଆଉ ଜାଣିଚି କ'ଣ ? ମାରାଡୋନା, ଅର୍ଜେଣ୍ଟିନା, ଏଇ ସବୁ !! ଜେମା ରାଗରେ ଜଳିଯାଉଛି । ସୁଜାତା ଅପା ତାକୁ ବାରମ୍ବାର ବୁଝାଇ କହିଥିଲା—ଦେଖ ଜେମା, ତୁ ସେ ଘରକୁ ଗଲା ପରେ ପରେ ଦୀପଟାକୁ ଲିଭାଇଦେବୁ ।' ତରବର ହୋଇ ଜେମା ପଲଙ୍କରୁ ଓହ୍ଲାଇଲା । ବିଜନ ଯେମିତି ବୋକାଙ୍କ ପରି ପଚାରିଲା—କୁଆଡ଼େ ଯାଉଛ ? ...ବିଜନକୁ କଟାକ୍ଷରେ ଚାହିଁ ଜେମା ଉତ୍ତର ଦେଲା—ଏଇଟା କି ଦୀପ ତମେ ଜାଣିନ ପରା ? ଇଏ କୁଳଦୀପ......ବିଜନ ସଙ୍ଗେ ସଙ୍ଗେ କହି ପକେଇଲା—ହଁ, ହଁ, ଜାଣିଛି, ନାଁ ଶୁଣିଚି, କିନ୍ତୁ ତମେ ଖଟରୁ ଓହ୍ଲେଇଗଲ କାହିଁକି ?......କଥାରେ ଜୋର୍ ଦେଇ ଜେମା କହିଲା—ଏ ଦୀପ ଏବେ ଲିଭିବ ।... ..ବିଜନ କିଛି ବୁଝି ପାରୁନି । ରହି ରହି ପଚାରିଲା—କାହିଁକି, ଲିଭିବ କାହିଁକି ?

—ଅନେକ ଆଗରୁ ଲିଭିବାର ଥିଲା । ଡେରି ହେଇଗଲାଣି । ମୁଁ ଏ ଦୀପ ଲିଭେଇବାକୁ ଆସିଲି । ବହୁତ ଡେରି ହେଇଗଲାଣି ।

—ଡେରି ହେଇଗଲା କହୁଛ, ଆଗରୁ ଲିଭେଇଲନି ?

ଟିକିଏ ତେଜି ଉଠି ଜେମା କହିଲା—କେତେବେଳେ ଲିଭେଇ ଥା'ନ୍ତି ? ଏ ଘରକୁ ଆସିଲି ବେଳଠୁ ତମେ ବୁନିଆଯାକର ନବରଙ୍ଗ ଲଗେଇଛ ! ଯେତେଯେମିତି ଇଟାଲିଆ ଖେଳ ସେଠି ଗେମ୍‌ରେ ହଉନାହିଁ, ହଉଛି ଏଠି ଏ

ଘରେ !   କଥା କହୁକହୁ ଅବସରରେ ଜେମା ଦୀପ ଲିଭାଇ ଦେଲା ଆଉ ସେଇ ସଙ୍ଗେ ସଙ୍ଗେ ଘରଭିତର ଲାଇଟ୍ ଆଉ ଟି.ଭି. ସୁଇଚ୍‌ଟାକୁ ମଧ୍ୟ ଅଫ୍ କରିଦେଲା । ବିଜନ ପାଟିକରି ଉଠିଲା—ଆରେ, ଆରେ, ଏ କ'ଣ କରୁଚ ? ଦୀପ ଲିଭେଇବାକୁ ଯାଇ ପୁଣି ଅ'ଲୁଅ ଟି.ଭି ସବୁ ବନ୍ଦ କରିଦେଲ କାହିଁକି ?······ବିଜନ ନିଜେ ଉଠିଯାଇ ଆଲୁଅ ପୁଣି ଜଳାଇଲା, ଆଉ ଟି.ଭି. ଅନ୍ କରି ଖଟ ଉପରକୁ ଉଠି ଆସିଲା । ଜେମା ସେମିତି ତଳେ ଠିଆ ହୋଇଥାଏ । ସେ ରାଗି ଯାଇଚି । କହିଲା—ତା' ହେଲେ ଏ ଅ'ଲୁଅ ପୁଣି ଜଳିବ ଆଉ ଟି.ଭି. ଚାଲିବ ?···ବିଜନ ଟିକେ ଡରି ଯାଇଥିଲେ ବି ଉପରେ ଉପରେ ଖୁବ୍ ଫୁର୍ତ୍ତିରେ କହିଲା—ହଁ, ଅ'ଲୁଅ ଜଳିବ, ଟି.ଭି. ଚାଲିବ । ଖେଳର ବର୍ତ୍ତମାନ ଏଇଟା ସନ୍ତୁଠ୍ ଫ୍ରିଆଲ୍ ବେଳ ।

ଜେମାର ରାଗ ବଢ଼ି ବଢ଼ି ଚାଲିଚି । ସେ ଆଉ କିଛି ନ କହି ବିଛଣାକୁ ଉଠିଯାଇ ଶୋଇପଡ଼ିଲା । ତା'ର ଖାଲି ମନେପଡ଼ୁଯାଉଚି ସୁଜାତାଅପା କଥା । କେତେକେତେ କଥା ସିଏ ତାକୁ କହି ନଥିଲେଟି । ସେ ବିଚାରି କ'ଣ ଜାଣିଥିଲା ଯେ, ଆଜି ରାତି ବାରଟାରେ ଜେମା ଏ ଘରେ ପାଦ ଥୋଇଲା ବେଳକୁ ସେପାଖରେ ଫିଫା ଇଟାଲିଆ ବିଶ୍ୱକପ୍ ଆର୍ଜେଣ୍ଟିନା ଜର୍ମାନୀ—ଏ ସବୁର ପାଲି ଆରମ୍ଭ ହୋଇଯିବ !

ଜେମାକୁ ନିଦ ହୋଇ ଯାଇଥିଲା । ନିଦ ଭାଙ୍ଗିଲା । ଏ କ'ଣ ? ଘର ଅନ୍ଧାର, ଟି.ଭି. ବନ୍ଦ । ଇଏ ଏବେ ଗଲେ କୁଆଡ଼େ ?······କୋଉଠୁ କେଜାଣି ଫୁଁ ଫୁଁ ଚାପା କ୍ରନ୍ଦନ ସ୍ୱର ଜେମାକୁ ଶୁଣାଗଲା । କିଏ କାନ୍ଦୁଚି ! ଅନ୍ଧାରରେ ହାତ ଅଣ୍ଡାଳି ଜେମା ଜାଣିଲା ବିଜନ ସେଇଠି ଶୋଇଛନ୍ତି । ଜେମାର ହାତବାଜି ତାଙ୍କ କାନ୍ଦ କ୍ଷଣକ ପାଇଁ ବନ୍ଦ ହୋଇ ପୁଣି ଫୁଁ ଫୁଁ ଆରମ୍ଭ ହୋଇଗଲା । ତାଙ୍କ ଉପରେ ଧୀରେ ହାତ ରଖି ଜେମା କହିଲା—ଶୁଣୁଚ ?······ଉତ୍ତର ଆସିଲା—ଉଁ ?······ଟିକିଏ ଆଉଁସି ଦେବା ଭଙ୍ଗୀରେ ଜେମା ପୁଣି ପଚାରିଲା—କ'ଣ ହେଲା ? କାହିଁକି କାନ୍ଦୁଚ ?·····ଅଧା କାନ୍ଦ ଅଧା କଥା ଢଙ୍ଗରେ ସ୍ୱାମୀ ତା'ର କହୁଚନ୍ତି—କାହିଁକି କାନ୍ଦୁଚି ସେକଥା କହିଲେ ତମେ ସଙ୍ଗେ ସଙ୍ଗେ କହିବ, ଠିକ୍ ହୋଇଚି—ଭଲ ହୋଇଚି !······ତାଙ୍କ କଥା ଓ କଥା କହିବାର ଢଙ୍ଗ ଶୁଣି ଜେମା ହୁଏତ ହସରେ ଫାଟି ପଡ଼ିଥା'ନ୍ତା । କିନ୍ତୁ ହସ ଚାପି କହିଲା—ବୁଝିଲି, ଆର୍ଜେଣ୍ଟିନା ହାରିଯାଇଚି !······ପିଲାଙ୍କ ପରି ଭେ'କିନା କାନ୍ଦିଉଠି ସ୍ୱାମୀ ତା'ର କହିଲା—ହୁଁ । ଜେମା ତାଙ୍କ ପାଟି ଚାପି ଧରି କହୁଚି—ହେ ତମେ ଏମିତି ପାଟି କରି କାନ୍ଦନାହିଁ । ଏଇ ସେପାଖରେ କିଏ ସବୁ କଥା ହେଉଛନ୍ତି ନା କ'ଣ । ଆଜି ଏ ଘରୁ ଏତେ ରାତିରେ ତମ କାନ୍ଦ ଶୁଣିଲେ ତମ ଘରଲୋକେ କ'ଣ

କହିବେ ବୁଝୁଚ କି ? ଅଚ୍ଛା, ଆର୍ଜେଣ୍ଟିନା ତ ତା'ର ହାରିଗଲା, ତମେ କାହିଁକି କାନ୍ଦୁଚ ?······ଅତି ଦରଦଭରା କଣ୍ଠରେ ସ୍ୱାମୀଙ୍କ ଉତ୍ତର ମିଳିଲା—ଜାଣିଚ, ଟିମ୍ ହାରିଗଲା ବୋଲି ମାରାଡୋନା କାନ୍ଦିଲା, ମୁଁ କୋଉ ଛାର ଯେ ମୁଁ କାନ୍ଦିବିନି ! ··ହସ ଚାପି ଜେମା କହିଲା—ଫୁଟ୍‌ବଲ୍ ଖେଳରେ କିଏ ହାରିଲା ବୋଲି ତମେ ଯଦି ପିଲାଙ୍କ ପରି ଏମିତି ଘରଦ୍ୱାର ଭୁଲି କାନ୍ଦିବ, ତେବେ ଘରସଂସାର କରୁଥିଲ କାହିଁକି ?······ନଥାରେ ଟିକିଏ ଗୁରୁତ୍ୱ ଦେଇ ରଜନ କହିଲେ—ବୁଝିଲ, ଆର୍ଜେଣ୍ଟିନା ହାରିଗଲା ବୋଲି ଏକଥା କହୁଚ । ଟିମ୍ ଯଦି ଜିତିଥା'ନ୍ତା, ତା'ହେଲେ ଦେଖିଥାନ୍ତ······। ଜେମା ଆଉ ହସ ସମ୍ଭାଳି ପାରିଲା ନାହିଁ, ସେମିତି ହସି ହସି କହିଲା—ବୁଝିଲ, ଆର୍ଜେଣ୍ଟିନା ଜିତିଥିଲେ, ଏ ଡିସେମ୍ବର ମାସ କାଠୁଆ ଶୀତର ଲହରୀ କୁଆଡ଼େ ଉଭେଇ ଯାଇ ଏ ଘରେ ଫାଲ୍‌ଗୁନର ମଳୟ ଖେଳିବୁଲୁ ଥା'ନ୍ତା । ଏବେ ଟିକେ ଶାନ୍ତ ହୋଇ ଶୁଅ ।······ରଜନ ଶୋଇଥାନ୍ତି । ଜେମା ସ୍ନେହ ସରାଗରେ ତାଙ୍କ କପାଳରେ ଟିକେ ହାତ ବୁଲାଇ ଆଣିଲା ବେଳକୁ ରଜନ 'ଉଃ' ବୋଲି ପାଟି କରି ଉଠିଲା । ଜେମା ବ୍ୟସ୍ତ ହୋଇ ପଚାରିଲା—କ'ଣ ହୋଇଚ, କୁହ କ'ଣ ହୋଇଚ ? କୁଣ୍ଠିତ ଗଳାରେ ଉତ୍ତର ଆସିଲା—କହିବାକୁ ଲାଜ ଲାଗୁଚି । ··ଏଭଳି ପିଲାଳିଆ କଥା ଶୁଣି ସ୍ମିତ ମୁଖରେ ଜେମା କହିଲା—ଆଜି ଏ ରାତିରେ ସବୁ ଲାଜ ତ ମୋ ପାଇଁ ରିଜର୍ଭ ରହିଛି, ତମ ପାଇଁ ଆଉ କିଛି ନାହିଁ । କ'ଣ ହୋଇଚ କୁହ ? ସୁବୋଧ ବାଳକଟି ପରି ରଜନ କହୁଛନ୍ତି—ଯେମିତି ଆର୍ଜେଣ୍ଟିନା ଉପରେ ଗୋଲ ହୋଇଗଲା, ମୁଁ ଆଉ ନିଜକୁ କଣ୍ଟ୍ରୋଲ କରି ନ ପାରି ଏଇ ମଶାରି ଖୁଣ୍ଟରେ 'ଢୁ' କିନା ମୁଣ୍ଡ ପିଟିଦେଲି ।······ଏ ମା' ! କହି ଆଲୁଅ ଜଳାଇ ଜେମା ଦେଖିଲା କପାଳର ସେ ଅଂଶଟା ପିଟିହୋଇ କଳାନୀଳ ପଡ଼ି ଯାଇଛି । ସ୍ନେହସିକ୍ତ କଣ୍ଠରେ ପଚାରିଲା—ଦରଜ ହୋଇଥିବ ତ ? ··ରଜନ ନୀରବ ଇଙ୍ଗିତରେ ଜଣାଇଲେ ଦରଜ ହୋଇଚ । ଜେମା ଉଠି ବସି ଜାଣିବାକୁ ଚାହିଁଲା, ଏ ଘରେ କୋଉଠି କିଛି ଔଷଧ ଅଛି କି ନାହିଁ ? ରଜନ ଅଙ୍ଗୁଳି ପ୍ରଦର୍ଶନ କରି ଗୋଟିଏ କାଚ ଆଲମିରା ଦେଖାଇ ଦେଲେ । ଆଲମିରାରୁ ଗୋଟିଏ ଔଷଧ ଶିଶି ଆଣି ଜେମା କହିଲା—ଆଜି ଏ ଘରକୁ ଆସି ଯେ ଥାକରୁ ଗୋଟିଏ ଅତର ଶିଶି ଆଣି ଏ ବିଛଣାକୁ ମୁଁ ଆସିଲି । ଆଜି ଏ ରାତିରେ ଅତର ଛିଞ୍ଚାଛିଞ୍ଚି ହବତ ! ହାତରେ ଶିଶିଟି ଧରି ମୁଁ ବସିଚ । ତୁମେ ଅତରର ବାସ୍ନା ପାଇ ମୋହିତ ହୋଇଗଲଣି । ଏତିକବେଳେ ତମେ ଟି.ଭି.ରେ ଆର୍ଜେଣ୍ଟିନା ଖେଳ ଦେଖି, ଖେଳରେ ଏକାବେଳକେ ମଜ୍ଜିଯାଇ ଏମିତି ହାତ ଛାଞ୍ଚାଡ଼ ଦେଲ ଯେ ଅତର ଶିଶିଟି ମୋ ହାତରୁ ଛିଟିକି ଯାଇ କୁଆଡ଼େ ପଡ଼ିଲା ପାଇଲି ନାହିଁ । ଦେଖ, ସେ ଆଲମିରାରୁ ଏଇ ଆଇଓଡେକ୍ସ ମଲମଟି ମୁଁ

ଅଣିଛୁ । ଅତର ସିନା ଛୁଅଁପାରିଲି ନାହିଁ, ଆସ ତମ କପାଳରେ ଏଇ ବକଟାଲିଆ ଗନ୍ଧ ମଲମ ମାଲିସ କରି ମୋ ମନଦୁଃଖ ମେଣ୍ଟାଇ ଦେବ । ସ୍ୱାମୀଙ୍କ ମଥାକୁ ତା' ଜଙ୍ଘ ଉପରେ ରଖି ଜେମା ଧୀରେ ଧୀରେ ହସହସ ମୁହଁରେ ମାଲିସ କରିବାକୁ ଲାଗିଲା । ଦୁ'ଜଣ ଚୁପ୍ ହୋଇ ଶୋଇଥା'ନ୍ତି । ଜେମାର ମଲମ ମାଲିସ କର୍ମଟି ଶେଷ ହେଲା । ବଜନ ମୁହଁ ବୁଲାଇ ଜେମାକୁ ଗ୍ରୁଣ୍ଡି କହିଲେ—କାଉଁ, ନାଉଁଚ !

··ସ୍ୱାମୀଙ୍କ ଇଙ୍ଗିତପୂର୍ଣ୍ଣ କଥାର ଏ ମର୍ମ ଜେମା କିଛୁ ବୁଝି ପାରୁ ନାହିଁ, ପଚାରିଲା—ନାଉଁ ତ କ'ଣ ? ·····ବଜନ ଉଠି ବସିଲେଣି । ପରିତୃପ୍ତ ପ୍ରସନ୍ନ ବଦନରେ ଜେମାର ହାତଧରି କହିଲେ—ଓଡଦର ବକଟାଲିଆ ଗନ୍ଧ ମୁଁ ତ କିଛୁ ପାଇନି ।······ପ୍ରହେଳିକାରେ ଧନ୍ଦହୋଇ ଜେମା ପଚାରିଲା—ଆଉତେବେ କ'ଣ ପାଇଲ ?······ବଜନ ରସସିକ୍ତ କଣ୍ଠରେ ଉତ୍ତର ଦେଲେ—ତମର ଏଇ କନକଚମ୍ପା ଅଙ୍ଗୁଳିରେ ତମେ ମଲମ ମାଲିସ୍ କଲାବେଳେ ମୋର ଆଘ୍ରାଣ ଚମ୍ପକର ବାସ୍ନାରେ ସୁରଭିତ ହୋଇ ଉଠୁଥିଲା ।······ଏଥିରେ ଜେମା ଆଉ କରିବ ବା କ'ଣ ? ସ୍ୱାମୀଙ୍କ ହାତ ପାପୁଲିରେ ମୁହଁ ଲୁଚାଇଲା ।

[ରୋମ୍‌ରେ ଅନୁଷ୍ଠିତ ଜର୍ମାନୀ ଓ ଆର୍ଜେଣ୍ଟିନା ମଧ୍ୟରେ ୧୯୯୦ ବିଶ୍ୱକପ୍ ଫୁଟ୍‌ବଲ୍ ଫାଇନାଲ୍ ଖେଳ ପ୍ରତିଯୋଗିତାର ପୃଷ୍ଠଭୂମିରେ ଏହି ଗଳ୍ପଟି ରଚିତ ।]

ନବଦମ୍ପତି

ଫାଲ୍‌ଗୁନ ଏଗାରଦିନ, ଫେବୃଆରୀ ଦଶ ତାରିଖ, ଏଇ ତିଥିରେ ରୂପା ଓ ଅଶୋକର ବିବାହ ଅନୁଷ୍ଠିତ ହେଲା । ବିବାହର ସାତ-ଆଠଦିନ ପରେ ତାଙ୍କ ଘରକୁ ଆସିଲା ରୂପାର ଅନ୍ତରଙ୍ଗ ବାନ୍ଧବୀ ଅଲକା । ଦୁହେଁ ଦୁହିଁଙ୍କୁ ଦେଖିଲେ, ଦୁହେଁ ଦୁହିଁଙ୍କୁ ଚାହିଁ ରହିଲେ, କାହାରି ପାଟିରେ କଥା ନାହିଁ । ଅଲକା ମୁହଁରେ କିଛି ବ୍ୟଗ୍ରତା ଆଉ କିଛି ପ୍ରତ୍ୟାଶା । ନବବଧୂ ରୂପାର ସଲଜ୍ଜ ସ୍ମିତମୁଖ । ମୁହୂର୍ତ୍ତ ବିତିଯାଉଚି । ପ୍ରଥମେ କଥା ଆରମ୍ଭ କଲା ଅଲକା । ଭ୍ରୂଲତା ନଚାଇ ରୂପାକୁ ପଚାରିଲା—କ'ଣ ?

ଏଥର ରୂପାର ସ୍ମିତମୁଖ ସତେ ଯେମିତି ବିକଚ କମଳରେ ପରିଣତ ହେଇଗଲା । ଆହୁରି ଲାଜେଇଯାଇ କହିଲା—ତୁ କହ, କଣ ?

ଏବେ ଅଲକାକୁ ଆଉ ସମ୍ଭାଳେ କିଏ ? ଉଚ୍ଛ୍ୱାସ ଆଉ ଆବେଗରେ ରୂପାକୁ କୋଳାଗତ କରି, ତା' ଝୁରି ଝୁରି କୁନ୍ତଳକୁ ସଜାଡ଼ି କପୋଳ ଚୁମ୍ବନ କରି କହିଲା-ନା ମୋର ଆଉ କିଛି କହିବାର ନାହିଁ । ମୋ' ପ୍ରଶ୍ନର ଉତ୍ତରରେ ତୁ ମତେ ପଚାରିଲୁ ନା—'ତୁ କହ କଣ ?' ତୋର ଏଇ ତିନିପଦ କଥାରୁ ତୋର ଏଇ ହସ ହସ ଆଖି, ମୁହଁ, ତୋର ମନପ୍ରାଣ ଅନ୍ତର ବାହାର ସବୁଥିରୁ ଯେମିତି ତିନିଶହ ପଦ ଅମୃତମୟ କଥା ମୁଁ ଶୁଣିପାରିଚି । ଏଇତ ମୁଁ ତୋତେ ମୋ' ଛାତିରେ ଜାକି ଧରିଛି । ସାତଦିନର ବିବାହିତା ଝିଅ ତୁ ! ପ୍ରତି ଲୋମକୂପରୁ ଅନୁଭବ କରୁଚି ତୋର ଶିରା ପ୍ରଶିରାରେ ଖେଳି ବୁଲୁଥିବା ଶାନ୍ତି, ପ୍ରୀତି ଆଉ ତୃପ୍ତିର ସ୍ପନ୍ଦନ ! ଆ, ବସ ଏଠି ।

ରୂପା କିନ୍ତୁ ନ ବସି ଅଲକା ଛାତିରେ ମୁହଁ ଲୁଚାଇଲା । ଅଲକା ହସିଉଠି କହିଲା—ଆଲୋ, ଆଲୋ, ଏ କ'ଣ କରୁଚୁ ? ଏକା ବୟସର ଝିଅ ଆମେ । ଛ' ଆଠମାସ ଆଗରୁ ମୁଁ ବାହା ହେଇଯାଇଚି ବୋଲି ମୁଁ କ'ଣ ତୋର ମାଉସୀ ପିଉସୀ ଆସନକୁ ଉଠିଗଲି ଯେ, ତୁ ଗୋଟିଏ ଗେହ୍ଲା ଝିଅଟି ପରି ମୋ' ଛାତିରେ ମୁହଁ ଲୁଚଉଚୁ ? ଉଠ, ମୁହଁ ଉଠା ।

ରୂପା ସେଇ ଅବସ୍ଥାରେ ଥାଇ କହିଲା—ନା ।

ତାର ଏଇ ଗୋଟିଏ ଅକ୍ଷରର କଥାରୁ ଝରି ପଡ଼ୁଥାଏ ଅଲକା ପ୍ରତି ତା'ର ସ୍ନେହଶ୍ରଦ୍ଧା ପ୍ରୀତିର ମଧୁସିକ୍ତ ଶିଶିର ବିନ୍ଦୁ ।

ରୁପାର ମଥା ଆଉଁସି ଆଉଁସି ଅଲକା କହିଲା—ହଉ ହେଲା, ତୁ ମୁହଁ ନ ଉଠା ! ତୋ' ଘରକୁ ମୁଁ ଆସିଲି, କେତେ ସ୍ନେହ ଆଦରରେ ତୁ ମୋର ଚର୍ଚ୍ଚା କରିବାର କଥା ! ରୁପା ମୁହଁ ଉଠାଇ ଅଲକା ମୁହଁକୁ ଚାହିଁଲା । ରୁପାର ଆଖି-ଡୋଳା ଦୁଇଟି ଯେ ଖୁବ ସୁନ୍ଦର, ଏ ସୁନାମ ତା'ର ଅଛି । ଅଲକାର ହସ ହସ ମୁହଁକୁ ତା' ଦୁଇ ପାପୁଲିରେ ତୋଳିଧରି, ତାର ସେଇ ସ୍ୱଚ୍ଛ ସୁନ୍ଦର ଡୋଳାରେ ଚାହିଁ ପଚାରିଲା—ତୁ ମତେ କହିଲୁ ଅଲି, ମୁଁ ତାଙ୍କ ପାଖରେ ଏମିତି 'ମୁକ୍ତ' ହୋଇପାରିଲି କେମିତି ? – ତା' ମୁହଁର ଭାବରେ କିଛି ପରିବର୍ତ୍ତନ ଆଣି, ଏଣିକି ତେଣିକି ଟିକିଏ ସତର୍କ ଦୃଷ୍ଟିପାତ କରି ଅଲକା କହିଲା—କ'ଣ କ'ଣ କହୁଚୁ ତୁ ! ଆଉଥରେ କହିଲୁ ?

ଆଶା କରାଯାଉଥିଲା, ଅଲକାର ଏଇ ନିଗୂଢ଼ ରହସ୍ୟପୂର୍ଣ୍ଣ ପ୍ରଶ୍ନରେ ରୁପା ଟିକିଏ ଦବିଯିବ ' କିନ୍ତୁ ନା, ତା' ହେଲା ନାହିଁ । ରୁପା ପୂର୍ବପରି ସେମିତି ନିର୍ମଳ କଣ୍ଠରେ କହିଲା—ମୁଁ କେମିତି ତାଙ୍କ ପାଖରେ ଏମିତି ସ୍ୱଚ୍ଛ ମୁକ୍ତ ହୋଇ ପାରିଲି ? ତୁ' ତ ମତେ ଜାଣିଚୁ ?

ଏଥର ଅଲକା ବେଶ୍ କିଛି ବଙ୍କତାର ସହ ଉତ୍ତର ଦେଲା—ଓ, ଏଇକଥା ! ହଁ, ମୁଁ ତତେ ଜାଣିଚି । ତୁ ଆଗେ ମତେ କହିଲୁ, ଏ ସାତଦିନ ତ ତୁ ସପ୍ତସ୍ୱର୍ଗ ପରିକ୍ରମା କରିଥିବୁ ! ଆମ୍ଭେ ଏମିତି ବୋକାଙ୍କ ପରି ଚାହିଁଚୁ କ'ଣ ? ଏଠି ତୁ ମତେ ଯାହା ପଚାରୁଚୁ ଆଉ ମୁଁ ତତେ ଯାହା କହୁଚି, ଏଇଥିରୁ କ'ଣ ବୁଝି ପାରୁନୁ ଯେ ତୁ କାହିଁକି କେମିତି ଅଶୋକଙ୍କ ପାଖରେ ମୁକ୍ତ ହୋଇ ପାରିଲୁ ! ଏତିକିରେ ତାରୁଣ୍ୟ ସୁଲଭ ରକ୍ତିମ ଆଭା ରୁପାର ଲାବଣ୍ୟମୟ ମୁଖଶ୍ରୀରେ ଛାଇ ହେଇଗଲା । ଲାଜରେ ଝାଉଁଳି ପଡ଼ି ଅଲକା ପାଇଁ ଚା' ବରାଦ କରିବା ବାହାନାରେ ସେଠୁ ସେ ପଳାଇଗଲା ।

ଏହାର ଦୁଇଦିନ ପରେ ଆସିଲେ ରୁପାର ବୋଉ ଓ ତା'ର ସାନଭଉଣୀ କୁନ୍ନୀ । ରୁପା ଏ ଦୁହିଁଙ୍କୁ ଦେଖି ଏକାବେଳେକେ ଆନନ୍ଦ-ବିସ୍ମୟରେ ଚକିତ ହୋଇ ଉଠିଲା । ବୋଉଙ୍କ କୋଳରେ ମିଶିଯାଇ ଆବେଗ ଉଚ୍ଛ୍ୱାସରେ କହିଉଠିଲା, ବୋଉ, ତୁ ଆସିଚୁ ବୋଉ ...ଏଇଠି କୁନ୍ନୀ କହିଲା, ଆସିଚି ତ ଦେଖୁଚୁ, ଆଉ ପଚାରି ହଉଚୁ କ'ଣ ?...ସ୍ନେହରେ ସାନ ଭଉଣୀକୁ ଟିକିଏ ଆଦର କରି ରୁପା କହିଲା—ବଡ଼ଭଉଣୀର ଶାଶୁଘରକୁ ଆସିଲେ ସାନ ଭଉଣୀ ଏମିତି ଟିକିଏ ଫାଜିଲ ହୋଇଉଠେ, ନୁହେଁ ?

—ତୁ ବୋଉକୁ ପଚାରୁନୁ ଅପା, ସେ କାହିଁକି ଆସିଛ ?

—ମୋଟେ ପଚାରିବି ନାହିଁ । ବୋଉ ତ ଆସିଛି, ଆଉ ପଚାରିବି କ'ଣ ?

—ଏଥର ତୋ' ସାନ ଭଉଣୀ ନୁହେଁ, ଅଶୋକଭାଇଙ୍କ ଶାଳୀ ହିସାବରେ ମୁଁ କହୁଛି—ଆମେ ଖାଲି ଏମିତି ଆସିନୁ, ଆମେ ଆସିଛୁ···ବୁଝିବାକୁ ! ଏଇଠି ରୁପା ଟିକିଏ ଧମେଇଯାଇ କହିଲା—ବୁଝିବାକୁ । କ'ଣ, କ'ଣ ବୁଝିବାକୁ ?··· ବେଶ୍ ସ୍ପଷ୍ଟ ଗଳାରେ କୁନ୍ତୀ କହୁଛି—ବୁଝିବୁ ଏଇଆ ଯେ ଇଏ କେମିତି, ସିଏ କେମିତି, ପୁଣି ଆଉ ଜଣେ କେମିତି ?

ରୁପା ପ୍ରକୃତରେ କୁନ୍ତୀର ଏଇସବୁ ଇଙ୍ଗିତପୂର୍ଣ୍ଣ ପ୍ରହେଳିକା ବୁଝିପାରୁନ । ବୋଉଙ୍କ ଚବୁକକୁ ଟେକିଧରି କହିଲା—ଆଲୋ ବୋଉ, ଏ କୁନ୍ତୀଟା କ'ଣ ଏମିତି ପାଗଳୀଙ୍କ ଭଳି ଇଏ, ସିଏ ଆଉ ଜଣେ ହଉଛି ? ···ରୁପା କଥାରେ କୁନ୍ତୀ ଚଟାପଟ ଉତ୍ତରଦେଇ କହିଲା—ବୋଉ କ'ଣ କହିବ, ମୁଁ ବୋଉର ଆସିଷ୍ଟାଣ୍ଟ୍ ହେଇ ତୋ' ଘରକୁ ଆସିଛି, ମୋ'ଠୁ ଶୁଣ (ଟିକିଏ ନମ୍ର ସ୍ୱରରେ) ଇଏ କେମିତି ମାନେ ଅଶୋକଭାଇ କେମିତି ? ସିଏ କେମିତି ମାନେ ତୋ' ଶାଶୁ କେମିତି ? ଆଉ ଜଣେ କେମିତି ମାନେ ତୋ ନଣନ୍ଦ ଗୁଣମଣିଟି କେମିତି ? ··ନିଜ ସାନଭଉଣୀର ଏମିତି କୌତୁକ ଆଉ କୌତୂହଳପୂର୍ଣ୍ଣ କଥା ଶୁଣି ରୁପା ହସିଉଠି କହିଲା—ଦେଖିଲୁ ବୋଉ, ମୋଟେ +୨ ପର୍ଯ୍ୟନ୍ତ ଯାଇ ତୋ'ର ଝିଅ ଟଣ୍ଡକ କେମିତି କଥା କହି ଶିଖିଲାଣି !

ଝିଅକୁ ପାଖରେ ବସାଇ ସମସ୍ତ ମାତୃସ୍ନେହ ତା' ଉପରେ ଢାଳିଦେଇ ବୋଉ କହିଲେ—ନାଇଁଲୋ ମା, ହସଖୁସିରେ ତତେ ବିଦାକଲି । ହେଲେ, ମୋଟେ ଦିନ ଆଠଟା ହେଲା ତୁ ଶାଶୁଘରକୁ ଆସିଛୁ, ଆଉ ମନ ସ୍ଥିର କରି ରହିପାରିଲି ନାହିଁ । ଦେଖିଲୁ ତ ଆଜିକାଲି ଯୋଉ ଢଙ୍ଗ ବୋଉଙ୍କ ପାଟିରେ ହାତ ଦେଇ ରୁପା କହିଲା—ତୁ ଏସବୁ କଥା ମନକୁ ଆଣନା ବୋଉ । ପଦେ କଥାରେ ମୁଁ କହୁଛି ଏଠି ସବୁ ଭଲ । ତୁ ମୋ' ପାଇଁ କେତେ ଠାକୁରଙ୍କୁ ଡାକିଛୁ, କେତେ କ'ଣ ମନାସିଛୁ । ଠାକୁରେ ତୋ' ଡାକ ଶୁଣିଛନ୍ତି । ଏଠି ସବୁ ଭଲ ।

ଏଇଠି ରୁପା କଥାରେ ବାଧାଦେଇ କୁନ୍ତୀ କହିଲା—ହଁ ପରା, ମୁଁ ତୋ ଘରକୁ ଆସି ତୋତେ ଦେଖି ଦେଖି ଜାଣି ପାରିଥିଲି, ତୋର ସବୁ ଭଲ, ସବୁ କୁଶଳ, ସବୁ ମଙ୍ଗଳ ! ଓ ହୋ କାନ ମୋଡ଼ୁଛୁ କାହିଁକି ? ମୁଁ ଭଲଭାବେ ଜାଣେ ଏ କୁଶଳ ମଙ୍ଗଳ ଶବ୍ଦ ଦୁଇଟି ଠିକ୍ ଏମିତି ଏଇଭଳି ଘଟଣାରେ ବ୍ୟବହାର କରନ୍ତିଏ, ଆମ ପଢ଼ା ବହିରେ ଆମେ ପଢ଼ିଛୁ । ହଁ ଅପା ଶୁଣ, ଆମେ ତୋ' ଘରକୁ ଆସିଲୁ ସିନା, ଆମେ ତୋ' ଘରେ ଖାଇବୁ ନାହିଁ ।

କୁନ୍ତୀର ଏ କଥାରେ ରୂପା ଟିକିଏ ଦ୍ୱିଧାରେ ପଡ଼ି କହିଲା—ବୋଉ, ଇଏ କ'ଣ ଏମିତି କହୁଚ ?

ବୋଉ ଟିକିଏ ହସି କହିଲେ—ତୁ କ'ଣ ସେଥିରୁ ପାଇବୁ ବା ?

ଆଶ୍ୱସ୍ତ ହୋଇ ରୂପା ପଚାରିଲା—କହିଲୁ ବୋଉ, ତୁ ଦି'ଚାରି ଦିନ ଏଠି ରହିବୁ ତ ?

ଏଇଠି କୁନ୍ତୀ ଚଟ୍‌କିନା କହି ଉଠିଲା—ମାଇଁ ଗଲ୍‌ ! କଥାଟା ମୁଁ ଜାଣିଚ, ତୁ ବାହାହେଲୁ ଝିଅ ଜାଣିନୁ ? ମନକୁମନ କିଛି କ'ଣ ଚିନ୍ତା କରି ରୂପା କହିଲା—ସତରେ ତା' ହେଲେ ବୋଉ, ଏମିତି କିଛି ଗୋଟେ କଥା ଅଛି ?

—ହଁ ଅଛି । ଆଜିକାଲି କିଏ ମାନୁ କି ନମାନୁ । କଥା ଅଛି ଝିଅର କିଛି ପିଲାପିଲି ନ ହେବାଯାଏ ବାପ-ମା ଝିଅ ଘରେ ଖିଆ ପିଆ କରନ୍ତି ନାହିଁ । ଆଉ ତୁ ରହିବା କଥା କହୁଚୁ ଯେ, ତୁ କ'ଣ ଜାଣିନୁ ମତେ ବେଳ କାହିଁ ? ଏଇ ତୋ ଶାଶୁ ଆସିଲେଣି, ମୁଁ ଯାଏଁ ।

ସେଦିନ ଯଥା ସମୟରେ ବୋଉ ଓ କୁନ୍ତୀ ପରମତୃପ୍ତି ଓ ସନ୍ତୋଷ ନେଇ ଫେରିଗଲେ । ବିବାହର ମାସ ଦିନ କେତେଟା ପରେ ହେଲେ ବି ରୂପା ତା' ବୋଉ ଆଉ ଭଉଣୀକୁ ଦେଖିଲା । ତାଙ୍କ ସହିତ ହସ ଖୁସିରେ ତାର କିଛି ମୁହୂର୍ତ୍ତ ବିତିଲା ।

ଅଶୋକ ପାନ ଖା'ନ୍ତି ନାହିଁ, କିନ୍ତୁ ରାତ୍ରି ଭୋଜନ ପରେ କିଛି ମସଲା ପାଟିରେ ପକାନ୍ତି । ଏ ଘରକୁ ଆସିଲା ପରେ ପ୍ରଥମେ ଦିନେ ଦୁଇଦିନ ରୂପା-ପ୍ଲେଟ୍‌ରେ ମସଲା ବଢ଼ାଇ ଦେଉଥିଲା । ଏବେ ସେ ନିଜ ହାତରେ ମସଲା ଖୁଆଇ ଦଉଚି । ସେଦିନ ରାତିରେ ରୂପା ମସଲା ଖୁଆଇ ଦେଲାବେଳେ ଅଶୋକ ରୂପାର ପାପୁଲିଟିକୁ ଧରି, ତା' ପାପୁଲିର ରେଖା ସବୁ ଉପରେ ନିଜର ଅଙ୍ଗୁଳି ଚାଳନା କରି ପଚାରିଲେ—ଏବେ ଆମ ସମାଜରେ ଯେଉଁ ସବୁ ଯୌତୁକର ଧାରା ଚାଲିଚ, ସେ ସମ୍ବନ୍ଧରେ ତମର ଧାରଣା କ'ଣ ? ···ଏ ପ୍ରଶ୍ନରେ ରୂପା ଖିଲ୍ ଖିଲ୍ ହୋଇ ହସି ଉଠିଲା । ଅଶୋକ ପୂର୍ବପରି ସେମିତି ଶାନ୍ତ ଗଳାରେ କହିଲେ—କ'ଣ ହେଲା, ଏମିତି ହସୁଚ କାହିଁକି ?

—ତମେ ଯେତେବେଳେ ମୋ' ପାପୁଲିର ରେଖା ସବୁ ଦେଖି ବସିଲ, ମୁଁ ମନେ ମନେ ଖୁସିହୋଇ ଭାବିଲି, ଇଏ ପାମିଷ୍ଟ୍ରି ଜାଣନ୍ତି, ମୋ' ହାତ ଦେଖି ଅତୀତ-ଭବିଷ୍ୟତ କଥା କିଛି କହିବେ । ଦେଖିଲାବେଳକୁ କ'ଣ ନା, ଯୌତୁକ ! କହିବଟି ମୋ' ହାତ ରେଖା ଦେଖି ସମାଜର ଯୌତୁକ ଚଳଣି କଥା ତମ ମନରେ ଉଠିଲା କାହିଁକି ? ···ରୂପାକୁ ମୁଗ୍ଧ ଦୃଷ୍ଟିରେ ଚାହିଁ ଅଶୋକ କହିଲେ—

ଜାଣିନି ମୁଁ କାହିଁକି ଯେ ତମ ହାତ ଦେଖିଲି, କାହିଁକି ଯେ ତମଠୁ ଯୌତୁକ କଥାଟା ପଚାରିଲି । ପ୍ଲେଟରୁ ଆଉ ଟିକିଏ ମସଲା ଆଣି ଅଶୋକଙ୍କ ପାଟିରେ ଦେଇ ରୂପା କହିଲା—ଆଜିକାଲି ଯୌତୁକ କଥା କିଏ ନ ଭାବୁଚି ଯେ !

—ସିଏ ଭାବିବାର ଭାବୁ କି ନ ଭାବୁ, କିନ୍ତୁ ରୂପା, ତମେ କାହିଁକି ଭାବିବ ?

କଚିଟା ଗୃହିଣୀସୁଲଭ ଢଙ୍ଗରେ କଥାରେ ଜୋର୍ ଦେଇ ରୂପା କହିଲା—ମୁଁ ? ମୋ' କଥା କହୁଚ ? ମୁଁ କାହିଁକି ଭାବିବି ? ମୋର ଭାବିବାର ଆଉ କ'ଣ ଅଛି ? ତେବେ, ଝିଅବେଳେ ସେଇ ଛାତି ଦକ୍ ଦକ୍ !!

ହସ ହସ ମୁହଁରେ ଭ୍ରୂକୁଞ୍ଚିତ କରି ଅଶୋକ କହିଲେ—ଛାତି ଦକ୍ ଦକ୍ ! ସତରେ ତମ ଛାତି ଦକ୍ ଦକ୍ ହଉଥିଲା ?

ତକିଆ ସଜାଡ଼ି ଦୁହେଁ ଶୋଇବାର ଉପକ୍ରମ କରୁ କରୁ, ଅଶୋକ ଛାତିରେ ମୁହଁ ଗୁଞ୍ଜି ରୂପା କହିଲା—ଯେତେହେଲେ ବାପଘରେ ଅଭିଆଡ଼ି ଝିଅ । ···ଏଇଠି ରୂପା ଭାବୁଥିଲା କହିଥାନ୍ତା – ଆଜି ଏଠି ତମର ବକ୍ଷ-ସଲଗ୍ନା ହୋଇ ଅନ୍ୟ କିଛି କଥା ଭାବିବ ବା କାହିଁକି ? କିନ୍ତୁ ପାରିଲା ନାହିଁ । ସେ ନ କହିଲେ ବି ତା'ର ମୃଦୁ ବକ୍ଷ ସ୍ପନ୍ଦନରୁ ଅଶୋକ ଯେମିତି ତା' ମନକଥା ଶୁଣିପାରି ତାକୁ କୋଳକୁ ଆଉଜାଇ ଆଣିଲେ ।

ସେଦିନ ଅଶୋକ ତାଙ୍କ କର୍ମକ୍ଷେତ୍ରକୁ ଯିବାବେଳ । ପାଖରେ ରୂପା । ଜାମାପଟା ପିନ୍ଧୁ ପିନ୍ଧୁ ଅଶୋକ କହିଲେ—ସେଦିନ ରାତିରେ ତମ ହାତ ଦେଖୁ ଦେଖୁ ମୁଁ ଯାହା କହି ପକାଇଥିଲି, ଆଜି ଏଇ ଦେଖ ଏ କାଗଜରେ ବାହାରିଚି । ରୂପା କହିଲା – ମୁଁ ପଢ଼ିଚି, ବଧୂ ନିର୍ଯ୍ୟାତନା । ଆଚ୍ଛା, ଏ ସବୁ ଯେ ହେଉଚି···

ରୂପା କଥାରେ ବାଧାଦେଇ, ଆଦୌ ଉତ୍ତେଜିତ ନ ହୋଇ ଅଶୋକ କହିଲେ—ଶୁଣ, ଏସବୁ ହେଉଛି ସେଇ ଅତି ନିମ୍ନ ମଧ୍ୟବିତ୍ତ ପରିବାରମାନଙ୍କରେ, ଯେଉଁଠି ମାନ ଧନ ଗୁଣ ଭରି ସୁନା ଯୌତୁକ ଦେବାନେବା ଘଟଣାରୁ ଏଡ଼ି ଆରମ୍ଭ ହୋଇ ବଧୂହତ୍ୟା ପର୍ଯ୍ୟନ୍ତ ଯାଇଚି । ଲକ୍ଷ୍ୟ କରିଥିବ, ଆମେମାନେ—ଆମେ ସିଏ ଏଇ ଉପର ଷ୍ଟାଟସ୍‌ର ପରିବାର, ଆମମାନଙ୍କ କ୍ଷେତ୍ରରେ ଏସବୁ ନାହିଁ । ଯୌତୁକ କ'ଣ ଆମେ ଜାଣୁନା – ସବୁକଥା ସ୍ୱତଃସିଦ୍ଧ ଭାବେ ହୋଇଯାଏ । ସ୍ୱାମୀଙ୍କ କଥା ଶୁଣିବା ସଙ୍ଗେ ସଙ୍ଗେ ଓ୍ୱାର୍ଡ଼ରୋବ୍‌ରୁ ଦୁଇ ତିନିଟା ଟାଇ ବାହାର କରି ରୂପା କହିଲା—ଦେଖିଲ, ତମେ କେଉଁ ଟାଇଟା ପିନ୍ଧିବ ? ଏଇ ରେଡ଼୍ ବ୍ଲୁ ଷ୍ଟ୍ରାଇପ୍ ? ··ଟାଇଟିକୁ ଉଠାଇ ନେଇ ହସ ହସ ମୁହଁରେ ଅଶୋକ କହିଲେ—

ବୁଝିଲ ରୂପା, ମୋ ଜାମାପଟା ପିନ୍ଧିବାରେ ମୁଁ କ୍ରମେ ତମ ସିଲେକ୍‌ସନ୍‌ରେ ବାନ୍ଧି ହୋଇ ପଡ଼ୁଛି ।

—ଭଲ ! ଏଇ ପଦକଟିଏ କଥା କହି ରୂପା ସ୍ୱାମୀଙ୍କୁ କୋଟ୍ ପିନ୍ଧାଇଦେବା ଅବସରରେ କହିଗଲା—ଶୁଣ, ଏଇ କୌତୁକ କଥା । ଆମ ତିନି ଭାଇ ଭଉଣୀଙ୍କ ଭିତରେ ଭାଇ ତ ବଡ଼ । ମୁଁ ମଝିଆ, ସାନ କୁନ୍ତୀ, ସେଦିନ ଯିଏ ଆସିଥିଲା । ମୋ ବାହାଘର ବେଳକୁ ବାପା ଏକ ଚମତ୍କାର ବ୍ୟବସ୍ଥା ନେଲେ । ଚଳନ୍ତି ସମ୍ପତ୍ତି ଆମ ତିନି ଭାଇ ଭଉଣୀଙ୍କ ଭିତରେ ସମାନ କରି ବାଣ୍ଟିଦେଲେ । ବାପା ବୋଉଙ୍କର କିଛି ନାହିଁ । ଘରଟା ତ ଆମ ପୈତୃକ ସମ୍ପତ୍ତି । ଆମେ ତିନିହେଁ ଜଣକେ ଦେଢ଼ଲକ୍ଷ ଟଙ୍କା ଲେଖାଏଁ ପାଇଲୁ । ମୁଁ ଆଣିଲି ପଚାଶହଜାର ଟଙ୍କାର ଟର୍ମ ଡିପୋଜିଟ୍ ସାର୍ଟିଫିକେଟ୍, ବାକି ଲକ୍ଷେ ଟଙ୍କାର ଏଇ ଯାହା ଅଳଙ୍କାର ଜିନିଷପତ୍ର । ଏଥିରେ ଆଉ କାହାରି କିଛି କହିବାର ନ ଥିଲା ।

ଏ ପର୍ଯ୍ୟନ୍ତ ଅଶୋକ ମୁଗ୍ଧ ଅବସ୍ଥ ମନରେ ପତ୍ନୀଟିର ଏଇ ଉତ୍ସାହପୂର୍ଣ୍ଣ କଥା ସବୁ ଶୁଣୁଥିଲେ । ସସ୍ନେହ ଭଙ୍ଗୀରେ ରୂପାର ଗୋଟିଏ ହାତ ଉଠାଇଧରି ଦେଖି କହିଲେ—ଏସବୁ ଗହଣା ତ ଭାରି ସୁନ୍ଦର ହୋଇଚି, ମତେ ଟିକେ ବୁଝାଇ ଦିଅ ତ ।

ରୂପା ସେମିତି ସ୍ୱତଃପ୍ରବୃତ୍ତ କିନ୍ତୁ ଉତ୍ସାହରେ ସହିତ କହିଲା—ଇଏ ଆଠପଟ ଚୁଡ଼ି ସବୁ ଏକା ଓଜନର, ଚୁଡ଼ି ମଝିରେ ଏଇ କଙ୍ଗନ, ଟିକେ ବେଶୀ ଓଜନ । ଆଉ ଇଏ ତ ଅମଘର ଚୁଲି, ଆଉ ଇଏ ତମଘର ବାଲି । ଟିକେ ରହିଯାଇ ଅଶୋକ କହିଲେ—ଆମଘର ବାଲି !!

— ହଁ ତ, ବାହାଘରବେଳେ ବରଘର ପକ୍ଷରୁ କିଛି ଅଳଙ୍କାର ଡିଆଯାଇ ହୁଏ ।

—ଓ, ଆଚ୍ଛା, ଆଚ୍ଛା ! ଆମ ଘରୁ ଆଉ କ'ଣ ଅଳଙ୍କାର ହୋଇଚି ?

—ଏ ମୁଦି, ଆଉ ଏ ହାର, ଫାଶି ହାର । ସଭରେନ୍ ସୁନା, ଡାଇମଣ୍ଡ କଟ୍ । ଟିକେ ଅବଶ୍ୟ ପୁରୁଣାକାଳିଆ, କିନ୍ତୁ ଭାରି ସୁନ୍ଦର । ମୁଁ ଆମ ଘରୁ ଫାଶିହାର ଆଣି ନାହିଁ ତ, ଏ ହାର ମତେ ଭାରି ଭଲ ଲାଗୁଚି । ଭାବୁଚି ସ୍ୱାକୁ କଟିଦିଆ ହାର କରି ପିନ୍ଧିବି । ଦେଖିଲ, ଭଲ ହୋଇନି !

ଅଶୋକ ଗୋଟିଏ ହାତରେ ନୁହେଁ, ତାଙ୍କର ଦୁଇ ହାତରେ ହାରଟିକୁ ଟେକିଧରି ଦେଖିଲେ । ଏ ପ୍ରକ୍ରିୟାରେ ରୂପା ମଥାର ଅଧା ଓଢ଼ଣା କେବଳ ମଥାରୁ ନୁହେଁ, କିନ୍ତୁ କାନ୍ଧତଳକୁ ବି ଖସି ଆସିଲା । ଅଶୋକ କହିଚାଲିଚନ୍ତି—

ସ୍ତରରେ, ତମ ଗଳାକୁ ଏ ହାର ଖୁବ ସୁନ୍ଦର ମାନୁଚ, ପୁଣି ଆହୁରି ସୁନ୍ଦର ମାନୁଚ ତମର ଏଇ ମୁକ୍ତା··· ମଥା ଉପରକୁ ଓଢ଼ଣା ଟାଣିଦେଇ ଲାଜ୍ଜା, ପ୍ରଚ୍ଛନ୍ନ ଆନନ୍ଦ ଓ ଚକିତ ସ୍ଥାନିରେ ରୂପା ଅନୁଚ ଗଳାରେ କହିଲା—ଆଉ ଆଉ, ହାରଟାକୁ ଏମିତି ଏପାଖ ସେପାଖ କରି ନେଇ ହାରର ରୂପ ବର୍ଣ୍ଣନା କରନ୍ତୁ ନି । ଏଇ ଦେଖ, ତମ ଯିବାବେଳ ହେଇଗଲାଣି ।

ଠିକଏ ହସି, ରୂପାହାତରୁ ବ୍ରିଫ୍‌କେଶ୍‌ଟି ନେଇ ଅଶୋକ ଚାଲିଯାଉଛନ୍ତି । ରୂପା ଦେଖୁଚ, ଏଇ ଧୀର ଶାନ୍ତ ପୁରୁଷଟି ଯେମିତି ଦିନକୁ ଦିନ ତା'ର ଅନୁଗତ ହେଇଯାଉଚନ୍ତି । ସେଦିନ ତା ବୋଉ ଏଠୁ ଯିବା ପୂର୍ବରୁ ତାକୁ କହିଗଲେ—ସତେନେ ରୂପା, ଏଠି ସମସ୍ତେ କହୁଚନ୍ତି, ଆଉ ମୁଁ ବି ଦେଖିଲି, ଅଶୋକ ଖୁବ ଧୀର, ଖୁବ ନମ୍ର । ଆଉ ଅଶୋକଙ୍କ ଗୁଣ ବର୍ଣ୍ଣନା କରି କୁନ୍ତୀ ଯାହା କହିଗଲା ନା, ସେକଥା ମନେ ପକାଇ ରୂପା ମନେ ମନେ ହସିଉଠିଲା ।

ଶୟନ କକ୍ଷ । ରୂପା ଓ ଅଶୋକ ଦୁହେଁ ଏମିତି ଶୋଇଚନ୍ତି, ରୂପା ଲକ୍ଷ୍ୟ କଲା ଅଶୋକ ଯେମିତି ଟିକଏ ଚିନ୍ତିତ ଥିଲାପରି ଜଣା ପଡ଼ୁଛନ୍ତି । ପଚାରିଲା—କ'ଣ ଭାବୁଚ ? ଆଦୌ ବିଚଳିତ ନ ହୋଇ ଅଶୋକ କହିଲେ—ନା, ମୁଁ ତମ ବାପାଙ୍କ କଥା ଭାବୁଥିଲି । କାଲି ତମେ ମତେ କହୁଥିଲନା, ସେ ତାଙ୍କର ସମସ୍ତ ସଞ୍ଚିତ ଧନ ତମ ତିନି ଭାଇ ଭଉଣୀଙ୍କ ଭିତରେ ବାଣ୍ଟି ଦେଇଚନ୍ତି, ତାଙ୍କ ବୁଢ଼ିଙ୍କ ପାଇଁ କିଛି ରଖି ନାହାନ୍ତି ? ବାପାଙ୍କ ମୁକ୍ତ କଣ୍ଠରେ ସମର୍ଥନ କଲାଭଳି ରୂପା କହିଲା—ହଁ ସତ, ମୋ ନିଜ ଆଖିରେ ମୁଁ ଦେଖିଚି । ସେ ସବୁ ହିସାବ ବାପା ଡାକିଚନ୍ତି, ମୁଁ ଲେଖିଚି ।···ଏହାପରେ ଦୁହିଁଙ୍କ ଭିତରେ ଯାହାସବୁ କଥାବାର୍ତ୍ତା ହେଲା, ତା'ର ମର୍ମ ହେଲା—ରୂପାର ବାପା ଦୁର୍ଗାମାଧବ କାନୁନ୍‌ଗୋ ଓ ରୂପାର ବାନ୍ଧବୀ ଅଲକାର ବାପା ରଘୁନାଥ ମହାପାତ୍ର, ଦୁହେଁ ସମବୟସ୍କ । ଦୁହିଁଙ୍କର ସମାନ ଶିକ୍ଷା । ଗୋଟିଏ ବର୍ଷରେ ଦୁହେଁ ସମାନ ଉଚ୍ଚପଦବୀର ଅଧିକାରୀ । ଦୁହେଁ ନିକଟରେ ଏବେ ଅବସର ଗ୍ରହଣ କରିଚେ । ଶ୍ରୀଯୁକ୍ତ ମହାପାତ୍ରଙ୍କ କନ୍ୟା ଅଲକାର ବିବାହ ଏଇ ସାତ ଆଠମାସ ତଳେ ହୋଇଯାଇଚି । ଏଇ ସେଦିନ ତ ଅଲକା ରୂପାକୁ ସଙ୍ଖୋଳିବାକୁ ଏଠିକି ଆସିଥିଲା । ତା କାନରେ ସେ ସୋନ୍ଥ ଦୁଲ୍ ଦୁଇଟି ପିନ୍ଧିଥିଲା··ଏଇଠି ରୂପା କଥାର ମୋଡ଼ ଫେରାଇ କହିଲା—ହଁ, ତମେ ଜାଣିଚ କି ନାହିଁ, ଅଲକା ମତେ କହୁଥିଲା, ସେ ଦୁଲ୍ ଦୁଇଟିର ଦାମ୍ ଦୁଇଲକ୍ଷ ଟଙ୍କା ।

—ଖାଲି ଦୁଲ୍ କଥା ନୁହେଁ, ସେ ପରିବାରକୁ ମୁଁ ଜାଣିଚି, ଅଲକାର ବିବାହ କଥା ମଧ୍ୟ ମୁଁ ଜାଣିଛି । ଅଲକାର ବାପା ଅଲକାକୁ ଦୁଇଟା କାର୍ ସହ

ଯେଉଁ ଘର ଜମି ଆଉ ଯାହା ଯୌତୁକ ଦେଇଚନ୍ତି—ଅବଶ୍ୟ ଏ ବିବାହରେ ଯୌତୁକ ନାମ ପର୍ଯ୍ୟନ୍ତ କେହି ପାଟିରେ ଧରିନାହାଁନ୍ତି, ଅଥଚ ଏସବୁ ଉପହାର ଆଉ ପ୍ରେଜେଣ୍ଟ ନାମରେ କନ୍ୟାକୁ ପ୍ରଦତ୍ତ ହୋଇଛି । ଏସବୁର ମୂଲ୍ୟ ପ୍ରାୟ ପଚିଶି ଲକ୍ଷ ଟଙ୍କା ! ···ସ୍ୱାମୀଙ୍କ ମଥାର ସୁକୋମଳ କେଶରାଶିରେ ନିଜ ଆଙ୍ଗୁଳିଚାଳନା ସହ ହସ ହସ ମୁହଁରେ ରୂପା କହିଲା—ଆଉ ମୁଁ ତୁମ ଘରକୁ ଆଣିଛି ଦେଢ଼ଲକ୍ଷ ଟଙ୍କାର ସମ୍ପତ୍ତି । ସୁଇଚ ଟିପି ଶୟନକକ୍ଷର ଅଲୁଅ ନିଭାଇ ରୂପାର ଉଷ୍ମ ସାନିଧ୍ୟ ଲାଭ କରିବା ଅବସରରେ ଅଶୋକ ସେମିତି ହସ ହସ ମୁହଁରେ କହିଲେ—ଅଥଚ ଅଳକାର ବାପା ଓ ତୁମ ବାପା, ଏ ଦୁହିଁଙ୍କର ଏକା ଡିଗ୍ରୀ, ଏକା ଡିପ୍ଲୋମା, ଗୋଟିଏ ଡିପାର୍ଟମେଣ୍ଟରେ ଏକା ଚାକିରି ସହିତ ସରକାରୀ ଫାଇଲ୍‌ରେ ଆୟୁର ସୀମା ସମାନ ।

ଏହା ପରଦିନ ରବିବାର । ଅଶୋକ ଓ ରୂପା ଦୁହେଁ ତ ଚାକିରି କରନ୍ତି । ଆଜି ଦୁହିଁଙ୍କର ଅବସର । ସୋଫା ଉପରେ ବସି କଥାବାର୍ତ୍ତା କରୁଚନ୍ତି । ଅନ୍ୟଦିନ ପରି ଆଜି କଥାବାର୍ତ୍ତାରେ ଲଘୁ ପରିବେଶର ସେମିତି ସ୍ପର୍ଶ ନାହିଁ । ଗୋଟାଏ ପତ୍ରିକା ଉପରୁ ମୁହଁ ଉଠାଇ ରୂପା କହିଲା—ତୁମେ ଚାକିରିରୁ ରିଜାଇନ୍ କରିଦେବା କଥାଟା କ'ଣ ସିରିୟସ୍‌ଲି ଚିନ୍ତା କରୁଚ ?

—ହଁ ରୂପା । ମୁଁ ଖୁବ୍ ସିରିୟସ୍‌ଲି ଏ ନିଷ୍ପତ୍ତି ନେଇଚି । ଦେଶବିଦେଶରୁ ତିନି ତିନିଟା ଏମିତି ପ୍ରେଷ୍ଟିଜିୟସ୍ ଡିଗ୍ରୀ ଡିପ୍ଲୋମା ହାସଲ କରି ମୁଁ ଏ ସରକାରରେ ଚାକିରି କରିବି ନାହିଁ । ମୁଁ ପ୍ରାକ୍‌ଟିସ୍ କରିବି ।

ରୂପା ସ୍ୱାମୀଙ୍କ ପାଖକୁ ଲାଗିଆସି ତାଙ୍କ କାନ୍ଧରେ ହାତରଖି କହିଲା—ବେଶ୍ ତ, ପ୍ରାକ୍‌ଟିସ୍ କରିବ । ସେ ସମସ୍ୟା ଅଛୁ । ତୁମ ଚାକିରିର ତ ଏଇ ଆରମ୍ଭ କହିଲେ ଚଳେ । ଏ ଭିତରେ ତ ତୁମର ବେଶ୍ ସୁନାମ ତୁମେ ପାଇ ପାରିଲଣି । ମୁଁ କହୁଚି

ଏଇଠି ରୂପା କଥାରେ ଅଶୋକ ବାଧାଦେଲେ । ବାଧାଦେଲେ ଠିକ୍, କିନ୍ତୁ ଏ ବାଧା ବା ବିରୋଧ କରିବାରେ ତାଙ୍କଠାରେ ସାମାନ୍ୟତମ ଉତ୍ତେଜନା ପ୍ରକାଶ ପାଇନାହିଁ । ତାଙ୍କର ହେଇ ସ୍ୱଭାବସିଦ୍ଧ ଶାନ୍ତ ସରଳ ଢଙ୍ଗରେ କହିଲେ—ଶୁଣ ରୂପା, ସୁନାମ କଥା କହିଲ ଯେ, ଏ ସୁନାମର ସୁଫଳ ଯେତେବେଳେ ମୋ' ପକେଟକୁ ଆସିବ, ସେତେବେଳେ ଉପର ପାହାଚମାନଙ୍କରୁ ଗୋପନ ନିର୍ଦ୍ଦେଶ ଆସିବ, "ଏ ହେଡ୍ କ୍ୱାର୍ଟରରେ ରହିବ ତ, ଦିଅ ତିନିଲକ୍ଷ, ଦିଅ ପାଞ୍ଚଲକ୍ଷ, ନାହିଁ ତ କୋରାପୁଟ ଯାଅ କି କଳାହାଣ୍ଡି ଯାଅ ।" ତା'ହେଲେ ବୁଝ ରୂପା

—ନାଇଁ ନାଇଁ, ମୁଁ ଗ୍ରହେଁନା, କାହା ପାଖରେ ତମେ ମଥା ନୁଆଁଇବ । କିନ୍ତୁ ଏବେ ଆମେ ବୁଝେଁ ତ ଗ୍ରକିରି କରୁଛେ, ଯାହା ଆସୁଚି ସେଥିରେ ଏମିତି କିଛି ଅଭାବ ପଡ଼ିବ ବୋଲି ମୁଁ ଭାବୁନାହିଁ ।

ଅଶୋକ ଲକ୍ଷ୍ୟକଲେ ରୂପାର ମୁହଁ ଶୁଖି ଶୁଖି ଆସୁଚି । ଟିକିଏ ବ୍ୟସ୍ତ ହୋଇପଡ଼ି, ରୂପାର ହାତ ନିଜ ହାତମୁଠାରେ ଆଣି କହିଲେ—କ'ଣ ହେଲା ରୂପା, ଏ ଘରକୁ ଆସିଲା ଦିନଠୁଁ ତ ମୁଁ କେବେ ତମର ଏ ମୁହଁ ଦେଖିନି । କ'ଣ ହେଲା ? ମୋ' ଉପରେ ତମର ଶ୍ରଦ୍ଧା ନାହିଁ—ଭରସା ନାହିଁ—କନ୍‌ଫିଡ଼େନ୍‌ସ ନାହିଁ ?

ରୂପା ସ୍ୱାମୀଙ୍କ ମୁହଁରେ ହାତ ରଖି କହିଲା—ନା, ନା, ଏସବୁ କାହିଁକି କହୁଚ ? ···ଅଶୋକ କହିଗ୍ଲଲେ—ସ୍ୱାମୀ ଭାବରେ ମୋ' ଉପରେ ତମର ଯେତିକି ଭରସା, ଯେତିକି ବିଶ୍ୱାସ ରହିବ, ସ୍ତ୍ରୀ ଭାବରେ ତମ ଉପରେ ମୋର ମଧ୍ୟ ସେତିକି ଭରସା ସେତିକି ନିର୍ଭର ରହିବ··· ।

ରୂପା ବର୍ତ୍ତମାନ ତା'ର ପୂର୍ବ ଅବସ୍ଥାକୁ ଫେରି ଆସିଚି । କହିଲା—ପ୍ରାକ୍‌ଟିସ୍ କରିବା ପାଇଁ ତ, ମାନେ ମୁଁ କହୁଥିଲି କିଛି··· । ତା'ର ଅଧା କଥାକୁ ପୂରଣ କରି ଅଶୋକ କହିଲେ—ଟଙ୍କା ଦରକାର, ଏଇଆ ତ ?

—ହଁ ।

ଅଶୋକ ଟିକିଏ ହସି କହିଲେ—'କିଛି' ଟଙ୍କା ନୁହେଁ, ବେଶ୍ କିଛି,'ମାନେ ବହୁତ କିଛି ଟଙ୍କା ଦରକାର । ତମେ ତ ଜାଣ ଆମେ, ଏଇ ଆମ ପରିବାର, ଆମେ ଖୁବ୍ ବଡ଼ଲୋକ ନୋହୁଁ, ଧନୀ ନୋହୁଁ ।

ଏପର୍ଯ୍ୟନ୍ତ ରୂପା କଳନା କରିପାରୁ ନାହିଁ ଯେ ପ୍ରାକ୍ଟିସ୍ କରିବା ପୂର୍ବ ଆୟୋଜନ ପାଇଁ ଠିକ୍ କେତେ ଟଙ୍କା ଦରକାର ? ରହି ରହି ସେ କହିଲା—ମୁଁ ଆମଘରୁ ଯେଉଁ ଟର୍ମ ଡିପୋଜିଟ୍ ପଚାଶ ହଜାର ଟଙ୍କାର ସାର୍ଟିଫିକେଟ୍ ଆଣିଚି ଏ କଥାରେ ବେଶ୍ ସନ୍ତୋଷଭରା ଦୃଷ୍ଟିରେ ରୂପାକୁ ଗ୍ହିଁ, ପିଲାଙ୍କ ପରି ତା' ପିଠି ଆପୁଡ଼େଇ ଦେଇ ଅଶୋକ କହିଲେ—ଥାଙ୍କସ୍ ! ମେନି ଥାଙ୍କସ୍ ! ବୁଝିପାରୁଥିବଚ, ପ୍ରାକ୍ଟିସ୍ ପାଇଁ ପ୍ରଥମେ ଖୁବ୍ ଭଲ ସାଇଟ୍‌ରେ ଖଣ୍ଡେ ଜମି ଦରକାର । ବାପା ଭଲ କାମଟିଏ କରିଚନ୍ତି । ଖୁବ୍ ଭଲ ଲୋକେସନ୍‌ରେ ଛ'ଗୁଣ୍ଠ ଜମି କିଣିଛନ୍ତି—ଦାମ୍ ଛ' ଲକ୍ଷ ଟଙ୍କା । ···ଟିକିଏ ହସି ରୂପାକୁ ଗ୍ହିଁ ଅଶୋକ କହୁଛନ୍ତି—କିନ୍ତୁ ବାପାଙ୍କ ପାଖରେ ଆଉ ସେମିତି କିଛି ଟଙ୍କା ନାହିଁ । ଏବେ ବିଲ୍‌ଡିଂ ପାଇଁ ଏଷ୍ଟିମେଟ୍ ହୋଇଚି—ଦଶଲକ୍ଷ, ଆସବାବପତ୍ର ଆଉ ଅନ୍ୟାନ୍ୟ ଇନ୍‌ଭେଷ୍ଟମେଣ୍ଟ

ପାଉଁ ଦଶ, ଏମିତି କୋଡ଼ିଏ ଲକ୍ଷ ଦରକାର । ଦେଶର ଅବସ୍ଥା ଯାହା, ଖର୍ଚ୍ଚ ଆହୁରି ବଢ଼ିଯାଇପାରେ । ହଁ, ରୂପା, ମୋର ପ୍ରାକ୍ଟିସ୍ ଆରମ୍ଭ ହୋଇଗଲେ ତୁମେ ଚାକିରି ଛାଡ଼ି ମତେ ସାହାଯ୍ୟ କରିବ ।

—ସତରେ ମୁଁ ଚାକିରି ଛାଡ଼ିବି ?

ରୂପାର ମୁହଁକୁ ତୋଳିଧରି ଅଶୋକ କହିଲେ—ମୋ' ପାଖେ ପାଖେ ଏ ଆଖି ଦିଓଟିକୁ ଦେଖି ନ ପାରିଲେ ମୁଁ ତ ନାଟକଣା ହେଇଯିବି । ହଁ, ତୁମେ ମତେ ସାହାଯ୍ୟ କରିବ ଯେ, ଏମିତି ମାଗଣା ନୁହେଁ । ମୁଁ ତୁମକୁ ଦରମା ଦେବି । ...ହସରେ ଫାଟିପଡ଼ି ରୂପା କହିଲା—ମତେ ତୁମେ ଦରମା ଦେବ ! କେତେ ଦରମା ?

—ଏ ଚାକିରିରେ ତୁମେ ବର୍ତ୍ତମାନ ମାସକୁ କେତେ ଦରମା ପାଉଛ ?

ମୁହଁ ବୁଲେଇନେଇ ରୂପା କହିଲା—ସେଇଟା ମୋର ସିକ୍ରେଟ୍ । ମୁଁ କହିବି ନାହିଁ ।

—ମୋ' ପ୍ରଶ୍ନଟା ବି ସେମିତି ସିକ୍ରେଟ୍ । ମୋ କାନରେ କୁହ । ...ଦୁହେଁ ହସି ଉଠିଲେ । ରୂପା କହିଲା, ତୁମେ କ'ଣ ଜାଣିନ ? ସବୁ ମିଶାଇ ଦୁଇହଜାର ଦୁଇଶ ପଚିଶ ।

—ଏ ଦୁଇ ପୁଞ୍ଜକୁ ଗୋଟିଏ ଏକ ଯୋଡ଼ିଦିଅ । ମୁଁ ମାସକୁ ସେତିକି ଦରମା ତୁମକୁ ଦେବି ।

—ମାନେ, ମାନେ, ମାନେ ! ମାସକୁ ବାଇହଜାର ଦୁଇଶ ପଚିଶ !

—ନାହିଁ ରୂପା, ଏ ପରିହାସ ନୁହେଁ । ତୁମେ ହୁଏତ ମୋର ଗୋଟିଏ ଗୁଣ ବା ଦୁର୍ଗୁଣ କଥା ଜାଣିନ । ମୁଁ ଭିତରେ ଭିତରେ ଭାରି ଆମ୍ବିସସ୍ । ମୋର ସ୍ୱପ୍ନ ବହୁ ଦୂରକୁ ବ୍ୟାପ୍ତ । ପୁଣି ତୁମେ ଏ ଘରକୁ ଆସିଲା ପରଠୁଁ, ଏ ଦୁଇମାସ ଭିତରେ ମୁଁ ମୋର ଆମ୍ବିସନ୍, ମୋର ସ୍ୱପ୍ନକୁ ମାପିଚୁପି ଆହୁରି ନିଜର କରି ମୋ ହାତ ମୁଠାରେ ରଖି ବାଟ ଚାଲୁଛି । ମୋର ଏ ତିନିବର୍ଷ ଚାକିରି ଭିତରେ ମୋ' ନିଜକୁ ମୁଁ ଯେତିକି ଚିହ୍ନିଛି, ମୋର କମ୍ପିଟେନ୍ସ ଉପରେ ମୋର ଯେତିକି ଆସ୍ଥା ରହିଛି । ସେତିକିରୁ ମୁଁ କହିବି ମୋ' ପ୍ରାକ୍ଟିସ୍‌ରୁ ଆମେ ମାସକୁ ଲକ୍ଷାଧିକ ଟଙ୍କା ଆୟ କରିପାରିବା ।

କଥା ଶେଷରେ ଅଶୋକ ଖଣ୍ଡେ କ'ଣ ଦରକାରୀ ବହି ଖୋଲି ବସିଗଲେ । ରୂପା ତାଙ୍କୁ ଦେଖୁଥାଏ । ତା' ଆଖିରେ ସିଏ ଜଣେ ଯେମିତି ସିଦ୍ଧ ପୁରୁଷ ! କ୍ରମେ ତାର ହୃଦ୍‌ବୋଧ ହେଲାଣି ଯେ, ସ୍ୱାମୀ ତାର ପ୍ରାକ୍ଟିସ୍ କରନ୍ତୁ, ନିଶ୍ଚୟ ସିଦ୍ଧିଲାଭ

କରିବେ । କିନ୍ତୁ ସେ ପର୍ଯ୍ୟନ୍ତ ପହଞ୍ଚିବେ କେମିତି ? ଜମି ସିନା ଖରିଦ୍ ହୋଇଛି— ଘର ତିଆରି, କାହିଁରେ କେତେ ଆସବାବପତ୍ର । ନୂଆଆସାକର ତାମିକା ଆପାର୍ଟମେଣ୍ଟ, ଯନ୍ତ୍ରପାତି, କୋଡ଼ିଏ ଲକ୍ଷଯାଏ ଖର୍ଚ୍ଚ ହବ ବୋଲି କହୁଚନ୍ତି । ଏଠି ସ୍ୱା'ଙ୍କ ଘରୁ ତ କିଛି ମିଳିବାର ଆଶା ନାହିଁ, ତା' ନିଜ ବାପାଙ୍କ ପ୍ରଶ୍ନ ତ ଉଠୁନାହିଁ, ସେଠି ସବୁ ହିସାବ ନିକାଶ ହୋଇଯାଇଚି । ତା' ନିଜର ଯାହା ଟଙ୍କା, ଗହଣାପତ୍ର, ସେ ସବୁ ସେ ତାଙ୍କ ହାତରେ ଟେକିଦେବ । ହେଲେ, ସିଏ ବା କେତେ ? ସମୁଦ୍ରକୁ ଶଙ୍ଖେ ପାଣି । କୋଉଠୁ ଆସିବ ଏତେ ଟଙ୍କା ! …ଆଶ୍ଚର୍ଯ୍ୟ କଥା ! ରୂପା କେବଳ ମନେ ମନେ ଏସବୁ ଭାବୁଥିଲା, ତା' ପାଟିଫିଟି ନ ଥିଲା, ଅଥଚ ଏତେ ଟଙ୍କା'—ଏଇ କଥା ପଦଟା ଆପେ ଆପେ ତା' ପାଟିରୁ ବାହାରିଆସିଲା । ବହି ଉପରୁ ଆଖି ଉଠାଇ ଅଶୋକ କହିଲେ—କ'ଣ, କ'ଣ ତୁମେ କହିଲ ରୂପା—'ଏତେ ଟଙ୍କା ?

ରୂପା ଟିକିଏ ବିବ୍ରତ ହୋଇପଡ଼ି କହିଲା—ନାଇଁ, ମୁଁ ମନେ ମନେ ଡମରି ଟଙ୍କା କଥା ଭାବୁଥିଲି, ମୋ' ପାଟିରୁ ଆପେ ଆପେ ବାହାରି ଆସିଲା…ଟିକିଏ ହସି ଅଶୋକ କହିଲେ—କ'ଣ ଭାବୁଥିଲ ?

—ସେଇକଥା ପରା, କୋଉଠୁ କେମିତି ଏତେ ଟଙ୍କା ଆସିବ ? …ରୂପାର ଏ ପ୍ରଶ୍ନର ଉତ୍ତରରେ ଅଶୋକ ସଙ୍ଗେ ସଙ୍ଗେ ନିର୍ଲିପ୍ତ ନିର୍ବିକାର ଭାବେ କହିଲେ— ଟଙ୍କା ତମ ଘରୁ ଆସିବ, ତମ ବାପା ଦେବେ । ହଁ ତମେ ଆଜି ତମ ବାପାଙ୍କ ପାଖକୁ ଚିଠି ଲେଖ । ‥ପାଖଘରୁ ଟେଲିଫୋନ୍ ରିଙ୍ଗ ହେଲା, ଅଶୋକ ଉଠି ଚାଲିଗଲେ । ଆଉ ରୂପା ? 'ରସାତଳ' ବୋଲି ଗୋଟାଏ କିଛି ଥାଏ, ଏକଥା ସେ ଜାଣିଥିଲା । ଏବେ ସେ ନିଜେ ଅନୁଭବ କରୁଚି ସେ କେମିତି ରସାତଳଗାମୀ ହୋଇଯାଉଚି । ପାଖ ଘରେ ଅଶୋକ ଟେଲିଫୋନ୍‌ରେ କଥାବାର୍ତ୍ତା କରୁଚନ୍ତି, ଏ ଘରକୁ ଶୁଭୁଚି । ନୂଆ ଘର ଶୁଭ କେବେ ଉଠିବ, ସେଇ ବିଷୟରେ କଥାବାର୍ତ୍ତା ଚାଲିଚି । ରୂପା ଏ ଘରେ ପାଷାଣ ପ୍ରତିମାଭଳି ବସିଚି । ଫୋନ୍‌ରେ କଥା ଶେଷ କରି ଅଶୋକ 'ବୋଉ' 'ବୋଉ' ଡାକି ଅନ୍ୟଅଡ଼େ ଚାଲିଗଲେ । ଏ ଘରକୁ ଫେରିନାହାନ୍ତି ।

ଆଜି ରବିବାର ଥିଲାଟି ସେମାନଙ୍କର ହସ ଖୁସିରେ କଟିବାର କଥା । କିନ୍ତୁ ଏଇ ଯାହା ଘଟିଗଲା, ସେଥିରେ ରୂପା ତା' ମନରେ କିଛି ହେଲେ ଧାରଣା କି ଅବଧାରଣା କରିପାରୁ ନାହିଁ । ଟଙ୍କା ପାଇଁ ତା' ବାପାଙ୍କ ପାଖକୁ ଚିଠି ଲେଖିବାକୁ କହିଗଲେ । ବାପାଙ୍କର ଆର୍ଥିକ ଅବସ୍ଥା କଥା ତ ସେ ପୂର୍ବରୁ ଅଶୋକଙ୍କୁ ସ୍ପଷ୍ଟଭାବେ ବୁଝାଇ ଦେଇଚି । ତାହା କେବଳ ସତ୍ୟ ନୁହେଁ । ଏକାବେଳେକେ ଧ୍ରୁବ ସତ୍ୟ । ସେଥିରେ ତିଳାର୍ଦ୍ଧେ ଏପାଖ ସେପାଖ ହେବା କଥା ନୁହେଁ । ତାକୁ

ଅସ୍ୱୀକାର କରି ବାପାଙ୍କୁ ଚିଠି ଲେଖିବା ଅର୍ଥ ତାଙ୍କୁ ଅତି ନିଷ୍ଠୁରଭାବେ ଅପମାନିତ କରିବା ।

ଏ ପାଖରେ ଅଶୋକ ! ତା' ମନରେ ସେମିତି ଅତି ଦୃଢ଼ ଧାରଣା ଜନ୍ମିଥିଲା ଯେ ସରକାରଙ୍କ ଗୋଟାଏ ଅତି ନଷ୍ଟଭ୍ରଷ୍ଟ (Corrupt) କରପ୍ଟ ଡିପାର୍ଟମେଣ୍ଟରେ ଅଧିକାଳ ଚାକିରି କରି ରୂପାର ବାପା ଦୁର୍ଗାମାଧବ କାନୁନ୍‌ଗୋ ଯେତେ ସଚ୍ଚୋ ଆଉ ନିଷ୍କଳଙ୍କ ରହିବାକୁ ଚାହିଁଥିଲେ ବି ରହିପାରି ନଥିବେ । ଦୀର୍ଘଦିନର ଚାକିରି-କାଳ ଭିତରେ ସେ ଯୋଉ କଳାଧନ ସଞ୍ଚୟ କରିଚନ୍ତି, ତାହା ବର୍ତ୍ତମାନ କେଉଁ ବ୍ୟାଙ୍କ ବା ଟ୍ରଷ୍ଟରେ ଗୋପନ ଜମାଖାତାରେ ସଞ୍ଚିତ ରହିଥିବ । ବାହାରର ଲୋକେ ଏ ସଞ୍ଚୟର ସ୍ୱରୂପ ଜାଣିପାରିବେ ନାହିଁ । ଚାକିରିରୁ ଅବସର ଗ୍ରହଣ ପରେ ଏ ଧନର ଉପଯୋଗ କରାଯିବ । ଏଭଳି ଏକ ଧାରଣା ଅଶୋକଙ୍କ ମନରେ ବେଶ୍ ଦୃଢ଼ଭାବରେ ସ୍ଥାନ ପାଇଥିଲା । ତେବେ, ବାସ୍ତବରେ ଅଶୋକ ଜଣେ ସନ୍ଦେହୀ ପ୍ରକୃତିର ଲୋକ ନ ଥିଲେ । ଆଜି ଉପରବେଳା ରୂପାଠାରୁ ପୁଣିଥରେ ତା' ବାପାଙ୍କ ବିଷୟରେ ସବୁକଥା ଶୁଣି ସେ କହିଲେ—ମୁଁ ମାନୁଚି ରୂପା, ଇଏ ମୋର ଭୁଲ୍ । ତମ ବାପାଙ୍କ ସମ୍ପର୍କରେ ମୁଁ ଭୁଲ କଥା ହିଁ କହିଥିଲି । ଟଙ୍କା କଥା ତୁମେ ଆଉ ତାଙ୍କ ପାଖକୁ ଲେଖନାହିଁ ।

ଅଶୋକଙ୍କ ମୁହଁରୁ ରୂପା ଏକଥା ଶୁଣିଲା ସତ, କିନ୍ତୁ ସେ ବୁଝିପାରୁଚି ଏହାପରେ ଅଶୋକ ଯେମିତି କିଛିଟା ଅସ୍ଥିର, ଅନ୍ୟମନସ୍କ ହୋଇ ପଡ଼ିଛନ୍ତି, ଯାହା ତାଙ୍କର ପ୍ରାୟ ସ୍ୱଭାବ-ବିରୁଦ୍ଧ । ଜଣେ ବନ୍ଧୁଙ୍କ ଘରେ ରାତ୍ରି ଭୋଜନର ନିମନ୍ତ୍ରଣ ଅଛି ବୋଲି ଦିନ ଚାରିଟାବେଳୁ ଯାଇଛନ୍ତି, ଏ ଯାଏଁ ଫେରିନାହାନ୍ତି । ଶୋଇବା-ଘରେ ସୀମାହୀନ ଭାବନାର ଜାଲବୁଣି ରୂପା ଖଟଉପରେ ବସିଚି । ଘଡି ଗୋଟାଏ ବାଜିଲା । ଅଶୋକ ଆସିଲେ । ପୂର୍ବର ଅସ୍ଥିରଭାବ ଆଉ ନାହିଁ । କୋଟିଏ ଗ୍ରୀଟ କାଚ ଶିଶି ଖଟ ଉପରେ ରଖି ରୂପାକୁ କହିଲେ—ନିଅ । ···ରୂପା ଶିଶିକୁ ଚାହିଁ କିଛି ବୁଝିପାରିଲା ନାହିଁ; ପଚାରିଲା—କ'ଣ ଇଏ ? ···ସବୁଦିନ ପରି ଶାନ୍ତ ଧୀର କଣ୍ଠରେ ଅଶୋକ କହିଲେ—ଶିଶି ଖୋଲି ଦେଖ । ଗୋଟିଏ ଗ୍ରୀଟ ସିରିଞ୍ଜ, ନିଡ଼୍ ହେଇଚି, ଅତି ଉତ୍କଟ ବିଷ । ତମ ଏନ୍. ସି. ସି. କ୍ୟାମ୍ପରେ ତ ତମେ ଇଞ୍ଜେକ୍‌ସନ ଦେବା ଟ୍ରେନିଂ ପାଇଚ । ଶିଶିରୁ ସିରିଞ୍ଜ ନେଇ ତମ ଦେହର ଯେ କୌଣସି ଜାଗାରେ ତମେ ଇଞ୍ଜେକ୍‌ସନ ନିଅ । ଡେଡ୍‌ଲି ପଏଜନ୍, ମିନିଟିଏ ଭିତରେ ସବୁ ଶେଷ । ରୂପା ଖଟରୁ ଓହ୍ଲାଇ ଆସୁଥିଲା, ସଙ୍ଗେ ସଙ୍ଗେ ଅଶୋକ ବାରଣ କରି କହିଲେ—ନାହିଁ ରୂପା, ଖଟରୁ ଓହ୍ଲାଅ ନାହିଁ । ମତେ କୌଣସିଥିରେ ଜଡ଼ିତ ନ କର ତମେ ଚିରଦିନ ପାଇଁ କେବଳ ମୋ' ଜୀବନରୁ ନୁହେଁ, ଏ

ସଂସାରରୁ ଅପସରଯିବାକୁ ମୁଁ ଚାହେଁ । ନିଅ, ସିରଞ୍ଜ ଉଠାଅ, ଆଉ ଡେରି କରନା ।
··ରୁପାର ଆଖି ଝାପ୍‌ସା ହୋଇଯାଇଛି । ତେବେ ବି ସେ କହିଲା—ତମେ··
ତମେ ମତେ ମାରିଦେବ ? ସେମିତି ଶାନ୍ତ ସ୍ଥିର ଗଳାରେ ଅଶୋକ କହିଲେ—ମୁଁ ତମକୁ ମାରୁନାହିଁ ରୁପା । ତମେ ନିଜେ ତମ ଦେହରେ ଏ ଇଞ୍ଜେକ୍‌ସନ ଫୋଡ଼ି ଆତ୍ମହତ୍ୟା କରିବ । ···ଏଥର ରୁପା ଏକାବେଳେକେ ଭାଙ୍ଗିପଡ଼ି କାନ୍ଦକାନ୍ଦ କହିଲା—ନାହିଁ, ନାହିଁ ଅଶୋକ, ତମେ ମତେ ମାରିଦିଅନା । ଏତେ ଚଞ୍ଚଳ ଏ ଜୀବନର ଲୋଭ ମୁଁ ଛାଡ଼ି ପାରୁନି । ଏଇ କେଇଦିନ ଭିତରେ ଆମେ ଦୁହେଁ ମିଶି ଏକାକାର ହୋଇଯାଇଚୁ । ମୁଁ ତମଠୁ ପାଇଚି ନନ୍ଦନର ପାରିଜାତ, ଦେଇଚି କ୍ଷୀର ସାଗରର ମଧୁ । ମୋ' ସୁନାଟା, ମୋ' ଧନ, ମତେ ତମେ ହତ୍ୟାକର ନାହିଁ । ତମର ଏଇ ଆଖିର ଦର୍ପଣରେ ମୁଁ ଦେଖୁଚି ମୋ' ନିଜକୁ । ହେଇପାରେ ମୁଁ ସୁନ୍ଦରୀ ଲାବଣ୍ୟମୟୀ ତରୁଣୀ, ମାତ୍ର ତମର ଏ ଆଖିଡ଼ୋଳାରେ ମୁଁ ଖାଲି ରୁପା ନୁହେଁ । ମୁଁ ରୁପାରୁ ଅପରୂପା ହୋଇଯାଉଚି । ମତେ ମାର ନାହିଁ । ଆମର ଯେତକ ଯାହା ସମ୍ବଳ ଅଛି, ସେତକରେ କ'ଣ ତୁମେ ଚଳିପାରିବ ନାହିଁ ?

—ନା, ମୁଁ ଚଳିପାରିବ ନାହିଁ ।

—ମୁଁ ମଲାପରେ ତମର ପ୍ରାକ୍ଟିସ୍ ପାଇଁ ଯେଉଁ ଲକ୍ଷ ଲକ୍ଷ ଟଙ୍କା ଦରକାର, ତମେ ପୁଣି ବିବାହ କରି ସବୁ ପାଇପାରିବ ?

—ହଁ, ମୁଁ ସବୁ ପାଇବି । ସବୁ ବନ୍ଦୋବସ୍ତ ହେଇ ରହିଛି । ଅଲକାର ସାନ ଭଉଣୀ ଶ୍ରୀଲେଖା ସହିତ ମୋର ବିବାହ ହେବ । ବୁଝିପାରୁଥିବ ତ ଶ୍ରୀଲେଖା ତାଙ୍କ ଘରୁ କ'ଣ ସବୁ ଆଣି ଏଠିକି ଆସିବ ? ଆମର ସେ ଜମି ଉପରେ ଘର ତିଆରି ପାଇଁ ଅଲକାର ବାପା ଶୁଭଦେଇ ସାରିଲେଣି । ଘର ତୋଳାଇବାର ସମସ୍ତ ଦାୟିତ୍ୱ ସେ ନେଇଛନ୍ତି ।

ରୁପା ସ୍ଥିର ଦୃଷ୍ଟିରେ ତା'ର ଏଇ ସ୍ୱାମୀଙ୍କୁ ଚାହିଁଛି । ତା ଦୁଇ ଦାନ୍ତପାଟି ଘଷି ହେଇଯାଉଚି । ଅଶୋକ ପଚାରିଲେ—କ'ଣ, କ'ଣ ଆଉ ଭାବୁଚ ? ···ରୁପାର ଆଖି ଟିକେ ମୁଦି ହେଇ ଆସିଲା ସତ, ତଥାପି ସେ ସ୍ପଷ୍ଟ ଗଳାରେ କହିଲା—ନା, ମୁଁ ରାଜି, ମୁଁ ମରିବ । ···ଗୋଟିଏ ମୁହୂର୍ତ୍ତ ଡେରି ନ କରି, ଟେବୁଲ୍ ଉପରୁ ଗୋଟିଏ ଚିଠିଲେଖା ପ୍ୟାଡ଼ ଆଣି ରୂପା ହାତକୁ ବଢ଼େଇ ଦେଇ ଅଶୋକ କହିଲେ—ନିଅ, ତମର ଏ ପ୍ୟାଡ଼ରେ ଲେଖ, ଲେଖ ମୋ ବିବାହ ପୂର୍ବରୁ ମୋ ଗର୍ଭରେ ଥିବା କଳଙ୍କର ଛାପ ନେଇ ମୁଁ ଏ ଘରକୁ ଆସିଥିଲି । ସେଥିରୁ ମୁକ୍ତ ପାଇବାକୁ ଅନ୍ୟ କୌଣସି ପନ୍ଥା ଖୋଜି ନ ପାଇ ମୁଁ ସ୍ୱଇଚ୍ଛାରେ ଆତ୍ମହତ୍ୟା

କରୁଛ । ··ଏଇଠି ଅତି ଉତ୍କ୍ୟକ୍ତ କଣ୍ଠରେ ରୂପା ପ୍ରତିବାଦ କଲା—ତମେ, ତମେ ଏତେ ତଳକୁ ମତେ ଠେଲି ଦେଇପାରୁଛ ! ଛି ଛି !!

ଅଦୌ ବିଚଳିତ ନ ହୋଇ ଅଶୋକ କହିଲେ—ଶୁଣ ରୂପା, ସ୍ୱୟଂ ବିଧାତାପୁରୁଷ ବି ତମଠାରେ ଏ କଳଙ୍କ ଲେପନ କରିପାରିବେ ନାହିଁ । ମୁଁ କହୁଚି ଏସବୁ ମିଛ । ତଥାପି ତମକୁ ଏ ଲେଖା ଗ୍ରହଣ କରିବାକୁ ହେବ । ଯେହେତୁ ତମର ଆତ୍ମହତ୍ୟା ସହିତ ମୁଁ ଆଦୌ ଜଡ଼ିତ ହୋଇପାରିବି ନାହିଁ ।

ରୂପା ଲେଖା ଶେଷ କଲା । ଜୀବନରେ ଏଇ ପ୍ରଥମ ତା'ର ଏଇ ସଭ୍ୟ, ଶିକ୍ଷିତ ଓ ସମ୍ଭ୍ରାନ୍ତ ପରିବାରର ସ୍ୱାମୀଙ୍କୁ କଳୁଷତା ପାଇଁ ଘୃଣା ଚକ୍ଷୁରେ ଦେଖିଲା । ତା'ପରେ ସିରିଞ୍ଜଟିକୁ ଆଣି ହାତରେ ଧରିଲା । ···ରୂପାଠାରୁ କିଛିଟା ଦୂରତ୍ୱ ରକ୍ଷା କରି ସ୍ୱାମୀ ଠିଆ ହୋଇଚନ୍ତି । ତାଙ୍କର ଅପଲକ ଦୃଷ୍ଟି ରୂପା ଉପରେ ନିବଦ୍ଧ । ରୂପା ହାତରେ ସିରିଞ୍ଜ୍ । ସେ ଭାବୁଚି, କାଲି ପର୍ଯ୍ୟନ୍ତ ଯେଉଁ ରୂପା ତାଙ୍କର ପ୍ରିୟତମା ପତ୍ନୀ ଥିଲା, ତାକୁ ନିର୍ଶ୍ଚିହ୍ନ କରିଦେବା ଭଳି ଏତେବଡ଼ ଗୋଟାଏ ଦୁଃସାହସିକ କର୍ମ ପାଇଁ ସ୍ୱାମୀ ତା'ର କେବେହେଲେ ଅନ୍ୟ କାହା ଉପରେ ନିର୍ଭର ନ କରି ନିଜ ହାତରେ ଏ ସିରିଞ୍ଜରେ ଏ ଜଘନ୍ୟ ବିଷ ଲୋଡ୍ କରିଥିବେ । ଟିପ ଚଳାଇ ପରୀକ୍ଷା କରି ଦେଖିଲା, ସିରିଞ୍ଜ୍ ଠିକ୍ କାମ କରୁଚି । ଏ ପାଖରେ ଅଶୋକ ବ୍ୟଗ୍ର ସଜାଗ ହୋଇ ଉଠୁଚନ୍ତି । ତାଙ୍କ ମୁହଁକୁ ଚାହିଁ ରୂପା ହଠାତ୍ ପାଟି କରି ଉଠିଲା—ନା, ମୁଁ ମରିବି ନାହିଁ । ମଶାରି ବାଡ଼ାରେ ତମର ଏ ସିରିଞ୍ଜ୍କୁ ପିଟି ଚୂନା କରିଦେବି । ଏତିକି କହି ରୂପା ହାତ ଟେକିଦେଲା ବେଳକୁ ତାକୁ ବାଧା ଦେବା ପାଇଁ ଅଶୋକ ତା ନିକଟକୁ ଧାଇଁ ଆସିଲେ । ରୂପା ଏଇ ସୁଯୋଗର ଅପେକ୍ଷାରେ ଥିଲା । ଅଶୋକ କିଛି କରିବା ପୂର୍ବରୁ ରୂପାର ସତର୍କ ହାତର ସିରିଞ୍ଜ୍ ପୂର୍ବ କଳ୍ପନା ଅନୁଯାୟୀ ଚତୁର୍ଗୁଣ ବେଗରେ ଅଶୋକଙ୍କ ଗଳାଭେଦ କଲା । ବିଷ ଯନ୍ତ୍ରଣାରେ ଅସ୍ପଷ୍ଟ ଚିତ୍କାର କରି ସେଇଠି ଖଟକୁ ଆଉଜି ସେ ବସି-ପଡ଼ିଲେ । ଯାହା ସେ ରୂପାକୁ କହିଥିଲେ—ପ୍ରାୟ ଦୁଇ ମିନିଟ୍ ଭିତରେ ସବୁ ଶେଷ ।

ନା, ତୁମେ କିଛି କହିପାରିବ ନାହିଁ

ଆମର ଏଇ ସରକାରି କାର୍ଯ୍ୟାଳୟ—ଅନୁଷ୍ଠାନଟିର ଯେମିତି ଐତିହ୍ୟ ଆଉ ମର୍ଯ୍ୟାଦା ଥିଲା, ସେଇ ସଙ୍ଗେ ସଙ୍ଗେ କିଛି ପରମ୍ପରା ମଧ୍ୟ ରହି ଆସୁଥିଲା । ପରମ୍ପରା ହେଲା ଆମ କାର୍ଯ୍ୟାଳୟ ରିକ୍ରିଏସନ୍ କ୍ଲବ୍ ଦ୍ୱାରା ପ୍ରାୟ ପ୍ରତିବର୍ଷ ନାଟ୍ୟ ଅଭିନୟ ପ୍ରଦର୍ଶନ । …ଯେଉଁ ସମୟରେ ଏଇ ଘଟଣାଟି ଘଟିଥିଲା, ସେତିକିବେଳେ ଆମ କାର୍ଯ୍ୟାଳୟର ସର୍ବୋଚ୍ଚ କର୍ତ୍ତା ରୂପେ ଯୋଗଦେଲେ ଓଡ଼ିଶା ସରକାରଙ୍କ ଜଣେ ବରିଷ୍ଠ ଓ ବଳିଷ୍ଠ ପ୍ରଥମ ଶ୍ରେଣୀ ଡେପୁଟି ମାଜିଷ୍ଟ୍ରେଟ୍ ଶ୍ରୀ ଯଦୁନାଥ ମହାପାତ୍ର । ଗୋରା ତକ୍ ତକ୍ ଦୀର୍ଘକାୟ ସୁଦର୍ଶନ ସୁଗଠିତ ବପୁ । ବହୁକାଳ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍ ରୂପେ ଚାକିରି ଜୀବନ କଟାଇଚନ୍ତି । ସେତେବେଳେ ବିଚାର ଅଦାଲତ-ମାନଙ୍କରେ ଏକ୍‌ଜିକ୍ୟୁଟିଭ୍ ଠାରୁ ଜୁଡ଼ିସିୟାଲ୍ ପୃଥକ୍ ହୋଇ ନ ଥିଲା । କୁହାଯାଉଥିଲା ଏଇ ଯଦୁବାବୁଙ୍କ ରାୟରେ ପାଣି ଗଳେନାହିଁ । ଏଇ 'ପାଣିଗଳେ ନାହିଁ'ର ଅର୍ଥ ହେଲା ସେ ମକଦ୍ଦମାର ଯେଉଁ ରାୟ ଦେଉଥିଲେ, ତାହା କୌଣସି ଉପର ଅଦାଲତରେ ସହଜରେ ଖାରଜ ହେଉ ନ ଥିଲା । ଯଦୁବାବୁ ଆସି ଜଏନ୍ କଲେ । ଆମ ଅଫିସ୍ ପରମ୍ପରା ପରି ଯଦୁବାବୁଙ୍କର ମଧ୍ୟ ଏକ ପରମ୍ପରା ଥିଲା । ଏଇ ପରମ୍ପରାଟି ହେଲା, ସେ ଯେତେବେଳେ ଯେଉଁ ବିଭାଗ ବା ଅଫିସ୍‌ରେ କାର୍ଯ୍ୟଭାର ଗ୍ରହଣ କରିଚନ୍ତି, ସେଠି ବଳିଷ୍ଠ କର୍ମନିପୁଣତା ସହ ପ୍ରାୟ ନାଟକ ଅଭିନୀତ କରାଇଥାନ୍ତି । ଏହାଦ୍ୱାରା ମଣିକାଞ୍ଚନର ସଂଯୋଗ ଘଟିଲା ବୋଲି ଆମେ ଆମ ଅଫିସ୍‌ର କର୍ମଚାରୀବୃନ୍ଦ ଉତ୍‌ଫୁଲ୍ଲ ହୋଇଉଠିଲୁ । ଯଥାସମୟରେ ଆମ ରିକ୍ରିଏସନ୍ କ୍ଲବ୍ ଦ୍ୱାରା ଗୋଟିଏ ନାଟକ ଅଭିନୀତ ହେବାର ସ୍ଥିରୀକୃତ ହେଲା । ନାଟକଟିର ନାମ ହେଲା, 'ଯମୁନାର ବିଚାର' । ସାମାଜିକ ନାଟକ । ନାଟକର ମୁଖ୍ୟ ଚରିତ୍ର ମାନେ ହେଲେ ନାୟିକା-ଯମୁନା, ନାୟକ-ସରୋଜ, ସହନାୟିକା ସରଳା ଓ ଆଉ ଏକ ବିଶିଷ୍ଟ ଚରିତ୍ର—ଡକ୍ଟର ଦାସ୍ । ନାଟକର ଶେଷ ଦୃଶ୍ୟଟି ହେଲା ଏକ ବିଚାରାଳୟ ବା ଜଜ୍‌କୋର୍ଟ୍ । ନାଟକରେ ବିଭିନ୍ନ ଭୂମିକାରେ ଆମ ଅଫିସ୍‌ର କର୍ମଚାରୀମାନେ ନିଜ ନିଜର ଦକ୍ଷତା ଅନୁସାରେ ଅଭିନୟ କରିବା ପାଇଁ ନିର୍ବାଚିତ ହେଲୁ । ତେବେ ନାୟକ ଭୂମିକାରେ ମୁଁ ଅଭିନୟ କରୁଥାଏ । କିନ୍ତୁ ଏ ନାଟକ

ଅଭିନୟରେ ସବୁଠୁ ବଡ଼ ଆକର୍ଷଣ ହେଲ—ନାଟକର ଅନ୍ତିମ ଦୃଶ୍ୟ ଅର୍ଥାତ୍ ବିଗୁରାଳୟ ଦୃଶ୍ୟରେ ଜଜ୍‌ସାହେବଙ୍କ ଭୂମିକା । ଏ ଭୂମିକାଟିକୁ ମଣ୍ଡିତ କରିଥିଲେ ଓଡ଼ିଶା ସରକାରଙ୍କ ଦକ୍ଷ ବିଚାର ବିଭାଗ ମାଜିଷ୍ଟ୍ରେଟ୍ ତଥା ଉପସ୍ଥିତ ଆମ ଅଫିସ୍‌ର ସ୍ପେଶାଲ୍ ଅଫିସର୍ ବା କର୍ମକର୍ତ୍ତା ସେଇ ଯଦୁନାଥ ମହାପାତ୍ର । ହଁ, ଏ ଗଳ୍ପଟିର ଗତି, ପ୍ରକୃତି ଓ ପରିଣତି କହିଦେବ ଯେ, ଏହା ହେଉଚି ଚତୁର୍ଥ ଦଶକ ଆଦ୍ୟ କାଳର ଘଟଣା ।

ନାଟକର ସଂକ୍ଷିପ୍ତ ଗଳ୍ପାଂଶ ହେଲ—ନାୟକ ସରୋଜ ଆଉ ନାୟିକା ଯମୁନା ହେଉଚନ୍ତି ତତ୍କାଳୀନ ସମାଜର ଉଚ୍ଚଶିକ୍ଷିତ ତରୁଣ ତରୁଣୀ । ଦୁହେଁ ପରସ୍ପର ପ୍ରତି ନିବିଡ଼ ପ୍ରେମାସକ୍ତ । ସରଳା ହେଉଚି ଯମୁନାର ବାନ୍ଧବୀ । କେଉଁ ଅଜଣା ସୂତ୍ରରୁ କେଜାଣି ଯମୁନା ମନରେ ଏକ ସନ୍ଦେହ ଜାଗ୍ରତ କରାଯାଇଥିଲା ଯେ, ସରୋଜ ସହିତ ତା'ର ପ୍ରେମ ବ୍ୟାପାରରେ ସରଳା ହେଉଚି ତା'ର ପ୍ରତିଦ୍ୱନ୍ଦୀ । ଦିନେ ଯମୁନାର ଗୃହରେ ଏକ ବନ୍ଧୁମିଳନରେ ଯମୁନା ସରଳା ହାତକୁ ଗୋଟିଏ ଗ୍ଲାସ୍ ମିଷ୍ଟ ପାନୀୟ ବଢ଼ାଇଦେଲ । ପାନୀୟ ଗ୍ଲାସ୍‌ଟି ପାନ କରିବାର ମାତ୍ର କିଛି ସମୟ ପରେ ସରଳାର ମୃତ୍ୟୁ ହେଲ । ଏଇ ଘଟଣାର ଯଥାବିଧି ଅନୁସନ୍ଧାନ ପରେ ଯମୁନା ହତ୍ୟା ଅପରାଧରେ ଅଭିଯୁକ୍ତା ହେଲ ଓ ଜଜ୍‌କୋର୍ଟରେ ତା'ର ବିଚାର ଚାଲିଲ ।

ରିହାର୍‌ସାଲ୍ ଆରମ୍ଭ ହେଲ । ରିହାର୍‌ସାଲ୍ ଦାୟିତ୍ୱରେ ରହିଲେ ଅନ୍ୟ ଏକ ଅଫିସର୍ କରୁଣାକରବାବୁ । ଭଦ୍ର, ଅମାୟିକ, କିନ୍ତୁ କର୍ମକ୍ଷେତ୍ରରେ ଦାୟିତ୍ୱ ସମ୍ପାଦନାରେ ସାମାନ୍ୟତମ ହେଲା କରିବେ ନାହିଁ । ଅପରାହ୍ଣ ସାଢ଼େ ପାଞ୍ଚଟାରେ ରିହାର୍‌ସାଲ୍ ଆରମ୍ଭ । କିନ୍ତୁ ଶ୍ରୀଯୁକ୍ତ କରୁଣାକରବାବୁ ଅନ୍ତତଃ ଦଶମିନଟ୍ ପୂର୍ବରୁ ଆସି ଉପସ୍ଥିତ ଥିବେ । ବର୍ତ୍ତମାନ ପରି ସେତେବେଳେ ଅଫିସ୍ କର୍ମଚାରୀ-ମାନେ ସହରରେ ସପରିବାର ରହୁ ନଥିଲେ । ସେତେବେଳେ କଟକରେ ବହୁ ସଂଖ୍ୟାରେ ମେସ୍ ଥିଲ ଓ ସେହିପରି ବହୁ ସଂଖ୍ୟାରେ ଅଫିସ୍ କର୍ମଚାରୀ ଏଇ ମେସ୍-ମାନଙ୍କରେ ରହୁଥିଲେ । ଆମ ନାଟକର ଅଭିନେତାମାନେ ପ୍ରାୟ ମେସ୍‌ରେ ରହୁଥିବାରୁ—'ଟିକିଏ କାମଅଛି' ବାହାନାରେ ପ୍ରିୟଜନମାନଙ୍କ ସାନ୍ନିଧ୍ୟ ଲଭ ପାଇଁ ଅଫିସ୍ ପରେ ବସାକୁ ଯାଇ ସେଠି କିଛି ସମୟ କଟାଇ ରିହାର୍‌ସାଲ୍‌କୁ ଡେରିରେ ଆସିବାର ଅବକାଶ ରହିଲ ନାହିଁ । ···ପ୍ରାୟ ସବୁ ସୌଖୀନ ନାଟ୍ୟ ସଂସ୍ଥାର ରିହାର୍‌ସାଲ୍ ଆଦିରେ ଅବ୍ୟବସ୍ଥା ଦେଖାଦିଏ । କିନ୍ତୁ ଆମର ଏ ରିହାର୍‌ସାଲ୍ ବେଶ୍ ନିୟମିତ ଭାବେ ଚାଲିଥାଏ । ସବୁଠୁ ବେଶି ଲକ୍ଷ୍ୟ କରିବାର କଥା ହେଲ ସ୍ୱୟଂ ଯଦୁବାବୁଙ୍କ ଉତ୍ସାହ ଓ ଆଗ୍ରହ । କର୍ମକ୍ଷେତ୍ରରେ ଅତି ନିଷ୍ଠାପର ଓ ଅତି

ଉଚ୍ଚ ସରକାରୀ ପଦବୀରେ ଆସୀନ ଏଇ ପୁରୁଷଟିର ରୂପ ଆମ ରିହାର୍ସାଲ୍ ଚାଲିଥିବା ସମୟରେ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ହସ ହସ ମୁହଁ, ପାଟିରେ ପାନ ଭର୍ତ୍ତି । ଉତ୍ସାହର ସୀମା ଏତେ ଅଧିକ ଯେ ଚୌକିରେ ସ୍ଥିର ହୋଇ ବସିରହି ପାରନ୍ତି ନାହିଁ । କାହାକୁ ସାବାସ୍ ସାବାସ୍ କହି, କାହା ପିଠି ଆପୁଡ଼େଇ ଦେଇ କାହାର ଯଦି ପାଣି ଗ୍ଲାସ୍ ଦରକାର, ସେଥିପାଇଁ ନିୟୋଜିତ ଲୋକଟିକୁ ଚେତେଇ ଦେଇ ସେ ରିହାର୍ସାଲ୍ ପରିବେଶକୁ ସରଗରମ କରି ରଖିଥା'ନ୍ତି । ଥରେ ମୁଁ ପାନ ଖଣ୍ଡିଏ ଖୋଜି ହେଉଥିଲି ବେଳେ ସେ ତାଙ୍କ ରୂପା ଡବାଟି ଖୋଲି ପାନ ଖଣ୍ଡିଏ ମୋ ହାତରେ ଗୁଞ୍ଜିଦେଲେ । ଏଥିରେ ମୁଁ ବିଚଳିତ ହେଲି କି ବିହ୍ୱଳିତ ହେଲି କହିପାରୁନି, ମାତ୍ର ମୋର ସମ୍ପୂର୍ଣ୍ଣ ମୁଖସ୍ଥ ଥିବା ଡାଏଲଗ୍ଟିକୁ ମୁଁ ଭୁଲ୍ଭାଲ୍ କରି କହିପକାଇଲି । ଅନ୍ତିମ ରିହାର୍ସାଲ୍ ଦିନ ଦେଖାଗଲା ଯେ, ଏକ ସଫଳ ନାଟକ ପ୍ରଦର୍ଶନ ପାଇଁ ଆମେ ସବୁଦିଗରୁ ପ୍ରସ୍ତୁତ ହୋଇପାରିଛୁ । ସେଦିନ ରିହାର୍ସାଲ୍ ଶେଷରେ ଯଦୁବାବୁ ହାତଯୋଡ଼ି ମୁଦ୍ରିତ ନୟନରେ ଭଗବାନଙ୍କୁ ସଭକ୍ତି କୃତଜ୍ଞତା ଜ୍ଞାପନ କରିଥିଲେ ।

ନାଟକ ଅଭିନୟ ପ୍ରଦର୍ଶନ ରାତି । ସୁବୃହତ ପ୍ରେକ୍ଷାଳୟ—ସୁସଜ୍ଜିତ ମଞ୍ଚ । ଅଭିନୟ ଆରମ୍ଭ ସନ୍ଧ୍ୟା ସାତଟା ପ୍ରାୟ ପାଞ୍ଚଟାବେଳୁ ରୂପସଜ୍ଜା ବା ପେଣ୍ଟିଙ୍ଗ୍ ଆରମ୍ଭ ହୋଇଗଲା । କଲିକତାର ଦୁଇଜଣ ରୂପ-ସଜ୍ଜାକାର କିଛି ଅନ୍ୟ କାମରେ କଟକ ଆସିଥାନ୍ତି । ସେହିମାନେ ହିଁ ଆମ୍ଭମାନଙ୍କର ରୂପ-ସଜ୍ଜାର ଦାୟିତ୍ୱ ନେଲେ । ଯଦୁବାବୁ ତ ନାଟକର ଜଜ୍ ଭୂମିକାଟି ଗ୍ରହଣ କରିଛନ୍ତି । ନାଟକର ଅବଧି ପ୍ରାୟ ସାଢ଼େ ତିନି ଘଣ୍ଟା । ଜଜ୍ ଭୂମିକାରେ ଯଦୁବାବୁଙ୍କର ମଞ୍ଚ-ପ୍ରବେଶ ନାଟକର ଶେଷ ଦୃଶ୍ୟରେ । ଏହି ଦୃଷ୍ଟିରୁ ତାଙ୍କର ରୂପସଜ୍ଜା ବିଳମ୍ବରେ ହେବାର କଥା । କିନ୍ତୁ ଏଠି ଏ ପର୍ଯ୍ୟନ୍ତ ସବୁ ବ୍ୟବସ୍ଥା ଅତି ସୁଚାରୁ ରୂପେ ପରିଚାଳିତ ହେଉଥିବାରୁ ତାଙ୍କର ଆଗ୍ରହ ଏତେ ବୃଦ୍ଧିପାଇଲା ଯେ, ସେ ଆଉ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ । ସେ ସଙ୍ଗେ ସଙ୍ଗେ ପେଣ୍ଟିଙ୍ଗ୍ ହେବାକୁ ଚାହିଁଲେ । ତାଙ୍କ ଆଗ୍ରହ ଓ ଉତ୍ସାହ ଦେଖି ଆମେ ଏଥିରେ କେହି ବାଧା ଦେଲୁ ନାହିଁ । ଗ୍ରୀନ୍ ରୁମ୍ରେ ଗରମ ହେଉଥାଏ । ଦୁଇଜଣ ଲୋକ ହାତରେ ଦୁଇଟି ପଙ୍ଖା ଧରି ବ୍ୟଜନ କଲେ । ଦୁଇଜଣ ରୂପ-ସଜ୍ଜାକାର ମଧ୍ୟରୁ ଜଣେ କେବଳ ଯଦୁବାବୁଙ୍କ ଦାୟିତ୍ୱ ନେଲେ । ଅବଶ୍ୟ ଜଜ୍ ଭୂମିକା ପାଇଁ ମେକ୍ଅପ୍ ଓ ସାଜସଜ୍ଜା ନିଶ୍ଚୟ କିଛିଟା ସମୟ-ସାପେକ୍ଷ ।

ସାତଟା ବାଜିଲା । ପରିପୂର୍ଣ୍ଣ ପ୍ରେକ୍ଷାଳୟ । କଟକ ସହରର ବହୁ ବିଶିଷ୍ଟ ଭଦ୍ରବ୍ୟକ୍ତି, ଭଦ୍ରମହିଳା, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଭୃତିଙ୍କ ସହିତ ଦୁଇଟି ବିଖ୍ୟାତ ଇଂରାଜୀ ଦୈନିକ ପତ୍ରିକା 'ହିନ୍ଦୁ' ଓ 'ଷ୍ଟେଟ୍ସ୍ମ୍ୟାନ୍' ତଥା ସ୍ଥାନୀୟ

ପତ୍ରପତ୍ରିକାମାନଙ୍କର ପ୍ରତିନିଧି ଉପସ୍ଥିତ ଥା'ନ୍ତି । ଚତୁର୍ଥ ଦଶକ ପ୍ରଥମ ପାଦର କାହାଣୀ ଇଏ । ସେବେଳର ଥିଏଟର ଗାଇଡ୍ ଲାଇନ୍ ବା ମଞ୍ଚ-ପ୍ରଥା ଅନୁଯାୟୀ ପ୍ରେକ୍ଷାଳୟ କକ୍ଷ ବହିର୍ଭାଗରେ ସଚେତନ ଘଣ୍ଟି ବାଜିଲା । ଯେଉଁ ଦର୍ଶକମାନେ ବାହାରେ ଥିଲେ, ସେମାନେ ତରବରରେ ପ୍ରେକ୍ଷାଳୟ ଭିତରକୁ ଚାଲିଆସି ସ୍ୱ ସ୍ୱ ସ୍ଥାନରେ ଆସୀନ ହେଲେ । ···ଏଇ ସଚେତକ ଘଣ୍ଟି ! ଏହାର ମଧ୍ୟ ମହାତ୍ମ୍ୟ ଅଛି । ଦେଖାଯାଇଛି, ଜଣେ ଦର୍ଶକ ଚା' ଦୋକାନରେ ଚା' କପ୍‌ଟିକୁ ଓଠ ପାଖକୁ ମାତ୍ର ନେଇଛନ୍ତି, ଘଣ୍ଟି ବାଜିଲା । ଭଦ୍ରଲୋକ ଚମକି ଉଠି, ଓଠ ପାଖରେ ଚା' କପ୍ ରଖି, ଚା' ଯୋଡ଼କାକୁ ପାଟିକୁ ନେଇ ଯେତେ ପାରନ୍ତି ସାବଧାନରେ ପାହୁଣ୍ଡ ପକାଇ ହଲ୍‌ଆଡ଼କୁ ଚାଲିଲେ । ସେ ଚା' ଯୋଡ଼କେଇ ଯୋଡ଼କେଇ ଚାଲିଥା'ନ୍ତି, ତାଙ୍କ ପଛେ ପଛେ ଚା' ଦୋକାନର ପିଲାଟି ଚାଲିଥାଏ । ହଲ୍ ପାହାଚ ଉପରକୁ ଉଠି, ଏକ ଯୋଡ଼କାରେ ବାକିତକ ଚା' ଉଦରସ୍ଥ କରି, ପଛକୁ ଫେରି ନ ଚାହିଁ, କେବଳ ହାତ ପଛକୁ କରି ଚା' ଦୋକାନୀ ପିଲାଟି ହାତରେ କପ୍ ଓ ପଇସା ଧରାଇ ଦେଇ ହଲ୍ ଭିତରକୁ ପଶିଗଲେ । କଥା ହେଲା, ଏଇ ଘଣ୍ଟି ବାଜିବାର କେଇ ମିନଟ୍ ପରେ ନାଟକ ଆରମ୍ଭ ହୁଏ । ସେଥିପାଇଁ ଦର୍ଶକ ନାଟକ ଆରମ୍ଭ ପୂର୍ବରୁ ନିଜ ନିଜ ଆସନରେ ସ୍ଥିର ନିଶ୍ଚିନ୍ତ ହୋଇ ବସି ନାଟକର ରସ ଆସ୍ୱାଦନ ଲାଭ କରିବା ପାଇଁ ମାନସିକ ପ୍ରସ୍ତୁତି କରି ନେଇଥା'ନ୍ତି ।

ହୁଇସିଲ୍ । ଘଣ୍ଟି ବାଜିବାରେ ଯଦି ମାହାତ୍ମ୍ୟ ଅଛି, ତେବେ ନାଟକର ଆରମ୍ଭ ଠିକ୍ ପୂର୍ବରୁ ଯେଉଁ ହୁଇସିଲ ବାଜେ ଓ ସେ ସଙ୍ଗେ ସଙ୍ଗେ ପ୍ରେକ୍ଷାଳୟ ଅନ୍ଧକାର ହୋଇଯାଏ, ସେଥିରେ ମଧ୍ୟ ଚମକ ଅଛି । ହୁଇସିଲ୍‌ର ତୀବ୍ର ସ୍ୱର ଶୁଣି ଦର୍ଶକର ଆଖି କେଇ ମୁହୂର୍ତ୍ତ ପାଇଁ ବନ୍ଦ ହୋଇଯାଏ । ପୁଣି ଆଖି ଖୋଲିଲା ବେଳକୁ ସେ ହୁଏତ ଦେଖେ ସୁସଜ୍ଜିତ ମଞ୍ଚରେ କେହି ଜଣେ କାଉଚ ଉପରେ ଖୋଲା ଖବରକାଗଜଟିକୁ ଟେକାଧରି ବସିଛନ୍ତି । ଗୋଡ଼ ଦୁଇଟି ସାମ୍ନା ସେଣ୍ଟର୍ ଟେବୁଲ ଉପରେ ରଖା ହୋଇଛି । ଦର୍ଶକ ତାଙ୍କ ମୁହଁ ଦେଖିପାରୁ ନାହାନ୍ତି । କିଛିକ୍ଷଣ ପରେ ମଞ୍ଚକୁ ପ୍ରବେଶ କଲେ ଜଣେ ତରୁଣୀ । "ଆଜି କ'ଣ ତମ ଖବରକାଗଜ ପଢ଼ା ସରିବ ନାହିଁକି ?" —ଏଇ ଡାଇଲଗ୍‌ଟି କହି ଖବରକାଗଜଟି କାଢ଼ିନେଲେ—ଦେଖିଲେ ତରୁଣ ସ୍ୱାମୀ ତାଙ୍କର ଆଖିବୁଜି ବସିଛନ୍ତି । "ଆରେ ତମେ କ'ଣ ଶୋଇପଡ଼ିଲଣି" କହି ସ୍ୱାମୀଙ୍କୁ ଟିକିଏ ହଲାଇ ଦେଲାବେଳକୁ ତାଙ୍କ ମୃତ ଦେହଟି କାଉଚ ଉପରେ ଢଳି ପଡ଼ିଲା । ନାଟକ ଆରମ୍ଭରେ ହିଁ ଚମକ । ପ୍ରେକ୍ଷାଳୟରେ ମୃଦୁ ଗୁଞ୍ଜରଣ ।

ସେଦିନ ସଠିକ୍ ଲଗ୍ନରେ ଆମ "ଯମୁନାର ବାସ୍ତୁର" ନାଟକ ଅଭିନୟର ହୁଇସିଲ୍ ବାଜିଲା । ପୂର୍ବରୁ କୁହା ହୋଇଚ ଏହା ଉଣେଇଶିଶହ ଚାଳିଶି

ଏନଗ୍ରୁଳିଣି ମସିହାର କଥା । ସେ ସମୟରେ ନାଟ୍ୟମଞ୍ଚ ପ୍ରଥା ଅନୁଯାୟୀ ହୁଇସିଲ୍ ବାଜଣା ସଙ୍ଗେ ସଙ୍ଗେ ସ୍କ୍ରିନ୍ ଦୁଇ ପାଖକୁ ଅପସରି ଗଲା । ତା'ପରେ ପରେ ସୁଦୃଶ୍ୟ ଡ୍ରପ୍‌ସିନ୍‌ଟି ନିଃଶବ୍ଦରେ ଉପରକୁ ଉଠିଗଲା ।

ସେଦିନ ଆମ ନାଟକର ଦୃଶ୍ୟ ସଜ୍ଜା ବାସ୍ତବରେ ଅତି ସୁନ୍ଦର ହୋଇଥିଲା । ନାଟକ ଚାଲିଚି । ଯଦୁବାବୁଙ୍କର ମେକ୍‌ଅପ୍ ଶେଷ ହୋଇ ଯାଇଥାଏ । ତାଙ୍କର ମଞ୍ଚ ପ୍ରବେଶ ପ୍ରାୟ ଆଉ ଅଢ଼େଇ ଘଣ୍ଟା ପରେ । ସିଏ କିନ୍ତୁ ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହିପାରୁ ନଥାନ୍ତି । ପ୍ରେକ୍ଷାଳୟରୁ ଦର୍ଶକମାନଙ୍କର ହର୍ଷଧ୍ୱନି ବା ତାଳି ଭାସି ଆସିଲେ ସିଏ ଏ ପାଖରେ ନାଚି ଉଠୁଥାନ୍ତି । ପୁଣି ସେ ନିଜର ଗୋଟିଏ ଚର ନିଯୁକ୍ତ କରିଥାନ୍ତି । ସେ ଚରଟି ପ୍ରେକ୍ଷାଳୟରୁ ଦର୍ଶକମାନଙ୍କର ଆନନ୍ଦସୂଚକ ପ୍ରତିକ୍ରିୟାର ଏକ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଆଣି ଯେତେବେଳେ ଯଦୁବାବୁଙ୍କୁ ଜଣାଇଲା, ସେ ମଞ୍ଚ ଭିତରେ ଯାହାକୁ ପାଇଲେ ତାକୁ କୁଣ୍ଢାଇ ପକେଇ ସ୍ନେହ, ଶ୍ରଦ୍ଧା, ପ୍ରେମ ଓ ଆଶୀର୍ବାଦ ଢାଳି ଦେଇଗଲେ । ଏଇପରି ଆନନ୍ଦ ଉଲ୍ଲାସମୟ ପରିବେଶ ଭିତରେ ଗତି କରି "ଯମୁନାର ବିଚାର" ନାଟକ ସେଇ ଅନ୍ତିମ ଦୃଶ୍ୟଟିରେ ପହଞ୍ଚିଲା, ଯାହାକୁ କେନ୍ଦ୍ର କରି ଏଇ କାହାଣୀଟିର ଅବତାରଣା କରାଯାଇଚି ।

ନାଟକର ଏଇ ଅନ୍ତିମ ଦୃଶ୍ୟଟି ହେଉଚି ଜଜ୍‌ସାହେବଙ୍କ କୋର୍ଟ ବା ବିଚାରାଳୟ । ଯେତେ ପର୍ଯ୍ୟବେକ୍ଷଣ ଦୃଷ୍ଟିରେ ଦେଖିଲେ ମଧ୍ୟ ସେଦିନ ରଙ୍ଗମଞ୍ଚରେ ଆମର ସେଇ କୋର୍ଟ ରୁମ୍‌ର ଦୃଶ୍ୟଟିର କଳ୍ପନା ଯେକୌଣସି ବାସ୍ତବ କୋର୍ଟର ଦୃଶ୍ୟଠାରୁ କୌଣସି ଦିଗରୁ ଊଣା ନୁହେଁ ବୋଲି ପ୍ରତୀୟମାନ ହେବ । ଯଥା-ସ୍ଥାନରେ ରହିଛି ଭାରତ ସମ୍ରାଟ ଷଷ୍ଠ ଜର୍ଜଙ୍କ ପ୍ରତିକୃତି । ମଞ୍ଚର ପୃଷ୍ଠଭୂମିରେ ଉଚ୍ଚ ଆସନରେ ବସିଚନ୍ତି ଜଜ୍‌ସାହେବ ଅର୍ଥାତ୍ ଯଦୁବାବୁ । ସୁଦୀର୍ଘ ସୁଠାମ ସୁଗୌର ବପୁମାନ ଯଦୁବାବୁ ଗାଉନ୍ ଆଉ ଉଇଗ୍ ପିନ୍ଧି ଜଜ୍ ଭୂମିକାରେ ଦର୍ଶକମାନଙ୍କର ସ୍ୱତଃ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ଯଥାସ୍ଥାନରେ ବସିଚନ୍ତି ଜଜ୍‌ଙ୍କ ବେଞ୍ଚ୍ କ୍ଲର୍କ । କାଠଗଡ଼ାରେ ଠିଆ ହୋଇଚି ହତ୍ୟା ଅପରାଧରେ ଅଭିଯୁକ୍ତା ସୁନ୍ଦରୀ ତରୁଣୀ ଆସାମୀ ଯମୁନା । ତା ବିରୋଧରେ ଅଭିଯୋଗ—ସେ ଗୋଟିଏ ଗ୍ଲାସ୍ ମିଷ୍ଟ ପାନୀୟ ସରଳା ହାତକୁ ବଢ଼ାଇ ଦେଇଚି ଓ ସରଳା ତାକୁ ପାନ କଲାପରେ ତା'ର ମୃତ୍ୟୁ ହୋଇଚି । ଏ ଘଟଣା ଯେଉଁମାନେ ଦେଖିଥିଲେ, ସେମାନେ ଯମୁନା ବିରୋଧରେ ସାକ୍ଷ୍ୟ ଦେଇଚନ୍ତି । ତା ବିରୋଧରେ ଆସିଥିବା ହତ୍ୟା ଅଭିଯୋଗ ପ୍ରାୟ ପ୍ରମାଣିତ ହୋଇଯାଇଚି । ହୁଏତ ତାକୁ ଫାଶୀଦଣ୍ଡ ଦିଆଯାଇପାରେ । ପୂର୍ବ ଦୃଶ୍ୟମାନଙ୍କରେ ମକଦ୍ଦମାର ପ୍ରାରମ୍ଭିକ ବିଚାର ଶେଷ ହୋଇଯାଇଚି । ନାଟକର

ଏ ଅନ୍ତିମ ଦୃଶ୍ୟରେ ଜୁରୀମାନେ ସେମାନଙ୍କର ପରାମର୍ଶ ଜଜ୍‌ଙ୍କୁ ଦେବେ ଓ ଜଜ୍ ମକଦ୍ଦମାର ରାୟ ଶୁଣାଇବେ । ଦର୍ଶକମଣ୍ଡଳୀକୁ ଦେଖିଲେ ଜଣାଯାଏ, ସେମାନେ ଯେମିତି ମନେ ମନେ ଯାଉ ହଉଚନ୍ତି—ଆହା, ଏଡ଼େ ସୁନ୍ଦର ଝିଅଟାକୁ ଫାଶୀ ହୋଇଯିବ ! ମଞ୍ଚର ଅଗ୍ରଭାଗରେ ଗୋଟିଏ ପାଖରେ ବସିଚନ୍ତି ସରକାରୀ ଓକିଲ ଓ ତାଙ୍କର ସହଯୋଗୀ, ଅନ୍ୟ ପାଖରେ ବସିଚନ୍ତି ପ୍ରତିବାଦୀ ଯମୁନା ପକ୍ଷର ଓକିଲ ଓ ତାଙ୍କ ପାଖରେ ବସିଚି ଯମୁନାର ପ୍ରଣୟ-ପ୍ରାର୍ଥୀ ନାଟକର ନାୟକ ସରୋଜ, ଅର୍ଥାତ୍ ମୁଁ । ଏସବୁ ସତ୍ତ୍ୱେ ଆସାମୀର କାଠଗଡ଼ାରେ ଯମୁନା ନିର୍ବିକାର ଭାବେ ଠିଆହେଇଚି, ଯେପରି କି ସରଳାର ହତ୍ୟା ପାଇଁ ତା ନାମରେ ମିଥ୍ୟା ଅଭିଯୋଗ ହିଁ ଅଣାଯାଇଚି ।

ବର୍ତ୍ତମାନ ସେଇ ଚରମ ମୁହୂର୍ତ୍ତ ଉପସ୍ଥିତ । ଭିତର କକ୍ଷରେ ନିଜ ନିଜ ଭିତରେ ବିଚାର ଆଲୋଚନା ଶେଷ କରି ଜୁରୀର ମାନ୍ୟବର ସଭ୍ୟମାନେ କୋର୍ଟ ଭିତରକୁ ଆସିଲେ । ଜଜ୍‌ଙ୍କ ନିର୍ଦ୍ଦେଶ ମତେ ଜୁରୀର ମୁଖ୍ୟ ଆସନରୁ ଉଠି ଠିଆ ହେଲେ । ସେ ବର୍ତ୍ତମାନ ତାଙ୍କର ନିଷ୍ପତ୍ତି ଜଜ୍‌ଙ୍କୁ ଜଣାଇବେ ଓ ଜଜ୍‌ସାହେବ ତିନିଶହ ଦୁଇ ଦଫାର ସରଳା ହତ୍ୟା ମକଦ୍ଦମାର ରାୟ ଶୁଣାଇବେ । ମଞ୍ଚଠୁ ପ୍ରେକ୍ଷାଳୟ ପର୍ଯ୍ୟନ୍ତ ସବୁଠି ଏକ ଭୀତପ୍ରଦ ନୀରବତା । ଜୁରୀର ମୁଖ୍ୟ ତାଙ୍କ ସଂଳାପ କହିବାକୁ ଉଦ୍ୟତ ହେଉଛନ୍ତି, ହିଁ କି ସେକେଣ୍ଡରେ, 'ଯମୁନାର ବିଚାର' ନାଟକ ଭିତରେ ଯେପରି ଆଉ ଏକ ନାଟକ ଅଭିନୀତ ହୋଇଗଲା । ମଞ୍ଚ ଭିତରକୁ ଏକ ଝଡ଼ପରି ପଶିଆସିଲେ ଡକ୍ଟର ଦାସ ! ସେ ପୁଣି ତାଙ୍କ ସହକାରୀ ପରମାନନ୍ଦ ପରିଡ଼ା ଗଳାର ଟାଇ (Tie)କୁ ଭିଡ଼ି ଧରି ଟାଣି ଟାଣି ତାଙ୍କ ସହିତ ମଞ୍ଚକୁ ଆଣିଛନ୍ତି । ଜୁରୀର ମୁଖ୍ୟ ତୁଣ୍ଡ ଖୋଲିବା ପୂର୍ବରୁ ଡକ୍ଟର ଦାସ ତାଙ୍କ ସଂଳାପ ଆରମ୍ଭ କରିଦେଲେ—Hon'ble members of the Jury, for Heavens Sake, please do not pronounce your verdict ! ଏ କଥାରେ ଜୁରୀର ମୁଖ୍ୟ ତାଙ୍କ ଆସନରେ ବସିପଡ଼ିଲେ । ଏ ପାଖରେ ଡକ୍ଟର ଦାସ ଜଜ୍‌ଙ୍କ ଉଦ୍ଦେଶ୍ୟରେ କହିଲେ—ହଜୁର୍, ମତେ କିଛି କହିବାକୁ ଅନୁମତି ମିଳୁ । ···ଏ ଦୃଶ୍ୟ ଆରମ୍ଭରୁ ଏ ପର୍ଯ୍ୟନ୍ତ ନାଟକ ଠିକ୍ ଚାଲିଛି । ସ୍ୱୟଂ ଯଦୁବାବୁ ମଧ୍ୟ ଜଣେ ଜଜ୍‌ଙ୍କ ଥାଟ ପାଟ ସହ ଆସନରେ ବସି ଏପାଖ ସେପାଖକୁ ଗମ୍ଭୀରଭାବେ ଦୃଷ୍ଟିପାତ କରୁଛନ୍ତି । ତାଙ୍କର ଏ ଅଭିନୟରେ ଦର୍ଶକ ଓ ଅନ୍ୟମାନେ ଖୁସି । ···ଖୁସି ଯେ, ସିଏ କିନ୍ତୁ ସଂଳାପ କିଛି ନାହାନ୍ତି କାହିଁକି ? ଡକ୍ଟର ଦାସ ତାଙ୍କୁ ଯାହା କହିଲେ, ତା'ର ଉତ୍ତରରେ ସେ ଯେଉଁ ସଂଳାପଟି କହିବାର କଥା, ସେ ସଂଳାପଟିକୁ ନ କହି କେବଳ ଏଣିକି ତେଣିକି ଚାହୁଁଛନ୍ତି ।

ସମସ୍ତ ବଢିଯାଉଛି । ସିଏ କ'ଣ ତେବେ ସଂଳାପ ଭୁଲିଗଲେ ସଂଳାପ ଭୁଲିବା ତ ତାଙ୍କର ପୌନଃପୁନିକ ଘଟଣା ! କିନ୍ତୁ ଏ ନାଟକରେ ସଂଳାପ ଭୁଲିବାର ବାଟ ତାଙ୍କର ନାହିଁ । ସେ ଯେଉଁଠି ବସିଚନ୍ତି, ତାଙ୍କ ଆଖି ସାମନା ଟେବୁଲ ଉପରେ ତାଙ୍କ ସଂଳାପଗୁଡ଼ିକ ଲେଖା ହୋଇରହିଚି । ସେଠିକି କିନ୍ତୁ ତାଙ୍କ ଦୃଷ୍ଟି ପଡ଼ୁନାହିଁ । ତାଙ୍କ ବାଁ ପାଖରେ ଯେଉଁ ବେଞ୍ଚ୍-କ୍ଲର୍କଟି ବସିଛି, ତା ପାଖରେ ମଧ୍ୟ ତାଙ୍କ ସଂଳାପଗୁଡ଼ିକ ରହିଚି । ମୁଁ ଦେଖିଲି ବେଞ୍ଚ୍‌କ୍ଲର୍କ ଭୂମିକାରେ ଅଭିନୟ କରୁଥିବା ବଟରା ଦୁର୍ଯ୍ୟୋଧନ ତାଙ୍କ ଆଡ଼କୁ ଝୁଙ୍କିପଡ଼ି କ'ଣ କହିବାକୁ ଯାଉଥିଲା, ସେ ହାତ ହଲାଇ ତାକୁ ତୁନି କରାଇଦେଲେ । ଉଇଙ୍ଗ୍ସ କଡ଼ରୁ ସ୍ମାରକ ତ ବାରମ୍ବାର ତାଙ୍କୁ ପ୍ରମ୍ପ୍‌ଟିଙ୍ଗ୍ କରିଚାଲିଛି । କିନ୍ତୁ ତାଙ୍କ ପାଟି ବନ୍ଦ, ଏଣେ ପ୍ଲେ ବନ୍ଦ । ଦର୍ଶକମାନେ କେହି କିଛି ବୁଝିପାରୁ ନାହାନ୍ତି । ଡକ୍ଟର ଦାସ ଭୂମିକାରେ ଅଭିନୟ କରୁଥିବା ମୋର ବନ୍ଧୁ ନନ୍ଦ ଦାସ ପୁଣି ଥରେ କହିଲା—ମି ଲର୍ଡ଼, ମତେ କିଛି କହିବାକୁ ଅନୁମତି ମିଳୁ । ...ମି ଲର୍ଡ଼ ଅର୍ଥାତ୍ ଜଜ୍ ଭୂମିକାରେ ଯଦୁବାବୁ ବେଶ୍ ଦୃଢ଼ତାର ସହ କହିଲେ—'ନା!, ତୁମେ କିଛି କହିପାରିବ ନାହିଁ ।' ବାସ୍, ପାଠ ସରିଗଲା । ନାଟକର ଲେଖା ଅନୁସାରେ ଏଠି ଡକ୍ଟର ଦାସଙ୍କ ଡାଏଲଗ୍ 'ମତେ କିଛି କହିବାକୁ ଅନୁମତି ମିଳୁ'ର ଉତ୍ତରରେ ଜଜ୍ କହିବାର କଥା—'ଆଚ୍ଛା, କ'ଣ ତୁମେ କହୁଚ କୁହ ।' କିନ୍ତୁ ଏ ସଂଳାପଟିକୁ ସେ କହୁ ନାହାନ୍ତି । ତାଙ୍କୁ ଏ ଡାଏଲଗ୍ କଥା ଚେତାଇ ଦେବା ପାଇଁ ଉଇଙ୍ଗ୍ସ କଡ଼ରୁ କେହି କେହି ହାତ ଠାରି ଇଙ୍ଗିତରେ ଜଣାଉଛନ୍ତି ଯେ, ଡାଏଲଗ୍ କାଗଜ ଟେବୁଲ୍ ଉପରେ ଥୁଆ ହୋଇଚି, ସେ ଦେଖନ୍ତୁ । ବେଞ୍ଚ୍‌କ୍ଲର୍କ ତରି ତରି ତା ପାଖରେ ଥିବା ଡାଏଲଗ୍-କାଗଜଟିକୁ ଟେବୁଲ୍ ଉପରେ ରଖିଲା; କିନ୍ତୁ ଯଦୁବାବୁ ସଙ୍ଗେ ସଙ୍ଗେ ସେ କାଗଜକୁ ଟେବୁଲ୍ ଉପରେ ଥିବା ଗୋଟିଏ ମୋଟା ଆଇନ୍ ବହି ତଳେ ଚାପା ଦେଇ ରଖିଦେଲେ । ସ୍ମାରକ ପ୍ରତି ସେକେଣ୍ଡକୁ ସେକେଣ୍ଡ ପ୍ରମ୍ପ୍‌ଟିଙ୍ଗ୍ କରି କରି ତା ପାଟି ଆଉ ପାଟି ହୋଇ ନାହିଁ, ଗୋଟିଏ ଜାଗାରେ ଘେର ଖାଉଥିବା ଗୋଟାଏ ଗ୍ରାମଫୋନ୍ ରେକର୍ଡ଼ ହୋଇଗଲାଣି । କିନ୍ତୁ ଯଦାବସ୍ଥ ପରି ଯଦୁବାବୁଙ୍କର ଏଥିପ୍ରତି ଟିକିଏ ନଜର ନାହିଁ । ସେ କେବଳ ଆସନ ଉପରେ ବେଶ୍ ଜମେଇ କରି ବସି ଏଣିକି ତେଣିକି ଦୃଷ୍ଟିପାତ କରୁଛନ୍ତି, ଅଥଚ ତାଙ୍କର ପ୍ରକୃତ ସଂଳାପ—'ଆଚ୍ଛା, କ'ଣ ତୁମେ କହୁଚ କୁହ'—ଏଇଟିକୁ ନ କହିଲେ ନାଟକ ଆଗକୁ ଗତି କରିପାରିବ ନାହିଁ । ଏପାଖରେ ଡକ୍ଟର ଦାସ ଭୂମିକାରେ ନନ୍ଦ ଦାସ ଅତି ବ୍ୟାକୁଳରେ ମୋ ଆଡ଼େ ଚାହିଁ ରହିଚି । ମୁଁ ତାକୁ ଟିକିଏ ଆଖି ମାରିଦେଲି । ସେ ତା'ର ସଂଳାପଟିକୁ ଆଉ ଥରେ କହିବାକୁ ପାଟି ଆଁ କଲାବେଳକୁ ଯଦୁବାବୁ ମାଡ଼ିବସି କହିଲେ—'ନୋ, ତୁମେ କିଛି କହିପାରିବ ନାହିଁ !!'

ପ୍ରେକ୍ଷାଳୟରୁ ହର୍ଷଧ୍ୱନି ସହ ତାଳି ବାଜିଲା । ଦର୍ଶକମାନେ ଧରିନେଲେ ଯେ ପ୍ଲେ ଠିକ୍ ଚାଲିଚି । ଏଥିରେ ଯଦୁବାବୁଙ୍କ ମୁଖମଣ୍ଡଳରେ ଆତ୍ମସନ୍ତୋଷର ରେଖା ସୁସ୍ପଷ୍ଟ । କାରଣ ସେ କ୍ଲାପିଙ୍ଗ୍ ପାଇଲେଣି । ···ଏଇଠି ମୋର ଚୈତନ୍ୟ ଉଦୟ ହେଲା । ମୁଁ ବୁଝିନେଲି ଯେ, ଯଦୁବାବୁଙ୍କ ଆତ୍ମା ଓ ଶରୀର ଉଭୟର transformation (ଟ୍ରାନସଫର୍ମେଶନ୍) ହେଲାଣି । ତାଙ୍କୁ କଟକ କଲେକ୍ଟରେଟ୍ ହତା କୋର୍ଟ୍ ରୁମ୍‌ର ପ୍ରଥମ ଶ୍ରେଣୀ ସୁଦକ୍ଷ ବରିଷ୍ଠ ମାଜିଷ୍ଟ୍ରେଟ ଯଦୁନାଥ ମହାପାତ୍ରଙ୍କ ଡାହାଣୀ ଗ୍ରାସ କଲାଣି । ଡାହାଣୀକୁ ଯେତେ ବୁଝେଇ ସୁଝେଇ କହିବ, ତୁ ଏମିତି ହ'ନା, ତୁ ପରା ଅମୁକ ଲୋକର ବୋହୂ, ସିଏ ସେତେ ହାତ ଗୋଡ଼ ଛାଟି କହିବ—ନା, ସିଏ ଅମୁକ ଲୋକର ଝିଅ । ଡାହାଣୀ ଦ୍ୱାରା ଆକ୍ରାନ୍ତ ହୋଇ ଉପସ୍ଥିତ ଥିଏଟର ପରିବେଶକୁ ଯଦୁବାବୁ ସମ୍ପୂର୍ଣ୍ଣ ଭୁଲିଗଲେଣି । ତାଙ୍କ ମନରେ ଦୃଢ଼ ଧାରଣା ହେଲାଣି ଯେ, କଚେରି ହତାର ଗୋଟିଏ କୋର୍ଟ୍ ରୁମ୍‌ରେ ଏ ବିଚାର ଚାଲିଛି—ଏଇଟା ଗୋଟିଏ କୋର୍ଟରୁମ୍ । ଡାକ୍ତର ଦାସ ଏଠି ଗୋଟାଏ ଅବାଞ୍ଛିତ ବ୍ୟକ୍ତି—ଗୋଟିଏ Tress passer ! ସେଥିପାଇଁ ଜଣେ ଦୃଢ଼ ବିଚାରପତି ଭାବେ ସେ ତାଙ୍କୁ କହୁଚନ୍ତି—"ନା, ତୁମେ ଏଠି କିଛି କହିପାରିବ ନାହିଁ ।" ଅବଶ୍ୟ ଦର୍ଶକମାନେ ଏହାକୁ ନାଟକର ଏକ ଅଂଶ ବୋଲି ଗ୍ରହଣ କରିନେଲେଣି । କିନ୍ତୁ ଏମିତି ଚାଲିଲେ ନାଟକ ଯେ ଏଇ ଗୋଟିଏ ପରିଣ୍ଡରେ ଅଟକି ରହିବ । କ'ଣ କରାଯାଇପାରେ ? ଯଦୁବାବୁଙ୍କୁ ଚାହିଁଲି—ନ୍ୟାୟମୂର୍ତ୍ତି-ଉଚିତ ଗମ୍ଭୀର ଭାବ । ମଞ୍ଚରେ ଅନ୍ୟ ଯେଉଁମାନେ ଅଛନ୍ତି, ସେମାନଙ୍କ ମୁହଁ ଶୁଖିଯାଇଚି । ଯେଉଁମାନେ ଅନ୍ତରାଳରେ ଅଛନ୍ତି, ସେମାନଙ୍କ ଭିତରେ ଫୁସ୍‌ଫାସ ଚାଲିଚି । ମୋ' ମନରେ ଗୋଟିଏ ଖିଆଲ୍ ଜାଗିଲା । ମଞ୍ଚରେ ମୋ ପାଖରେ ବସିଚି କୁଳମଣି, ଆମ ପକ୍ଷ ଅର୍ଥାତ ପ୍ରତିବାଦୀ ପକ୍ଷର ଓକିଲ । ତା' କାନରେ ମୁଁ କହିଲି—ତୁ ଜଜ୍‌ଙ୍କୁ ଅନୁରୋଧ କର, ସେ ଡକ୍ଟର ଦାସଙ୍କୁ କିଛି କହିବା ପାଇଁ ଅନୁମତି ଦିଅନ୍ତୁ । ···କୋର୍ଟମାନଙ୍କରେ ଏଇଟା ଗୋଟାଏ କନ୍‌ଭେନସନ୍ । ବାର୍ ଯେମିତି ବେଞ୍ଚଙ୍କୁ ସମ୍ମାନ ପ୍ରଦର୍ଶନ କରେ, ବେଞ୍ଚ୍ ସେମିତି ବାର୍‌ର ମର୍ଯ୍ୟାଦା ରକ୍ଷା କରନ୍ତି । କୁଳମଣି ଖୁବ୍ ଆଟରେ ଉଠି ଠିଆହେଲା । ତା' ଉପରେ ଆଖି ପଡ଼ିଲା ମାତ୍ରକେ, ଜଜ୍ କହିଲେ—କଣ, ଆପଣଙ୍କର କଣ ? ···ଉତ୍ତରରେ ପ୍ରତିବାଦୀ ପକ୍ଷ ଓକିଲ ବା ଡିଫେନ୍‌ସ କାଉନ୍‌ସେଲ ଜଣାଇଲେ—ଇଓର ଅନର ତାଙ୍କୁ କିଛି କହିବା ପାଇଁ ଅନୁମତି ଦିଆଯାଉ । ···ଏଇଠି ଯଦୁବାବୁ ଟିକଏ ରହିଗଲେ । ତା' ପରେ ଝାଡ଼ଝୁଡ଼ି ହୋଇ ଏପାଖ ସେପାଖ ଚାହିଁଲେ । ଟେବୁଲ୍ ଉପରେ ଥିବା ତାଙ୍କ ଫଲାପ-କାଗଜ ଉପରେ ତାଙ୍କ ଆଖି ପଡ଼ିଲା—ମୁହଁର ଭାବର ପରିବର୍ତ୍ତନ ହୋଇଗଲା—ଉଇଗମ୍ ଭିତରୁ ଘ୍ରାରକ ମଧ୍ୟ କହି ଉଠିଲାଣି । ଡକ୍ଟର ଦାସଙ୍କ

ଉପରେ ତାଙ୍କର ଆଖିପଡ଼ିଲା । ଏକାବେଳକେ ନିର୍ଭୁଲ ଫଳାଫଳ କହିଲେ— "ଆଚ୍ଛା, କଣ ତୁମେ କହୁଚ କୁହ ।" ଏଥିରେ ସମସ୍ତଙ୍କ ମୁହଁରେ ହସ ଖେଳିଗଲା । ପ୍ରେକ୍ଷାଳୟ ଭିତରେ ଗୁଞ୍ଜରଣ । ମୁଁ ବୁଝିଲି ଯେ ଔଷଧଟା ଠିକ୍ କାମ୍ କରିଚି— ଡାହାଣୀ ଛାଡ଼ିଯାଇଚି । ବର୍ତ୍ତମାନ କଟକ ଜିଲ୍ଲାବୋର୍ଡ଼ର ସ୍ପେଶାଲ ଅଫିସର ଶ୍ରୀ ଯଦୁନାଥ ମହାପାତ୍ର ଆମ ରିକ୍ରିଏସନ କ୍ଲବର ନାଟକ "ଯମୁନାର ବିଚାର"ରେ ଜଜ୍ ଭୂମିକାରେ ଅଭିନୟ କରୁଚନ୍ତି ।

ନାଟକ ଶେଷ ହେଲା । ଏ ନାଟକ ମଞ୍ଚସ୍ଥ କରିବାରେ ଆମେ ଯେ ପୂର୍ଣ୍ଣମାତ୍ରାରେ ସଫଳକାମ ହୋଇଛୁ, ଏଥିରେ ତିଳାର୍ଦ୍ଧେ ସନ୍ଦେହ ରହିଲା ନାହିଁ । ଏବେ ଯଦୁବାବୁଙ୍କ କଥା ! ଆମ ଯାହାକୁ ଦେଖୁଥାନ୍ତି, ହସି ହସି ଗଡ଼ିଯାଇ କହୁଥାନ୍ତି— "ମୁଁ ଡାଏଲଗ୍ ଭୁଲିଗଲି ! ହେ କ୍ଷେତ୍ରମୋହନ, ମୁଁ ଡାଏଲଗ ଭୁଲିଗଲି । ବୁଝିଲେ ବାପୁବାବୁ, ମୁଁ ଡାଏଲଗ୍ ଭୁଲିଗଲି ।" ···ଏଇ ପୁରୁଷଟି, ତାଙ୍କୁ ଆମେ ଦେଖିଚୁ ଜଣେ କର୍ମଠ, କର୍ମଦକ୍ଷ, କର୍ମଯୋଗୀ ପ୍ରଶାସକ ରୂପେ—ଦେଖିଚୁ ଜଣେ ସହୃଦୟ ଅଫିସର ରୂପେ—ଜାଣିଚୁ ଜଣେ କଳାପ୍ରେମୀ, ନାଟ୍ୟପ୍ରେମୀ ବ୍ୟକ୍ତିରୂପେ । ଏତେ ସବୁ ଭିତରେ କେଉଁଠି ଛପି ରହିଥିଲା ଏ ସ୍ୱର୍ଗୀୟ ଶିଶୁ-ସୁଲଭ ସରଳତା ! ସତରେ, ଦେଖି ମୁଗ୍ଧ ବିମୋହିତ ହୋଇଯିବା କଥା ।

ହଁ, ସେଦିନ 'ଯମୁନାର ବିଚାର' ନାଟକ ଅଭିନୟର ଅନ୍ତିମ କ୍ଷଣରେ ଡଃ ଦାସ ମଞ୍ଚକୁ ଆସି ସାକ୍ଷ୍ୟ ପ୍ରମାଣ ଦ୍ୱାରା ପ୍ରତିପାଦିତ କରିଦେଲେ ଯେ, ସରଳାର ହତ୍ୟାକାରୀ ଯମୁନା ନୁହେଁ; ହତ୍ୟାକାରୀ ହେଉଚି ତାଙ୍କ ସହକାରୀ ପରମାନନ୍ଦ ପରିଡ଼ା । ଯମୁନା ସରଳା ହାତକୁ ପାଣିସ୍ତ ଗ୍ଲାସଟି ବଢ଼ାଇ ଦେଇଥିଲା ସତ, କିନ୍ତୁ ନିଜର କିଛି ବ୍ୟକ୍ତିଗତ ହୀନ ଉଦ୍ଦେଶ୍ୟ ପୂରଣ ସକାଶେ ସରଳାକୁ ମୃତ୍ୟୁମୁଖକୁ ଠେଲିଦେବା ପାଇଁ ପରିଡ଼ା ସେଥିରେ ଗୋପନରେ ଉତ୍କଟ ବିଷ ମିଶ୍ରଣ କରିଥିଲା··· ଯେଉଁ ଯମୁନା ନିଜର ରୂପଗୁଣରେ ଦର୍ଶକମାନଙ୍କ ମନ କିଣି ନେଇଥିଲା ଓ ଏଡ଼େ ସୁନ୍ଦରୀ ଗୋଟିଏ ଝିଅକୁ ଫାଶୀ ହୋଇଯିବ ବୋଲି ସେମାନଙ୍କ ମନପ୍ରାଣ କାନ୍ଦି ଉଠିଥିଲା, ସେଇ ଯମୁନା ନିର୍ଦ୍ଦୋଷରେ ମୁକ୍ତ ହୋଇ ନିଜର ପ୍ରିୟ ପୁରୁଷ ସରୋଜ ସହିତ ମିଳିତ ହେଲା ଓ ଦର୍ଶକମାନଙ୍କ ହର୍ଷ ଉଲ୍ଲାସ, କରତାଳି ଧ୍ୱନି ମଧ୍ୟରେ ନାଟକର ସମାପ୍ତି ଘଟିଲା ।

ବାହୁ ଉପାଖ୍ୟାନ

"ନାରୀର ସୌନ୍ଦର୍ଯ୍ୟ ଅନୁଶୀଳନରେ ପ୍ରାୟତଃ ଆମ ନଜରକୁ ଆସେ ତା'ର ମୁଖଶ୍ରୀ ଓ ତନୁଶ୍ରୀ, କିନ୍ତୁ ଏକ ନିର୍ଦ୍ଦିଷ୍ଟ ବୟସ ବା ଅବସ୍ଥାରେ, ଯେତେବେଳେ ତା'ର ତନୁ ଆଉ ମୁଖରେ ଶିଥିଳତା ଦେଖାଦିଏ, ସେତେବେଳେ ତା'ର ଶରୀରର ଆଉ ଏକ ଅଙ୍ଗ—ଯାହା ନାରୀର ସୌନ୍ଦର୍ଯ୍ୟ ବିଚାରରେ ପ୍ରାୟ ଆମମାନଙ୍କ ମନରେ ସ୍ଥାନ ପାଇ ନ ଥାଏ—ସେଇ ଅଙ୍ଗଟି ସେମିତି ସୁନ୍ଦର ଓ ସତେଜ ଅବସ୍ଥାରେ ରହିଥାଏ । ଏଇ ଅଙ୍ଗଟି ହେଲା, ତା'ର ବାହୁ । ···କିନ୍ତୁ ନା, ସବୁ ବାହୁ ନୁହେଁ—କେବଳ ମୃଣାଳ ବାହୁ, ପଦ୍ମନାଡ଼ ପରି ବାହୁ । ମାତ୍ର ମୃଣାଳ-ବାହୁ ପ୍ରାପ୍ତିରେ ସବୁ ନାରୀ ସୌଭାଗ୍ୟଶାଳିନୀ ନୁହଁନ୍ତି । ଏବେ ଦେଖାଯାଉ ଏଇ ମୃଣାଳ ବାହୁର ରୂପରେଖ କ'ଣ ? ସ୍କନ୍ଧର ଠିକ୍ ତଳ ଅଂଶରୁ କହୁଣି ପର୍ଯ୍ୟନ୍ତ ଲମ୍ବି ଯାଇଥିବା 'ଏଇ' ବାହୁଟି ହେଲା ଏକ ସରଳରେଖା ପରି ସିଧା ସରଳ ସୁଗୋଲ ବାହୁରେଖା; ମାତ୍ର କେବେହେଁ ପୃଥୁଳ ହେବ ନାହିଁ । ଅନ୍ୟ ପକ୍ଷରେ ଏହା ହେବ ସ଼୍ଲିମ୍, ସ୍ଲେଣ୍ଡାର ଓ ରୁଜ୍ । ପୁଣି ବାହୁର ପ୍ରତିଟି ଅଂଶରେ ଏହାର ପରିଧି ହେବ ସମଦୀର୍ଘ, କେଉଁଠି ଅନ୍ୟଙ୍କ ଶ୍ରେଷ୍ଠ ବଡ଼ ହେବ ନାହିଁ । ···ଦେଖାଯାଇଛୁ, କୌଣସି ଏକ ଅତି ସାଧାରଣ ତରୁଣୀର ଏମିତି ଗୋଟିଏ ପଦ୍ମନାଡ଼ ପରି ସ଼୍ଲିମ୍ ସ୍ଲେଣ୍ଡାର ବାହୁ ଏକ ତରୁଣ ଚିତ୍ତରେ ଅନୁରାଗ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଯଥାସମୟରେ ଦୁହିଁଙ୍କୁ ପ୍ରଣୟ-ସୂତ୍ରରେ ନିମନ୍ତ୍ରିତ କରାଇ ଦେଇପାରେ ।

ଅଫିସ୍‌ରେ ଲଞ୍ଚ୍‌ବ୍ରେକ୍ ସମୟରେ ସୁଧାଂଶୁ ଗୋଟିଏ ସାହିତ୍ୟ-ପତ୍ରିକାରେ ପ୍ରକାଶିତ ଏକ ନିବନ୍ଧର ଏଇ ଅଂଶତକ ପଢ଼ି ଏକାବେଳକେ ସ୍ତବ୍ଧ ହୋଇ ବସି ରହିଲା । ମୃଣାଳବାହୁ କାହିଁ, ଏଭଳି ଶବ୍ଦ ପ୍ରୟୋଗ ସେ କେଉଁଠି ପଢ଼ିଛି କି ଶୁଣିଛି ବୋଲି ସ୍ମରଣ ତା'ର ହେଉ ନାହିଁ । ସେ ଅବଶ୍ୟ ଲେଖକ ନୁହେଁ, ସାହିତ୍ୟିକ ନୁହେଁ; କିନ୍ତୁ ସାହିତ୍ୟ ଅନୁରାଗୀ, ଜଣେ ଅନୁରକ୍ତ ପାଠକ । କିନ୍ତୁ ଏ ଶବ୍ଦ ?

ସୁଧାଂଶୁ କାନୁନ୍‌ଗୋ । ଏଇ କାର୍ଯ୍ୟାଳୟର ପଦସ୍ଥ ଅଫିସର—ତରୁଣ, ସୁପୁରୁଷ । ଲଞ୍ଚ୍ ପାଇଁ ଘରକୁ ଯିବା କଥା, କିନ୍ତୁ ଏଇ ମୃଣାଳ—ପଦ୍ମନାଡ଼

ଉପାଖ୍ୟାନରୁ ସେ ମୁକ୍ତ ହୋଇପାରୁନି । ନ ହେଲା, ସେ କେଉଁଠି ପଢ଼ିନି କି ଶୁଣିନି ! କିନ୍ତୁ ତା ଜୀବନରେ କେବେ କେହି ନାରୀର ମୃଣାଳବାହୁ ତ ସେ ଦେଖିନି । ···ଏ ଚିନ୍ତା ତା ମନକୁ ଆସିଲା ସତ, କିନ୍ତୁ ଏଇଠି ସେ ନିଜ ଉପରେ ନିଜେ ବିରକ୍ତ ହୋଇ ଉଠିଲା । ଏମିତି ତ ସେ କେବେ କୋଉ ନାରୀକୁ 'ଚାହିଁଲା' ପରି ଚାହିଁନି; କାହା ବାହୁ ବା ସେ ଦେଖନ୍ତା କାହିଁକି ? ··ନିବନ୍ଧଟିର ଲେଖକ କିଏ ବୋଲି ଜାଣିବାକୁ ପତ୍ରିକାଟି ଖୋଲିଲା—ଦେଖିଲା କାହାରି ନାମ ନାହିଁ, ଅଛି ଛଦ୍ମନାମ : 'ନିଦାଘବିନ୍ଦୁ' । ପତ୍ରିକାଟିକୁ ବ୍ରିଫ୍‌କେଶ୍‌ରେ ରଖି ଉଠିଲା ବେଳକୁ ପର୍ଦ୍ଦା ସେପଟୁ ଦୁଇଟି ନାରୀକଣ୍ଠର ନମ୍ର ବିନତ ଭାସି ଆସିଲା—'ମେ ଉଇ କମ୍ ଇନ୍ ସାର୍ ?' ସୁଧାଂଶୁଠାରୁ ସୂଚନା ପାଇ ଦୁଇଜଣ ପୂର୍ଣ୍ଣବୟସ୍କା ଯୁବତୀ କର୍ମଚାରୀ ପରଦା ଆଢ଼େଇ ଭିତରକୁ ଆସିଲେ । ସେମାନେ ବେଶ୍ ଶବ୍ରତ ଜଣା-ପଡ଼ୁଥା'ନ୍ତି । ଆସନ ଗ୍ରହଣ କରିବା ପାଇଁ ଇଙ୍ଗିତ ଜଣାଇ ସୁଧାଂଶୁ ପଚାରିଲା—କୁହନ୍ତୁ, କୁଆଡ଼େ ଆସିଲେ ? ···ସେମାନେ ସଙ୍ଗେ ସଙ୍ଗେ ସେମାନଙ୍କର ନିବେଦନ ଆରମ୍ଭ କରିଦେଲେ—'ସେମାନେ ସବୁଦିନେ ଏଇ ଅଫିସ୍ ରୁମ୍ ଭିତରେ ଲଞ୍ଚ୍ ଖାଇ ଆସିଛନ୍ତି । ଆଜି ଯେଉଁ ସେକ୍‌ସନ୍-ହେଡ୍ ମୁରଲୀବାବୁ ଜଏନ୍ କରିଛନ୍ତି, ସିଏ ଏମାନଙ୍କୁ ଏଠି ଲଞ୍ଚ୍ ଖୁଆଇ ଦେଉନାହାନ୍ତି କହୁଛନ୍ତି ଏଇଟା ଗୋଟେ ଅଶୋଭନୀୟ କାର୍ଯ୍ୟ; ସେମାନେ କ୍ୟାଣ୍ଟିନ୍‌ରେ ଯାଇ ଲଞ୍ଚ୍ ଖା'ନ୍ତୁ ।' ···ଏଇଠି ହଠାତ୍ ସୁଧାଂଶୁର ଚୈତନ୍ୟ ଉଦୟ ହେଲା । —ଆରେ, ଏ ଦୁହେଁ ତ ନାରୀ, ପୁଣି ସୁ-ନାରୀ । ଏମାନଙ୍କର ପଦ୍ମନାଡ଼ ବାହୁ ଥାଇପାରେ । ସେ ଦୁହେଁ କହି-ଚାଲିଛନ୍ତି, କହିବା ସଙ୍ଗେ ସଙ୍ଗେ ଦୁହିଁଙ୍କ ସ୍ୱାଭାବିକ ହାତ ଏପାଖ ସେପାଖ ହଲାଇବା କାମଟି ଚାଲିଛି । ବର୍ତ୍ତମାନ ସୁଧାଂଶୁ ସେମାନଙ୍କ କଥା ଶୁଣୁ ବା ନ ଶୁଣୁ, ସେମାନଙ୍କ ହାତ ଯେମିତି ଏପାଖ ସେପାଖ ହେଉଥାଏ, ତା'ର ଦୃଷ୍ଟି ସେମିତି ଏପାଖ ସେପାଖ ହେଉଥାଏ । କିନ୍ତୁ ହାତ କେଉଁଠି ସ୍ଥିର ରହୁ ନ ଥିବାରୁ ସେ ମୃଣାଳବାହୁର କିଛି ଆଭାସ ପାଇପାରୁ ନ ଥାଏ । ଏତିକିବେଳେ ତାଙ୍କ ଭିତରୁ ଜଣେ ସିଧାସଳଖ ଉପରକୁ ହାତ ଟେକି କହିଲା—ସିଏ କ୍ୟାଣ୍ଟିନ୍ କରିଛି ବୋଲି ଭାବିଛି, ସିଏ ଯେମିତି ଯାଇ ସ୍ୱର୍ଗରେ ବସିଛି ! ···ଏ ଭିତରେ ସୁଧାଂଶୁର ଦୃଷ୍ଟି ନିବଦ୍ଧ ହେଲାଣି ସେଇ ଉପରକୁ ଟେକା ହାତଟି ଉପରେ । ମହିଳା କର୍ମଚାରୀଟି କହିଚାଲିଛି—ପୁଣି କହୁଛି କ'ଣ ନା, ସିଏ ବାହାର ଖାଇବା ଆଣି କ୍ୟାଣ୍ଟିନ୍‌ରେ ଖାଇବେ, ଗୋଟିଏ ସିଟ୍‌କୁ ରେଣ୍ଟ୍ ଦି'ଟଙ୍କା, ପାଣି ଯୋଗାଇଲେ—ଅଧିକ ପଚାଶ ପଇସା ।' ···ସୁଧାଂଶୁ ସେ ହାତକୁ ଚାହିଁ ରହିଛି ଯେ, କ'ଣଟା ସେଥିରୁ ସେ ଜାଣିବ ? ସିଏ ତ ବେଶ୍ ଖାପ୍ ଭୁଣା ଗାଢ଼ ବାଇଗଣି ରଙ୍ଗର ଯେଉଁ ବ୍ଲାଉଜ୍ ପିନ୍ଧିଛି, ତା'ର ହାତ କହୁଣି ଉପର ପର୍ଯ୍ୟନ୍ତ ଲମ୍ବି

ସେଥିରେ ମୋର ଏ ଦେହରେ ଏତେ ସାମାନ୍ୟ ଚର୍ବି କି ମେଦ ଜମିବ ନାହିଁ । କିନ୍ତୁ ଅସ୍ଥି ଓ ମଜ୍ଜାର ଶକ୍ତି ଏତେ ବଢ଼ୁଚି ଯେ ଟ୍ରାକ୍‌ରେ ମୁଁ ବିଜୁଳି ବେଗରେ ଦଉଡ଼ି ପାରିବି । ...ସୁଧାଂଶୁ କହିଲା—ତୋ' କଥା ମାନିଲି । କିନ୍ତୁ ଯେତେବେଳେ ସେମାନେ ତତେ ଦେଖିବାକୁ ଆସିବେ ? ...କଥାଟାକୁ ହସରେ ଉଡ଼ାଇ ଦେଇ ମିତ୍ରା କହିଲା—ନେସନାଲ୍‌ରେ ଗୋଲଡ୍ ମେଡ଼ାଲିଷ୍ଟ, ସିଙ୍ଗାପୁର ମିଟ୍‌ରେ ଗୋଲ୍ଡ୍ ମେଡ଼ାଲିଷ୍ଟ, ଏଇ ନଭେମ୍ବର ଜାକର୍ତ୍ତା ଏସିଆଡ୍‌ରେ ମୁଁ ଦୌଡ଼ିଲି ଭଲି ଦୌଡ଼ିବି । ତା' ପରେ ତ ଭାରତୀୟ 'ରେଲୱେ', ଏଲ. ଆଇ. ସି., ବ୍ୟାଙ୍କ୍, କରପୋରେସନ, ସମସ୍ତେ ମୋ ପଛରେ କ୍ୟୁ ଲଗେଇ ଦେବେ । ଟପ୍ ଏକ୍‌ଜିକ୍ୟୁଟିଭ୍ ପୋଷ୍ଟ, ଫ୍ଲାଟ୍, ତମପର ଗାଡ଼ି ଆସନ୍ତୁ, ସେମାନେ କାହାକୁ ଦେଖିବାକୁ ଆସିବେ । ସେତେବେଳେ ଏ ଦ୍ୱିଭୁଜ ବାହୁ ଚତୁର୍ଭୁଜ ହେଲେ ବି କିଛି ଚିନ୍ତା ନାହିଁ । ...ଭାଇ ଭଉଣୀ ଦୁହେଁ ହସି ଉଠିଲେ । ସୁଧାଂଶୁ ମନେ ମନେ ଠିକ୍ କରିଥିଲା, ଏହାପରେ ସେ ମିତ୍ରାକୁ ମୀନାର ବାହୁକଥା ପଚାରିଥା'ନ୍ତା । କିନ୍ତୁ ମିତ୍ରାର ଏଇ ସବୁ ଷ୍ଟେଟ୍‌ଟୋକ୍ କଥା ଶୁଣି ସେ ଦବିଗଲା । ମିତ୍ରା କହିଲା—ଚାଲ ଭାଇ ଖାଇବା ଚାଲ । ତମେ ଅଫିସ ଫେରିଲାବେଳେ ମତେ ଆମ ହଷ୍ଟେଲ୍‌ରେ ଛାଡ଼ିଦେଇ ଯିବ ।

ସେଦିନ ଅଫିସ୍‌ରୁ ଫେରି ସୁଧାଂଶୁ ଦେଖିଲା ମୀନା ଫେରିନାହିଁ । ସନ୍ଧ୍ୟାବେଳେ ଟି. ଭି. ଦେଖିଲା । ଫିଲ୍ମ ନୃତ୍ୟ ସଙ୍ଗୀତ । ଏସବୁ ପ୍ରୋଗ୍ରାମ୍ ସେ ପ୍ରାୟ ଦେଖେ ନାହିଁ । ହୁଏତ ମୃଣାଳ-ବାହୁର ସନ୍ଧାନ କିଛି ପାଇବ, ଏଇ ଆଶାରେ ସେ ଟି. ଭି. ଖୋଲିଲା । ମାତ୍ର ଏ କି ଦୃଶ୍ୟ ସେ ଟି. ଭି. ପରଦାରେ ଦେଖୁଚି ! କେହି ତ ଗୀତ ଗାଉ ନାହାନ୍ତି, ପ୍ରଚଣ୍ଡ ଯନ୍ତ୍ର ସଙ୍ଗୀତ ନିନାଦ ସହିତ ଗୁଡ଼ାଏ ପୁଅ ଝିଅ ଚିତ୍କାର କରୁଚନ୍ତି । ସଙ୍ଗୀତରେ ଆରୋହ ଅବରୋହ ଥାଏ; କିନ୍ତୁ ଏମାନଙ୍କର ଅବରୋହ ବୋଲି କିଛି ନାହିଁ, ସବୁ କେବଳ ଆରୋହରେ ଚାଲିଚି । ନାଚ ତ ନୁହେଁ, ସେମାନେ କେବଳ ଡେଉଁଚନ୍ତି, କୁଦୁଚନ୍ତି । ହୁଏତ ଜଣେ ଅଧେ ଝିଅଙ୍କ ବାହୁ ଅନାବୃତ—କାହାର ଅର୍ଦ୍ଧ ଆବୃତ । କିନ୍ତୁ କିଛି ନିର୍ଦ୍ଦିଷ୍ଟ ଭାବେ ଜାଣିବାର, କିଛି ବୁଝିବାର ଉପାୟ ନାହିଁ । ସୁଧାଂଶୁ ଦେଖିଚି ହଠାତ୍ ତା' ଦୃଷ୍ଟିସୀମାକୁ ଗୋଟିଏ ଅନାବୃତ ବାହୁ ଆସିଲା—ମାତ୍ର ପଲକପାତରେ ସେ ବାହୁଟି ଉଭେଇ ଯାଇ ତା' ସ୍ଥାନରେ ଗୋଟିଏ ନାକର କ୍ଲୋଜ୍‌ଅପ୍ ଆସିଲା । ସୁଧାଂଶୁ ବୁଝିଲା କ୍ୟାମେରା କୋଉଠି ମୁହୂର୍ତ୍ତିକ ପାଇଁ ଗୋଟିଏ ସ୍ଥାନରେ ଅଟକୁ ନାହିଁ । ଏ ଅରଣ୍ୟ ଭିତରୁ ସେ ପଦ୍ମନାଡ଼-ବାହୁ ଖୋଜି ପାଇବ କେମିତି ? ବିରକ୍ତ ହୋଇ ଟି. ଭି. ବନ୍ଦ କରିଦେଲା ।

ମୀନା ଘରେ ନାହିଁ । ମିନ୍ତା ହଷ୍ଟେଲକୁ ଗ୍ଲଲିଗଲଣି । ଘରେ ଅଫିସ୍ ଫାଇଲ୍ କିଛି ଆସି ଥୁଆହୋଇଚି । ସେ ପାଖରେ ଘରର ଅନ୍ୟମାନେ ଭି.ଡ଼ି.ଓ. ପ୍ରୋଗ୍ରାମ୍ ଅଉ ଗୋଟେ ଟି.ଭି.ରେ ଦେଖୁଚନ୍ତି । ତା ମନ କୋଉଠି ସ୍ଥିର ରହିପାରୁନି । ଆଜି ଅଫିସ୍‌ରେ କେଉଁ ଅଶୁଭ ମୁହୂର୍ତ୍ତରେ କେଜାଣି, ସେ ନନ୍ଦାବଷ୍ଟୁଙ୍କ ନିବନ୍ଧଟି ପଢ଼ିଥିଲି, ସେ ମୃଣାଳ-ବାହୁ ତାକୁ ଛାଡ଼ୁନାହିଁ । ବେଳେ ବେଳେ ଅନ୍ୟମନସ୍କ ହୋଇ ନିଜ ବାହୁ ଦୁଇଟି ଉପରେ ହାତ ବୁଲାଇ ଅଣୁଚି । ...ପୁଣି ଟି.ଭି. ଖୋଲିଲା । ଏଥର ଘୋଡ଼ାନାଚ—ଚଇଢଘୋଡ଼ା । ମୋଟ୍ ଚରିତ୍ର ପାଞ୍ଚଟି । ଜଣେ ଘୋଡ଼ା ନଚାଉଚି, ଦୁଇଜଣ ବାଦକ । ମୁଖ୍ୟ ଚରିତ୍ର ଦୁଇଟି ହେଲେ ଜଣେ ରାଉତ ଓ ଅନ୍ୟଟି ଏକ ନାରୀ ଚରିତ୍ର—ରାଉତାଣୀ—ଶ୍ୟାମବର୍ଣ୍ଣା ପତଳୀ ତରୁଣୀଟିଏ । ଅସୁନ୍ଦରୀ ନ ହେଲେ ବି ସେମିତି ସୁନ୍ଦରୀ ନୁହେଁ । ଗ୍ରାମାଞ୍ଚଳରୁ ସେମାନେ ଆସିଚନ୍ତି । ରାଉତ ଯେତେବେଳେ ଗୀତ ପଦେ ଗାଉଚି, ସେତେବେଳେ ରାଉତାଣୀ ଝିଅଟି ତା'ର ଦୁଇ ହାତ ପାପୁଲିକୁ ଅଣ୍ଟା ଦୁଇ ପାଖରେ ରଖି ଗୋଟିଏ ମନୋରମ ଭଙ୍ଗୀରେ ଠିଆ ହୋଇ ରହୁଚି । ରାଉତର ଗୀତ ଶେଷ ହେଲା ପରେ ଯେତେବେଳେ ସେଇ ସ୍ୱର ଅନୁସରଣ କରି ବାଜା ବାଜୁଚି, ସେତେବେଳେ ରାଉତାଣୀ ଇଷତ୍ ନଇଁପଡ଼ି ବାଦ୍ୟର ତାଳେ ତାଳେ ଗୋଟିଏ ପାଦକୁ ନୃତ୍ୟଛନ୍ଦରେ ଏପାଖ ସେପାଖ ପକାଉଚି । ନିର୍ମଳ ଲୋକ-ଗୀତ ଓ ଲୋକ-ସଙ୍ଗୀତ । ସୁଧାଂଶୁ ଦେଖୁଚି ରାଉତ ଗୀତ ଗାଇଲା । ରାଉତାଣୀ ଦୁଇହାତ ପାପୁଲିକୁ ଅଣ୍ଟା ଦୁଇହାତ ପାଖରେ ରଖି ଠିଆ ହେଇଚି । କ୍ଲୋଜ୍ ଅପ୍ କ୍ୟାମେରା । ସଟ୍‌ରେ ଝିଅଟିର ବାହୁ ଚମତ୍କାର ଭାବେ ସ୍ପଷ୍ଟ ଦୃଶ୍ୟମାନ ହେଲା । ଏଇତ, ଏଇ ସେ ବାହୁ ! ସୁଧାଂଶୁ ପାଇଚି । ପଞ୍ଚବର୍ଷୀର ସ୍ୱନାହରଣ ଏତେବେଳକେ ତା ଦୃଷ୍ଟିରେ ଧରା ଦେଇଚି । ରିଜୁ, ସ୍ଲିମ୍, ସ୍ଲେଣ୍ଡର ଏଇ ସରଳ ସୁନ୍ଦର ପଦ୍ମନାଡ଼ ବାହୁ ଦିଓଟି । ପଦ୍ମନାଡ଼ରେ ଖୁଣ ଥାଇପାରେ, କିନ୍ତୁ ଏଇ ଗାଉଁଲି ଝିଅଟିର ଏ ଅନୁପମ ମୃଣାଳ-ବାହୁରେ କିଛି ଖୁଣ ନାହିଁ । ଅଧିକନ୍ତୁ ତା'ର ଏ ବୟସରେ ତା ଅଙ୍ଗ ସୌଷ୍ଠବରେ ଯଦି କିଛି ଊଣା ପଡ଼ିଯାଇଥାଏ, ତାକୁ ତା'ର ବାହୁ ଦିଓଟି ଢାଙ୍କି ରଖିଚି । ...ଘୋଡ଼ାନାଚ ଶେଷ ହେଲା । ସେ ରାତିରେ ସୁଧାଂଶୁ ତୃପ୍ତମନରେ ଶଯ୍ୟା ଗ୍ରହଣ କଲା । କିନ୍ତୁ ତା'ପରେ ? ଯେଉଁଥିପାଇଁ ସେ ଆଜି ସମସ୍ତ ଦିନଟି ଧନ୍ଦହୋଇ ପଡ଼ିଥିଲା, ତା'ର ତ ସମାଧାନ ହୋଇଗଲା । ଏହାପରେ ? ଏ ଆଖ୍ୟାୟିକାଟିର କ'ଣ ଏଇଠି ସମାପ୍ତି ଘଟିଲା ? 'ଏ ପ୍ରଶ୍ନଟି ନିଜକୁ ନିଜେ ପଚାରି ସୁଧାଂଶୁ ଉତ୍ତର ପାଇଲା—'କେଜାଣି ? ମୁଁ କିଛି ଜାଣି ପାରୁନାହିଁ ।'

ପରଦିନ ସକାଳ ପ୍ରାୟ ନ'ଟା । ସୁଧାଂଶୁ ସ୍ନାନ ସାରି ବାଥ୍‌ରୁମ୍‌ରୁ ବାହାରି ଆସିଲାବେଳକୁ ଦେଖିଲା ମୀନା ଠିଆ ହେଇଚି । କେହି କହିବ ନାହିଁ ସେ ବାହାଙ୍କୁ

ଫେରିଚ ବୋଲି । ସକାଳୁ ମୁଣ୍ଡ ଧୋଇ ସ୍ନାନ କରିଚ—ଅଧାଶୁଖା ବାଳ ଦୁଇକାନ୍ଧ ଓ ପିଠି ଉପରେ ଲହର ଖେଳୁଚ । ଏକାବେଳେକେ ଫ୍ରେସ୍ । ପଣ୍ଡଧାନ ମେରୁନ୍ ବୁଟା ଥାଇ କ୍ରିମ୍ କଲର୍ ଶାଢ଼ୀ—ଖୁବ୍ ଦାମିକା ବମ୍ବେ ଡାଇଙ୍ଗ୍‌ର ଏକ କଟନ୍ ଶାଢ଼ୀ ପିନ୍ଧି ଅପରୂପା ମୀନା ଝଟକୁଚ ! ସୁଧାଂଶୁ ମୀନାକୁ ଚାହିଁ ରହିଚ । ହସିଲି ହସିଲି ଓଠରେ ମୀନା କହିଲି—କ'ଣ ଏମିତି ଦେଖୁଚ ? ଶୁଣ, କାଲି ଆମେ ଭୁବନେଶ୍ୱରରେ ଅଟକିଗଲୁ । ଆଜି ଭୋର୍‌ରୁ ସେଠି ସବୁ ନିତ୍ୟକର୍ମ ଶେଷକରି ଆସିଚୁ । ମୋର କଲେଜବେଳ ହୋଇଗଲାଣି । ସୁନାଟା, ତମେ ବାଥ୍‌ରୁମ୍‌ରେ ଥିଲ, ମୁଁ ଆସି ବ୍ରେକ୍‌ଫାଷ୍ଟ୍‌ର ସବୁ ବ୍ୟବସ୍ଥା କରିଦେଇଚ । ମୁଁ କଲେଜ ବାହାରିଲି । ଆଜି କମଳା ନେହେରୁ ହଷ୍ଟେଲର ଆନଭର୍‌ସରି । ମୁଁ ପୁଣି ଏ ହଷ୍ଟେଲର ଭିଜିଟିଙ୍ଗ୍ ଓ୍ୱାର୍ଡେନ୍ । ଆଜି ସେଇଠି ମୋର ଲଞ୍ଚ୍ । ଫେରୁ ଫେରୁ ପାଞ୍ଚ । ପାରିବତ ଟିକିଏ ଚଞ୍ଚଳ ଅଫିସ୍‌ରୁ ଫେରିବ । ଆଜି ଏକାଠି ଚା' ଖାଇବା । ...ଏଇଠି ଟିକିଏ ଅଟକି ମୀନା ଟିକେ ବଡ଼ ପାଟିରେ କହିଲି—ଅନାମ, ଶୁଣ ! ଆଜି ବ୍ରେକ୍‌ଫାଷ୍ଟ୍‌ରେ ବ୍ରେଡ୍-ଆଳୁ ସାଣ୍ଡ୍‌ଉଇଚ୍ କରିବାକୁ କହିଥିଲି ନା ? ନାହିଁ, ସାଣ୍ଡ୍‌ଉଇଚ୍ ନ କରି ଆଳୁ ପରୋଟା କରିବୁ, ହେଲା ? ...ଏଣିକି ମୁହଁ ଫେରାଇ ସୁଧାଂଶୁକୁ ଦେଖି ମୀନା ବ୍ୟସ୍ତ ବିବ୍ରତ ହେଲା ଭଳି ଈଷତ୍ ନମ୍ର ସ୍ୱରରେ କହିଲି—ହେ, ତମର ହୋଇଚ କ'ଣ ? ମୁଁ ତମକୁ ଏତେ କଥା କହିଯାଉଚ, ତମେ ମୋ' ମୁହଁକୁ ଥରୁଟିଏ ବି ନ ଚାହିଁ ମୋର ଏ ହାତ, ଏ ବାହୁକୁ ଏମିତି ଚାହୁଁଚ କାହିଁକି ? ମୁଁ ଏପାଖ ସେପାଖ ହୋଇ କଥା କହିଲି ବେଳକୁ ତମେ ମୋର ଏ ବାହୁକୁ ଚାହୁଁଚ ତ ପୁଣି ସେ ବାହୁକୁ ଚାହୁଁଚ ! ...ସୁଧାଂଶୁ ହାରି ଯାଇଚ । ସେ ପ୍ରକୃତ କଥାଟା ମୀନାକୁ ଖୋଲି କହିପାରୁନି । ମିଛା ସବୁ ଗୋଳମାଳ କରିଦେଇ ଯାଇଚ । ସେ କ'ଣ କହିବ କି କ'ଣ କରିବ, କିଛି ସ୍ଥିର କରି ନ ପାରି ମୀନାର ବାହୁଟିକୁ ତୋଳିଧରି ଯେମିତି ତ୍ରସ୍ତ ଗଳାରେ କହିଲି—ନାହିଁ ମୀନା, ତମର ଏ ବାହୁ··· । ଏବେ ମୀନାର ପାଳି । ସେ ପ୍ରମାଦ ଗଣିଲାଣି । ଯେତେ ପାରେ ଶାନ୍ତ ଗଳାରେ ସ୍ୱାମୀଙ୍କୁ କହିଲି—ବାହାଘର ଦୁଇବର୍ଷ ଆଗରୁ ସବୁଦିନେ ତମ ସହିତ ଦେଖାଚାହାଁ କଥାବାର୍ତ୍ତା । ସାତମାସ ହେଲା ଏ ଘରକୁ ଆସିଲିଣି । ଆଜି କାହିଁକି ମୋ ବାହୁ-ଚନ୍ଦ୍ରା ତମକୁ ଘାରିଲା ! ...ସୁଧାଂଶୁର ମନେହେଲା ସେ ଯେମିତି ଗୋଟିଏ ଖସଡ଼ା ଜାଗାରେ ଠିଆହୋଇଚ । ହାତରେ ମୀନାର ବାହୁ । ବ୍ଲାଉଜ୍‌ର ସ୍ଲିଭ୍ କହୁଣି ଉପରକୁ ମାଡ଼ି ଆସିଚି । ଆଖି ଆଗରେ ଭାସିଯାଉଚ ଗତ ସନ୍ଧ୍ୟାରେ ଟି. ଭି. ପର୍ଦ୍ଦାର ସେଇ ଗାଉଁଲି ଶ୍ୟାମଳୀ ଟ୍ରିଅଟିର ମୃଣାଳ-ବାହୁ । ଅସ୍ଥିର ହାତରେ ସେ ମୀନାର କହୁଣି ପାଖରୁ ବ୍ଲାଉଜ୍‌ର ସ୍ଲିଭ୍‌କୁ ଉପରକୁ ଉଠାଇବାର ଚେଷ୍ଟାକଲି । ମୀନା ଶାସନଭଙ୍ଗୀରେ ଯେତେ ସମ୍ଭବ

ନମ୍ରକଣ୍ଠରେ କହି ଉଠିଲ—ହେ ! ଏ କ'ଣ କରୁଚ ! ଟାଇଟ୍‌ଫିଟିଙ୍ଗ୍ ସିଲେଇ, ପତଳା କନା, ଫାଟିଯିବ ନାହିଁ ! ସୁଧାଂଶୁ ହାତ ଛାଡ଼ିଦେଇ ମୀନା ମୁହଁକୁ ଚାହିଁଲ । କ'ଣ ସେ ଦେଖୁଚ ! ମୀନା ତା' ତଳ ଓଠର ଗୋଟିଏ କୋଣକୁ ତା' ଦନ୍ତରେ ଚାପିଧରି ଏମିତି ଏକ ରହସ୍ୟଭରା ଦୃଷ୍ଟିରେ ଚାହିଁଚ, ସୁଧାଂଶୁ ପାଇଁ ଯାହାର ଅର୍ଥ ହେଲ—"ମାତ୍ର ଦିନ କେତୋଟା ମୁଁ ବାହାରକୁ ଯାଇଥିଲି ଯେ, ତମ ଅବସ୍ଥା ଆସି ଏମିତି ହେଲଣି ! ଟିକିଏ ଅପେକ୍ଷା କରିପାରୁନା !" ···ମୀନା ବୁଝିପାରିଲ ସୁଧାଂଶୁ କେମିତି ଅଡ଼ୁଆ ପରିସ୍ଥିତିରେ ପଡ଼ିଯାଇଚ । ସସ୍ନେହ ଅଙ୍ଗୁଳି ସ୍ପର୍ଶରେ ସ୍ୱାମୀଙ୍କ ମଥାର ଅଲଗା ବାଳକୁ ହଟାଇ ଦେଇ କହିଲ—ମୁଁ ଏଇ କଲେଜ ବାହାରିଲି, ତମେ ଡାଇନିଂ ଟେବୁଲ୍‌କୁ ଯାଅ ।

ଶୟନକକ୍ଷ । ସେଦିନ ରାତିରେ ସ୍ୱାମୀ ସ୍ତ୍ରୀ ଦୁହେଁ ଶଯ୍ୟାରେ ଶୋଇଚନ୍ତି । ସବୁଦିନର ଅଭ୍ୟାସ ଯୋଗୁଁ ମୀନା ତାର ବାହୁରେ ସୁଧାଂଶୁର କଟିବେଷ୍ଟନ କରି ଶୋଇଚ ଆଉ ହସି ହସି କହୁଚ—ହୁଁ, ତମେ ତା'ହେଲେ ପତ୍ରିକାରୁ ନନ୍ଦାବଷ୍ଟୁଙ୍କ ପ୍ରବନ୍ଧଟି ପଢ଼ିଲ ପରେ ମୃଣାଳ-ବାହୁ ନିଶା ତମକୁ ଘାରିଲ । ସେଇଥିପାଇଁ ମୁଁ ଆଜି ଆସି ଘରେ ଗୋଡ଼ ନ ଦେଉଣୁ ମୋ ବ୍ଲାଉଜ୍‌ର ସ୍ଲିଭ୍ ପରୀକ୍ଷା କରି ଦେଖୁଥିଲ ମୁଁ ମୃଣାଳିନୀ କି ନୁହେଁ ? ମୃଣାଳିନୀ ଅର୍ଥ ବୁଝୁଚ ତ ? ଯାହାର ମୃଣାଳ ପରି ବାହୁ, ସିଏ ମୃଣାଳିନୀ । ଟେଗୋର ପରିବାରରେ ଜଣେ କିଏ ମହିଳା ଥିଲେ, ତାଙ୍କ ନାଁ ଥିଲ ମୃଣାଳିନୀ । ···ମୀନାର ଏସବୁ କଥାରେ ସୁଧାଂଶୁଠାରୁ କୌଣସି ପ୍ରତିକ୍ରିୟାର ସୂଚନା ମିଳୁନାହିଁ । ମୀନା କିନ୍ତୁ ଆନ୍ତରର ସ୍ପଷ୍ଟ ଅନ୍ତରର ହୃଷ୍ଟ ମନରେ କହିଚାଲିଚ—ନାଇଁ, ମୁଁ ପଦ୍ମନାଡ଼ ଝିଅ ନୁହେଁ । ଦେଖୁନ, ଭଲକରି ଦେଖ, ବୁଝି ମୁଁ ଏ ବେଲ୍ଡ଼-ଲ୍ୟାମ୍ପଟା ଟିକିଏ ଜଳେଇ ଦିଏ । ଦେଖ, ମୋ ବାହୁ ସ୍ଲିମ୍ ନୁହେଁ କି ସ୍ଲେଣ୍ଡର୍ ନୁହେଁ, କି ରୁଲ୍‌ବାଡ଼ି ପରି ସରଳ ନୁହେଁ କି ସୁଗୋଲ ନୁହେଁ । ବରଂ ମୋ ବାହୁ ହଉଚ, ଏଇ ତମେ ଯାହା କହୁଚ—ଇଏ ଟିକିଏ ପୃଥୁଳ—ମାନେ ଆଖିଦୃଶିଆ । ମୋର ଏମିତି ଆଖିଦୃଶିଆ ବାହୁ ବୋଲି ଅନ୍ୟ ଝିଅମାନେ ମତେ ଈର୍ଷ୍ୟା କରନ୍ତି । ତମେ କାହିଁକି ସେ ସ୍ଲିମ୍ ସ୍ଲେଣ୍ଡର୍ ରୁଲ୍‌ବାଡ଼ି-ବାହୁ ଖୋଜ ହଉଚ ?

ଏଇ ପଦ୍ମନାଡ଼ ବାହୁପାଇଁ ଗତକାଲିଠୁଁ ସୁଧାଂଶୁ କେବଳ ପରିକଳ୍ପ ବରଣ କରିଆସିଚ । ଟି.ଭି.ରେ ସେ ଘୋଡ଼ାନାଚ ଝିଅଟିକୁ ଦେଖି ତା ମନରେ ମୀନାକୁ କେନ୍ଦ୍ର କରି ଯେଉଁ ଅଶାର ସଞ୍ଚାର ହେଇଥିଲ, ସେତିକ ଲୁଆଡ଼େ ପୋଛି ହୋଇ-ଗଲଣି । ମୃଣାଳ-ବାହୁର ସ୍ଥାନ ପୂରଣ କଲଣି ଅଖିଦୃଶିଆ ବାହୁ । ମୀନାର ଏସବୁ ବ୍ୟଙ୍ଗ ବଦ୍ରୂପର ଧକ୍‌କା ସହି ନ ପାରି ତା'ର ସୁକୋମଳ ହାତଟିକୁ ତା ଉପରୁ

ହଠାଇ ଛୁଆଡ଼ ଫୋପାଡ଼ ଦେଲ । ମୀନା ପାଟିରୁ ଆପେ ଆପେ ବାହାରି ଆସିଲା— ଏସବୁ କ'ଣ ହଉଚ ? ସୁଧାଂଶୁ ପାଟି ଫିଟଉ ନାହିଁ । ରାଗରେ ଅନ୍ୟ ପଟକୁ ମୁହଁ ବୁଲାଇ ଶୋଇ ଆଲୁଅ ନିଭାଇ ଦେଲା । ମୀନା ଜାଣିଚ, ଏ ଲୋକଟିର ଏମିତିକା ବେଢ଼ଙ୍ଗିଆ ରାଗ ବେଳେ ବେଳେ ବାହାରିପଡ଼େ । ତା'ର ନିଦ୍ରା, ସ୍ୱାମୀଙ୍କ ଉପରେ ଏମିତି ହାତ ପକେଇ ଶୋଇବାର ଏଇ ଅନ୍ତରଙ୍ଗ ଅଭ୍ୟାସଟିକୁ ତ ସ୍ୱାମୀ ଛଡ଼େଇ ନେଲେ । ସେ କ'ଣ ଆଜି ଶାନ୍ତିରେ ଶୋଇପାରିବ ? ଦେଖାଯାଉ କ'ଣ ହେଉଚ··· ! ମନେ ମନେ ଏଇ କେଇପଦ କଥା କହି ଶୋଇବାର ଉପକ୍ରମ କଲା ।

ରାତି ପ୍ରାୟ ଦଶଟା । ମୀନା ଆଉ ଶୋଇ ରହିପାରିଲା ନାହିଁ । ଏଇ ଯାହା ଘଟିଗଲା, ଏଥିରେ ସେ ହସିବ ନା କାନ୍ଦିବ ? କିନ୍ତୁ ଚିନ୍ତାକରି ସେ ମନେ ମନେ ଠିକ୍ କଲା, ନା ସେ କାନ୍ଦିବ ନାହିଁ । ଏ କଥାଟାକୁ ସେ ହସରେ ହସରେ ଉଡ଼େଇ ଦେବ । ଏଇ 'ମୃଣାଳ-ବାହୁ' କଥାଟି ଆମ ଆଧୁନିକ ସାହିତ୍ୟର ଅବଦାନ ନୁହେଁ, ଏଇଟି ରାତି-ଯୁଗ ସାହିତ୍ୟରୁ ଆସିଚ । ଆଜି ବୁଧବାର । ରାତି ପାହିଲେ କାଲି ଗୁରୁବାର ଶୁକ୍ଳଦଶମୀ, ସୁଦଶାବ୍ରତ । ତା ଶାଶୂ କହିଚନ୍ତି, ସେ ସୁଦଶାବ୍ରତ ପାଳନ କରିବ, ତା'ର ପହିଲ ସୁଦଶାବ୍ରତ । ମୃଣାଳ-ବାହୁ କଥାଟି ପରି ଆମ ଓଡ଼ିଆ ଘରେ ଏ ପ୍ରଥାଟି ମଧ୍ୟ ବହୁପୂର୍ବରୁ ଗଢ଼ିଆସିଚ ଯେ, ବୋହୂମାନେ ପ୍ରଥମ ସୁଦଶାବ୍ରତ କଲେ ଢେର ଢେର ଅଲଙ୍କାରରେ ଭୂଷିତା ହୁଅନ୍ତି—ଏଥିରେ ମା' ଲକ୍ଷ୍ମୀ ପ୍ରସନ୍ନା ହୁଅନ୍ତି । ନିଃସ୍ୱ ଶ୍ରୀୟା ଚଣ୍ଡାଳୁଣୀ ସୁଦଶାବ୍ରତ ଦିନ ନାମକୁମାନ୍ତି ଗହଣା ଖଣ୍ଡିଏ ପିନ୍ଧିବାର ସୁଯୋଗ ପାଇଥିଲା । ଏଥିରେ ତା ଭାଗ୍ୟ ବଦଳିଗଲା ।

ଶଯ୍ୟାରେ ଶୋଇରହି ମୀନା ଏଇ ସବୁ କଥା ଭାବୁଚ । ଅନ୍ଧାରରେ ବି ସେ ଜାଣିପାରିଲା, ସ୍ୱାମୀ ତା'ର କଡ଼ ଲେଉଟାଇ ଚିତ୍ ହୋଇ ଶୋଇଲେ । ହଠାତ୍ ତା'ର ମନେ ହେଲା (ମନେ ହେଲା ନା ଲୋଭ ହେଲା !) ସେ ତାଙ୍କ ଉପରେ ହାତ ପକେଇ ଶୋଇବ ସେତେବେଳେ ତ ତା ହାତଟାକୁ ଛୁଆଡ଼ ଫୋପାଡ଼ ଦେଲେ ! ଏବେ ପୁଣି ଯଦି ସେମିତି କରନ୍ତି, ତା'ହେଲେ ? ତା'ହେଲେ ତା' ନିଜ ଭିତରେ ଯେଉଁ ସରଳ-ପ୍ରାଣା ସୁକୁମାରୀ ନାରୀଟି ଅଛୁ, ସିଏ ଏକାବେଳେକେ ଭାଙ୍ଗି ପଡ଼ିବ ! ···କିନ୍ତୁ ରହି ମୀନା ପୁଣି ମନ ସ୍ଥିର କରି ପ୍ରଥମେ ତା ପାପୁଲିଟି ନେଇ ତାଙ୍କ ଉପରେ ଧୀରେ ରଖିଲା—ତା'ପରେ ହାତ—ତା'ପରେ ପରିପୂର୍ଣ୍ଣ ଭାବେ ତା ବାହୁରେ ସ୍ୱାମୀଙ୍କ କଟି ବେଷ୍ଟନ କରି କିଛୁକ୍ଷଣ ଅପେକ୍ଷା କଲା । ···ନା, ସେ ପକ୍ଷରୁ କିଛି ବିରୋଧାଭାସ ନାହିଁ । ସେ ନିଶ୍ଚିନ୍ତ ହେଲା । ମନେ ମନେ ଏଇ ନିଷ୍ପତ୍ତି ନେଲା ଯେ, କାଲି ସୁଦଶାବ୍ରତରେ ସେ ଦେହର ଅନ୍ୟଠି ଯାହା ଗହଣା ପିନ୍ଧୁଚ ପିନ୍ଧୁ, ବାହୁ ଦୁଇଟିକୁ କିନ୍ତୁ ଗହଣାରେ ଏକାବେଳେକେ ଲୁଚାଇଦେବ । ତା'ପରେ

ସେ କଳ୍ପନା କଲା, ନା କଳ୍ପନା ନୁହେଁ, କଳନା କଲା କପରି ଭାବେ କେଉଁ କେଉଁ ଗହଣା ବାହୁରେ ପିନ୍ଧିବ । ଏଇ କଳନା କଲାବେଳେ ସେ ମନେ ମନେ ଯାହା କହି ହୁଉଥାଏ, ସେ ସମସ୍ତ ଯେ ତା ମନ ଭିତରେ ଲୁଚି ହୋଇ ରହୁଥାଏ, ତା' ନୁହେଁ । ସ୍ୱାମୀ ଶୋଇଚନ୍ତି । ଏଠି ଆଉ କେହି ଶୁଣିବାକୁ ନ ଥିଲେ ବି ତା'ର କିଛି କିଛି କଥା ପଦାକୁ ବାହାରି ଆସୁଥାଏ । ଏତକବେଳେ ସେ ପୁଣି ଭାବିଲା ବୋଧହୁଏ ସ୍ୱାମୀ ତା'ର ଶୋଇ ନାହାଁନ୍ତି, ଶୋଇବାର ଛଳନା କରୁଚନ୍ତି । ଭଲ ହେଲା, ସେ ଛଳନା କରନ୍ତୁ—ତା'ର ସବୁ କଥା ଶୁଣନ୍ତୁ—ତା ମନ କଥା ବୁଝନ୍ତୁ । ସେ ଆରମ୍ଭ କଲା—କାନ୍ଧ ତଳକୁ ବାହୁ ଯୋଉଠୁ ଆରମ୍ଭ, ସେଠି ଆଗେ କୋଉ କୋଉ ଗହଣା ପିନ୍ଧିବ ? ହଁ, ତାଗା ! ତାଗା ପୁରୁଣାକାଳିଆ ହେଲେ ବି ତା'ର ମର୍ଯ୍ୟାଦା ଅଛି । ତାଗା ତଳକୁ ପିନ୍ଧିବ···କ'ଣ ପିନ୍ଧିବ ? ହଁ ବାଜୁବନ୍ଧ । ବାଜୁବନ୍ଧରୁ ଯେଉଁ ପେଣ୍ଡିଟି ଝୁଲି ଆସିଥାଏ ନା, ସେଇଟି ଭାରି ସୁନ୍ଦର । ବାଜୁବନ୍ଧ ତଳକୁ—ତଳକୁ—ହଁ ଅନନ୍ତ, ଅନନ୍ତ କଡ଼ା । ଆଉ ଅନନ୍ତ ତଳକୁ ତାଇତ । ବାହୁକୁ ସୁନା ତାଇତ ଭଳି ସୁନ୍ଦର ଗହଣା ଆଉ କିଛି ନାହିଁ । ଶେଷରେ କହୁଣିର ଠିକ୍ ଉପରକୁ ଆର୍ମଲେଟ୍ । (ମନଖୋଲା ହସ ହସି) ଆର୍ମଲେଟ୍ ତଳକୁ ଯେଉଁ ଦୁଇ ତିନ ସେଣ୍ଟିମିଟର ଜାଗା ରହିଲା, ସେଠି ତ ସୁଦର୍ଶନ ବ୍ରତ ବନ୍ଧାହେବ । ବାସ୍, ବାହୁ ଭର୍ତ୍ତି ! ଆଉ ପୁଣି ପଦ୍ମନାଡ଼/ବୁଲ୍‌ବାଡ଼ି-ବାହୁ ଖୋଜା ଚାଲିଚି କାହିଁକି ? ମୀନା ହସର ଲହରୀ ଖେଳାଇ ଦେଇଥାଏ । ତାକୁ ଜଣାଗଲା ସ୍ୱାମୀ ଯେମିତି ରହି ରହି ନିଃଶ୍ୱାସ ମାରୁଚନ୍ତି । ନିଦ ଭାଙ୍ଗିଗଲା କି ? ହାତ ଉଠାଇ ନେବ ? ନା, ଉଠାଇ ନେବ ନାହିଁ । ପୁଣି ଭାବିଲା, ହଁ ଉଠାଇ ନେବ । ···ଧୀରେ ହାତଟି ଟେକିଲା ବେଳକୁ ତାକୁ ଶୁଣାଗଲା—ଆଉ । ··ମୀନା ଚମକି ଉଠିଲା । ତା' ପାଟିରୁ ଆପେ ଆପେ ବାହାରି ଆସିଲା—ଏଁ ! ···ଏଥର ସ୍ୱାମୀଙ୍କ ସ୍ପଷ୍ଟ କଥା ଶୁଣାଗଲା—ଆଉ କେହି ନୁହେଁ, ମୁଁ କହୁଚି—ଆଉ । ···ଇଏ ତା'ହେଲେ ଶୋଇ ନାହାଁନ୍ତି ! ଚାପା କଣ୍ଠରେ ମୀନାର ପ୍ରଶ୍ନ—କ'ଣ ଆଉ ? ସ୍ୱାମୀଙ୍କ ଉତ୍ତର—ତମ ହାତ, ତମ ବାହୁ ଯେମିତି ଅଛି ସେମିତି ଥାଉ । ବରଂ ଆଉ ଟିକେ ବଢ଼ାଇ କରି ରଖ, ହଁ । ତମରି ଏଇ ଆଖିଦୃଶିଆ ବାହୁବନ୍ଧନରେ ଯେଉଁ ପୁଲକ, ଯେଉଁ ସନ୍ତୋଷ ମିଳୁଚି, ତା' କ'ଣ, ଏଇ ତମେ ଯାହା ମନକୁ ମନ କହି ହେଉଥିଲ—ବୁଲ୍‌ବାଡ଼ି : ସେ ବୁଲ୍‌ବାଡ଼ି-ବାହୁରୁ ମିଳିବ ? କ'ଣ କିଛି କହୁନ ଯେ ? ··ମୀନା କ'ଣ କହିବ ? ଏଇ କିଛି କ୍ଷଣ ପୂର୍ବରୁ ସେ ଏତେ ହସିଥିଲେ ବି ସ୍ୱାମୀଙ୍କର ଏଇ ତାରୁଣ୍ୟସୁଲଭ ଚପଳ କଥା ଶୁଣି ତା' ପାଟିରେ ପୁଣି ହସ ଢେଉ ଖେଳିଲାଣି । କିନ୍ତୁ ହସିବାର ମୌସୁମୀ ଆଉ ନାହିଁ । ସେଥିପାଇଁ ସେ ପାଟି ନ ଫିଟାଇ ସ୍ୱାମୀଙ୍କ ଛାତିରେ ତା'ର ଚମକକଲା ସଦୃଶ ଅଙ୍ଗୁଳି ଚାଳନା କରି ସବୁ ବୁଝାଇ ଦେଲା ।

ଶ୍ୱେତ ବ୍ରିଟିଶ୍—ଅଶ୍ୱେତ ଆମେରିକାନ୍

ଦ୍ୱିତୀୟ ମହାଯୁଦ୍ଧ ସମୟ । ଏଇ ଶତାବ୍ଦୀର ଚତୁର୍ଥ ଦଶକର ପ୍ରାକ୍‌କାଳ । ସେତେବେଳେ ଓଡ଼ିଶାର ପୂର୍ବ ଉପକୂଳ ବଙ୍ଗୋପସାଗରରେ ଜାପାନର ପ୍ରାଧାନ୍ୟ ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଥାଏ । କେତୋଟି ଛୋଟବଡ଼ ଘଟଣାରୁ ଏହାର ପ୍ରମାଣ ମିଳୁଥାଏ । କଲିକତାର ଖିଦିରପୁର ଡକ୍ ଉପରେ ଜାପାନର ବମ୍ବର ପ୍ଲେନ ସବୁ ନିର୍ମମ ବୋମା-ବର୍ଷଣ କରି ନିରାପଦରେ ଫେରିଗଲେ । ପୁଣି ଜାପାନୀ ପ୍ଲେନ୍‌ମାନଙ୍କରୁ ସମସ୍ତ ବୋମା କେବଳ ଡକ୍ ଉପରେ ହିଁ ପଡ଼ିଥିଲା । ଜନବସତି ଅଞ୍ଚଳରେ ଗୋଟିଏ ବି ବୋମା ପଡ଼ିନାହିଁ । ଆଉ ଏକ ବିଚିତ୍ର କଥା । ରୟାଲ ଏୟାର୍ ଫୋର୍ସର ଏକକାଳୀନ କେତୋଟି ପ୍ଲେନ ଉଡ଼ିଗଲେ ଘର୍ଘର ନିନାଦରେ ଆକାଶ ଅବନୀ କମ୍ପିଯାଏ । କିନ୍ତୁ ସେ ସ୍ଥିତିରେ କଲିକତାବାସୀ ଅନୁଭବ କରିଛନ୍ତି ଯେ, ଏତେ ସଂଖ୍ୟାରେ ଜାପାନୀ ବମ୍ବର କଲିକତା ଆକାଶରେ ଗତି କଲାବେଳେ ଜଣାଗଲା ଯେମିତି ଗୋଟାଏ ଦଳ ମହୁମାଛି ଉଡ଼ି ଯାଉଛନ୍ତି । ...ଦିନେ କଟକ ଆକାଶରେ ଦେଖାଗଲା ଗୋଟିଏ ବ୍ରିଟିଶ ଫାଇଟର୍ ପ୍ଲେନ୍ ଓ ଗୋଟିଏ ଜାପାନୀ ଫାଇଟର୍ ପ୍ଲେନ ପରସ୍ପର ଯୁଦ୍ଧରତ ହୋଇ ଦକ୍ଷିଣଦିଗରୁ ଆସୁଛନ୍ତି । କିଛି ସମୟ ପରେ ବ୍ରିଟିଶ ପ୍ଲେନ୍‌ଟି କ୍ଷତବିକ୍ଷତ ହୋଇ ଧାନବିଲରେ ଖସିପଡ଼ିଲା—ଜାପାନୀ ପ୍ଲେନ ତା' ବାଟେ ବାଟେ ଚାଲିଗଲା । ଅଉ ଦିନେ ସେଇ କଟକ ଆକାଶରେ ଦେଖାଗଲା, ପୂର୍ବଦିଗରୁ ଗୋଟିଏ ଜାପାନୀ ପ୍ଲେନ୍ ଆସି ପଶ୍ଚିମ ଆଡ଼କୁ ତୀବ୍ର ଗତିରେ ଚାଲିଗଲା । କିଛି ସମୟ ପରେ ଚାରିବାଟିଆରୁ ଚାରିଗୋଟି ମିତ୍ରଶକ୍ତି ଫାଇଟର ପ୍ଲେନ ଜାପାନୀ ପ୍ଲେନ ଅନୁସନ୍ଧାନରେ ବାହାରିପଡ଼ିଲେ । ଗୋଟିଏ ପ୍ଲେନକୁ ଚାରିଟି ପ୍ଲେନ୍ । ଜାପାନୀ ପ୍ଲେନ୍ ଏକାବେଳକେ ଧ୍ୱଂସ ପାଇଯିବାର କଥା । ପରେ ଜଣାପଡ଼ିଲା ଜାପାନୀ ପ୍ଲେନଟିର ଚିହ୍ନବର୍ଣ୍ଣ ନ ପାଇ ବ୍ରିଟିଶ ପ୍ଲେନ୍ ଚାରିଟି ଫେରିଆସିଲେ । ଅଥଚ, ଜାପାନୀ ପ୍ଲେନଟି ଆଠଗଡ଼ ରାଜାସାହେବଙ୍କ ବ୍ୟକ୍ତିଗତ ଏୟାର ଷ୍ଟ୍ରିପ୍‌ରେ ଓହ୍ଲାଇ, ସେଠୁ ପ୍ଲେନ୍‌ରେ ପେଟ୍ରୋଲ ଭର୍ତ୍ତିକରି ନିରାପଦରେ ତା' ମାର୍ଗରେ ଫେରିଯାଇଚି ।

ଏହାପରେ ଦିନେ ଓଡ଼ିଶା ଉପକୂଳ ବଙ୍ଗୋପସାଗରରେ ଏକ ପ୍ରଳୟଙ୍କରୀ ଘଟଣା ଘଟିଗଲା । ସେଦିନ ସକାଳ ପ୍ରାୟ ଆଠଘଣ୍ଟା ! ଦେଖାଗଲା ବାଲେଶ୍ୱର

ଉପକୂଳ ସମୁଦ୍ରରେ ଏକ ଜାହାଜ-ଭେଲା ଚାଲିଛି । ସେଥିରୁ ଗୋଟିଏ ହେଉଛି ବ୍ରିଟିଶ ଫ୍ରାଇଗେଟ୍‌ ଯୁଦ୍ଧଜାହାଜ ! ଏହାର କ୍ୟାପଟେନ ଥିଲେ ଜଣେ ଇଂରେଜ । ବାକି ଛଅଗୋଟି କାର୍ଗୋ ବା ମାଲବାହୀ ଜାହାଜ । ଏହିସବୁ ଜାହାଜରେ ଯେଉଁ କର୍ମଚାରୀ ଥିଲେ, ସେମାନେ ହେଲେ ଶ୍ୱେତାଙ୍ଗ ଆମେରିକାନ୍‌, ଶ୍ୱେତାଙ୍ଗ ବ୍ରିଟିଶ୍‌ ଆମେରିକାନ୍‌ ନିଗ୍ରୋ ଓ ଭାରତ ବର୍ମା ସିଲୋନ ପ୍ରଭୃତି ବ୍ରିଟିଶ ଶାସନାଧୀନ ଦେଶମାନଙ୍କର ଅଧିବାସୀମାନେ । ଜାହାଜ-ଭେଲାଟି ଚାଲିଛି । ଏମାନଙ୍କଠାରୁ ଯଥାବିଧି ଦୂରତ୍ୱ ରକ୍ଷାକରି ଗୋଟିଏ ଜାପାନୀ କ୍ରୁଜର୍‌ ଦେଖାଦେଲା । ସଙ୍ଗେ ସଙ୍ଗେ ବ୍ରିଟିଶ ଯୁଦ୍ଧ ଜାହାଜକୁ ଲକ୍ଷ୍ୟ କରି ଜାପାନୀ କ୍ରୁଇଜର୍‌ରୁ ଏକ ସତର୍କ ବାଣୀ ଭାସିଆସିଲା । କ୍ରୁଇଜର କହୁଛି—ଶୁଣ କ୍ୟାପ୍‌ଟେନ୍‌ ! ବର୍ତ୍ତମାନ ବଙ୍ଗଦେଶରେ ଦୁର୍ଭିକ୍ଷ ଦେଖାଦେଇଛି । ଲକ୍ଷ ଲକ୍ଷ ଲୋକ ମରୁଛନ୍ତି । ଅଥଚ ତୁମେ ଲୁଚାଇ କରି କଲିକତାରୁ ଏତେ ବିପୁଳ ପରିମାଣରେ ଖାଦ୍ୟସାମଗ୍ରୀ ତମ ଦେଶକୁ ନେଇଯାଉଛ । ତୁମକୁ ସତର୍କ କରେଇ ଦିଆଯାଉଛି, ତୁମେ ଏଇ ଛ' ଗୋଟି କାର୍ଗୋ ଜାହାଜକୁ କଲିକତା ଫେରାଇ ନିଅ । ଯଦି ଏଥିରେ ଅବହେଳା କର, ତେବେ ତୁମ ଫ୍ରାଇଗେଟ୍‌ର ଏଇଠି ସଲିଳ ସମାଧି ହେବ ଓ ଏ ଛ' ଗୋଟି ଖାଦ୍ୟଦ୍ରବ୍ୟ-ବାହୀ ଜାହାଜକୁ ଆମେ କଲିକତା ବନ୍ଦରକୁ ଫେରାଇ ନେଇ ଦୁର୍ଭିକ୍ଷ-ପ୍ରପୀଡ଼ିତ ଅଞ୍ଚଳକୁ ଖାଦ୍ୟ ପହଞ୍ଚାଇଦେବୁ । ···ପ୍ରକୃତରେ ସେତେବେଳେ ବଙ୍ଗ ଦେଶରେ ସେଇ କରାଳ ଦୁର୍ଭିକ୍ଷର ସର୍ବଗ୍ରାସୀ ଲୀଳା ଚାଲିଥିଲା, ଯାହାଫଳରେ ବଙ୍ଗଦେଶରେ ବହୁଲକ୍ଷ ଲୋକଙ୍କର ପ୍ରାଣହାନି ଘଟିଥିଲା । ଏଇ ଦୁର୍ଭିକ୍ଷର ପୃଷ୍ଠ-ଭୂମିରେ ଜ୍ଞାନପୀଠ ବିଜେତା ଔପନ୍ୟାସିକ ତାରାଶଙ୍କର ତାଙ୍କର ସେଇ ଅମର ଉପନ୍ୟାସ "ମନ୍ୱନ୍ତର" ରଚନା କରିଥିଲେ । [ଠିକ୍‌ ଏହି ସମୟରେ ଉତ୍ତର ଓଡ଼ିଶାରେ ଦୁର୍ଭିକ୍ଷ ଘୋଟି ପ୍ରାୟ ପନ୍ଦର ହଜାର ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ । ଓଡ଼ିଶାର ଚତୁର୍ଥ ଦଶକର ସେନ୍‌ସସ୍‌ ରିପୋର୍ଟରେ ମୁଖ୍ୟ ସେନ୍‌ସସ୍‌ ଅଫିସର ଶ୍ରୀଯୁକ୍ତ ଅହମ୍ମଦ, I.C.S., ଲିପିବଦ୍ଧ କରିଯାଇଛନ୍ତି ଯେ, ଓଡ଼ିଶାର ଏହି ଦୁର୍ଭିକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଘଟି ନାହିଁ । ଏହା ହେଉଛି ଏକ ମନୁଷ୍ୟକୃତ ଦୁର୍ଭିକ୍ଷ, 'Man-made-Famine !' କିନ୍ତୁ କିଏ ଏହି ମନୁଷ୍ୟଟି, ସେକଥା ଅହମ୍ମଦ ସାହେବ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିନାହାନ୍ତି]।

ଜାପାନୀ କ୍ରୁଇଜର୍‌ଠାରୁ ଏପରି ସତର୍କବାଣୀ ଶୁଣି ଫ୍ରାଇଗେଟ ଭିତରେ ଚାଞ୍ଚଲ୍ୟ ଖେଳିଗଲା । ଇଂଲଣ୍ଡ ଉପରେ ଜର୍ମାନୀର ଅନବରତ ବୋମାମାଡ଼ ଓ ଯୁଦ୍ଧ ଜନିତ ଅନ୍ୟାନ୍ୟ କାରଣରୁ ସେତେବେଳେ ଇଂଲଣ୍ଡରେ ଉତ୍କଟ ଖାଦ୍ୟାଭାବ ଦେଖାଦେଇଥାଏ । କିନ୍ତୁ ତା' ଠାରୁ ବଳି ଅଧିକ କରୁଣ ଓ ଦୟନୀୟ ଅବସ୍ଥା

ଦୁର୍ଭିକ୍ଷ-ପ୍ରପୀଡ଼ିତ ବଙ୍ଗଦେଶବାସୀ ଭୋଗୁଥାନ୍ତି । ଉଭୟ ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗିବା ସତ୍ତ୍ୱେ, ଓଡ଼ିଶା ସୀମାର ଅନ୍ୟପଟ୍ଟ ଯୁବତୀ ଝିଅମାନେ ସବୁ କିଛି ବନ୍ଧମସ୍ଥରେ ମାତ୍ର ସେରେ ଅଧେ ଚାଉଳ ପାଇଁ କଟକ ପର୍ଯ୍ୟନ୍ତ ଟ୍ରେନ୍‌ରେ ଚାଲିଆସୁଥାନ୍ତି । ଏହା ଶୁଣା କଥା ନୁହେଁ, ଆଖି ଦେଖା କଥା ।

ଫ୍ରାଇଗେଟର କର୍ମଚାରୀମାନେ ଉପସ୍ଥିତ ଅବସ୍ଥାର ଯଥାବଧି ବିଚାର କରି ଜାହାଜ-ଭେଲାକୁ କଲିକତା ଫେରାଇନେବା ପାଇଁ କ୍ୟାପଟେନ୍‌ଙ୍କୁ ଅନୁରୋଧ କଲେ । କିନ୍ତୁ ଦୁର୍ଦ୍ଧର୍ଷ ବ୍ରିଟିଶ କ୍ୟାପ୍‌ଟେନ୍ କେବଳ ଯେ ଏ ଅନୁରୋଧକୁ ଏଡ଼ାଇଦେଲେ, ତା' ନୁହେଁ, କ୍ରୁଇଜର୍‌କୁ ଲକ୍ଷ୍ୟ କରି ଫାୟାରିଙ୍ଗ୍ କଲେ । ଦେଖାଗଲା, ଜାପାନୀ କ୍ରୁଇଜର୍ ଆଖିପିଛୁଳାକେ ସେଠୁ ଅନ୍ତର୍ହିତ ହୋଇଗଲା । ଏହାପରେ କ୍ୟାପ୍‌ଟେନ ଜାହାଜଗୁଡ଼ିକର ଗତି ବଢ଼ାଇ ଦେବାପାଇଁ ନିର୍ଦ୍ଦେଶ ଦେଲେ—ନିର୍ଦ୍ଦେଶ ପାଳିତ ହେଲା । କିନ୍ତୁ ସେମାନେ ଆସି ମାତ୍ର କୁଜଙ୍ଗ ଉପକୂଳବର୍ତ୍ତୀ ସମୁଦ୍ରରେ ପହଞ୍ଚିଛନ୍ତି କି ନାହିଁ, ହଠାତ୍ ଅଦୂରରୁ କମାଣର ଗର୍ଜନ ଶୁଣାଗଲା । ତା' ପରେ ଜାପାନର ତୋପବାହୀ ଯୁଦ୍ଧ ଜାହାଜ ସବୁ ବିଭିନ୍ନ ଦିଗରୁ ଏମାନଙ୍କର ଜାହାଜ-ଭେଲାକୁ ଘେରିଯାଇ କମାଣ ବର୍ଷଣ ଆରମ୍ଭ କରିଦେଲେ । ପ୍ରାୟ ସକାଳ ନ' ଘଣ୍ଟାଠାରୁ ଅପରାହ୍ଣ ପର୍ଯ୍ୟନ୍ତ ଅନବରତ କମାଣ ବର୍ଷଣ ଚାଲିଥିଲା । ଉପକୂଳବର୍ତ୍ତୀ ଅଞ୍ଚଳରେ ଏ କମାଣ ବର୍ଷଣ ପ୍ରତିଧ୍ୱନିରେ ମାଟି କାନ୍ଥ ଭୁଷୁଡ଼ି ପଡ଼ୁଥିଲା ଓ ପକ୍‌କା ଘର ସବୁ ଦୋହଲି ଯାଉଥିଲା । କଟକ ସହରକୁ ମଧ୍ୟ ଏ କମାଣ ବର୍ଷଣର ଶବ୍ଦ ରହି ରହି ଶୁଣାଯାଉଥିଲା । ପ୍ରାୟ ଅପରାହ୍ଣ ସୁଦ୍ଧା କ୍ରୁଇଜର୍ ଯାହା କରିଥିଲା—ଫ୍ରାଇଗେଟ୍ ସହିତ ସାତଗୋଟି ଜାହାଜ ଧ୍ୱସ୍ତ-ବିଧ୍ୱସ୍ତ ହୋଇଗଲା ଓ ଜାହାଜରେ ଥିବା ସମସ୍ତ ଖାଦ୍ୟସାମଗ୍ରୀ କୁଜଙ୍ଗ ସମୁଦ୍ରର ଅତଳ ଗର୍ଭରେ ଲୀନ ହୋଇଗଲା । କିନ୍ତୁ ସମୁଦ୍ର ଉପର ପାଣି ଉପରେ ଇଏ କି କରୁଣ ବିକଟାଳ ଦୃଶ୍ୟ ! ଅଗଣିତ ମୃତ ଦେହ ଭାସୁଚି—ସେହିପରି ଅଗଣିତ ଆହତ ବ୍ୟକ୍ତିଙ୍କ ଆକୁଳ ଚିତ୍କାର । ଜାହାଜର ଚିହ୍ନବର୍ତ୍ତୀ ନାହିଁ; ଏଠି ସେଠି କିଛି ପଟା ଆଦି ଯାହା ଭାସୁଥାଏ । ବ୍ରିଟିଶ ସାମ୍ରାଜ୍ୟ ଭିତରେ ହିଁ ଭାରତର ବଙ୍ଗୋପସାଗର, ସେଇଁଠିକୁ ଜାପାନର ପ୍ରବେଶ ଅଧିକାର ସୁଦ୍ଧା ନାହିଁ, ସେହି ବଙ୍ଗୋପସାଗରରେ ଜାପାନ ଏଭଳି ବିପର୍ଯ୍ୟୟ ଘଟାଇଦେଲା, ଅଥଚ ମିତ୍ର-ଶକ୍ତି ପକ୍ଷରୁ ଏହାର ସାମାନ୍ୟତମ ବିରୋଧ କାହିଁକି ଯେ କରାଗଲା ନାହିଁ, ତା'ର କୌଣସି ସୂଚନା ସୁଦ୍ଧା ସେତେବେଳେ କେହି ଦେଇପାରି ନଥିଲେ ।

କଟକରୁ କୁଜଙ୍ଗ ରାଜରାସ୍ତା ରହିଛି, ସେତେବେଳେ କଟକର କଲେକ୍ଟର ଥା'ନ୍ତି ଏଲ୍. ପି. ସିହ୍ନା ଆଇ.ସି.ଏସ୍. । ଏସ୍.ପି. ଥା'ନ୍ତି ମି. ହର୍‌ଗ୍ରେଭ, ଆଇ.ପି. ।

ଶିକ୍ଷାରେ ହେଉ ବା ବ୍ୟଙ୍ଗାତ୍ମକ ଦୃଷ୍ଟିରୁ ହେଉ, ତାଙ୍କୁ କେହି କେହି ହୟଗ୍ରୀବ ବୋଲି କହୁଥିଲେ । ଯଥା ସମୟରେ କୁଜଙ୍ଗ ଉପକୂଳର ଏ ଘଟଣା କଲେକ୍ଟରଙ୍କ ଗୋଚରକୁ ଆସିଲା । ଉଦ୍ଧାର କାର୍ଯ୍ୟ ପାଇଁ ଜିଲ୍ଲା କର୍ତ୍ତୃପକ୍ଷ ତତ୍ପର ହୋଇ ଉଠିଲେ । ଏସ୍.ପି.ଙ୍କୁ ଖୋଜାହେଲା, ସମ୍ବାଦ ମିଳିଲା ସେଦିନ ଶ୍ରୀମତୀ ହର୍‌ଗ୍ରେଭ୍ ସନ୍ତାନ ପ୍ରସବ ପାଇଁ ଡାକ୍ତରଖାନାର ପ୍ରସୂତିଭବନରେ ଭର୍ତ୍ତି ହୋଇଛନ୍ତି—ଏସ୍. ପି. ସେଇଠି ଅଛନ୍ତି ! କଲେକ୍ଟର ବିବ୍ରତ ହୋଇପଡ଼ିଲେ । ଏକଥା ସେତେବେଳେ ଶୁଣାଯାଇଥିଲା ଯେ, କଲେକ୍ଟର ଉତ୍ତେଜିତ ହୋଇ ଜଣେ ପୋଲିସ ସବ୍-ଇନ୍‌ସ୍‌ପେକ୍ଟରଙ୍କୁ କୁଆଡ଼େ କହିଲେ—You go. Pull his ears and bring him here. ଏକଥାଟିର ସତ୍ୟତା ସମ୍ପର୍କରେ କିଛି କହିହେବ ନାହିଁ । କିନ୍ତୁ ଏକଥା ଠିକ୍ ଯେ, କଲେକ୍ଟର ପ୍ରସୂତି ଭବନରେ ଶ୍ରୀମତୀ ହରଗ୍ରେଭଙ୍କ ଦେଖାଶୁଣା କରିବା ପାଇଁ ତାଙ୍କ ନିଜ ସ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀମତୀ ସିହ୍ନା ହସ୍ପିଟାଲ ଗଲେ ଓ ଏସ୍.ପି. ଗଲେ କୁଜଙ୍ଗ ଦୁର୍ଘଟଣାସ୍ଥଳକୁ ।

ସେତେବେଳେ କଟକ ବଡ଼ ଡାକ୍ତରଖାନା ବା ଜେନେରାଲ ହସ୍ପିଟାଲ ଗୋଟିଏ 'E' ଟାଇପ୍ ଭବନରେ ପ୍ରତିଷ୍ଠିତ ଥିଲା । ପୂର୍ବପଟ ଉଇଙ୍ଗ୍ ଥିଲା ମେଡ଼ିକାଲ୍ ଓ୍ୱାର୍ଡ, ପଶ୍ଚିମପଟ ଉଇଙ୍ଗ୍ ଥିଲା ସର୍ଜିକାଲ୍ ଓ୍ୱାର୍ଡ । ଉତ୍ତରପଟ ଉଇଙ୍ଗ୍ ଉପର-ମହଲାରେ ଥିଲା ନର୍ସ ହୋମ୍ ଓ ତଳ ମହଲାରେ କେତୋଟି ଛୋଟ ଛୋଟ ଓ୍ୱାର୍ଡ ସହିତ ପରିତୁଳନା ବିଶାଳ ଥିଲା । କୁଜଙ୍ଗ ଉପକୂଳରୁ ଆହତ ବ୍ୟକ୍ତିମାନଙ୍କୁ କଟକ ଡାକ୍ତରଖାନାକୁ ଅଣାଗଲା ଓ ପୂର୍ବ ପଶ୍ଚିମ ଦୁଇଟିଯାକ ଓ୍ୱାର୍ଡକୁ ସମ୍ପୂର୍ଣ୍ଣ ଖାଲିକରି ଦିଆଗଲା । ପୂର୍ବପଟ ମେଡ଼ିକାଲ ଓ୍ୱାର୍ଡରେ ରହିଲେ କେବଳ ଆମେରିକାନ୍ ଶ୍ୱେତାଙ୍ଗମାନେ । ପଶ୍ଚିମପଟ ସର୍ଜିକାଲ ଓ୍ୱାର୍ଡର ଅର୍ଦ୍ଧେକ ଅଂଶରେ ରହିଲେ ଇଂରେଜ ବା ବ୍ରିଟିଶ୍ ଶ୍ୱେତାଙ୍ଗମାନେ । ବାକି ଅର୍ଦ୍ଧେକରେ ରହିଲେ ଭାରତୀୟ ଓ ଅନ୍ୟ ଅଶ୍ୱେତ ରୋଗୀମାନେ । ଏଇମାନଙ୍କ ମଧ୍ୟରେ ଥିଲେ ଜଣେ ପ୍ରାୟ ୬ଫୁଟରୁ ଊର୍ଦ୍ଧ୍ୱ ଦୀର୍ଘକାୟ ସବଳ ଆମେରିକାନ୍ ନିଗ୍ରୋ । ଏଠି ଉଲ୍ଲେଖ କରାଯାଇପାରେ ଯେ, ଏଇ ଆମେରିକାନ୍ ନିଗ୍ରୋଟି ହେଉଛନ୍ତି ଜଣେ 'ଆମେରିକୀୟ' ବା ଆମେରିକାର Natural Citizen । କିନ୍ତୁ ତାଙ୍କୁ ଅନ୍ୟ ଦେଶର ଅଶ୍ୱେତ ରୋଗୀମାନଙ୍କ ସହିତ ଏହି ଓ୍ୱାର୍ଡରେ ରଖାଯାଇଥିଲା । ଏଥିରୁ ଏହି କଥାଟି ପ୍ରତିପାଦିତ ହେଉଥିଲା ଯେ, ସେମାନେ ସମସ୍ତେ ଜାହାଜରେ ଥିଲାବେଳେ ଏକାଠି ରହୁଥିଲେ । କିନ୍ତୁ ରୋଗୀ ଅବସ୍ଥାରେ ଯେତେବେଳେ ସେମାନେ ହସ୍ପିଟାଲକୁ ଆସିଲେ, ସେତେବେଳେ ସେମାନଙ୍କର କର୍ମ କଥା ବିଚାରକୁ ନିଆ ନ ଯାଇ ସେମାନଙ୍କ ଚର୍ମ ଦୃଷ୍ଟିରୁ ସେମାନଙ୍କୁ ଭିନ୍ନ ଭିନ୍ନ ଓ୍ୱାର୍ଡରେ ରଖାଗଲା । ଏକଥା ଅନ୍ୟ କେହି ଅଣ-ଶ୍ୱେତାଙ୍ଗ

ରୋଗୀ ହୁଏତ ଉପଲବ୍ଧି କରି ନ ଥିଲେ; କିନ୍ତୁ କୃଷ୍ଣକାୟ ଆମେରିକାନ୍ ନିଗ୍ରୋଟି ଏଥିରେ ସନ୍ତୁଷ୍ଟ ହୋଇପାରୁ ନ ଥିଲା । ହଁ, ଏମାନଙ୍କ ଭିତରେ ଥିଲେ ଜଣେ ଭାରତୀୟ ବଙ୍ଗାଳୀ ରୋଗୀ ।

ଦିନ ବିତିଯାଉଥାଏ । ରୋଗୀମାନଙ୍କର ଚିକିତ୍ସା ଚାଲିଥାଏ । ସେଦିନ ଏଇ ଭାରତୀୟ ବଙ୍ଗାଳୀ ରୋଗୀଟିର ମୁହଁରୁ, କାହିଁକି ଓ କେଉଁ ପରିସ୍ଥିତିରୁ ଏପରି ଦୁର୍ବିପାକ ଘଟଣା ଘଟି ସାତଗୋଟି ଜାହାଜ ଧ୍ୱଂସପାଇବା ସଙ୍ଗେ ସଙ୍ଗେ ଶହ ଶହ ଲୋକ ମୃତ୍ୟୁବରଣ କଲେ, ତା'ର ଏକ ବିସ୍ତୃତ ବିବରଣୀ ଶୁଣିବାର ସୁଯୋଗ ମିଳିଥିଲା । ଏକଥା ମଧ୍ୟ ତାଙ୍କଠାରୁ ଶୁଣିବାକୁ ମିଳିଲା ଯେ, ଫ୍ରାଇଗେଟ୍‌ର ବ୍ରିଟିଶ୍ କ୍ୟାପ୍‌ଟେନ୍ ଯେତେବେଳେ ଅନ୍ୟ କାହାରି ପରାମର୍ଶକୁ ଗ୍ରହଣ ନ କରି ଜାହାଜକୁ ଆଗେଇ ନେବା ପାଇଁ ଜିଦ୍‌ଧରି ବସିଲେ—ସେତେବେଳେ ଅନ୍ୟମାନେ ଜାହାଜରେ ମ୍ୟୁଟିନି ବା ବିଦ୍ରୋହ କରି କ୍ୟାପ୍‌ଟେନଙ୍କୁ ବନ୍ଦୀ କରିବାର ଉପକ୍ରମ କରୁଥିଲେ । ମାତ୍ର ଠିକ୍ ସେଇ ମୁହୂର୍ତ୍ତରେ ହିଁ ଜାପାନୀ ଜାହାଜରୁ କମାଣ ବର୍ଷଣ ଆରମ୍ଭ ହୋଇଗଲା । ଫଳରେ ଜାହାଜ ଓ ଯାତ୍ରୀ, କେହି ରକ୍ଷା ପାଇ ପାରିଲେ ନାହିଁ ।

କିଛି ଦିନ ପରେ କଟକର କମିଶନର ସାହେବ ଓ ତାଙ୍କ ପତ୍ନୀ ଏହିସବୁ ଓ୍ୱାର୍ଡ୍ ପରିଦର୍ଶନ କରିବାକୁ ଆସିଲେ । କମିଶନର ହେଉଛନ୍ତି ଶ୍ୱେତାଙ୍ଗ ଆଇ.ସି.ଏସ୍. ଓ ପତ୍ନୀ ଶ୍ୱେତାଙ୍ଗିନୀ । ସେମାନେ ଆସି ପ୍ରଥମେ ଆମେରିକାନ୍ ଶ୍ୱେତାଙ୍ଗମାନେ ରହୁଥିବା ଓ୍ୱାର୍ଡକୁ ଗଲେ ଓ ସସ୍ତ୍ରୀକ କମିଶନର ଆମେରିକାନ୍ ଓ୍ୱାର୍ଡ ପରିଦର୍ଶନ ଶେଷକରି ଏପାଖକୁ ଆସିଲେ ।

ଏପାଖକୁ ଆସି ଓ୍ୱାର୍ଡର ଯେଉଁ ପ୍ରଥମ ଅଂଶରେ ଶ୍ୱେତାଙ୍ଗ ବ୍ରିଟିଶ୍ ଟମିମାନେ ରହୁଥିଲେ, ସେହି ଅଂଶକୁ ଗଲେ । କମିଶନର ତାଙ୍କ ସହଧର୍ମିଣୀ ଓ ଦୁଇଜଣ ଅନୁଚର ଗୋଟିଏ ଗୋଟିଏ ବେଡ୍ ପାଖକୁ ଯାଉଥା'ନ୍ତି । କମିଶନର ସେମାନଙ୍କ ସହିତ କରମର୍ଦ୍ଦନ କରୁଥା'ନ୍ତି । ରୋଗୀର ବେଡ୍ ପାଖରେ ଥିବା ଛୋଟ ଅଲମୀରା ଉପରେ ଗୋଟିଏ ଗୋଟିଏ ପାଉଁରୁଟି ରଖିଦିଆଯାଉଥାଏ ଓ ଶ୍ରୀମତୀ କମିଶନର ନିଜେ ଗୋଟିଏ ଗୋଟିଏ ପ୍ୟାକେଟ୍ ସିଗ୍ରେଟ୍ ରୋଗୀ ହାତକୁ ବଢ଼ାଇ ଦେଉଥା'ନ୍ତି । ଦ୍ୱିତୀୟ ମହାଯୁଦ୍ଧ ଯୋଗୁଁ ଯେଉଁ ଜିନିଷର ଅତ୍ୟଧିକ ମୂଲ୍ୟ ବୃଦ୍ଧି ପାଇଥିଲା, ବିଶେଷତଃ କଟକ ସହରରେ, ସେଇ ଜିନିଷଟି ହେଲା ସିଗ୍ରେଟ୍ । କେବଳ ମୂଲ୍ୟବୃଦ୍ଧି ନୁହେଁ, ସିଗ୍ରେଟ୍ ଏକାବେଳକେ ଦୁଷ୍ପ୍ରାପ୍ୟ ହୋଇ ପଡ଼ିଥିଲା । ମହାନଦୀ ସେପଟେ ଚାରିବାଟିଆ ମିଲିଟାରୀ ବେସ୍‌ରୁ ବହୁସଂଖ୍ୟକ ଅଫିସର ଓ ଅନ୍ୟ ର୍‍ୟାଙ୍କ୍‌ର ଲୋକମାନେ କଟକ ସହରକୁ ମାର୍କେଟିଙ୍ଗ୍ କରିବା ପାଇଁ ଆସୁଥିବାରୁ ସିଗ୍ରେଟ୍ ଉପରେ ଏ ଚାପଟ ପଡ଼ିଥିଲା । ଯୁଦ୍ଧ ପୂର୍ବରୁ ଯେଉଁ ସିଜର୍‌ସ୍ ସିଗ୍ରେଟ୍ ପ୍ୟାକେଟ୍‌ଟିର ମୂଲ୍ୟ

ସେବେଳର ପାଞ୍ଚପଇସା ଥିଲା, ତାହା ପାଞ୍ଚଟଙ୍କାକୁ ବୃଦ୍ଧି ପାଇଥିଲା । ସେପଟେ କମିଶନର ସିଗ୍ରେଟ୍ ବଣ୍ଟନ କରୁଥିଲାବେଳେ, ଓ୍ୱାର୍ଡର ଦ୍ୱିତୀୟାର୍ଦ୍ଧ ଅଂଶର ଅଶ୍ୱେତ ରୋଗୀମାନେ ଅତି ଲୋଭାତୁର ଦୃଷ୍ଟିରେ ସେ ଦୃଶ୍ୟକୁ ଚାହିଁ ରହିଥିଲେ । କେତେବେଳେ ଅତି ବହୁମୂଲ୍ୟ ସିଗ୍ରେଟ୍ ପ୍ୟାକେଟ୍‌ଟି ତାଙ୍କ ହାତକୁ ଆସିବ, ସେମାନେ ସେହି ଈପ୍‌ସିତ ମୁହୂର୍ତ୍ତଟିର ଅସ୍ଥିର ଅପେକ୍ଷାରେ ରହିଥା'ନ୍ତି ।

କମିଶନର ଓ୍ୱାର୍ଡର ଏହି ଦ୍ୱିତୀୟାର୍ଦ୍ଧ ଅଂଶକୁ ଆସିଲେ । ପ୍ରଥମ ରୋଗୀ ଜଣେ ଦକ୍ଷିଣ-ଭାରତୀୟ । କିନ୍ତୁ ଏ କ'ଣ ? କମିଶନର ହସି ହସି ତା ହାତକୁ ଯାହା ବଢ଼ାଇଲେ, ତାହା ତ ସିଗ୍ରେଟ୍ ନୁହେଁ, ଗୋଟିଏ ବଡ଼ ବଣ୍ଡିଲ । ଆଶଙ୍କା କରାଯାଉଥିଲା ଯେ, ରୋଗୀଟି ଏଥିରେ ହୁଏତ ଦୁଃଖ ପ୍ରକାଶ କରିପାରେ । କିନ୍ତୁ ନା, ତାହା ହେଲାନ । ସେ ଦୁଃସାହସ ତା'ର କାହିଁ ? ସେ ଯେ ବ୍ରିଟିଶ୍ ଶାସନାଧୀନ ଜଣେ ଭାରତୀୟ । କୃତକୃତ୍ୟ ହୋଇ ସେ କମିଶନରଙ୍କଠାରୁ ବଡ଼ି ବଣ୍ଡିଲଟି ଗ୍ରହଣ କରି ବିନମ୍ର ପ୍ରଣତି ଜଣାଇଲା । ଏହାପରେ ଏହି ଭାବରେ ଅନ୍ୟ ରୋଗୀମାନେ ବଡ଼ି ଗ୍ରହଣ କରୁଥା'ନ୍ତି । ପୂର୍ବବଙ୍ଗର ସେହି ବଙ୍ଗାଳୀଟ ଯୁକ୍ତହସ୍ତରେ ବଡ଼ି ବଣ୍ଡିଲଟି ଗ୍ରହଣ କରିଥିଲା । ଅବଶ୍ୟ କମିଶନର ଯେଉଁ ବଡ଼ି ବଣ୍ଟନ କରୁଥା'ନ୍ତି, ତାହା ସାଧାରଣ ଶ୍ରେଣୀର ବଡ଼ି ନୁହେଁ, ପ୍ରାୟ ଚାରିଇଞ୍ଚ ଲମ୍ବର ବେଶ୍ ବଡ଼ ବଣ୍ଡିଲ ।

କମିଶନର-ଦମ୍ପତି ସେହି ସବଳ ଦୀର୍ଘକାୟ ଆମେରିକାନ୍ ନିଗ୍ରୋଟି ପାଖକୁ ଗଲେ । ଏ ଓ୍ୱାର୍ଡରେ ଅନ୍ୟ ରୋଗୀମାନଙ୍କ ପାଖରେ କମିଶନର କିଛି ଦୂରତ୍ୱ ରକ୍ଷା କରି ଅଟକୁଥିଲେ; କିନ୍ତୁ ଏଠି ତା'ର ବ୍ୟତିକ୍ରମ ଦେଖାଗଲା— କମିଶନର ଦମ୍ପତି ନିଗ୍ରୋ ରୋଗୀଟିର ବେଡ୍ ପାଖକୁ ଯାଇ ତା ସହିତ କିଛି କଥାବାର୍ତ୍ତା ଆରମ୍ଭ କରିଦେଲେ । ସେ କ'ଣ କହୁଥାଏ, ଅବଶ୍ୟ ଜଣାପଡ଼ୁ ନ ଥାଏ । କିନ୍ତୁ ଏ ଦୁହେଁ ଅତି ହର୍ଷୋତ୍ଫୁଲ୍ଲ ମନରେ ତା ସହିତ କଥାବାର୍ତ୍ତା କରୁଥା'ନ୍ତି । କିଛିକ୍ଷଣ ପରେ ଏଥର ମିସେସ୍ କମିଶନର ତା ହାତକୁ ବଡ଼ି ବଣ୍ଡିଲଟି ବଢ଼ାଇଦେଲେ । ବେଡ୍‌ରୁ ଉଠି ବସି ସେ ବଣ୍ଡିଲଟିକୁ ଗ୍ରହଣ କଲା । କମିଶନର ଦମ୍ପତି ଓ୍ୱେଭ୍ କରି ତା'ଠାରୁ ବିଦାୟ ନେଇ ପାଦେ କି ଦୁଇପାଦ ଯାଇଛନ୍ତି କି ନାହିଁ, ଇଏ ତାଙ୍କୁ କ'ଣ କହିଲା । ସେ ଦୁହେଁ ଅଟକି ଯାଇ ପଛକୁ ଫେରି ଚାହିଁଲେ । ଏଇଠି ଗୋଟାଏ ସ୍ପ୍ଲିଟ୍ ସେକେଣ୍ଡରେ ସେ ଆମେରିକାନ୍ ନିଗ୍ରୋ ସୈନିକଟିର ସମସ୍ତ ଅଙ୍ଗ ରାଗ ଓ କ୍ରୋଧରେ ପ୍ରଜ୍ୱଳିତ ହୋଇ ଉଠିଲା । ହାତରେ ଧରିଥିବା ବଡ଼ି ବଣ୍ଡିଲଟିକୁ ସେ ଏତେ ଜୋର୍‌ରେ ମିସେସ୍ କମିଶନରଙ୍କ ମୁହଁକୁ ଲକ୍ଷ୍ୟକରି ମାରିଲା ଯେ, ସିଏ ଏ ଆଘାତ ସହିପାରିଲେ ନାହିଁ । ତାଙ୍କ ମୁହଁରେ ରକ୍ତ ଜମାଟ ବାନ୍ଧିଗଲା । ପାଦ ଟଳମଳ ହୋଇଗଲା । କମିଶନର ତାଙ୍କୁ ଅଟକାଇ ଦେଇ ନ ଥିଲେ ସେ ହୁଏତ ତଳେ ପଡ଼ିଯାଇ ଥା'ନ୍ତେ ।

ଓ୍ୱାର୍ଡ ଭିତରେ ଯେମିତି ଗୋଟାଏ ଭୟଙ୍କର ନିସ୍ତବ୍ଧତା । ହସ୍‌ପିଟାଲ ଷ୍ଟାଫ୍, ସେ ପଟର ବ୍ରିଟିଶ୍ ଟମି, ପୋଲିସ୍, ସମସ୍ତେ ନୀରବରେ ଏ ଦୃଶ୍ୟ ଦେଖୁଚନ୍ତି । ସତେଅବା ଗୋଟାଏ ଆତଙ୍କର ଛାୟା ଖେଳିଯାଇଚି । କିନ୍ତୁ କାହାରି ପାଟିରେ କଥା ନାହିଁ··· । ···ଜଣେ ଅଶ୍ୱେତ ନିଗ୍ରୋ ଜଣେ ଶ୍ୱେତ ମହିଳାଙ୍କୁ ସର୍ବଜନ ସମକ୍ଷରେ ଆଘାତ କଲା !! ଯେଉଁ କଥାଟି ଶ୍ୱେତ ବ୍ରିଟିଶ୍ ଭୂଖଣ୍ଡରେ କଳ୍ପନାତୀତ, ସେମିତି ଏକ ଅଘଟଣ ସେଇ ବ୍ରିଟିଶ୍ ସାମ୍ରାଜ୍ୟର ଏକ ହସ୍‌ପିଟାଲରେ ଘଟିଲା । କାହିଁକି ? ଗୋଟିଏ ପ୍ୟାକେଟ୍ ସିଗ୍ରେଟ୍ ଓ ଗୋଟିଏ ବଣ୍ଡିଲ ବିଡ଼ି ମଧ୍ୟରେ ଥିବା ତାରତମ୍ୟ ପାଇଁ ତ ? ଅଶ୍ୱେତମାନଙ୍କୁ ସିଗ୍ରେଟ୍ ଦିଆ ନ ଯାଇ ବିଡ଼ି ଦିଆଯିବ, ଏ ନିଷ୍ପତ୍ତି କିଏ ନେଇଥିଲେ ? ଓଡ଼ିଶା କମିଶନର । ଏ କମିଶନର କିଏ ଓ କ'ଣ ? ତତ୍‌କାଳୀନ ବିହାର-ଓଡ଼ିଶା ପ୍ରଦେଶର ଶାସନ ବିଧି ଅନୁସାରେ ସେ ହେଉଚନ୍ତି ଓଡ଼ିଶା ଡିଭିଜନର ସର୍ବୋଚ୍ଚ ଶାସନକର୍ତ୍ତା । ସାଧାରଣ ଦୃଷ୍ଟିକୋଣରୁ କମିଶନରଙ୍କ ପ୍ରତି ନିଗ୍ରୋ ବେଗୀଟିର ଏତାଦୃଶ ଆଚରଣର ପରିଣାମ କ'ଣ, ସେକଥା କ'ଣ ତାଙ୍କୁ ଜଣା ନ ଥିଲା ? ଥିଲା, ବେଶ୍ ଭଲ ଭାବରେ ଜଣାଥିଲା ଯେ, ଏ ଘଟଣାଟି ଏଠି ନ ଘଟି ଯଦି ଖାସ୍ ଲଣ୍ଡନ ସହରର କୌଣସି ହସ୍‌ପିଟାଲରେ ଘଟିଥା'ନ୍ତା, ସେଠି ମଧ୍ୟ ତା'ର କେଶାଗ୍ର କେହି ସ୍ପର୍ଶ କରିପାରି ନ ଥା'ନ୍ତେ । କାହିଁକି ? ଏଇଠି ଟିକିଏ ପଛକୁ ଫେରିଯିବାକୁ ପଡ଼ୁଚି ।

ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହେବା ପରେ ଇଂଲଣ୍ଡକୁ ଯୁଦ୍ଧରେ ସାହାଯ୍ୟ ପ୍ରଦାନ କରିବା ପାଇଁ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ୍‌ଙ୍କ ଅନୁରୋଧ କ୍ରମେ ଚର୍ଚ୍ଚିଲ୍ ଓ ଆମେରିକାର୍ ପ୍ରେସିଡେଣ୍ଟ ରୁଜ୍‌ଭେଲ୍‌ଟଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା । ଏ ଚୁକ୍ତିର ନାମ ଥିଲା—ଆଟ୍‌ଲାଣ୍ଟିକ୍ ଚ୍ୟାର୍ଟାର । ତଦନୁସାରେ ଆମେରିକାନ୍ କଂଗ୍ରେସରେ ଏକ ବିଲ୍ ଗୃହୀତ ହେଲା । ଏହି ବିଲ୍‌ଟିର ନାମକରଣ ଥିଲା—ଲିଜ୍ ଏଣ୍ଡ ଲେଣ୍ଡ ବିଲ୍ । ଇଂଲଣ୍ଡକୁ ଯୁଦ୍ଧରେ ଆମେରିକାର ସାହାଯ୍ୟ ପ୍ରଦାନ ଉପଲକ୍ଷେ ଗୃହୀତ ଏଇ ବିଲ୍‌ଟିକୁ ଆମ ଓଡ଼ିଆ ସମ୍ବାଦପତ୍ରମାନଙ୍କରେ କୁହାଯାଉଥିଲା, 'ଉଦ୍ଧାର ପଞ୍ଚା ବିଲ୍' । ···ସିଗ୍ରେଟ୍ ପ୍ୟାକେଟ୍ ଓ ବିଡ଼ି ବଣ୍ଡିଲ ଉପାଖ୍ୟାନ ବେଳେ ଓଡ଼ିଶାର ଇଂରାଜୀ କମିଶନର ଏ ବିଲ୍ ଓ ଚ୍ୟାର୍ଟାରର ଆଇନଗତ ସ୍ଥିତି ସମ୍ପର୍କରେ ଜ୍ଞାତ ଥାଇପାରନ୍ତି, ମାତ୍ର ଉପଯୁକ୍ତ ସମୟରେ ଏହାର ଉପଯୋଗିତା ଓ ପ୍ରୟୋଗ ସମ୍ପର୍କରେ ସେ ନିଷ୍ପତ୍ତି ନିଜକୁ ଅବହିତ କରିପାରି ନ ଥିଲେ । ଯଦି ଏ ତତ୍ତ୍ୱ ସମ୍ପର୍କରେ ସେ ସଚେତନ ଥା'ନ୍ତେ, ତେବେ ସେ ଶ୍ୱେତ ବ୍ରିଟିଶ୍ ଓ ଶ୍ୱେତ ଆମେରିକାନ୍‌ମାନଙ୍କୁ ସିଗ୍ରେଟ୍ ଉପହାର ଦେଉଥିବା ବେଳେ ଏଇ ଅଶ୍ୱେତ 'ଆମେରିକାନ୍' ସୈନିକଟିକୁ ସେମିତି ସିଗ୍ରେଟ୍ ପ୍ରଦାନକରି ତା'ର କରମର୍ଦ୍ଦନ କରିଥା'ନ୍ତେ । ···ଅନ୍ୟ ପକ୍ଷରେ ଆମେରିକାନ୍ ନିଗ୍ରୋ

ସୈନିକଟି ? ସେ ଠିକ୍ ଜାଣିଥିଲା ଏ ଯୁଦ୍ଧରେ ଇଂଲଣ୍ଡକୁ ଆମେରିକା ଯେଉଁ ସାହାଯ୍ୟ ଦାନ କରୁଛି, ଜଣେ ଆମେରିକୀୟ ସୈନିକ ଭାବରେ ସେ ହେଉଛି ଏଇ 'ଦାନ'ର ଏକ ଅଂଶ । ସେଇଥିପାଇଁ ଅର୍ଥାତ୍ ଇଂଲଣ୍ଡକୁ ଆମେରିକା ପକ୍ଷରୁ ସାହାଯ୍ୟ କରିବା ପାଇଁ ସେ ଏଠିକି ଆସିଛି । ସମଗ୍ର ବ୍ରିଟିଶ୍ ସାମ୍ରାଜ୍ୟ ଏଥିପାଇଁ ତା ନିକଟରେ କୃତଜ୍ଞ ରହିବାର କଥା । ଅଥଚ ସେଇ ବ୍ରିଟିଶ୍ ସାମ୍ରାଜ୍ୟର ଏକ ଅଂଶ କଟକ ସହରର ଏକ ଡାକ୍ତରଖାନାରେ ଜଣେ ଶ୍ୱେତାଙ୍ଗ ବ୍ରିଟିଶ୍ ଅଫିସର୍ ତା ପ୍ରତି ଏପରି ଅବଜ୍ଞାସୂଚକ ବ୍ୟବହାର କରିଛି ! ସିଏ ଦାତା, ସିଏ ଗ୍ରହୀତାର ଏ ଅବିମୃଶ୍ୟକାରିତାକୁ ସହ୍ୟ କରିବ କାହିଁକି ?

[ଦ୍ୱିତୀୟ ମହାଯୁଦ୍ଧ ସମୟର ଏକ ଘଟଣାକୁ କେନ୍ଦ୍ର କରି ଏକ
ବିଶେଷ ସତ୍ୟମୂଳକ ଗଳ୍ପ]

ଟି.ଭି. ଓ ମାଧବୀ

ମଧୁଶଯ୍ୟାର ରାତ୍ରି । ଯାହା ହୋଇଥାଏ । ଗୋଟିଏ ସ୍ଥାନରେ ଦୀପଟିଏ ଜଳୁଛି । ଅତର ଓ ସଜଫୁଲର ବାସନାରେ ଘରଟି ମହକି ଉଠୁଛି । ନୂଆପଲଙ୍କ, ନୂତନ ଶଯ୍ୟା । ଏମାନେ ଏଇ କଟକ ସହରବାସୀ ଏକ ସ୍ୱଚ୍ଛଳ ପରିବାରର ବର-ବଧୂ । ଟେବୁଲ ଉପରେ ଏକ ସୁନ୍ଦର ଟେବୁଲଲ୍ୟାମ୍ପ ଜଳୁଛି । ବର ବଧୂ ଦୁହେଁ ଶଯ୍ୟା ଉପରେ ବସିଛନ୍ତି । ବର ଚେକା ପକାଇ ବସିଛି, ବଧୂଟି ବାଁ ଆଣ୍ଠୁ ପାରି, ଡାହାଣ ଅଣ୍ଠୁ ଉପରକୁ ଟେକି ଆଣ୍ଠୁ ଉପରେ ଦୁଇ ପାପୁଲିକୁ ଛନ୍ଦିରଖି ବସିଛି । ବର ରମାକାନ୍ତ, ବଧୂ ମାଧବୀ । ଉପସ୍ଥିତ କାହାରି ପାଟିରେ କଥା ନାହିଁ—ଦୁହେଁ ଦୁହିଁଙ୍କୁ କେବଳ ଚାହିଁ ରହିଛନ୍ତି ।

ରମାକାନ୍ତର ଚାହିଁବାରେ ଯେମିତି ଟିକିଏ ଚଞ୍ଚଳତାର ଭାବ, ବେଳେ ବେଳେ ଦୃଷ୍ଟିପାତ ଏପାଖ ସେପାଖ ହୋଇଯାଉଛି । କିନ୍ତୁ ମାଧବୀ ? କେତେ-ବେଳେ ତା' ଦୃଷ୍ଟି ତଳକୁ ତ କେତେବେଳେ ଏକ ଲୟରେ ରମାକାନ୍ତକୁ ଚାହିଁ ରହୁଛି । ଏ କୋଠରିକୁ ଦୁହେଁ ପ୍ରବେଶ କଲାପରେ ରମାକାନ୍ତ ଯେଉଁ ଦୁଇ ଚାରି ପଦ କଥା ମାଧବୀକୁ କହିଛି, ତା'ର କିଛି ଉତ୍ତର ସେ ପାଇନାହିଁ । ରମାକାନ୍ତ ଜାଣେ, ପାରମ୍ପରିକତାର ଆଳରେ ଲାଜରେ ଝାଉଁଳି ପଡ଼ି କିଛି କଥା ନ କହିବାର ଝିଅ ମାଧବୀ ନୁହେଁ—ସେ ବୁଝିଛି, ମାଧବୀ ବେଶ୍ ସ୍ମାର୍ଟ୍ ଝିଅ । ଏଠି କଥା ନ କହିବାର ନିଶ୍ଚୟ ଅନ୍ୟ କାରଣ କିଛି ଅଛି । କ'ଣ ସେ କାରଣ ? କେତେ ସମୟ ଆଉ ଦୁହେଁ ଏ ଅବସ୍ଥାରେ ବସି ରହିଥିବେ ? ପୁଣି କଥା ନ କହିବାର କାରଣ ଯଦି ଥାଏ, ତାହା ଉଦ୍‌ଘାଟିତ ହେବ କିପରି ? ···ହଠାତ୍ ରମାକାନ୍ତର ମନେ ପଡ଼ିଗଲା, ତାର ଜଣେ ବନ୍ଧୁ ମୁହଁରୁ ସେ ଶୁଣିଥିଲା ଆଜି ଏକ ମଧୁଶଯ୍ୟାର ରାତିର ଏମିତି ଏକ ଘଟଣା । ଏ-ମି-ତି ବରବଧୂ ଦୁହେଁ ବସିଛନ୍ତି । ବର ଦେଖୁଛି, ବଧୂଟି ବରାବର ତାକୁ ପଛକରି ବସୁଛି । ତା' ଆଡ଼କୁ ମୁହଁ କରି ବସିବା ପାଇଁ ତାର ସବୁ ଆବେଦନ ନିବେଦନ ବିଫଳ ହେଲା । ହଠାତ୍ ବରକୁ ଗୋଟିଏ ବୁଦ୍ଧି ଜୁଟିଗଲା । ଭାବିଲା, ଏଥର ସେ ଗଡ଼ ଜିତିଯିବ । ସେ ଚଟ୍‌କିନା ଉଠିଯାଇ ବଧୂ ସାମନାରେ ବସିପଡ଼ିଲା । ବଧୂଟି ଅଦ୍ଭୁତ ପୂର୍ତ୍ତିରେ ବୁଲିପଡ଼ି ଅନ୍ୟପଟକୁ

ମୁହଁ କରି ବସିଲା । ବିଚରା ବର ଭାଗ୍ୟରେ ଯେଉଁ ପଛକୁ ସେଇ ପଛ । ଦୀର୍ଘଶ୍ୱାସ ଛାଡ଼ି ସେ କହିଲା—ଏ' କି ବୋହୂ, ଏ ଘରକୁ ଆସିଲା, ତା'ର ଖାଲି ପଛପଟଟା ହିଁ ଅଛି—ସାମ୍ନା ପଟଟା କୁଆଡ଼େ ପୋଛିହୋଇ ଯାଇଚି କି ନଇବଡ଼ରେ ଭାସିଯାଇଚି ! ଏଥିରେ ବୋହୂଟା ଏତେ ଜୋର୍‌ରେ ଆଉ ଏମିତି ଅସମ୍ଭାଳ ହୋଇ ହସିଲା ଯେ, ତା'ର ଆଗ କଏ, ପଛ କଏ, ସବୁ ସେ ଭୁଲିଗଲା ।

ରମାକାନ୍ତ ଭାବିଥିଲା ତା' ମୁହଁରୁ ଏ କାହାଣୀଟି ଶୁଣି ମାଧବୀ ନିଶ୍ଚୟ ହସିପକେଇବ । କିନ୍ତୁ ନା, ସେମିତି କିଛି ଘଟିଲା ନାହିଁ । ମାଧବୀ ମନଧ୍ୟାନ ଦେଇ କାହାଣୀଟି ଶୁଣିଲା—ହସ ତ ଦୂରର କଥା ତା' ମୁହଁର ଭାବରେ କିଛି ହେଲେ ପରିବର୍ତ୍ତନ ହେଲା ନାହିଁ । ସେମିତି ଗୋଟିଏ ଭଙ୍ଗୀରେ ବସି ସେଇ ଗୋଟିଏ ଢଙ୍ଗରେ ଚାହିଁ ରହିଲା । ଅତି ସୁନ୍ଦର ତା'ର ମୁହଁଟି । କପୋଳ ପ୍ରାନ୍ତରୁ ଚିବୁକ ପ୍ରାନ୍ତଯାଏ ସମସ୍ତ ମୁଖଶ୍ରୀଟି ସୁଷମା ମଣ୍ଡିତ—ତନୁଲତାଟି ବି ସେମିତି ଲାବଣ୍ୟଭରା । ...ଧ୍ରୁପଦ ପରି ଢଙ୍ଗମାନର ଶାସ୍ତ୍ରୀୟ ସଙ୍ଗୀତ ଗାନବେଳେ ପାଟି, ଓଠ, ଜିହ୍ୱା, ଦନ୍ତ ଓ ମୁଣ୍ଡର ଚାଳନାରେ ଅତି ସୁନ୍ଦରୀ ଝିଅର ମୁହଁ ଯେମିତି ବେଳେ ବେଳେ ବିକୃତ ହୋଇଯାଏ, ସେମିତି ଗୋଟିଏ ମୃଗନୟନା ଝିଅର ଚାହାଣୀରେ କିଛି ବ୍ୟତିକ୍ରମ ହେଲେ ତା' ମୁହଁ ସେମିତି ବିକୃତ ହୋଇଯିବା କିଛି ଅସମ୍ଭବ ନୁହେଁ । ମାଧବୀ ଯଦି ପଣ କରି ବସିଥାଏ, ଆଜି ରାତିରେ ସିଏ ଏମିତି ଖାଲି ଚାହିଁରହିବ, କେତେ ସମୟ ବା ସେ ଏଇ ଗୋଟିଏ ଭଙ୍ଗିରେ ଚାହିଁ ପାରିବ ଯଦି ସେ ହାଲିଆ ହୋଇପଡ଼ି ତା' ଚାହାଣୀରେ କିଛି ବ୍ୟତିକ୍ରମ ଆସେ, ଅଉ ପରିଣାମରେ ତା' ମୁହଁ ବିକୃତ ହୋଇଯାଏ !! ନା, ରମାକାନ୍ତ ମାଧବୀ ମୁହଁର କିଛି ବିକୃତ ରୂପ ଦେଖିବାର କଳ୍ପନା ସୁଦ୍ଧା କରିପାରୁନି । ସେ ଅଉ ଏକ କାହାଣୀ ଆରମ୍ଭ କରିଦେଲା—ଶୁଣ ମାଧବୀ, ଦିନେ ଗୋଟିଏ ଘଟଣା ଘଟିଥିଲା, ଯେଉଁଠି ତୁମେ ଥିଲ ଆଉ ମୁଁ ଥିଲି । ଅବଶ୍ୟ ସେତେବେଳେ ଆମର ପରିଚୟ ହୋଇନି । ତୁମେ ସେତେବେଳେ କଲେଜ ଛାତ୍ରୀ, ରହୁଥିଲ ଓମେନ୍‌ସ ହଷ୍ଟେଲରେ । ସେଦିନ ତୁମେ ରିକ୍‌ସାରେ ଆସୁଥାଅ--—ରିକ୍‌ସା ଟା'ର ବେଗରେ ଛୁଟୁଥାଏ । ରିକ୍‌ସା ହୁଡ୍ ଅବଶ୍ୟ ଟେକା ହୋଇଥାଏ । ପ୍ରଭାତ ସିନେମା ହଲ୍ ପାଖରେ ଗୋଟିଏ ଖାଲି ରିକ୍‌ସା ଠିଆ ହୋଇଥାଏ—ତା' ହୁଡ୍ ପଡ଼ିଥାଏ । ଦୁଇ ରିକ୍‌ସାର ମୁହଁ ଗୋଟିଏ ଦିଗକୁ । ତମ ରିକ୍‌ସା ପଛରୁ ଆସି ସେ ଖାଲି ରିକ୍‌ସାକୁ ଟପିଯିବା ବେଳେ, ତମ ରିକ୍‌ସାର ଅକ୍‌ସିଲ ସେ ଖାଲି ରିକ୍‌ସାର ଆକ୍‌ସିଲକୁ ଏତେ ଜୋର୍‌ରେ ଧକ୍‌କା ଦେଲା ଯେ, ତା'ର କମ୍ପନରେ ··କମ୍ପନ ମାନେ ବୁଝୁଚ ତ ? ସେଦିନ ସେ ଦୁଇ ରିକ୍‌ସା ଧକ୍‌କାର ଭାଇବ୍ରେସନ୍ ଫଳରେ ଏକ ପ୍ରଚଣ୍ଡ କମ୍ପନ ସୃଷ୍ଟି ହୋଇ ତମ ରିକ୍‌ସାର ହୁଡ୍ ଆପେ ଆପେ ପଡ଼ିଗଲା, ଅଉ

ତୁମେ ତୁମ ଚକ୍‌ସା ଗଦା ଉପରୁ ଫୁଟେ ଦେଢ଼ଫୁଟ ଉପରକୁ ଉଠି, ଟିକେ ବାଁ ଅଡ଼କୁ ବଙ୍କେଇ ଯାଇ ପାଖ ଚକ୍‌ସାର ଗଦା ଉପରେ ଲଥ୍‌କିନା ବସିପଡ଼ିଲ । ଫଳରେ ସେ ଚକ୍‌ସାର ହୁଡ୍‌ ଆପେ ଆପେ ଉପରକୁ ଉଠିଗଲା । ତମର କିଛି କ୍ଷତି ହୋଇନି—ତମେ ଆଦୌ ଡରିଯାଇନ । ଉପସ୍ଥିତ ସମସ୍ତେ ଏ ଦୃଶ୍ୟ ଦେଖି, ତମର ସାହସ ଦେଖି ଯେତିକି ଚୂପିହେଲେ, ସେତିକି ତମର ପ୍ରଶଂସା କଲେ । ମୁଁ ସେଠି ଥିଲି । ··ରମାକାନ୍ତ ଏଇ ସତ କାହାଣୀଟି ବର୍ଣ୍ଣନା କରି ମାଧବୀକୁ ଚାହିଁରହିଲା । କ'ଣ ଦେଖୁଚ ସେ ? ମାଧବୀର ଓଠ···ହୁଁ, କଥା କହୁଚ—ମୌନାବତୀ ମାଧବୀ କହୁଚ—"ମୁଁ କେମିତି ଟିକିଏ ଟି. ଭି. ରେ ବାହାରନ୍ତି !" ···ମାଧବୀର ଏ ଉଦ୍‌ଭଟ କଥାରେ ରମାକାନ୍ତକୁ ଦେଖିଲେ ଜଣାଗଲା ଯେପରି ସେ ମାଧବୀ କଥା ବୁଝିପାରିନି, ଅଥଚ ସେ ଠିକ୍‌ ବୁଝିଚି । ସେ ଚାହିଁଲା ମାଧବୀକୁ କହୁଥା'ନ୍ତା—କ'ଣ କହିଲ ଆଉଥରେ କହିବଟି ! ···କିନ୍ତୁ ପାରିଲା ନାହିଁ, ଯେହେତୁ ମାଧବୀର କଥା ସେ ସ୍ପଷ୍ଟଭାବେ ଶୁଣିଚି । ମାଧବୀ କହୁଚ—ଟି. ଭି. ରେ ବାହାରିବ ! କ'ଣ କହିବ ତାକୁ ? କି ଉତ୍ତର ଦେବ ? ଏମିତି ଭାବୁ ଭାବୁ ତା' ପାଟିରୁ ଆପେ ଆପେ ବାହାରିପଡ଼ିଲା—ନାଇଁ ·· । ରମାକାନ୍ତର ଏ କଥା ପଦକରେ ମାଧବୀ ଯେମିତି ଚେଇଁଉଠି କହିଲା—ନାଇଁ !! ତମେ ନ'ଇଁ କହୁଚ ? ···ହଡ଼ବଡ଼େଇ ଯାଇ ରମାକାନ୍ତ ପାଟିରୁ ବାହାରି ପଡ଼ିଲା—ମୁଁ—ମୁଁ ନାଇଁ କହୁନି ଯେ...ରମାକାନ୍ତର ପାଟି ଖନିବାକିଯାଉଚି । ତଥାପି ସେ କହିଗଲାଚ—ତମେ କହୁଚ, ମାନେ—ତୁମେ ଯାହା କହୁଚ ମୁଁ ଠିକ୍‌ ବୁଝୁଚି ! ···ମାଧବୀ ଯାହା କହୁଚ ସେଥିରେ ନ ବୁଝି ପାରିବାର କିଛି ନାହିଁ, ଅତଏବ ତାକୁ ବୁଝୁଚି ବୋଲି କହିବାର କିଛି ଅର୍ଥ ନାହିଁ । ପ୍ରକୃତରେ ଗୋଟିଏ ଖସଡ଼ା ପଥରେ ରମାକାନ୍ତର ପାଦ ଦି'ଟା ଖସିଯାଇଚି—ସେ ଗୋଡ଼ ଦି'ଟାକୁ ଫର୍‌କଟା କରି ଠିଆ ହୋଇଚି । ଗୋଟାଏ ପାଦ ଉଠାଇଲେ ଆଉ ପାଦଟା ସମ୍ଭାଳି ପାରିବନି, ସେ ଆଣ୍ଠେଇ ପଡ଼ିବ । କୌଣସିମତେ ଟାଣି ଓଟାରି ଗୋଟିଏ ସ୍ଥିତ ଅବସ୍ଥାକୁ ଆସିଲା । ମନ୍‌ ଚାହୁଁଚି ସେ "ନା" କହିଦେବ । କିନ୍ତୁ ଗୋଟିଏ ମଧୁଶଯ୍ୟା ରାତିରେ ବୋହୂଟାକୁ "ନା" କହିଦେବ କେମିତି ? ପୁଣି ମଧୁଶଯ୍ୟା ରାତିରେ ଏ କଥାରେ ସେ ବୋହୂଟାକୁ "ହୁଁ" ବା କେମିତି କହିବ ! ହୋଇପାରେ ମଧୁଶଯ୍ୟା ରାତି, ଗୋଟିଏ ମଧୁମୟ ଚୈତ୍ର ପୂର୍ଣ୍ଣିମାର ରାତି, ସେହିପରି କେତେକ ଦିଗରୁ ମଧୁଶଯ୍ୟା ମଧ୍ୟ ଏକ ଅତି ଅଡ଼ୁଆ ରାତି । ମାଧବୀ ତେବେ କ'ଣ ଜାଣିଶୁଣି ତାକୁ ଏଭଳି ଏକ ଅଡ଼ୁଆ ପ୍ରଶ୍ନ ପଚାରିଚି ! ସେ ଯଦି ତାକୁ ଏମିତି ଗୋଟିଏ ଅଡ଼ୁଆ ଉତ୍ତର ଶୁଣାଇ ଦେଇ ପାରନ୍ତା ! ଟିକିଏ ଆଗରୁ ଯେମିତି ଭାବୁଥିଲା, ପୁଣି ସେମିତି ଭାବୁ ଭାବୁ ତା' ପାଟିରୁ ସେମିତି ଆପେ ଆପେ ବାହାରି ପଡ଼ିଲା—ତମେ ଟି.ଭି. ରେ ବାହାରିବାକୁ କହୁଚ ଯେ···ରମାକାନ୍ତର

କଥାରେ ବାଧାଦେଇ ମାଧବୀ ଚଟାପଟ୍ କହି ଉଠିଲା—କ'ଣ 'ଯେ'? ଏ 'ଯେ' ପୁଣି କ'ଣ ? ···ଏଥର ରମାକାନ୍ତ ଯେତେ ପାରେ ଧୀରସ୍ଥିର ଭାବରେ କହିଲା—'ଯେ' ହେଲା ଟି. ଭି. ରେ ପଶିଲେ ଯିନା ବାହାରିବ! ଆଗେ ପଶିବା କଥା···! ଏଥର ମାଧବୀ ଏ ଘରର ନୂଆବୋହୂ ନୁହେଁ, ଏକ ଗୃହିଣୀସୁଲଭ ଦମ୍ଭରେ କହିଲା—ବୁଝିଲି, ତମେ କହୁଚ ଟି. ଭି. ପଛପଟେ ଯୋଉ ପଟା ଅଛି, ତାକୁ ଖୋଲି ମୁଁ ଟି.ଭି. ଭିତରେ ପଶିଲେ ଯାଇ ଟି.ଭି. ରେ ବାହାରିବ ! ଏଇଆ ନା ? ···ରମାକାନ୍ତ ଦେଖୁଚି ସେ ମାଧବୀ ପାଖରେ ହାରିଯାଉଚି । କୌଣସିମତେ ସେ କହିଉଠିଲା – ଶୁଣ ମାଧବୀ, ମୁଁ କହୁଥିଲି ଏ ଅଡୁଆ କଥାଟା, ମାନେ ତମ କଥା ଅଡୁଆ—ମୋ' ଉତ୍ତର ଅଡୁଆ··· । "ଥାଉ" ବୋଲି ଏଇ କଥାପଦକ କହି ରମାକାନ୍ତର ବାରଣ ସତ୍ତ୍ୱେ ମାଧବୀ ଖଟ ଉପରୁ ତଳକୁ ଓହ୍ଲାଇ ଆସିଲା । ଘରୁ ଆସିଲାବେଳେ ତା' ଭାଉଜ ତା' କାନରେ ଯାହା କହିଥିଲେ, ସେଇ କଥା ମନେପକେଇ ତା' ନିଜ ପାଟିରେ ଫୁଙ୍କି କୁଲଦୀପଟିକୁ ଲିଭାଇଦେଲା । ତା'ପରେ ଟେବୁଲ ଲ୍ୟାମ୍ପର ସୁଇଚଟାକୁ ଅଫ୍ କରିଦେଇ ପୁଣି ଖଟ ଉପରକୁ ଉଠିଆସିଲା ।

ଏ ଘଟଣା ପରେ ରମାକାନ୍ତ ମନେ ମନେ ଟିକିଏ ଦବିଯାଇଚି । ତା'ର ଆଶଙ୍କା, ମାଧବୀ ମନରେ ରାଗ କି ଅଭିମାନ ହେଇଥିବ । କିନ୍ତୁ କାହିଁ ? ଦିନ ଗଡ଼ିଯାଉଚି, ସେମିତି କିଛି ଲକ୍ଷଣ ଦେଖାଯାଉନାହିଁ । ମାଧବୀର ସବୁକଥା ସାଧାରଣ ଢଙ୍ଗରେ ଚାଲିଚି । ତଥାପି ରମାକାନ୍ତ ମନେ ମନେ ଠିକ୍ କଲା, ଟି.ଭି.ରେ ବାହାରିବା କଥାଟାକୁ ମାଧବୀ ମନରୁ ଏକାବେଳେକେ ପୋଛି ସାଫ୍ କରିଦେବାକୁ ପଡ଼ିବ । ···କିନ୍ତୁ କାହିଁକି ? ଏଥିରେ ତା'ର ଅପରାଧ କ'ଣ, ଭୁଲ୍ କେଉଁଠି ? ଟି.ଭି.ରେ ବାହାରିବା ତ ଏବେ ଗୋଟାଏ ଷ୍ଟାଟସ୍ ସିମ୍ବଲ ହେଇଗଲାଣି । ମାଧବୀର ଭୁଲ୍ କେଉଁଠି ? ଏ ପ୍ରଶ୍ନଟା ତା ନିଜକୁ ସେ ଯେତେ ପଚାରୁଚି, କିଛି ଉତ୍ତର ପାଉନି—ଅଥଚ କଥାଟା ତା ମନରେ ସବୁବେଳେ ଧକ୍କା ଖାଉଚି । ···ଅବଶ୍ୟ ସେ ରାତିର ଘଟଣା ପରେ ସେ ଆଉ ଟି.ଭି.ରେ ବାହାରିବା ନାଁ ଧରୁନି । ହେଇପାରେ, ଏହା ଏକ ଛଳନା । ତଥାପି ତା ମନରୁ ଟି.ଭି.ର ମୋହ ଭାଙ୍ଗିଦେବାକୁ ହେବ । ତା ସହିତ କଥାବାର୍ତ୍ତା ହେଲାବେଳେ ମାଧବୀ ଲକ୍ଷ, କୋଟି ଶବ୍ଦ ବ୍ୟବହାର କରୁ ସେ ଖୁସି—କିନ୍ତୁ ତା ମୁହଁରୁ ଟି.ଭି. ଶବ୍ଦଟି ସେ ଶୁଣିବାକୁ ଚାହେଁନା । ···ଏଇଠି ରମାକାନ୍ତ ମନେ ମନେ ହସିଲା—ଖାଲି ହସ ନୁହେଁ, ନିଜକୁ ନିଜେ ଉପହାସ କଲାଭଳି ବୋଧ ହେଲା । ମାଧବୀ ଟି.ଭି. ନାଁ ଧରିବନି କ'ଣ ? ଘରେ ଦୁଇ ଦୁଇଟା ଟି.ଭି., ଅଥଚ ଏଡ଼େ ନିର୍ବୋଧ, ସେ ଭାବୁଚି ମାଧବୀ ଟି.ଭି. ନାଁ ଧରିବନି ! ଅଭିମାନିନୀ ରାଧା କୃଷ୍ଣ ନାମ ଆଉ ଧରିବେ ନାହିଁ କି ଶୁଣିବେ,

ନାହିଁ ବୋଲି ଯେମିତି ପ୍ରତିଜ୍ଞା କରିଥିଲେ, ମାଧବୀ ସେମିତି ଟି.ଭି. ନାମ ମୁହଁରେ ନ ଧରିବାର କିଛି ଉପାୟ କ'ଣ ରମାକାନ୍ତ ଖୋଜିପାରିବ !

ସେଦିନ ମାଧବୀ ରୋଷେଇଘରେ ଅଛି । ରମାକାନ୍ତ ଏ କଥା କେବେ ଗୋପନ ରଖିପାରିବ ନାହିଁ ଯେ ମାଧବୀର ନିରନ୍ତର ସାନ୍ନିଧ୍ୟ ସେ କାମନା କରେ । ରୋଷେଇଘରେ ମାଧବୀକୁ ଏକୁଟିଆ ଦେଖି ସେ ତା ନିକଟକୁ ଗଲା । କିଛିକ୍ଷଣ ତା କାମ ଦେଖି ମୁଗ୍ଧ ଗଳାରେ ପଚାରିଲା—କ'ଣ କରୁଚ ? ···ମାଧବୀ କଟାକ୍ଷରେ ରମାକାନ୍ତକୁ ଚାହିଁ କହିଲା—ଆମ ଘରୁ ଯେଉଁ ଫ୍ରାଇଙ୍ଗ୍ ପ୍ରେସର୍ ପ୍ୟାନ୍ ଆସିଥିଲା, ସେଥିରେ ଫ୍ରାଇ କରୁଚି । ···ଉତ୍ସାହିତ ହୋଇ ରମାକାନ୍ତ ପଚାରିଲା—କ'ଣ ଫ୍ରାଇ କରୁଚ ? ···ହସ ହସ ମୁହଁରେ ମାଧବୀ କହୁଚି—ତମେ ପରା ଚିକେନ୍ ଲେଗ୍ ଗୋଟା ଖାଇବାକୁ ଭଲପାଅ, ତମ ପାଇଁ ସେଇ ଚିକେନ୍ ଲେଗ୍ ଫ୍ରାଇ କରୁଚି । ···ଶ୍ରଦ୍ଧା ଓ ସ୍ନେହରେ ରମାକାନ୍ତର ମନ ତରଳିଗଲାଣି । କହିଲା—କିଛି ଅସୁବିଧା ହେଉନି ତ ? ଏ ପ୍ରେସର ପ୍ୟାନ୍ ନୂଆ ବ୍ୟବହାର କରୁଚ··· । ନିର୍ବିକାର ଭାବରେ ମାଧବୀ କହିଲା – କିଛି ଅସୁବିଧା ନାହିଁ । ଏଥିରେ କେମିତି ଫ୍ରାଇ କରିବାକୁ ହୁଏ, ସେକଥା ମୁଁ ଟି.ଭି.ରୁ ଶିଖିଚି । ···ରମାକାନ୍ତ ଏଥିରେ କ'ଣ ବା କରିବ ? ତା ପାଟି ଖନିବାକୁ ଆସୁଚି । ହଠାତ୍ ଚମକିଲା ଭଳି କହିଲା—ଆରେ ଆରେ, ଏ କ'ଣ କରୁଚ ? ଏ ଶାଢ଼ୀ ପିନ୍ଧି ଗ୍ୟାସ୍‌ଚୂଲିରେ ରାନ୍ଧୁଚ ···କଥାଟାକୁ ଉଡ଼ାଇଦେଇ ମାଧବୀ କହିଲା – କିଛି ହେବ ନାହିଁ । ଗ୍ୟାସ୍ ଫ୍ଲେମ୍ ପାଖରୁ ଫୁଟେ ଦୂରରେ ରହି ରାନ୍ଧିବାକୁ ଟି.ଭି. କହିଚି—ମୁଁ ଚଉଦ ଇଞ୍ଚ୍‌ରେ ଅଛି । ···ମାଧବୀର ଅଜାଣତରେ ହିଁ ରମାକାନ୍ତ ସେଠୁ ଖସିଆସିଲା । ତା'ର ମନେହେଲା, ଏହାପରେ ମାଧବୀ ନୁହେଁ, ତା ନିଜ ମନରୁ ଯେମିତି ଟି.ଭି. ଶବ୍ଦଟି ପୋଛି ହୋଇଯାଉଚି । ତେବେ ବି ମାଧବୀ ଟି.ଭି.ରେ ବାହାରିବ, ଏକଥାଟାର ଗୋଟାଏ ଧୂଆଁଳିଆ ଛାଇ ତାକୁ ଘେରି ରହିଥାଏ ।

ଆଷାଢ଼ ମାସରେ ଏ ଦୁହିଁଙ୍କର ବାହାଘର ହୋଇଥିଲା । ଶ୍ରାବଣ ମାସରେ ଝୁଲଣଯାତ୍ରା । ସେଦିନ ଶ୍ରାବଣ ପୂର୍ଣ୍ଣିମା । ଗତ ତିନିଦିନ ହେବ ଲଗାଣ ବର୍ଷା ଲାଗି ରହିଥିଲା । ଆଜି ଛାଡ଼ିଯାଇଚି । ଏକାବେଳକେ ମେଘମୁକ୍ତ ଆକାଶ । ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଯାଇଚି । ବାଲ୍‌କୋନି ଉପରେ ଠିଆହୋଇ ମାଧବୀ ଆକାଶକୁ ଚାହିଁ ରହିଥାଏ । ରମାକାନ୍ତ ଆସି କହିଲା—କ'ଣ ଜହ୍ନ ଦେଖୁଚ ?

—ଜହ୍ନକୁ ଦେଖି ଦେଖି ମନହେଉଚି, ଆଜି ଗହ୍ମାପୂର୍ଣ୍ଣିମାରେ ଟିକିଏ ଗହ୍ମାଝୁଲଣ ଦେଖିଯିବାକୁ । ···ମାଧବୀ ମୁହଁରୁ ଝୁଲଣ ଦେଖିଯିବା କଥାଟା ଶୁଣି ରମାକାନ୍ତର ମନେହେଲା, ସେଦିନ ଟି.ଭି.ରେ ବାହାରିବା କଥା କହି ମାଧବୀ

ତାକୁ ଯେମିତ ଅଡ଼ୁଆ ଭିତରେ ପକେଇଥିଲା, ଏବେ ଝୁଲଣ ଦେଖିଯିବା କଥା କହି ଠିକ୍ ସେମିତ ଅଡ଼ୁଆ ଭିତରକୁ ଠେଲି ଦେଲାଣି । ...କହୁଚ ଝୁଲଣ ଦେଖିଯିବ । ଆଜକାଲି ଶିକ୍ଷିତା ଆଧୁନିକା ଝିଅମାନେ କ'ଣ କଷ୍ଟକରେ ଝୁଲଣ ଦେଖିଯାଉଚନ୍ତି !! ମୁହଁଖୋଲି ଏକଥା ନ କହି, ଟିକିଏ ଥତମତ ଖାଇ ମାଧବୀକୁ ପଚାରିଲା—ଝୁଲଣଯାତ୍ରା ଦେଖିଯିବ ? ସେଠି ଦେଖିବ କ'ଣ ? ·ନିର୍ବିକାର ଭାବେ ମାଧବୀ ଉତ୍ତର ଦେଲା – ଠାକୁରଙ୍କ ଯାତ୍ରା । ...ଠାକୁର ଶବ୍ଦଟି ଶୁଣି ରମାକାନ୍ତ ଆହୁରି ଅଡ଼ୁଆରେ ପଡ଼ିଯାଇ କହିଲା – ସତରେ ଯିବ ? ...ଉତ୍ତରରେ ମାଧବୀ କେବଳ ଡୋଳା ବୁଲାଇ ରମାକାନ୍ତକୁ ଚାହିଁଲା । କାଳେ ମଧୁଶଯ୍ୟା ରାତି ଘଟଣାର ଏଠି ଆଉ ଏକ ପୁନରାଭିନୟ ହେବ, ସେଇ ଆଶଙ୍କାରେ ରମାକାନ୍ତ ରାଜି ହେଇଯାଇ ଖୁବ୍ ସହଜ ଗଳାରେ କହିଲା—ଚାଲ, ଏଇ ସଙ୍ଗେ ସଙ୍ଗେ ଯିବା । ଯେଉଁ ଜାଗାରେ ଝୁଲଣ ହଉଚ, ସବୁ ବୁଲି ଦେଖି ଆସିବା । ଆସ । ...ଦୁହେଁ ବାହାରିଗଲେ । ରମାକାନ୍ତ ଖୁସି । ଝୁଲଣଯାତ୍ରା ପାଇଁ ତା ନିଜର ଆଦୌ ଆକର୍ଷଣ ନାହିଁ । କିନ୍ତୁ ମାଧବୀ ପାଇଁ ସେ ରାତି ଅଧଯାଏ ଝୁଲଣ ଦେଖିବ । ଏମିତ କିଛି କିଛି ଘଟଣାରେ ମଜ୍ଜି ରହିଲେ ହୁଏତ ଟି.ଭି. ପରଦା ତାକୁ ଆଉ ଟାଣିବ ନାହିଁ ।

ରମାକାନ୍ତ ଯାହା ଭାବୁଥିଲା ସେ ଝୁଲଣଯାତ୍ରାରେ କୌଣସି ଆକର୍ଷଣ ନାହିଁ, ତା' ନୁହେଁ । ଝୁଲଣଯାତ୍ରା ପାଇଁ ବେଶ୍ ଭିଡ଼ ହେଇଚ । ମନ୍ଦିରମାନଙ୍କରେ ଭିଡ଼ର ତ ସୀମା ନାହିଁ । ରମାକାନ୍ତ ପିନ୍ଧିଚ ସଫା ଧୋତି ଓ ସିଲ୍‌କ ପଞ୍ଜାବି—ମାଧବୀ ପିନ୍ଧିଚ ଫିକା ନାଲି ରଙ୍ଗର ଦାମିକା ସିଲ୍‌କ ଶାଢ଼ୀ । ଗୋଟିଏ ମନ୍ଦିର ପ୍ରାଙ୍ଗଣସଲଗ୍ନ ଗୋଟିଏ ସୁଶୋଭିତ କୁଞ୍ଜ ସମ୍ମୁଖରେ ଦୁହେଁ ଠିଆ ହେଇଛନ୍ତି । ବାସ୍ତବିକ୍ କୁଞ୍ଜଟିର ସାଜସଜ୍ଜା ଅପୂର୍ବ ହୋଇଚ । ସେଠୁ ଘୁଞ୍ଚିଯିବାକୁ ଇଚ୍ଛା ହେଉନି । କୁଞ୍ଜର ପଶ୍ଚାଦ୍ଭାଗରେ ଆଇନା ସବୁ ସଜ୍ଜିତ ହେଇଚ । ଆଇନାରେ କିନ୍ତୁ ଦର୍ଶକମାନଙ୍କର ମୁହଁ ଦିଶୁନି, ଦେହର ନିମ୍ନାଂଶ ଦେଖାଯାଉଚ୍ଛି । ରମାକାନ୍ତର ଆଖି ଆଇନା ଉପରେ ପଡ଼ିଲା, ସେ ଦେଖୁଚ ସିଲ୍‌କଶାଢ଼ୀ-ଶୋଭିତା ଓ ସୁନାଚୁଡ଼ିପିନ୍ଧା ଗୋଟିଏ ସତର୍କ ହାତ ତା ପଞ୍ଜାବିର ପକେଟ୍ ଭିତରକୁ ପ୍ରବେଶ କରୁଚ । ରମାକାନ୍ତ ବୁଝିଲା, ଏ ମାଧବୀର ହାତ । ହାତଟି ପକେଟ୍ ଭିତରେ କ'ଣ ଖୋଜିଲା ପରି ଜଣାପଡ଼ିଲା । ଖୁସିରେ ରମାକାନ୍ତର ମନ ପୁଲକିତ ହୋଇ ଉଠିଲା । ତା ପାଟିରୁ ଚଟ୍‌କିନା ବାହାରି ଆସିଲା—କ'ଣ ? ପକେଟ୍ ଭିତରେ ହାତ ଥାଇ ସଙ୍ଗେ ସଙ୍ଗେ ଚୁପାକଣ୍ଠରେ ଉତ୍ତର ଆସିଲା—ପାନ । ...ବହୁଲାଭ ରମାକାନ୍ତ ଚାହିଁ ଦେଖିଲା ଫିକା ନାଲି ସିଲ୍‌କଶାଢ଼ି-ପରିହିତା ଗୋଟିଏ ଲଜ୍ଜାବନତା ତରୁଣୀ ତା ନିକଟରୁ ଅପସରି ଯାଇ ଅଦୂରରେ ସଫା ଧୋତି ଓ ସିଲ୍‌କପଞ୍ଜାବି-ପରିହିତ ଆଉ ଜଣେ ଯୁବକଙ୍କ ପାଖକୁ ଲାଗି ଠିଆହେଲା ।

ନିଶ୍ଚିତଭାବେ ଯୁବକଟି ହେଉଛି ତା'ର ସ୍ୱାମୀ । ଏ କଥା ବୁଝିବାକୁ ରମାକାନ୍ତର ବାକି ରହିଲା ନାହିଁ ଯେ, ସେମାନେ ଦୁଇ ସ୍ୱାମୀ ଓ ଦୁଇ ସ୍ତ୍ରୀଙ୍କର ଏକାଭଳି ଓ ଏକାରଙ୍ଗର ପରିଧାନ ହେଉଛି ଏ ବିଭ୍ରାଟର କାରଣ । ସେଇଥିପାଇଁ ବୋହୁଟି ଭ୍ରମରେ ପଡ଼ି ରମାକାନ୍ତ ପକେଟରେ ହାତ ପୂରେଇଥିଲା । ରମାକାନ୍ତ ଏ ଘଟଣାରେ ଆମୋଦିତ ହୋଇ କିଛିକ୍ଷଣ ସେ ଦମ୍ପତିଙ୍କୁ ଚାହିଁ ରହିଲା । ମନେ-ମନେ ଟିକିଏ ହସି, 'ଚାଲ' ବୋଲି କହି ଏପଟ ସେପଟ ଚାହିଁ ଦେଖିଲା ବେଳକୁ ମାଧବୀ ସେଠି ନାହିଁ । ଗଲା କୁଆଡ଼େ ? ସେପଟକୁ ଚାହିଁ ଦେଖିଲା, ସେ ସ୍ୱାମୀ-ସ୍ତ୍ରୀ ଦୁହେଁ ଠିଆ ହୋଇଛନ୍ତି । କିନ୍ତୁ ମାଧବୀ ନାହିଁ । ସେ ବୋହୁଟି ଯେତେବେଳେ ତା ପକେଟ୍‌ରେ ହାତ ପୂରାଉଥିଲା, ମାଧବୀ ଥିଲା କୋଉଠି ? ସବୁଆଡ଼କୁ ଆଖି ବୁଲେଇ ଦେଖିଲା, ମାଧବୀ କୋଉଠି ଦିଶୁନି । ସମସ୍ତ ମନ୍ଦିର ପ୍ରାଙ୍ଗଣଟା ବୁଲିଲା, ପୁଣି ପୂର୍ବସ୍ଥାନକୁ ଫେରିଆସିଲା । ନା, ମାଧବୀ ସେଠି ନାହିଁ କି ଆଉ କୋଉଠି ନାହିଁ । ତା'ପରେ ଯେତେ ପାରେ, ସହରର ବହୁ ସ୍ଥାନକୁ ଯାଇ କୋଉଠି ମାଧବୀକୁ ପାଇଲା ନାହିଁ । ଶେଷକୁ ନିରାଶ ହୋଇ ରାତି ପ୍ରାୟ ଦଶଟା ବେଳକୁ ଘରକୁ ଫେରିଲା । ଘରେ ସମସ୍ତେ ଶୋଇପଡ଼ିଛନ୍ତି । କଟକରେ ମାଧବୀର ମାମୁ ବ୍ୟତୀତ ସେମାନଙ୍କର ଅନ୍ୟ କେହି ଆତ୍ମୀୟ ଲୋକ ନାହାନ୍ତି । ସେଠିକି ଟେଲିଫୋନ୍ କରି ବୁଝିଲା—ସେମାନେ ପୁରୀ ଚାଲିଯାଇଛନ୍ତି । ଏତେ ରାତିରେ ଆଉ କୋଉଠି ବା କ'ଣ ବୁଝିବ ?

କାହାକୁ ବା କ'ଣ ପଚାରିବ ! ଏହାପରେ ଦୁଇଦିନ ବିତିଗଲା । ମାଧବୀ ଫେରୁନି । ତୃତୀୟ ଦିନ ସେ ଥାନାରେ ଯାଇ ପହଞ୍ଚିଲା । ରମାକାନ୍ତ ଦେଖିବାକୁ ସୁନ୍ଦର ସୁପୁରୁଷ—କିନ୍ତୁ ବେଶ୍ ସାଦା-ସିଧା ଭଦ୍ରଲୋକ । ଏଭଳି ଚେହେରାର ଲୋକ ଏ ସ୍ଥାନକୁ ଆସିଲେ ଥାନା ଅଫିସରଙ୍କ ଭ୍ରୂକୁଞ୍ଚିତ ହେଇଯାଏ । ପ୍ରକୃତରେ ଭ୍ରୂକୁଞ୍ଚନ ସହ ଅଭିଜ୍ଞ ଥାନା ଅଫିସର ପଚାରିଲେ—କୁହନ୍ତୁ କ'ଣ ହେଇଛି ?

—ମୋ ସ୍ତ୍ରୀ ହଜିଯାଇଛନ୍ତି ।

—ହଜିଯାଇଛନ୍ତି ମାନେ, ମିସିଙ୍ଗ୍ ?

—ଆଜ୍ଞା

ଅଫିସର ପୁଣି ଟିକିଏ ଭ୍ରୂକୁଞ୍ଚିତ କରି ରମାକାନ୍ତଙ୍କୁ ଚାହିଁ କିଛିଟା ବିସ୍ମୟଭାବ ନେଇ ପଚାରିଲେ—ଆପଣଙ୍କ ପରି ଭଦ୍ରଲୋକ, ଆପଣଙ୍କ ସ୍ତ୍ରୀ କିଛି ପିଲାଛୁଆ ନୁହଁନ୍ତି, କେବେ ହଜିଲେ ?

—ଏଇ ତିନିଦିନ ତଳେ ।

—ଅଥଚ ଏଯାଏ ଆପଣ ଗୁନ ହୋଇ ରହିଛନ୍ତି ? କୋଉଠି ହଜିଲେ ?

—ଝୁଲଣ ଯାତ୍ରାରେ ।

—କେମିତି ହଜିଲେ ? ···ଏଇଠି ରମାକାନ୍ତ ଟିକେ ଅଟକି ଯାଇ କହିଲା—ହଜିବା ଲୋକ ସିଏ, ମୁଁ କେମିତି ଜାଣିବି କେମିତି ହଜିଲେ ! ··ଅଭିଜ୍ଞ ପୋଲିସ ଅଫିସର ବୁଝିପାରିଲେ ରମାକାନ୍ତ କ ଅସୁବିଧାରେ ପଡ଼ିଚି । କହିଲେ— କ୍ଲୁ ଦିଅନ୍ତୁ ।

—ମୋ ପାଖେ ପାଖେ ଥିଲେ, ଦେଖିଲି ବେଳକୁ ନାହାନ୍ତି ।

—ଫଟୋ ଆଣିଛନ୍ତି ? ···ରମାକାନ୍ତ ଫଟୋ ଖଣ୍ଡିଏ ବାହାରକରି ଦେଲା—ତାଙ୍କ ବିବାହ ବେଳର ରଙ୍ଗିନ୍ ଫଟୋ । ଅଫିସର ଫଟୋଟିକୁ କିଛିକ୍ଷଣ ଚାହିଁ, ଈଷତ୍ ହସି ରମାକାନ୍ତଙ୍କୁ ଚାହିଁ କହିଲେ—ଏ ରଙ୍ଗିନ୍ ଫଟୋ ?

—କ'ଣ ଚଳିବ ନାହିଁ ?

—ନିଶ୍ଚୟ ଚଳିବ । ଆଚ୍ଛା ଏ ଫର୍ମ ପୂରଣକରି ଆପଣ ଯା'ନ୍ତୁ ।

ତିନି ଚାରିଦିନ ପରେ ରମାକାନ୍ତ ବସି ଟି.ଭି. ଦେଖୁଚି । 'ନିଖୋଜ ବ୍ୟକ୍ତିଙ୍କ ଘୋଷଣା'ରେ ଦେଖିଲା ମାଧବୀର ଛବି । ନବବଧୂ ବେଶରେ ସୁସଜ୍ଜିତା ମାଧବୀ ଟି.ଭି.ରେ ଝଟକୁଚି । ଯେତେବେଳେ ସେ ଏ ଫଟୋଟି ଥାନା ଅଫିସରଙ୍କୁ ଦେଇଥିଲା, ସେତେବେଳେ ସେ ମନେ ମନେ ଏଇଆ ଭାବି ଦେଇଥିଲା ଯେ, ମାଧବୀର ଫଟୋ ଯଦି ଟି.ଭି.ରେ ପ୍ରଦର୍ଶିତ ହେବ, ତେବେ ଏଇ ରଙ୍ଗିନ୍ ଫଟୋ ହିଁ ବାହାରୁ । ବର୍ତ୍ତମାନ ସେ ଟି.ଭି.ରେ ମାଧବୀ ଛବି ଦେଖି ସୋଫାରେ ସିଧାହୋଇ ବସି ମନକୁ ମନ କହି ଉଠିଲା—ଅହା, ମାଧବୀ ଟି ଭି.ରେ ବାହାରିବ କହୁଥିଲା, ଏଠି ଥିଲେ ଦେଖିଥା'ନ୍ତା ···ସୋଫା ପଛରୁ ମାଧବୀର କଣ୍ଠସ୍ୱର ଶୁଣାଗଲା— ମୁଁ ବାହାରି ନାହିଁ, ଏଇଟା ତୁମେ ବାହାର କରେଇଚ ··ଉତ୍ତେଜନାରେ ରମାକାନ୍ତର ଓଠ ପାଟି ଶୁଖିଯାଉଚି, ଛେପ ଢୋକି କହିଲା—ମାଧବୀ, ତମେ !

—ହଁ, ମୁଁ । ମାମୁ ଆସିଛନ୍ତି, ଜଳଖିଆ ଦେଲଣି, ଆସ ।···ମାଧବୀ ଚାଲିଗଲା । ଯେପରି କିଛି ହୋଇନି, କିଛି ଘଟିନି । ଛ' ସାତଦିନ ନୁହେଁ, ମାତ୍ର ଛ' ସାତ ମିନଟ୍ ତଳେ ସେ ଏଇଠି କୋଉଠିକି ଯାଇଥିଲା, ତା କଥାରୁ ଠିକ୍ ଏଇ ସୂଚନା ମିଳିଲା । ପୁଣି କହୁଚି, ଟି.ଭି.ରେ ସିଏ ବାହାରି ନାହିଁ, ତା ଫଟୋ ମୁଁ ବାହାର କରେଇଚ ! ତା'ହେଲେ ସିଏ ଟି.ଭି.ରେ ବାହାରିବା କଥାଟା ଏପର୍ଯ୍ୟନ୍ତ ଭୁଲିନି ! ଏଇପରି ଏକ ଦ୍ୱନ୍ଦ୍ୱ ଭିତରେ ସେ ଯାଇ ମାଧବୀର ମାମୁଙ୍କ ସହିତ ଏକାଠି ବସି ଖାଇଲାବେଳେ ଦେଖିଲା, ସେଠି ସମସ୍ତେ ହସଖୁସିରେ କଥାବାର୍ତ୍ତା କରୁଛନ୍ତି— ମାଧବୀ ହଜିଯାଇଥିବା କଥା କେହି କିଛି ଆଲୋଚନା କରୁନାହାନ୍ତି ।

ଏ ଘଟଣାର ଅଳ୍ପ କିଛିଦିନ ପରେ, ଟି.ଭି. କେନ୍ଦ୍ରରୁ ଗୋଟିଏ ଟିମ୍ ଆସିଲା । ଅନ୍ୟମାନଙ୍କ ମଧ୍ୟରେ ଜଣେ କାମେରାମ୍ୟାନ୍ ଓ ଜଣେ ତରୁଣୀ ପ୍ରଯୋଜକା ମୀନା ରାୟ ଆସିଛନ୍ତି । ହଜିଯାଇଥିବା ମହିଳାମାନଙ୍କୁ କେନ୍ଦ୍ର କରି ସେମାନେ ଗୋଟେ ନୂଆ ଟି.ଭି. ସିରିଏଲ୍ ଆରମ୍ଭ କରିଛନ୍ତି, ସେଇ ଉପଲକ୍ଷେ ମାଧବୀ ସହିତ ଏକ ସାକ୍ଷାତକାର ପାଇଁ ସେମାନେ ଆସିଛନ୍ତି । ଆସିବା ସଙ୍ଗେ ସଙ୍ଗେ ମାଧବୀ ସହିତ ସେମାନଙ୍କର ଆଳାପ ଆରମ୍ଭ ହୋଇଗଲେଣି । ମାଧବୀ ଆସି ରମାକାନ୍ତକୁ କହିଗଲା ଯେ, ସାକ୍ଷାତକାର ପରେ ସମସ୍ତେ ଏକାଠି ଚା' ଖାଇବେ, ସିଏ ଯେମିତି ଘରୁ କୁଆଡ଼େ ନ ଯାଏ ।

ସାକ୍ଷାତକାର ଆରମ୍ଭ ହେଲା । ମାଧବୀର ଉତ୍ସାହର ସୀମା ନାହିଁ । ପ୍ରଯୋଜକା ମୀନା ରାୟ ପ୍ରଶ୍ନ କଲେ—ହଁ, ଆପଣ ତ ହଜିଯାଇଥିଲେ ! ···ମାଧବୀ ହସ ହସ ମୁହଁରେ ଉତ୍ତର ଦେଲା—ହଁ, ଆଜ୍ଞା କେହି ନୁହେଁ, ମୁଁ···ମୁଁ ହଜି ଯାଇଥିଲି । ମାଧବୀର କଥା ଶୁଣି ମୀନା ରାୟଙ୍କ ମୁହଁରେ ଟିକେ ହସ ଉକୁଟି ଉଠିଲା । ତା'ପରେ ଦୁହିଁଙ୍କ ମଧ୍ୟରେ ପ୍ରଶ୍ନ-ଉତ୍ତର ଚାଲିଲା ।

ମୀନା—ଆପଣ ହଜିଗଲେ ଯେ···

ମାଧବୀ—ଯେ ଫେ କିଛି ନାହିଁ । ସିଏ ତ ମତେ ହଜେଇଦେଲେ ।

ମୀନା—କିଏ, ଆପଣଙ୍କ ସ୍ୱାମୀ ?

ମାଧବୀ—ହଁ ।

ମୀନା—ସିଏ କେମିତି ହଜେଇଦେଲେ ? ଆପଣ କ'ଣ କୁନି ପିଲାଟିଏ ହୋଇଛନ୍ତି ?

ମାଧବୀ—କୁନି ପିଲା ହୋଇଥିଲେ ମୁଁ ତ ଆପେ ଆପେ ହଜିଯାଇଥା'ନ୍ତି ! ସିଏ ମତେ ହଜେଇଦେଲେ ।

ମୀନା—ଆପଣ ଯେ, ଏତେ 'ହଜେଇଦେଲେ' 'ହଜେଇଦେଲେ' କହୁଛନ୍ତି, ଆପଣଙ୍କ ସ୍ୱାମୀ କ'ଣ ଏମିତି ସବୁ ହଜେଇଦିଅନ୍ତି ?

ମାଧବୀ—ସିଏ ତ ଏମିତି କେତେ ଜିନିଷ ହଜେଇଛନ୍ତି ।

ମୀନା—ଆଉ କ'ଣ ସବୁ ହଜେଇଛନ୍ତି, ଟିକେ କୁହନ୍ତୁ ତ ?

ମାଧବୀ—ଥରେ ମୁଁ ଦି'ଟା ନୂଆ କାନଫୁଲ ପିନ୍ଧି ଶୋଇଲି, ସେଥିରୁ ସେ ଗୋଟେ ହଜେଇଦେଲେ ।

ମୀନା—କାନଫୁଲଟା ହଜେଇଦେଲେ ବୋଲି ନିଜ ସ୍ତ୍ରୀକୁ ହଜେଇଦେବେ ?

ମାଧବୀ—କାନଫୁଲ କିଏ, ମୁଁ କିଏ ? ମୁଁ ତାଙ୍କ ସ୍ତ୍ରୀ । ଯୋଉ ସ୍ତ୍ରୀକୁ ସିଏ ବାହାହୋଇ ଘରକୁ ଆଣିଛନ୍ତି, ହଜିଲା ସେଇ ସ୍ତ୍ରୀର କାନଫୁଲ । ଏଥର କୁହନ୍ତୁ, କାନଫୁଲ କିଏ—ସ୍ତ୍ରୀ କିଏ ?

ମୀନା—ତା' ଅବଶ୍ୟ ଠିକ୍ । ଆଚ୍ଛା, ଆପଣ କ'ଣ କ'ଣ ସବୁ ଭଲପାଆନ୍ତି ?

ମାଧବୀ—ମତେ ଗୋଟି ଗୋଟି ପଚ୍ଚାରୁ ନାହାନ୍ତି, ମୁଁ କହିବି ।

ମୀନା—ଆପଣ ପତଳୀ ହେବାକୁ ଭଲ ପାଆନ୍ତି ?

ମାଧବୀ—ମତେ ଦେଖୁଛନ୍ତି ପରା ।

ମୀନା—ଆଚ୍ଛା, ଆପଣ ଖାଇବାକୁ ଭଲ ପାଆନ୍ତି ?

ମାଧବୀ—ଓଃ, ସିଓର୍—ବହୁତ ବହୁତ ଭଲପାଏ ।

ମୀନା—ଖାଇବାକୁ ଭଲ ପାଆନ୍ତି ତ, ମୋଟୀ ନ ହୋଇ ପତଳୀ ହେଲେ କେମିତି ?

ମାଧବୀ—ସେଇ ତ କଥା ।

ମୀନା—ଏଥିରେ କଥା ଆଉ କ'ଣ ?

ମାଧବୀ—ଖାଇବାକୁ ଭଲପାଏ ମାନେ, ବଚ୍ଛା ବଚ୍ଛା ଜିନିଷ ଖାଏ । ଗୋହୁ, ଖଜୁର ନ ଖାଇ ମହୁରାଳି ମାଛ ଖାଏ, ମିଠା ନ ଖାଇ ଚକେନ୍ ଖାଏ—ଅମୃତ, ପଣସ ନ ଖାଇ ଅଙ୍ଗୁର, ଆପଲ ଖାଏ, ଚୂଡ଼ା ନ ଖାଇ ମୁଢ଼ି ଖାଏ—ସେଇଥିପାଇଁ ମୋଟୀ ନ ହୋଇ ପତଳୀ ହୁଏ ।

ମୀନା—(ହସି) ଅଚ୍ଛା, ଆପଣ ସବୁଠୁ ବେଶୀ ଭଲ ପାଆନ୍ତି କାହାକୁ ?

ମାଧବୀ—ମୋ ନିଜକୁ ।

ମୀନା—କ'ଣ କହିଲେ ?

ମାଧବୀ—ଠିକ୍ କହୁଚି । ଗାନ୍ଧୀ କହୁଥିଲେ—ଆଗେ ନିଜକୁ ଚିହ୍ନ, ନିଜକଥା ବୁଝ, ତା'ପରେ ନିଜ ଘର କଥା ବୁଝ—ନିଜ ଅଞ୍ଚଳ କଥା ବୁଝ, ତା' ହେଲେ ଯାଇ ନିଜ ଦେଶ କଥା ବୁଝିପାରିବ । ମୁଁ ଯେମିତି ନିଜକୁ ଭଲ ନ ପାଇଲେ, ଆଉ ଏତେ ଗୁଡ଼ାଏ ଜିନିଷକୁ ଭଲ ପାଇବି କେମିତି ?

ମୀନା—(ଖୁସିହୋଇ) ହୁଁ, କଥାଯାଇ ତା'ହେଲେ ଏଠି । ଅଚ୍ଛା, ଆପଣ ହଜିଯାଇଥିଲାବେଳେ କାହାକୁ ଖୋଜି ହେଉଥିଲେ ?

ମାଧବୀ—ଏ···ମା ! ମୁଁ ହଜିଗଲି ବୋଲି ସେମାନେ ସିନା ମତେ ଖୋଜି ହେଉଥିବେ, ମୁଁ କାହିଁକି କାହାକୁ ଖୋଜିହେବି ?

ମୀନା—(ହସି) ଗୋଟିଏ ଖର ଅଡ଼ୁଆ ପ୍ରଶ୍ନ ପଚ୍ଚାରିବି ।

ମାଧବୀ—(ହସି ହସି) ଉତ୍ତରଟା ସେମିତି ଅଡ଼ୁଆ ପାଇବେ ।

ମୀନା—କିଛି ଚିନ୍ତା ନାହିଁ । ···ଏଇ ଯେ ଅପଣଙ୍କ ସହିତ ଏ ସାକ୍ଷାତକାର ହେଉଚି, ଇଏ ଟି.ଭି.ରେ ଟେଲିକାଷ୍ଟ ମାନେ ପ୍ରସାରଣ ହେବ, ଶହ ଶହ, ହଜାର ହଜାର କାହିଁକି ଲକ୍ଷ ଲକ୍ଷ ଲୋକ ଦେଖିବେ ।

ମାଧବୀ—ସେଇଠୁ !

ମୀନା—ଆପଣ ନୂଆ ହୋଇ ଟି.ଭି.ରେ ବାହାରିବେ । ଏଥିରେ ଆପଣଙ୍କୁ କିଛି ଅଡୁଆ···ମାନେ ମାଡ଼ି ମାଡ଼ି ପଡ଼ିବ ନାହିଁ ?

ମାଧବୀ—କାହିଁକି ? ମୁଁ ତ ବଣୁଆ ପକ୍ଷୀ, ଆପଣ ମତେ ଧରିନେଇ ଟି.ଭି.ରେ ବାହାର କରେଇବେ । ମୁଁ ସେଠି ପର ଫଡ଼ ଫଡ଼ କରିବି, କି ଚେଁ ଚେଁ ହେବି, ସେ କଥା ଆପଣ ଜାଣନ୍ତୁ ! ମୋର କ'ଣ ଅଛି ? ମତେ କାହିଁକି ମାଡ଼ି ମାଡ଼ି ପଡ଼ିବ ?

ମୀନା—ଭେରି ଗୁଡ୍ ? ···ଆଚ୍ଛା, ଆମର ଶେଷ ପ୍ରଶ୍ନ । ଆପଣ ହଜିଯାଇଥିଲେ ବୋଲି ଆପଣଙ୍କୁ କିଏ ସବୁ କ'ଣ କ'ଣ କହିଲେ ?

ମାଧବୀ—ଆଉ ସମସ୍ତଙ୍କ କଥା ଥାଉ । ମୋର ଏ ନଣନ୍ଦଟି ଏଇ ସେଠି ଠିଆହୋଇ ମୁରୁକି ମୁରୁକି ହସୁଛି, ମତେ ଆଜି ଏଇ ଟିକିଏ ଆଗରୁ କହିଲା—ସତ କୁହ ଭାଉଜ, ତମେ ହଜିଯାଇଥିଲା ବେଳେ ତମକୁ କେମିତି ଲାଗିଲା ?

ମୀନା—ଭାରି ଇଣ୍ଟେରେଷ୍ଟିଙ୍ଗ ପ୍ରଶ୍ନ ତ ! ଆପଣ କ'ଣ କହିଲେ ? ···ମାଧବୀ ମଥା ଦୋଳାଇ ମୁହଁ ତଳକୁ କରି ଖାଲି ହସୁଥାଏ ।

ମୀନା—କ'ଣ ହେଲା, ଏତେ ହସୁଛନ୍ତି କାହିଁକି ?

ମାଧବୀ—ସେତେବେଳେ ବି ଏମିତି ହସି ହସି ତାକୁ କହିଲି—କେମିତି ଲାଗିବ କ'ଣ ? ହଜିଯିବା କ'ଣ ଚକୁଳି ପିଠା ହୋଇଛି ଯେ ବେଳେ ବେଳେ ଭାରି ସୁନ୍ଦର ମୁସ୍ ମୁସ୍ ଲାଗିବ, ପିଠାଟି ବାସି ହୋଇଥିଲେ ଟିକିଏ ଆମ୍ବିଲା ଲାଗିବ—ଆଉ ନୂଆ ବରର ଚକୁଳିକୁ ନୂଆ ପାଣିଆ ଗୁଡ଼ ସାଙ୍ଗରେ ଖାଇଲେ ତ' ଖାଉଥିବ, ଖାଉଥିବ ··(ଖୁବ୍ ଖୁସିରେ ମାଧବୀ ଏ କଥା କହୁ କହୁ ହଠାତ୍ ଅଟକିଯାଇ ହାତଯୋଡ଼ି କହିଲା) ମାଡ଼ାମ୍, ନୂଆ ବର, ନୂଆ ଗୁଡ଼ ଅମଳ ସମୟ ଆଉ ଡେରି ନାହିଁ । ମୋର ଏବେଠୁଁ ନିମନ୍ତ୍ରଣ ରହିଲା, ଆପଣ ଦୟାକରି ·· ।

ମୀନା—(ଖୁସିରେ) ନିଶ୍ଚୟ ନିଶ୍ଚୟ, ନିଶ୍ଚୟ ଆସିବି । ······ତା'ପରେ ସେମାନେ ବିଦାୟ ନେଲେ ।

ସେଦିନ ମାଧବୀ ମାମୁଙ୍କ ଘରେ ଏକୋଇଶା ! ସେଇଦିନ ହିଁ ମାଧବୀର ସାକ୍ଷାତକାର କାର୍ଯ୍ୟକ୍ରମଟି ଟି.ଭି.ରେ ପ୍ରଦର୍ଶିତ ହେଲା । ମାଧବୀ ଓ ରମାକାନ୍ତ ବସି ଦେଖୁଥାନ୍ତି । ଟି.ଭି.ରେ ମାଧବୀ ବେଶ୍ ଚମତ୍କାର ଦେଖାଯାଉଥାଏ । ରମାକାନ୍ତ ଅନୁଭବ କରୁଛି, ମାଧବୀ ଏକାବେଳକେ ସୁପର୍ବ । କିନ୍ତୁ ସେ ମୁହଁ ଖୋଲି କିଛି କହିପାରୁନି । ମନେ ମନେ ଭାବୁଛି, ମାଧବୀ ତେବେ କ'ଣ ସତରେ ଟି.ଭି.ରେ

ବାହାରିଲି ! ଏ ବାହାରିବା ଏତିକି ନା ଆଉ କିଛି ଅଛି ? ···କାର୍ଯ୍ୟକ୍ରମ ଶେଷ ହେଲା । ମାଧବୀ ରମାକାନ୍ତର ହାତଧରି ଉଠାଇ କହିଲା—ଆସ, ରାତି ଆଠଟା ହେଲାଣି । ଆଜି ମାମୁଙ୍କ ଘରେ ଏକୋଇଶା—ଆଜି ମୁଁ ନୂଆ ହୋଇ ଟି.ଭି.ରେ ବାହାରିଲି—ଆଉ ତମେ ଆଜି ନୂଆ କରି ଗାଡ଼ି କିଣିଚ । ଆସ, ମାମୁଙ୍କ ଘରକୁ ଯିବା ।···ରମାକାନ୍ତ ଯନ୍ତ୍ରଚାଳିତ ପରି ମାଧବୀର ଅନୁସରଣ କଲା ।

ପ୍ରାୟ ପନ୍ଦରଦିନ ପରେ ମାଧବୀ ନାଆଁରେ ଚିଠି ଆସିଲା । ଦୁହେଁ ଚିଠି ପଢ଼ିଲେ—ପ୍ରଥମେ ପରୀକ୍ଷାମୂଳକ ଭାବେ ମାଧବୀକୁ ତିନିମାସ ପାଇଁ ଟି. ଭି. ରେ ଘୋଷିକା ପୋଷ୍ଟ ମିଳିଚି । ରମାକାନ୍ତ ଅଫିସ୍ ବାହାରିଥାଏ । ମାଧବୀ କହିଲା—ଭଲ ହେଲା, ଏଣିକି ତମର ଆଉ ଗୋଟିଏ ଅଫିସ ଯିବା ପାଇଁ ବାଟ ଖୋଲିଗଲା, ମୋ' ଡିଉଟି ଥିବାଦିନ ତମେ ମତେ ଟି. ଭି. କୁ ନେବ ଆଉ ଆଣିବ । ···ରମାକାନ୍ତ ପାଟିରେ କଥା ନାହିଁ । ସେ ଭାବୁଚି ଏଣିକି ହୁଏତ ମାଧବୀ କଥାରେ ତା' ପାଟି ପୁରାପୁରି ବନ୍ଦ ହୋଇଯିବ ।

ମାଧବୀ ଟି. ଭି. ରେ ଆନାଉନ୍‌ସର ଭାବେ ଯୋଗ ଦେଇଛି । ସେଦିନ ଦୁହେଁ ବସି ଟି. ଭି. ଦେଖିବା ସଙ୍ଗେ ସଙ୍ଗେ କଥାବାର୍ତ୍ତା ବି ଚାଲିଚି । ରମାକାନ୍ତ କହୁଚି—ତା' ହେଲେ ତମ କଥାରୁ ମୁଁ ଏଇଆ ବୁଝିଲି ଯେ, ଟି. ଭି.ରେ ବାହାରିବା ପାଇଁ ତମେ ହଜିଗଲ ! ···ମାଧବୀ ସଙ୍ଗେ ସଙ୍ଗେ କହିଲା—ଏଇଟା ତ ତମ ଲଜିକ୍ ପାଠ । ମୁଁ ହଜିଗଲି ବୋଲି ଟି. ଭି. ରେ ମୋ' ଫଟୋ ବାହାରିଲା । ଫଟୋ ବାହାରିଲା ବୋଲି ଇଣ୍ଟରଭ୍ୟୁ ଦେଇ ମୁଁ ନିଜେ ଟି. ଭି.ରେ ବାହାରିଲି, ନିଜେ ବାହାରିଲି ବୋଲି ଟି. ଭି. ଷ୍ଟାଫ୍—କ୍ୟାଡ଼ର୍‌ରେ ଭର୍ତ୍ତିହେଲି ।

—ସେ କଥା ଠିକ୍ ଯେ···

—ପୁଣି ସେଇ 'ଯେ' ! ··ରମାକାନ୍ତ ଗ୍ଭନଆ ହୋଇ ତରବରରେ କହି ପକେଇଲା—ନାହିଁ, ମୁଁ କହୁଥିଲି, ତମର ଏ ହଜିବା ମିଳିବା ଭିତରେ ଗୋଟିଏ ରହସ୍ୟ ରହିଗଲା ।

—କୋ ରହସ୍ୟ ! ସେଦିନ ମନ୍ଦିର ଭିତରେ ମୁଁ ଦେଖିଲି ମୋରପରି ଗୋଟିଏ ନୂଆବୋହୂର ସୁନ୍ଦର ହାତଟି ତମ ପକେଟ ଭିତରେ ପଶିଲା ।

ଏଥର ରମାକାନ୍ତ ଅତି ବ୍ୟକୁଳରେ କହି ଉଠିଲା—ତା'ହେଲେ କ'ଣ ସେଇଥିପାଇଁ ତମେ ଜାଣିଶୁଣି ହଜିଗଲ ! ସେ କିଏ ? ମୁଁ ତାକୁ ମୋଟେ ଜାଣିନି କି ଚିହ୍ନିନି । ···ମାଧବୀ ହସିଉଠି କହିଲା—ହେ, ତମେ ଏତେ ଦୁର୍ବଳମନା ହୁଅ ନାହିଁ । ସେଦିନ ସେ ସୁନ୍ଦର ନିର୍ଦ୍ଦୋଷ ଦୃଶ୍ୟଟି ଦେଖି ମୁଁ ମନେ ମନେ ଖୁବ୍ ହସିଚି ।

—ତମେ ସିନା ହସୁଥାଅ, ମୁଁ ତମକୁ ସେଠି କେତେ ଯେ ଖୋଜିଛି ! ମଣ୍ଡର ଭିତର, ବାହାର···

—ଖୋଜିଲେ କ'ଣ ହେବ ? ମୁଁ ସେତେବେଳକୁ ସେ ଖଣ୍ଡମଣ୍ଡଳରେ ନ ଥିଲି ।

—ଖୋଜି ଖୋଜି ସାଢ ଦଶଟା ବାଜିଲା, ମୋ' ଗୋଡ଼ ହାତ ଚଳୁ ନ ଥାଏ । ଘରକୁ ଫେରି ଆଉରରେ ତମ ମାମୁଙ୍କ ଘରକୁ ଟେଲିଫୋନ୍ କଲି ।

—ମାମୁଙ୍କ ଘରେ ତମ ଟେଲିଫୋନ୍ ମୁଁ ଉଠେଇଥିଲି ।···ରମାକାନ୍ତ ଆକାଶରୁ ପଡ଼ିଲାଭଳି କହିଲା—ତମେ ତମ ମାମୁଙ୍କ ଘରେ ଥିଲ ! ସେଠି ପରି କଏ ମତେ କହିଲା, ସେମାନେ ସମସ୍ତେ ପୁରୀ ଚାଲିଯାଇଛନ୍ତି ।

—ଆଉ କେହି ନୁହେଁ, ସେ କଥା ମୁଁ କହିଥିଲି ।

—ମୁଁ ତମକୁ ଖୋଜୁଚି । ତମେ ସେଇଠି ଅଛ, ଅଥଚ ତମେ ଗୋଟାଏ ଏମିତି ଅସୁବିଧା କଥା ମତେ କହିଲ କେମିତି ?

ଏଇଠି ମାଧବୀ ଧୀର ଶାନ୍ତ ଗଳାରେ କହିଲା—ଶୁଣ, ତମେ ଏତେ ଗମ୍ଭୀରକୁ ଯାଅନି । ଶକୁନ୍ତଳାଙ୍କ ହାତରୁ ମୁଦି ହଜିଗଲା, ଦୁଷ୍ମନ୍ତ ତାଙ୍କୁ ଚିହ୍ନି ନ ପାରି ଗ୍ରହଣ କଲେନାହିଁ । ···ପରେ ମୁଦି ମିଳିଲା, ଦୁହିଁଙ୍କର ମିଳନ ହେଲା । ଏଇଟା ହିଁ ହେଲା ସାରକଥା । ମୁଦି କେମିତି ହଜିଲା, କେମିତି ମିଳିଲା ସେ କଥାର କିଛି ଅର୍ଥ ନାହିଁ । ···ହଁ, ଯାହା ମୁଁ ତମକୁ କହୁଥିଲି, ମୁଁ ହଜିଗଲି ବୋଲି ମୋ' ଫଟୋ ଟି. ଭି. ରେ ବାହାରିଲା, ଟି. ଭି. ରେ ଫଟୋ ବାହାରିଲା ବୋଲି ମୁଁ ଏ ପାହାଚରେ ଚଢ଼ି ସେ ପାହାଚରେ ଓହ୍ଲାଇ ଟି. ଭି. ରେ ଆନାଉନ୍‌ସର୍ ହେଲି । ହଁ, ଟି. ଭି. ଦେଖ, ଓଡ଼ିଶୀ ନୃତ୍ୟ ଆସିବ—ସେଥିରେ ମୋ' ଆନାଉନ୍‌ସମେଣ୍ଟ୍ ଆସିବ । ···ରମାକାନ୍ତ ଟିକିଏ ବିସ୍ମିତ ହୋଇ କହିଲା—ତମେ ତ ଏଠି ? ତମ ଅନାଉନ୍‌ସମେଣ୍ଟ··· ?

—ଏ ଆନାଉନସମେଣ୍ଟ୍ ପୂର୍ବରୁ ପ୍ରୋଗ୍ରାମ ସହିତ ରେକର୍ଡ ହୋଇଯାଇଚି ।

ଓଡ଼ିଶୀ ନୃତ୍ୟ ଶେଷ ହେଲା । ଟି. ଭି. ପରଦାର ଶ୍ରୀ ବର୍ଦ୍ଧନ କରି ଆସିଲା ଦର୍ଶକମାନଙ୍କ ଡାର୍ଲିଂ (darling) ଆନାଉନ୍‌ସର୍ ମାଧବୀ ପଟ୍ଟନାୟକ । ପରଦାରେ ନାମ ଲେଖି ହୋଇଗଲା । ମାଧବୀ କହୁଚି—ଏ ନୃତ୍ୟ ସହିତ ଆଜିର ଏ ଅଧିବେଶନ ଶେଷ ହେଲା । ପୁଣି ଆପଣମାନଙ୍କ ସହିତ ଭେଟ ହେବ ଆସନ୍ତାକାଲି ସକାଳ ପ୍ରଥମ ଅଧିବେଶନ ସାତଟା ତିରିଶ୍ ମିନିଟ୍‌ରେ । ସମସ୍ତ ମନେରଖନ୍ତୁ—ଟୁମୋରୋ ମର୍ଣ୍ଣିଂ ଆଟ୍ ସେଭେନ୍ ଥାର୍ଟି ଏ. ଏମ୍. । ଏବେ ବିଦାୟ ଦିଅନ୍ତୁ, ନମସ୍କାର ।

ଯୁକ୍ତପାଣି ସ୍ମିତବଦନା ମାଧବୀ ପରଦାରୁ ଅପସରିଯାଉଛି । ଏଣେ ଟି. ଭି. ସାମ୍ନାରେ ମାଧବୀର ହାତମୁଠାରେ ରହିଚି ଚକିତ ରମାକାନ୍ତର ହାତ ।

ମାଧବୀର ଟି. ଭି. ରେ ତିନିମାସର କାର୍ଯ୍ୟକାଳ ସସମ୍ମାନରେ ପୁରିଯିବା ପରେ ତା'ର ନିଯୁକ୍ତିକୁ ଆହୁରି ବଢ଼େଇ ଦିଆହୋଇଛି । ଏହାର କିଛିଦିନ ପରେ ରମାକାନ୍ତ ଅଫିସ୍‌ରୁ ଫେରି ଦେଖିଲା ତା' ନାଆଁରେ ଟି. ଭି. କେନ୍ଦ୍ରରୁ ଖଣ୍ଡେ ଚିଠି ଆସିଛି । ଚିଠି ପଢ଼ି ସେ ବିହ୍ୱଳିତ ହୋଇପଡ଼ିଲା । ଇଏ କି ପାଠ, ଇଏ କି ଫାର୍ମ ! ଚିଠି ଉପରେ ଆଉଥରେ ଆଖି ବୁଲେଇ ଆଣିଲା । ଏଥର କିଛିଟା ଆମୋଦ ଲାଭ ସଙ୍ଗେ ସଙ୍ଗେ ସେ ଅସ୍ତବ୍ୟସ୍ତ ଓ ବିବ୍ରତ ହୋଇପଡ଼ିଲା । ମାଧବୀ ଘରେ ନାହିଁ, ଟି. ଭି. କେନ୍ଦ୍ରରେ । ...ଭାବିଲା ସେ ଅସୁ, ଆଗେ ତା' ସହିତ କଥାବାର୍ତ୍ତା । ହୁଏତ ଏଥିରେ ତା'ର କିଛି ହାତ ଥାଇପାରେ !

ସେଦିନ ଶନିବାର । ସପ୍ତାହର ଏକ ବିଶେଷ କାର୍ଯ୍ୟକ୍ରମ ସେଦିନ ଟି. ଭି. ରେ ପ୍ରସାର କରାଯିବ । ଏଥିରେ ଆଗାମୀ ସପ୍ତାହର କାର୍ଯ୍ୟସୂଚୀ ସବୁର ଏକ ବିସ୍ତୃତ ବିବରଣୀ ଦିଆଯାଇଥାଏ । ଦର୍ଶକମାନଙ୍କର ଅତି ପ୍ରିୟ ଏହି କାର୍ଯ୍ୟକ୍ରମଟିର ଘୋଷଣାର ଦାୟିତ୍ୱ ସେଦିନ ଗ୍ରହଣ କରିଥାଏ ମାଧବୀ । ...ଏ ପାଖରେ ରମାକାନ୍ତ ବସି ଟି. ଭି. ଦେଖୁଛି । ସୌମ୍ୟ କେଶସଜ୍ଜା, କର୍ଣ୍ଣରେ ଶୁଭ୍ର ସୁବର୍ଣ୍ଣର ଡାଏମଣ୍ଡଯୁକ୍ତ ଠିକିରି ଆକାରର ସମୁଜ୍ଜ୍ୱଳ ଇଆରରିଙ୍ଗ୍ ଓ ନୀଳ ମେରୁନ୍ ରଙ୍ଗର ସମ୍ବଲପୁରୀ ସିଲକ୍ ବସନରେ ସୁଶୋଭିତା ଦର୍ଶକ ମନୋହାରିଣୀ ମାଧବୀ ପରଦାକୁ ଆସିଲା । ଅଧରରେ ସେହି ମନଭୁଲା ମୃଦୁହସ । ଶୁଦ୍ଧ ଉଚ୍ଚାରଣ ବିନ୍ୟାସ ଓ ସ୍ପଷ୍ଟ ପୁଲକିତ କଣ୍ଠରେ ମାଧବୀ ଗୋଟିଏ ପରେ ଗୋଟିଏ କାର୍ଯ୍ୟ-ସୂଚୀର ବର୍ଣ୍ଣନା କରିଯାଉଛି, ଏ ପାଖରେ ରମାକାନ୍ତ ଚକ୍ଷାର୍ପିତ ପରି ମାଧବୀକୁ ଚାହିଁ ଦେଖୁଛି । ଏହା ସତ୍ୟ କି ବିକ୍ରମାଦିତ୍ୟ ଯୁଗରେ ଏକ ନୟନାଭିରାମ ଫାଣ୍ଟାସି ! କ୍ରମେ ମାଧବୀ ଶେଷ କାର୍ଯ୍ୟସୂଚୀରେ ଆସି ପହଞ୍ଚିଲା । ଏଥର ଆହୁରି ଟିକେ ହର୍ଷୋତ୍ଫୁଲ୍ଲ ଭଙ୍ଗୀରେ କହିଲା—ଜାଣିଥିବେ ତ, ଆସନ୍ତା ଦଶ ତାରିଖ ଶନିବାର ଦିନଟିକୁ ଜାତିସଂଘ ଉଇମେନ୍‌ସ୍ ଡେ' ବା ମହିଳାଦିବସ ବୋଲି ଘୋଷଣା କରିଛନ୍ତି । ଜାତିସଂଘର ଏହି ନିଷ୍ପତ୍ତିକୁ ସମ୍ମାନ ଦେଇ ଆମେ ସେହି ଦିନ ତାରିଖଠାରୁ ଏକ ନୂତନ ସିରିଏଲ ଆପଣମାନଙ୍କୁ ଉପହାର ଦେବୁ । ...ଏଇଠି ରମାକାନ୍ତ ସୋଫା ଉପରେ ସିଧାହୋଇ ବସିଲା । ମାଧବୀ କହିଚାଲିଲା—ଟି. ଭି. ସଂସ୍ଥାରେ ଯେଉଁ ମହିଳା କର୍ମଚାରୀମାନେ ନିଯୁକ୍ତ ହୋଇଛନ୍ତି, ସେମାନଙ୍କର କର୍ମପ୍ରଣାଳୀ ସମ୍ପର୍କରେ ସେମାନଙ୍କର ସ୍ୱାମୀମାନଙ୍କର ମତାମତ ବା ପ୍ରତିକ୍ରିୟା ଯାହା, ସେହି ପରିପ୍ରେକ୍ଷୀରେ ସ୍ୱାମୀମାନଙ୍କ ସହିତ ସାକ୍ଷାତକାର କରାଯାଇ ସିରିଏଲ୍‌ଟି ପ୍ରସ୍ତୁତ ହେବ । ...ଏତିକି ଶୁଣିଲା ପରେ ରମାକାନ୍ତ ସୋଫା ଉପରୁ ଚଟ୍‌କିନା ଉଠି ଠିଆ ହୋଇଗଲା । ମାଧବୀ କହିଚାଲିଛି—ଅଭି ଏ ସିରିଏଲ୍‌ର ପ୍ରଥମ ସ୍ୱାମୀ ହେଉଛନ୍ତି...ଏଇଠି ମାଧବୀ ଟିକିଏ ରହିଗଲା ଓ ସେହି ସଙ୍ଗେ ସଙ୍ଗେ,

ରମାକାନ୍ତ ପୁଣି ସୋଫା ଉପରେ ଲଥ୍‌କନା ବସିପଡ଼ିଲା । ତା' ଉଦ୍‌ବେଗ ବଢ଼ିଚାଲିଛି । ...ପରଦାରେ ନଜର ସ୍ଥିରଭାବକୁ ଆହୁରି ସଜ୍ଜୀବିତ କରି ମାଧବୀ ସ୍ପଷ୍ଟ ଗଳାରେ କହୁଛି—ଏ ସିରିଏଲ୍‌ର ପ୍ରଥମ ସ୍ୱାମୀ ହେଉଛନ୍ତି ଶ୍ରୀଯୁକ୍ତ ରମାକାନ୍ତ ପଟ୍ଟନାୟକ । "ଓ, ମାଇଁ ଗଡ୍" ବୋଲି କହି, ସୋଫା ଉପରୁ କୁଦାମାରି ଉଠିଲା ବେଳକୁ ରମାକାନ୍ତ ଦେଖୁଛି, ଆନାଉନ୍‌ସମେଣ୍ଟ ଶେଷକରି, ଓଠରେ ସୁମଧୁର ହସ ଫୁଟାଇ ମାଧବୀ ପରଦାରୁ ଅପସରିଯିବା ସଙ୍ଗେ ସଙ୍ଗେ ଯେମିତି ଠିକ୍ ତା' ମୁହଁକୁ ଚାହିଁ କହୁଛି—"ହଁ, ତୁମେ, ତମରି ସହିତ ପ୍ରଥମ ସାକ୍ଷାତକାର ହୋଇ ଏ ସିରିଏଲର ପ୍ରଥମ ଚାନ୍ସ ଟେଲିକାଷ୍ଟ ହେବ—ତୁମେ ହିଁ ସେଇ ପ୍ରଥମ ସ୍ୱାମୀ ! କ'ଣ, ଏଥିରେ ତମ ମନପ୍ରାଣ ଚଞ୍ଚଳ ପୁଲକିତ ହୋଇ ଉଠୁନି !" ...ହଁ, ରମାକାନ୍ତର ମନପ୍ରାଣ ଚଞ୍ଚଳ ପୁଲକିତ ହୋଇଉଠୁଛି । ଆଜି ଟି.ଭି.ରୁ ଯେଉଁ ଚିଠି ସେ ପାଇଛି, ସେଥିରେ ଏଇ ସିରିଏଲ କଥା ଲେଖା-ହୋଇ ତାକୁ ସାକ୍ଷାତକାର ରେକର୍ଡିଂ ପାଇଁ ଟି.ଭି. କେନ୍ଦ୍ରକୁ ଯିବା ସକାଶେ ଅନୁରୋଧ କରାଯାଇଛି । ଚିଠି ପଢ଼ି ପ୍ରଥମେ ସେ ଏକ ଅବୋଧ ବାଳକ ପରି ଚଢ଼ି ଉଠିଥିଲା । କିନ୍ତୁ ଏବେ ? ...ଆଃ ! ମାଧବୀ ଏପର୍ଯ୍ୟନ୍ତ ଟି.ଭି.ରେ ଯେତେ ଆନାଉନ୍‌ସମେଣ୍ଟ କରିଛି, ସେ ଭିତରୁ ଏଇ ସ୍ୱାମୀ ସାକ୍ଷାତକାର ଆନାଉନ୍‌ସମେଣ୍ଟଟି ହେଉଛି ସବୁଠୁଁ ସରସ—ସବୁଠୁଁ ସୁନ୍ଦର । ଏଇ ସ୍ୱାମୀ ସିରିଏଲର ସେ ହେବ ପ୍ରଥମ ସ୍ୱାମୀ—ଆଗାମୀ ଶନିବାର ଦିନ ଟି.ଭି.ରେ ତାକୁ ସମସ୍ତେ ଦେଖିବେ, ଏକଥା ମାଧବୀ କହୁଛି—ମାଧବୀ । ମାଧବୀ ମୁହଁରେ ଏଇ କଥା କେଇପଦ ଶୁଣି ତା ମନରୁ ପୂର୍ବରୁ ସବୁ କୁଣ୍ଠା—ସବୁ ଦ୍ୱନ୍ଦ୍ୱ କୁଆଡ଼େ ଆପେ ଆପେ ପୋଛି ହୋଇଗଲାଣି । ...ରମାକାନ୍ତ ମନେ ମନେ ଠିକ୍ କଲା, ଯଦି ସାକ୍ଷାତକାର ବେଳେ ସେମିତି କିଛି ପ୍ରଶ୍ନ ଆସେ, ତେବେ ତା ଉତ୍ତରରେ ସେ କହିବ—ଧନ୍ୟ ସେ ମାଧବୀ ! 'ମୁଁ କେମିତି ଟିକିଏ ଟି.ଭି.ରେ ବାହାରନ୍ତି' କଥାଟା କହି ସେ ନିଜେ ଟି.ଭି.ରେ ବାହାରିଲା, ଆଉ ମତେ ବି ଟି.ଭି.ରେ ବାହାର କରେଇଲା ।

ଗୋଟିଏ ନିମିଷରେ ସେ ଗ୍ୟାରେଜରୁ ଗାଡ଼ି ବାହାରକରି ମାଧବୀକୁ ଟି.ଭି.ରୁ ଆଣିବାକୁ ଗଲା । ସେ ଅନୁଭବ କରୁଛି, କଟକ ସହରର ଖାଲ ଢିପ ରାସ୍ତାରେ ସେ ପଡ଼ି ଉଠି ଗାଡ଼ିରେ ଯାଉନି, ମାଧବୀକୁ ଆଣିବା ପାଇଁ, ସେ ମନ୍ଦ-ମଳୟ ପବନରେ ଭାସି ଭାସି ଯାଉଛି ।

ଆଖି

ଆଧୁନିକ ସହରମାନଙ୍କରେ ଯେଉଁ ପରିବାରରେ ଅଫିସ୍ କର୍ମଚାରୀ ଓ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଥା'ନ୍ତି, ସେ ପରିବାରରେ ସକାଳ ସାଢ଼େ ନ'ଟାରୁ ଦଶଟା ପର୍ଯ୍ୟନ୍ତ ଗୋଟାଏ ଚହଳ ଯେ ପଡ଼ିଯାଏ ଏକଥା କିଏ ବା ନ ଜାଣେ ? ଚହଳଟା ବେଳେବେଳେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥାଏ । କରିବା ସ୍ୱାଭାବିକ । କିନ୍ତୁ ସୀତାକାନ୍ତଙ୍କ ପରିବାର ଏଥିରେ ଏକ ନିଶ୍ଚିତ ବ୍ୟତିକ୍ରମ । ପ୍ରାପ୍ତବୟସ୍କା ଝିଅ, ବାର ତେର ବର୍ଷ ବୟସର ପୁଅ ଓ ସ୍ତ୍ରୀଙ୍କୁ ନେଇ ଗଢ଼ା ଏ ପରିବାରରେ ଏ ବେଳର ଚହଳଟା ଯେମିତି ସ୍ଥିର ପାଣି ଉପରେ ହାଲ୍କା ଲହରୀର ଭଙ୍ଗ । ତଳ ଉପର ଭାଇ ଭଉଣୀଙ୍କ ଭିତରେ ହାସକୌତୁକ ସହ ବେଳେବେଳେ କଥା କଟାକଟି ନିଶ୍ଚୟ ଚାଲେ, ଯେପରି ଧୀର, ମଧୁର ମଳୟର ସୀମାରେଖା ଭିତରେ ହଠାତ୍ ଝଲକାଏ ବେଗଗାମୀ ପବନ । ସେତିକି, ସେଇ ଝଲକାଏ । ତା'ପରେ ପୁଣି ସେଇ ମଧୁଗୁଞ୍ଜନର ଚହଳ । ···ସୁଖୀ ପରିବାର । ଏ ପରିବାରର ଉନ୍ମେଷରୂପୀ ଯେଉଁ ସୁଝଟିକିକ, ତାହା ବେଶୀ ସ୍ପର୍ଶ କରିଛି ଗୃହିଣୀ ସୁମିତ୍ରାଙ୍କୁ । ଆଉ ଏ ସୁଖ ପାଇଁ ସୁମିତ୍ରାଙ୍କର ଯେଉଁ ଆତ୍ମସନ୍ତୋଷ, ତାହାର ହେତୁ ବା ସେତୁ ପିଲା ଦୁହିଁଙ୍କ ଅପେକ୍ଷା ବେଶୀ ସୀତାକାନ୍ତ ବୋଲି ତାଙ୍କର ଦୃଢ଼ଧାରଣା ରହିଛି । ଚାଳିଶ, ବୟାଳିଶ ବର୍ଷ ବୟସ୍କ ପଦସ୍ଥ କର୍ମଚାରୀ ସୀତାକାନ୍ତ ଦକ୍ଷ, ନିଷ୍କଳଙ୍କ, ସଂଯମୀ ଓ ଶୃଙ୍ଖଳାପ୍ରିୟ ପୁରୁଷ ବୋଲି ଯେଉଁ ଖ୍ୟାତି ରହିଛି, ସେଥିରେ ସୁମିତ୍ରାଙ୍କର ଆତ୍ମସନ୍ତୋଷ ବେଳେବେଳେ ଆତ୍ମପ୍ରସାଦ ସ୍ତରରେ ପହଞ୍ଚିଯାଏ, ଆଉ ଏଥିପାଇଁ ସେ କୁଣ୍ଠାହୀନ ଭାବେ ସଚେତନ ।

ଏ ସହରରେ ନିଜର ଦୁଇ ମହଲା ଘର । ଉପର ମହଲାରେ ଏମାନେ ସମସ୍ତେ ରୁହନ୍ତି । ଖିଆପିଆ, ପିଲାଙ୍କ ପଢ଼ାଘର ସବୁ ଉପର ମହଲାରେ । ସେଦିନ ବ୍ରେକ୍‌ଫାଷ୍ଟ ପରେ ସୀତାକାନ୍ତ ପୋଷାକପତ୍ର ପିନ୍ଧିବା ପାଇଁ ଘର ଭିତରକୁ ଆସିଛନ୍ତି । ପିନ୍ଧାପିନ୍ଧି ଅବସରରେ ଘର ଭିତରେ ଟିକିଏ ବୁଲାଚଲା କରିବାର ସମ୍ପର୍କ ଅତି ନିବିଡ଼ । କ'ଣ କିଛି କହିବା ଲାଗି ସୁମିତ୍ରା ଘର ଭିତରକୁ ଆସିଲେ । ସେ କିଛି କହିବା ପୂର୍ବରୁ ସେପାଖରୁ ଭାଇ ଭଉଣୀ ଦୁହିଁଙ୍କର କଥା ଶୁଭିଲା ।

—ଏ ଅପା, ତୁ ପୁଣି ମୋ ଚଟି ପିନ୍ଧି ବାଥ୍‌ରୁମ୍‌କୁ ଯାଇଥିଲୁ ।

—ହଁ ପରା । ତୁ ମୋଠୁଁ ଅଢ଼େଇ ବର୍ଷର ସାନ । ହେଲେ ତୋ ଚଟି ମୋ ଚଟିର ସାଇଜ୍ ସମାନ । କ'ଣ କରିବ ? ବୋଉ ସାଙ୍ଗରେ କଥା କହୁ କହୁ ଜଗା ରହିଲା ନାହିଁ, ତୋ ଚଟି ପିନ୍ଧି ପକେଇଲି ।

—ଦେଖ୍ କହି ଦଉଚି । ଆଉ ଯଦି ମୋ ଚଟି ପିନ୍ଧିବୁ, ତେବେ ତୋ ଚଟିର ଷ୍ଟ୍ରାପ୍ ମୁଁ କାଟିଦେବି ।

—ସୁନା ଭଉଣୀ ପରା, ମୋ ଚଟିର ଷ୍ଟ୍ରାପ୍ କାହିଁକି କାଟିବୁ ? ତୋ ଚଟି ଷ୍ଟ୍ରାପ୍‌କୁ କାଟ୍ ଯେ ଚଟିକୁ ନ ଗୁହିଁ ବି ମୁଁ ଜାଣିପାରିବି ସେଇଟା ତୋର ଚଟି ବୋଲି । ଆଉ ପିନ୍ଧିବି ନାହିଁ ।

ସେପାଖରେ ଝିଅ ଭଉଣୀଙ୍କ ହସ ସହିତ ଏ ପାଖରେ ହସମିଶା ତୃପ୍ତିର ରେଖା ଟାଣି ହୋଇଗଲା ।...ସୁମିତ୍ରା କଥା ଆରମ୍ଭ କଲେ—ହଁ, ମୁଁ କ'ଣ କହୁଥିଲି କି, ବୃନ୍ଦାବନବାବୁ ଆସିଥିଲେ ।

—ଆମ ପଡ଼ିଶା ବୃନ୍ଦାବନବାବୁ ?

—ହଁ । ତମେ ଖାଇବସିଚ ବୋଲି ଶୁଣି କୃତକୃତ୍ୟ ହୋଇ ଫେରିଗଲେ ।

—ଝିଅଙ୍କ ନିଆଁହ ଲେଜ ।

—ତମେ ଏବେ କୋଉ ସିଂହବଂଶି କି ?

ସେପାଖରୁ ବୋଉ ଡାକ ଶୁଣି ସୁମିତ୍ରା ଗୁଲିଗଲେ ।

ବୃନ୍ଦାବନବାବୁ ମ୍ୟୁନିସିପାଲିଟିର ସାଧାରଣ ଅଫିସ୍ କର୍ମଚାରୀ । ଏମାନଙ୍କ କୋଠାକୁ ଲାଗି ଗୁଣ୍ଠେ ଖାଲି ଜମି ପଡ଼ିଥିଲା । ବୃନ୍ଦାବନବାବୁ ସେତକ କିଣି କୌଣସିମତେ ଦ' ବଖରା ଘରଟିଏ କରି ସେଥିରେ ରହୁଚନ୍ତି । ପରିବାର ଗାଁରେ । ...ହୋଉ ପଛେ ଗୁଲିଘର । ସୀତାକାନ୍ତଙ୍କ ପରି ଜଣେ ନିଷ୍ଠାବାନ୍ ବ୍ୟକ୍ତିଙ୍କର ପଡ଼ୋଶୀ ହୋଇ ପାରିଚନ୍ତି ବୋଲି ତାଙ୍କର ଏମାନଙ୍କ ପ୍ରତି କୃତକୃତ୍ୟ ଭାବ । ...କାହିଁକି ଆସିଥିଲେ ? ...ସୀତାକାନ୍ତଙ୍କର ମନେପଡ଼ିଲା । ଆସନ୍ତା ଶିଶୁଦିବସ ବେଳକୁ ମ୍ୟୁନିସିପାଲିଟି ପକ୍ଷରୁ ଶିଶୁଦିବସ ପାଳିତ ହେବ । ଗୋଟିଏ ପତ୍ରିକା ମଧ୍ୟ ପ୍ରକାଶିତ ହେବ । ସେଥିପାଇଁ ବୃନ୍ଦାବନବାବୁ ସୀତାକାନ୍ତଙ୍କ ଠାରୁ ଲେଖାଟିଏ ଗୁହୁଁଚନ୍ତି । ହୁଏତ ସେଥିପାଇଁ ଆସିଥିବେ ।

ସୀତାକାନ୍ତ ଜଣେ ଶିଶୁ ସାହିତ୍ୟିକ । ଲେଖନ୍ତି ଖୁବ୍ କମ୍ । ଯାହା ଲେଖନ୍ତି, ଖୁବ୍ ଭଲ ଲେଖନ୍ତି । ସେଥିପାଇଁ ଏ କ୍ଷେତ୍ରରେ ମଧ୍ୟ ତାଙ୍କର ପ୍ରତିଷ୍ଠା ଅଛି ।

ଅଫିସ୍ ବେଳ ହୋଇଆସୁଚି । ଗେଞ୍ଜିଟା ପିନ୍ଧୁ ପିନ୍ଧୁ ସୀତାକାନ୍ତ ସୁମିତ୍ରାଙ୍କ ଉଦ୍ଦେଶ୍ୟରେ କହିଲେ—ଏ ଗେଞ୍ଜିଟା କ'ଣ···ଅଟକିଗଲେ । କଥା କହୁ କହୁ ସେ ଖୋଲା ଝରକା ପାଖକୁ ଚାଲି ଯାଇଥିଲେ । ସେଇ ଝରକା ପାଖରେ ସେ ଅଟକିଗଲେ । କଥା ଅଟକିଗଲା । ମୁହୂର୍ତ୍ତେ ଠିଆହୋଇ ସୀତାକାନ୍ତ ଝରକା ପାଖରୁ ଅପସରି ଆସିଲେ । ମୁହଁ, ଆଖିର ଭାବ ଯେମିତି ଟିକିଏ ପରିବର୍ତ୍ତିତ ହୋଇ-ଯାଇଚି; କିଛିଟା ଅନ୍ୟମନସ୍କ । ସେପାଖରୁ ସୁମିତ୍ରାଙ୍କ କଥା ଶୁଣାଗଲା—କ'ଣ ଗେଞ୍ଜି କଥା କହୁଥିଲ ?

ଏଁ ?···ନା

ଏଇମାତ୍ର କହିବା କଥାଟାକୁ ସେ ଯେମିତି ଭୁଲି ଯାଉଚନ୍ତି । ପୁଣି ମନେ-ପକେଇ କହିଲେ—ନା, ମୁଁ କହୁଥିଲି, ଏ ଗେଞ୍ଜିଟା ଧୂଆ ହୋଇଚି ତ ?

—ହଁ, ହଁ । ଜାଣିଚ ତ, ଅଧୂଆ ଗେଞ୍ଜି ସେ ଘରେ ରହେ ନାହିଁ ।

ସୁମିତ୍ରାଙ୍କ କଥା ସୀତାକାନ୍ତ ଶୁଣି ଯେପରି ଶୁଣିପାରୁ ନାହାନ୍ତି । ସାର୍ଟ୍ ପିନ୍ଧି ସାର୍ଟ୍‌ର ବୋତାମଟା ଦଉଚନ୍ତି—ପୁଣି ଖୋଲୁଚନ୍ତି । ···ସେଇ ଅବସ୍ଥାରେ ସେ ପୁଣି ଝରକା ପାଖକୁ ଗଲେ—ବାହାରକୁ ଚାହିଁଲେ । ତା'ପରେ ସନ୍ତର୍ପଣରେ ଝରକା କବାଟକୁ ଅଧା-ଆଉଜା କରି ଘରୁ ବାହାରିଗଲେ ।

× × ×

ଫାଟକ ଖୋଲି ରାସ୍ତାରେ ପାଦଦେଇ ସୀତାକାନ୍ତ ଦେଖିଲେ ବୃନ୍ଦାବନବାବୁ ରିକ୍‌ସାରେ ବସିଚନ୍ତି । ପାଖରେ ବସିଚି ପ୍ରାୟ ପନ୍ଦରବର୍ଷ ବୟସର ଗୋଟିଏ କଣେଶାରି ଝିଅ । ସୀତାକାନ୍ତଙ୍କୁ ଦେଖି ବୃନ୍ଦାବନବାବୁ ଇଙ୍ଗିତରେ ଝିଅଟିକୁ କ'ଣ କିଛି କହିଲେ । ଦୁହେଁ ତରତର ହୋଇ ରିକ୍‌ସାରୁ ଓହ୍ଲାଇଆସିଲେ । ବୃନ୍ଦାବନବାବୁ ସଭ୍ରମତାର ସହ ନମସ୍କାର କଲେ । ଝିଅଟି ଏକାବେଳେକେ ଅଣ୍ଟାଭାଙ୍ଗି ପ୍ରଣାମ ଜଣାଇଲା । ସୀତାକାନ୍ତ ମୁହଁ ଖୋଲି କିଛି କହିପାରିଲେ ନାହିଁ । ତାଙ୍କ ମନ ଭିତରେ କେବଳ ଗୋଟିଏ କଥାର ଉଦୟ ହେଲା—ଏଇ ଝିଅ !!

ବେଶ୍ ଆଗ୍ରହ ଓ ଉତ୍ସାହ ସହ ବୃନ୍ଦାବନବାବୁ କହି ଚାଲିଛନ୍ତି—ମୋ ଭାଣିଜୀ, ଗାଁରେ ଥାଏ । ଏବର୍ଷ ମାଟ୍ରିକ୍ ପରୀକ୍ଷା ଦବ ।

ଏପାଖରେ ଏତେ ଆନ୍ତରିକତା···ସୀତାକାନ୍ତ ସ୍ଥିର ।

ବୃନ୍ଦାବନବାବୁ କହୁଥାନ୍ତି ଯେ, ଏଠି ଗୋଟାଏ ଚନ୍ଦାଙ୍କନ ପ୍ରତିଯୋଗିତା ହଉଚି । ସେଇଥିପାଇଁ ଦି' ତିନଦିନ ରହିବ । ··କ'ଣ କରିବ ? ଭାରି ଅସୁବିଧା । ଦି' ବର୍ଷର ଚାଲିଗଲାଣି ସିନା ଦେଇଚି । ତା' ମାଇଁ ଅଭି ପିଲାମାନେ ତ ଗାଁରେ ! ଏଠି ଟିକିଏ ଗାଧୂଆପାଧୂଆର ସୁବିଧା ନାହିଁ ।

ବୃନ୍ଦାବନବାବୁଙ୍କ ଏତେ ମନଖୋଲା କଥା । ଚେଷ୍ଟାକରି ମୁଦ୍ଧା ଯେମିତି ସୀତାକାନ୍ତଙ୍କର କିଛି ପ୍ରତିକ୍ରିୟା ପ୍ରକାଶ ପାଉନି । ସେ ନୀରବ ।

—କାଲି ସକାଳୁ କହି ହେଉଚି, ସାର୍‌ଙ୍କୁ ଟିକେ ଦେଖିବ...କାଲି କହିଲୁ ।

ଚଞ୍ଚଳ ନୟନ, ଓଠଧାରରେ ସାମାନ୍ୟ ହସ । ଝିଅଟି ସ୍ପଷ୍ଟଗଳାରେ କହିଲା—ଆମେ ଆଠଜଣ ପିଲାଥିଲୁ । କବିତା ଆବୃତ୍ତି ପ୍ରତିଯୋଗିତା । ମୁଁ ଆପଣଙ୍କ 'ଆମେ ଶିଶୁ' କବିତା ଆବୃତ୍ତି କରି ଫାଷ୍ଟ ହେଲି ।

କିଛିଟା ଗର୍ବ ଓ ଆତ୍ମସନ୍ତୋଷରେ ଉଚ୍ଛଳ ଦେହ ମନ ନେଇ ଝିଅଟି କଥାତକ କହି ପକାଇଲା—ଏଥିରୁ କିଛି ଅଂଶ ଯେମିତି ସୀତାକାନ୍ତଙ୍କର ପ୍ରାପ୍ୟ ଅବା ଏଥିରେ ସେ ଖୁସି । ...ପ୍ରାୟ ଅସ୍ପଷ୍ଟ ସ୍ୱରରେ ସୀତାକାନ୍ତଙ୍କ କଣ୍ଠରୁ ବାହାରି ଆସିଲା—ହୁଁ ।

ଏଇଠି ପ୍ରଶ୍ନବାଚକ ଦୃଷ୍ଟିରେ ଝିଅଟି ମାମୁଙ୍କ ଆଡ଼େ ଚାହିଁଲା । ମାମୁ ଉତ୍ତର ଦେଲେ—କହ ।

ଝିଅଟି ଟିକିଏ ନମ୍ର କିନ୍ତୁ ଉଚ୍ଛ୍ୱାସପୂର୍ଣ୍ଣ ଭାବରେ କହିଲା—ସାର୍, ଆମ ମ୍ୟୁଜିକ୍ ଟିଚର୍ କହିଛନ୍ତି ଆମ ପ୍ରାଇଜ୍ ଫଙ୍କସନ୍ ପାଇଁ ଆପଣ ଗୋଟିଏ 'ଲେଖା' ଆମକୁ ଦେବେ ।

ସୀତାକାନ୍ତଙ୍କର ଦୁଇ ଦାନ୍ତ, ପାଟି ଯେମିତି ଚୁପି ଚୁପି ହୋଇଆସୁଛି । ସେ ଅସ୍ୱସ୍ତି ଅନୁଭବ କରୁଛନ୍ତି । ମୁହଁର ଭାବ ବିବର୍ଣ୍ଣ ହୋଇଆସୁଚି । ସେଇ ଅବସ୍ଥାରେ ସେ ମୁହଁ ତଳକୁ କରି କହିଲେ—ଅଚ୍ଛା । ତା'ପରେ ସେ ଯିବାର ଉପକ୍ରମ କଲେ । ଟିକିଏ ଯେମିତି ଅପରାଧ ମନୋଭାବ ନେଇ ବୃନ୍ଦାବନବାବୁ କହି ଉଠିଲେ—ଆପଣ ଯା'ନ୍ତୁ ସାର୍, ଆପଣଙ୍କର ଡେରି ହୋଇଯାଉଚି—ଆପଣ ଯା'ନ୍ତୁ । ..ସୀତାକାନ୍ତ ମଟର୍‌ସାଇକେଲରେ ବାହାରିଗଲେ ।

ସୀତାକାନ୍ତଙ୍କ ମଟରସାଇକେଲ ଛୁଟୁଚି । ସେଇ ସଙ୍ଗେ ସଙ୍ଗେ ଦେହ ମନରେ ପ୍ରବଳ ଉତ୍ତେଜନା—ବିଷର ଜ୍ୱାଳା ପରି ତୀବ୍ର ଚିନ୍ତାଭାବନାର ଧକ୍କା ! ଏଇ କିଛି ସମୟ ପୂର୍ବରୁ ତାଙ୍କ ଘରେ ଚେଷ୍ଟି ପିନ୍ଧି ପିନ୍ଧି ସୀତାକାନ୍ତ ଝରକା ପାଖକୁ ଚାଲିଯାଇଥିଲେ । ଯିବାର ଉଦ୍ଦେଶ୍ୟ କିଛି ନ ଥିଲା । ଏମିତି ପ୍ରାୟ ସେ ଯାଆନ୍ତି—ଫେରନ୍ତି—ବୁଲିଚାଲି କରନ୍ତି । ଆଜି ଏ କ'ଣ ହେଲା ! ଝରକା ପାଖରେ ଠିଆହୋଇ ସେ ଦେଖିଲେ ପଡ଼ଶା ବୃନ୍ଦାବନବାବୁଙ୍କ ଘର ଗଛ ତଳେ ଠିଆ ହୋଇ ଝିଅଟିଏ ଗାଧୋଉଚି ! ସଙ୍ଗେ ସଙ୍ଗେ ସୀତାକାନ୍ତଙ୍କର ସେଠୁ ଚାଲି ଆସିବା କଥା । କିନ୍ତୁ ଅମାପ ସଂଯମୀ ଭଦ୍ର ଆଭିଜାତ୍ୟ ସମ୍ପନ୍ନ ସୀତାକାନ୍ତ ଆସିପାରିଲେ ନାହିଁ । ମୁହୂର୍ତ୍ତେ (ନିମିଷ ବା ପଲକ ଅର୍ଥରେ ଯାହାକୁ ମୁହୂର୍ତ୍ତେ କୁହାଯାଏ)

ସେଇ ମୁହୂର୍ତ୍ତେ ମାତ୍ର ସେଠି ଠିଆହୋଇ ପୁଣି ଘର ଭିତରକୁ ଫେରିଆସିଲେ । ମଟରସାଇକେଲ ଗ୍ଭଲିଚ । ସେ ଦୃଷ୍ଟି ଦଉଚନ୍ତି—ଅନ୍ୟ ଗାଡ଼ି ମଟରକୁ କଟେଇ ନେଉଛନ୍ତି । କିନ୍ତୁ ମନ ଭିତରେ ସେଇ ତୀବ୍ର ଅନୁଚିନ୍ତନ ।···ସେ ଝରକା ପାଖରୁ ଘର ଭିତରକୁ ଫେରିଆସିଲେ । ଟିକିଏ ପରେ ଯେମିତି ସତର୍କ ସଙ୍କୋଚ ପଦରେ ପୁଣି ଝରକା ପାଖକୁ ଗଲେ । ଦେଖିଲେ ଝିଅଟି ଗାଧୋଇସାରି ଲୁଗା ଧୋଉଛି । ଧୀରେ ଝରକା କବାଟ ଦରଆଉଜା କରି ଘର ଭିତରୁ ବାହାରିଆସିଲେ ।

ସାମ୍ନାରେ ଗୋଟାଏ ଟ୍ରକ୍ ଅଟକିଛି । ତାକୁ କଟେଇ ସାମ୍ନାକୁ ବାହାରିଗଲେ । ମନପ୍ରାଣରେ ସେଇ ତୀବ୍ର ଦଂଶନର ଜ୍ୱାଳା । ଆଖି ଆଗରେ ଝିଅଟର ରୂପରେଖ ଭାସିଉଠୁଚି । ଝିଅଟି ଆଉ କେହି ନୁହେଁ । ଏଇ କେତେକ୍ଷଣ ପୂର୍ବରୁ ଶିକ୍‌ସାରୁ ଓହ୍ଲାଇ ପ୍ରାଣର ଆବେଗରେ ଯୋଉ ଝିଅଟି ତାଙ୍କୁ ଏତେ କଥା କହିଗଲା, ଏଇ ହଉଚି ସେଇ ଝିଅ । ପ୍ରଥମଥର ଝରକା ପାଖକୁ ଯାଇ, ମୁହୂର୍ତ୍ତେ ରହି ଯେତେବେଳେ ସେ ଫେରିଆସିଲେ, ସେତେବେଳେ ଗୋଟିଏ ଝଲକ ପରି ଏଇ କେତେପଦ କଥା ତାଙ୍କ ମନରେ ପ୍ରତିଫଳିତ ହୋଇ ଯାଇଥିଲା—ଗୋଟାଏ ଝିଅ କ'ଣ ଏମିତି ଲବଣ୍ୟମୟୀ ହୋଇପାରେ !! ଏଇ ସ୍ମୃତିଗ୍ଭରଣରେ ସୀତାକାନ୍ତ ଅନ୍ତର ଭିତରେ କ୍ଷତ ବିକ୍ଷତ ହୋଇପଡ଼ୁଛନ୍ତି । 'ସେ ଜାଣି ଶୁଣି କିଛି ଦୋଷ କରିନାହାନ୍ତି ।' —ଏ କଥାଟାକୁ ସେ ମାନିନେଇ ପାରୁନାହାନ୍ତି । କଥାଟା ଯଦି ସାମାନ୍ୟ—ତାଙ୍କର ଯଦି କିଛି ଉଦ୍ଦେଶ୍ୟ ନ ଥିଲା ତେବେ ସୁମିତ୍ରାକୁ କଥାପ୍ରସଙ୍ଗରେ ସେ ଏକଥା କହିଲେ ନାହିଁ କାହିଁକି ? କାହିଁକି ସେ ପୁଣିଥରେ ଝରକା ପାଖକୁ ଗଲେ ? ···ଏହାର ପୁଣି ଅନ୍ୟ ଏକ ଦିଗ ରହିଚି । 'ଗ୍ଭହିଁବା' ଓ 'ଆଖିଟେକି ଗ୍ଭହିଁବା' ଏ ଦୁଇଟି କଥାରେ ଯେଉଁ ଅନ୍ତର୍ନିହିତ ଆକାଶ ପାତାଳ ପ୍ରଭେଦ ରହିଚି, ତାହା ସୀତାକାନ୍ତଙ୍କ ଜୀବନରେ ଅକ୍ଷରେ ଅକ୍ଷରେ ପ୍ରମାଣିତ ହେଇଛି । କାହା ଝିଅ-ବୋହୂଙ୍କୁ ସୀତାକାନ୍ତ କେବେ ଆଖିଟେକି ଗ୍ଭହାନ୍ତି ନାହିଁ । ଏହା ହୁଏତ ତାଙ୍କର ଏକ ଜନ୍ମଗତ ସ୍ୱଭାବସୁଲଭ ଗୁଣ । ଏଥିରେ ତାଙ୍କର ବାହାଦୁରି ନେବାର ଯେପରି କିଛି ନାହିଁ, ସେମିତି ଏ ଗୁଣ ସହିତ ନିଜକୁ ନିଜେ ଅବହିତ କରି ରଖିବାର ମଧ୍ୟ କିଛି ନାହିଁ । କିନ୍ତୁ ସୁମିତ୍ରା ! ସ୍ୱାମୀଙ୍କର ଏଇ ଦୁର୍ଲ୍ଲଭ ଗୁଣପାଇଁ ସେ ବିମୋହିତା ହେଇ ପଡ଼ିଥାନ୍ତି । ଅଥଚ ସେଇ ସୁମିତ୍ରାଙ୍କୁ ଆଜି ଏ ଘଟଣାଟା ସେ କାହିଁକି କହିଲେ ନାହିଁ ? ସେ କ'ଣ ଜାଣିଶୁଣି ଏ କଥାଟା ସୁମିତ୍ରାଙ୍କ ଠାରୁ ଲୁଚେଇ ରଖିଲେ ! ଯଦି ତାହାହିଁ ହେଇଥାଏ, ତା'ହେଲେ ତ ସୁମିତ୍ରା ତାଙ୍କୁ ଏ ଜୀବନରେ କେବେହେଲେ କ୍ଷମା ଦେଇପାରିବେ ନାହିଁ । ···ଏଇ ଦୁଃସହ ଭାବନାରେ ତାଙ୍କ ଛାତି ଭିତରଟା ଯେମିତି ଦଳି ହେଇଗଲା—ଗୋଟାଏ ଅସ୍ପଷ୍ଟ ଯନ୍ତ୍ରଣାର ସ୍ୱର ପାଟିରୁ ବାହାରିଆସିଲା—ଆଖି ବୁଜି ହେଇଗଲା । ଏହାପରେ··· ··?

ଏହାପରେ ସେ ଆଉ ଆଖି ଖୋଲିନାହାନ୍ତି । ସେଦିନ ସେ ମଟର-ସାଇକେଲରେ ଆସୁ ଆସୁ ବାଟରେ ଆକ୍‌ସିଡେଣ୍ଟ ହୋଇଛି । ହସ୍‌ପିଟାଲ କେବିନ୍‌ରେ ଭର୍ତ୍ତି ହୋଇଛନ୍ତି । ଦେହ ମୁଣ୍ଡରେ ସେମିତି କିଛି କ୍ଷତ ନାହିଁ । କିନ୍ତୁ ତିନିଦିନ ହେଲା ସେ ସଂଜ୍ଞାଶୂନ୍ୟ ଅବସ୍ଥାରେ ଆଖିମୁଦି ରହିଛନ୍ତି ।

ସୀତାକାନ୍ତ ବେଡ୍‌ରେ ଶୋଇଛନ୍ତି । କେବିନ୍ ବାହାରେ ସୁମିତ୍ରା କାହା ସାଙ୍ଗରେ କଥାବାର୍ତ୍ତା କରୁଛନ୍ତି । ବେଡ୍ ପାଖରେ ତାଙ୍କ ଝିଅ ବସିଚି । ଏକ ଲୟରେ ବାପାଙ୍କ ମୁହଁକୁ ଚାହିଁ ରହିଚି । ବେଳେ ବେଳେ କପାଳକୁ ଟିକିଏ ଆଉଁସି ଦଉଚି । ନିଃଶ୍ୱାସପ୍ରଶ୍ୱାସ ଠିକ୍ ଚାଲିଚି । ..ଦେଖାଗଲା, ଦେହଟା ଟିକିଏ ଚଞ୍ଚଳ ହୋଇ ଉଠିଲା । ହୁଏତ ସାମାନ୍ୟ ଯନ୍ତ୍ରଣାର ଆଭାସ । ଝିଅଟି ଅସ୍ଥିର ହୋଇଉଠୁଚି । ତା'ପରେ ଧୀରେ—ବେଶ୍ ଧୀରେ ଧୀରେ ସୀତାକାନ୍ତ ଆଖି ଖୋଲିଲେ । ଝିଅ ପାଟିକରି ଉଠିଲା—ବୋଉ, ବାପା ଆଖି ଖୋଲିଲେଣି । ତରବର ସୁମିତ୍ରା ଘର ଭିତରକୁ ପଶିଆସିଲେ—ରୁ ଯା, ଡାକ୍ତରବାବୁ ସେଠି ଅଛନ୍ତି, ଡାକି ଆଣ୍ ଝିଅଟି ଉଠିଗଲା । ସୁମିତ୍ରା ବେଡ୍ ଉପରକୁ ଝୁଙ୍କି ପଡ଼ିଲେ । ସ୍ୱାମୀଙ୍କୁ କିଛି କହିବା ଆଗରୁ କଥା କେଇପଦ ଆପେ ଆପେ ତାଙ୍କ ପାଟିରୁ ବାହାରି ପଡ଼ିଲା—କାହିଁକି ଯେ ଏମିତି ହେଲା !! ଆଖିରୁ ତାଙ୍କର ଦୁ' ଚାରି ଟୋପା ଲୁହ ସୀତାକାନ୍ତଙ୍କ କପୋଳ ଉପରେ ଝରି ପଡ଼ିଲା । ଟିକିଏ ଇତସ୍ତତଃ ହେଇ ସୀତାକାନ୍ତ ନିଜ ହାତରେ ଲୁହତକ ପୋଛିଦେଲେ । ...ଡାକ୍ତର ଆସିଲେ ।

—କୁହନ୍ତୁ କେମିତି ଅଛନ୍ତି ? ...କୋଉଠି କିଛି ଯନ୍ତ୍ରଣା ?

ତକିଆ ଉପରେ ସୀତାକାନ୍ତ ମୁଣ୍ଡ ଏପାଖ ସେପାଖ କରି ଉତ୍ତର ଦେଲେ—ନା ।

—ବେଶ୍ ଭଲ, ମାନେ ଟିକିଏ ସୁସ୍ଥ ଅନୁଭବ କରୁଛନ୍ତି ତ ?

—ହଁ ।

—ଥାଙ୍କ୍ ଗଡ୍ ।

ଡାକ୍ତର ନାଡ଼ି ଦେଖିଲେ—ହାର୍ଟ ଦେଖିଲେ । ପ୍ରସନ୍ନ ବଦନରେ କହିଲେ—ସବୁ ଠିକ୍ ଅଛି ।

ହଁ ସବୁ ଠିକ୍ ଅଛି । ସୀତାକାନ୍ତଙ୍କ ଚେତା ଫେରିଚି । ସେ କଥା କହି ପାରୁଛନ୍ତି । କପୋଳରେ ସୁମିତ୍ରାଙ୍କ ଆଖିରେ ଉତ୍ତପ୍ତ ଲୁହ କେଇଟୋପାକୁ ଅନୁଭବ କରି ନିଜ ହାତରେ ପୋଛି ଦେଇଛନ୍ତି । ...କିନ୍ତୁ ସେ କିଛି ଦେଖିପାରୁ ନାହାନ୍ତି । ତକିଆ ଉପରେ ମଥାଟିକୁ ଯେତେ ଏପାଖ ସେପାଖ କଲେ ବି, ଆଖି ଆଗରେ ତିନିଦିନର ସେଇ ଗହଳ ଅନ୍ଧାର ଜମାଟବାନ୍ଧି ରହିଚି । ସେ କିଛି ଦେଖିପାରୁ ନାହାନ୍ତି ।

ମାଧବୀ

ମାଧବୀ ବସିଛି… ! ରୂପରେ ନିଖୁଣ ଓଡ଼ିଆ ଘର ଝିଅର ଲାଳିତ୍ୟ ଅଛି, ଲାବଣ୍ୟ ଅଛି—ସେହି ସଙ୍ଗେ ସଙ୍ଗେ ତା'ର ମୁଖଶ୍ରୀରେ ବୌଦ୍ଧିକତାର ପରିପ୍ରକାଶ ରହିଛି । କିନ୍ତୁ ମୋଟାମୋଟି ଭାବେ ଏଇ ତେଇଶି, ଚବିଶି ବର୍ଷ ବୟସ୍କା ସାଧାରଣ ଝିଅଟିକୁ ଦେଖିଲେ କଲନା କରିହୁଏନା ଯେ ପଦାର୍ଥ ବିଜ୍ଞାନରେ ବାଣୀବିହାର ଓ ପିଲାନିରେ ଅତି କୃତିତ୍ୱର ସହିତ ଶିକ୍ଷା ସମାପ୍ତ କରି ଫିଲାଡେଲ୍‌ଫିଆର ସ୍କୁଲ ଅଫ୍ ହାଇୟାର୍ (Higber) ସାଏନ୍‌ସ୍‌ରେ ପ୍ରବେଶ ପାଇଁ ମନୋନୀତ ହୋଇଛି ।

ଏକାନ୍ତ ଅଭାବଗ୍ରସ୍ତ ପରିବାରର ଝିଅ ମାଧବୀ । ସେଦିନ ସେ ତାଙ୍କ ଘରେ ବସିଛି । ପାଖରେ ଗୋଟିଏ ତକ୍ତପୋଷ ଉପରେ ଶୋଇଛନ୍ତି ତା'ର ରୋଗଗ୍ରସ୍ତ ବାପା । ବେସରକାରୀ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପଦରୁ ବହୁଦିନ ହେଲା ଅବସର ଗ୍ରହଣ କଲେଣି । ସାଧାରଣତଃ ସେ ବେଶୀ କଥା କୁହନ୍ତି ନାହିଁ । ଏବେ ଗୋଟିଏ ହାତ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହେଲା ପରଠୁ ତାଙ୍କର କଥାବାର୍ତ୍ତା ଅତି କ୍ଷୀଣସ୍ୱରକୁ ଗଳିଆସିଛି । ଏଇ ସମ୍ବଳହୀନ ପରିବାରଟିରେ ଉପସ୍ଥିତ ଏ ଦୁଇଜଣ ବ୍ୟତୀତ ଅନ୍ୟ କେହି ନାହାଁନ୍ତି । …ଚିଠି ଆସିଲା । ଚିଠି ନ ଖୋଲି ବି ମାଧବୀ ଜାଣିଲା ଯେ ବିକାଶ ଚିଠି ଦେଇଚି । ସେ ଖୁସି । ଚିଠି ଖୋଲି ପଢ଼ିଲା । ମୁହଁର ଭାବରେ କିଛିଟା ପରିବର୍ତ୍ତନ । ବାପାଙ୍କ ଆଡ଼କୁ ଚାହିଁଲା, ଜାଣିହେଲା ନାହିଁ ସେ ଶୋଇଛନ୍ତି କି ଜାଗିଛନ୍ତି । ତା'ପରେ ଚଉକି ଉପରେ ଢଳିପଡ଼ି ଝରକା ବାହାରକୁ ଚାହିଁରହିଲା । ଅତୀତର କିଛି ସ୍ମୃତିଚାରଣ ।

ବିଶ୍ୱବିଦ୍ୟାଳୟର ପରୀକ୍ଷାଫଳ ପ୍ରକାଶିତ ହୋଇଥାଏ । ବିକାଶ ଓ ମାଧବୀ ଦୁହେଁ ବି. ଏସ୍‌ସି. ଫିଜିକ୍‌ସ ଅନର୍ସ ପରୀକ୍ଷାର୍ଥୀ । ଦୁହେଁ ଅନର୍ସରେ ଅତି ସମ୍ମାନ-ଜନକ ଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେଦିନ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ଦୁହିଁଙ୍କର ସାକ୍ଷାତ ହେଲା । ପ୍ରଥମ ସାକ୍ଷାତ । ଦୁହେଁ ଭିନ୍ନ ଭିନ୍ନ କଲେଜରେ ଅଧ୍ୟୟନ କରୁଥିବାରୁ ପୂର୍ବରୁ ସାକ୍ଷାତ ବା ପରିଚୟ ହୋଇନଥିଲା । …ବିକାଶ ସର୍ବତୋଭାବେ ଆଧୁନିକ, ଆଉ ହୁଏତ ଠିକ୍ ସେଇ ମାତ୍ରାରେ ଭଦ୍ର । ମାଧବୀକୁ

ଦେଖି ବିକାଶ କହିଲା—ତମେ ନିଶ୍ଚୟ ମାଧବୀ; ମାଧବୀ କାନୁନ୍‌ଗୋ ? ରେଜଲ୍‌ଟ୍ ବାହାରିବା ପରେ ଖବରକାଗଜରେ ତମ ଫଟୋ ବାହାରିଥିଲା । ଏଇତ, ତମ ହାତରେ ତମର ଏ ମାର୍କସିଟ୍—ମାଧବୀ କାନୁନ୍‌ଗୋ···ମାଧବୀକୁ ଠିକ୍ ଚହ୍ନି ପାରିଛି ବୋଲି ବିକାଶ ଏତେ କୈଫିୟତ ଦେଲା ପରେ ବି ମାଧବୀ ମୁହଁରେ ବିସ୍ମୟର ସୀମା ନାହିଁ, ଯେହେତୁ ଏ ବିସ୍ମୟର କାରଣ ଭିନ୍ନ । ଆରମ୍ଭରୁ ଠିକ୍ ବୁଝିପାରି-ନଥିଲେ ମଧ୍ୟ ବିକାଶ କ୍ରମେ ଜାଣିପାରିଲାଣି ମାଧବୀ କାହିଁକି ତାକୁ ବିସ୍ମୟଭରା ଦୃଷ୍ଟିରେ ଚାହିଁରହିଛି । ଆଜି ଦୁହିଁଙ୍କ ଭିତରେ ଏହା ପ୍ରଥମ ସାକ୍ଷାତ । ଅଥଚ ବିକାଶ 'ଆପଣ' ବୋଲି ନ କହି ମାଧବୀକୁ 'ତମେ' କହୁଛି ! ଏଇ ଅଡ୍ଡୁଆ—ଏମ୍ବାରସିଙ୍ଗ୍ କଥାଟା ଦୁହେଁ ବୁଝିପାରିଛନ୍ତି । ଟିକିଏ ସଙ୍କୋଚ ପ୍ରକାଶ କରି ବିକାଶ କହିଲା—ମତେ କ୍ଷମା କରିବେ, ଆମେ ଏକାନ୍ତ ଅପରିଚିତ, ଅଥଚ ମୋ' ପାଟିରୁ ହଠାତ୍ 'ତମେ' ସମ୍ବୋଧନ ବାହାରିଆସିଲା । ଉତ୍ତରରେ ମାଧବୀ କିଛି ନକହି କେବଳ ଟିକେ ହସିଲା । ବିକାଶ କହିଚାଲିଛି—ମୁଁ ଜାଣିଛି, ଏ କଥାଟା ଆମ ଦୁହିଁଙ୍କୁ ଅଡ୍ଡୁଆରେ ପକାଇଦେଇଚି । ବର୍ତ୍ତମାନ ଏଠି ସଙ୍ଗେ ସଙ୍ଗେ ଏହାର ସଂଶୋଧନ କଲେ, ଆମେ ଦୁହେଁ ନହେଲେ ବି ମୁଁ ଏକା ଅଧିକ ଅଡ୍ଡୁଆରେ ପଡ଼ିଯିବି । ଅତଏବ ଏ ସଂଶୋଧନ ପର୍ବଟା ବାକି ରହିଲା । ମୁଁ···ମୁଁ ବିକାଶ ପ୍ରଧାନ । ···ମାଧବୀର ମୁହଁ କିଛିଟା ଉଜ୍ଜ୍ୱଳ ହୋଇଉଠିଲା । ବିକାଶଙ୍କୁ ନମସ୍କାର କରି କହିଲା—ଫିଜିକ୍‌ସ ଅନର୍ସରେ ରେଜଲ୍‌ଟ ତ ବହୁତ—ବହୁତ ଭଲ ହୋଇଚି ।

ତା' ପରେ ଦୁହେଁ ନିକଟସ୍ଥ ରେଷ୍ଟୁରାଣ୍ଟକୁ ଗଲେ । ବିକାଶ ବୁଝିପାରିଲା ଯେ, ମାଧବୀ ପୋଷ୍ଟଗ୍ରାଜୁଏସନ୍ କଲାପରେ କୌଣସି ଏକ କଲେଜରେ ଅଧ୍ୟାପିକା ହେବା ପାଇଁ ବ୍ୟଗ୍ର ହୋଇଉଠିଲାଣି । ବିକାଶ ଜାଣିପାରିଲାଣି ଆର୍ଥିକ ଦୁରବସ୍ଥା ହିଁ ତା'ର ଏଭଳି ନିଷ୍ପତ୍ତିର କାରଣ । କିନ୍ତୁ ସେ ମାଧବୀକୁ ଦେଖି ଓ ତାର ମାର୍କସିଟ୍‌ରୁ ତା'ର ପ୍ରତିଭାର ପରିଚୟ ପାଇ ତାକୁ ବହୁ ଯୁକ୍ତି ଓ ବହୁ ତଥ୍ୟ ସହିତ ଜଣାଇଦେଲା ଯେ, ସେ ଭୁଲ୍ ମାର୍ଗରେ ଯାଉଛି । ସେ ପିଲାନି ଯିବା ଉଚିତ । ଏଥିରେ ମାଧବୀର ଯାହାକିଛି ଆପତ୍ତି ସେ ସବୁକୁ ଆଡ଼େଇଦେଇ ନିଜ ପାଖରେ ଥିବା ଖଣ୍ଡିଏ ଫର୍ମ ତାକୁ ଦେଇ କହିଲା—ଏଇଟା ପିଲାନି ଇନ୍‌ଷ୍ଟିଚ୍ୟୁଟ୍‌ର ଆଡ଼ମିସନ୍ ଫର୍ମ । ପୋଷ୍ଟ ଗ୍ରାଜୁଏସନ୍ ପାଇଁ ତୁମେ ଫର୍ମ ପୂରଣ କରି ପଠାଅ । ତମର ଆଡ଼ମିସନ୍ ନିଶ୍ଚୟ ହବ । ତମର ଆଡ଼ମିସନ୍ ପରେ ତମର ଆର୍ଥିକ ଅବସ୍ଥା କଥା ତମକୁ ଚିନ୍ତା କରିବାକୁ ପଡ଼ିବ ନାହିଁ । ସେଥିପାଇଁ ବିରଲା ଫାଉଣ୍ଡେସନ୍ ରହିଚି । ମୁଁ ତୁମର ଅପରିଚିତ । କିନ୍ତୁ ମୁଁ ଅନୁରୋଧ କରୁଚି ମୋ' କଥା ତୁମେ ରଖ । ତୁମର ଭବିଷ୍ୟତ ପ୍ରତି ଦୃଷ୍ଟିଦିଅ । ପିଲାନିରେ ତୁମର ନିଶ୍ଚୟ ଆଡ଼ମିସନ୍ ହବ । ଆଉ ଶୁଣ, ମୁଁ ମଧ୍ୟ ପିଲାନିକୁ ଫର୍ମ ପଠାଉଚି ।

ସେଦିନ ମାଧବୀ ହାତରେ ବିକାଶର ଚଠି ଖଣ୍ଡିକ ଧରି ବାପାଙ୍କ ପାଖରେ ବସିଛି; ମନେ ପଡ଼ୁଥାଉଚି ସେଇ ପିଲାନି ଯିବା ବେଳର କିଛି କିଛି କଥା। ସେତେବେଳେ ତା'ର ବୋଉ ବଞ୍ଚିଥାନ୍ତି। ବାପା ତା'ର ବୋଉକୁ ପିଲାନି ଯିବା କଥା ସବୁ ବୁଝାଇଦେଲେ। ବୁଢ଼ୀଙ୍କ ଖୁସିରେ ମାଧବୀ ପିଲାନି ଗଲା। ତା'ର ନିଜର ସ୍କଲାର୍ସିପ୍ ଓ ବିରଲା ଫାଉଣ୍ଡେସନ୍ ପ୍ରଭୃତିରୁ ସାହାଯ୍ୟ ଲାଭ ଯୋଗୁଁ ତା'ର ଅର୍ଥାଭାବ ଘଟିଲା ନାହିଁ। ଆଉ ଅକଳନ ସମ୍ପତ୍ତିର ଅଧିକାରୀ ଏକ ପିତାଙ୍କର ପୁତ୍ର ବିକାଶ ମଧ୍ୟ ସେଇ ଶିକ୍ଷା ବର୍ଷରେ ପିଲାନିରେ ଭର୍ତ୍ତି ହେଲା।

ପିଲାନି ଶିକ୍ଷାନୁଷ୍ଠାନ। ବିକାଶ ଓ ମାଧବୀ ସ୍ନାତକୋତ୍ତର ପଦାର୍ଥବିଜ୍ଞାନର ଛାତ୍ରଛାତ୍ରୀ। ଏଇ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ଉଭୟ ପଦ୍ଧତି ଏକ ଉଚ୍ଚ ଆଦର୍ଶର ସମ୍ମାନ ଲାଭ କରିଛି...ଦିନେ ଅଧ୍ୟାପକ ଡକ୍ଟର ମାଲହୋତ୍ରା ମାଧବୀଙ୍କୁ କହିଲେ—ଦେଖ ମାଧବୀ, ତୁମେ ଏଠିକି ଆସିବା ପ୍ରାୟ ଦୁଇବର୍ଷ ହେଇଗଲା। କିଛିଦିନ ପରେ ତୁମର ଅନ୍ତିମ ପରୀକ୍ଷା। ଜଣେ ଛାତ୍ରୀ ଭାବରେ ତୁମ କୃତିତ୍ୱର ସାକ୍ଷୀ ହେଉଚି ତୁମ ମାର୍କସିଟ୍। କିନ୍ତୁ ଏ ଦୁଇବର୍ଷ ଧରି ଯାହା ମୁଁ ତୁମଠି କ୍ରମାଗତ ଲକ୍ଷ୍ୟ କରି ଆସୁଚି, ତାହାହେଲା ତୁମର ଧୈର୍ଯ୍ୟ, ନିଷ୍ଠା ଓ ଏକାଗ୍ରତା। ...ଟିକିଏ ରହି ପୁଣି କହିଲେ—ଆଚ୍ଛା, ଏଠି ପୋଷ୍ଟ-ଗ୍ରାଜୁଏସନ ପରେ ତୁମର ଭବିଷ୍ୟତ ପନ୍ଥା କ'ଣ? ...ମାଧବୀ ଉତ୍ତର ଦେଲା—ସେକଥା ପରୀକ୍ଷା ପରେ...ମାଲହୋତ୍ରା ବାଧା ଦେଇ କହିଲେ—ପରୀକ୍ଷାରେ ତୁମେ ତ ଭଲ ହିଁ କରିବ। ତା'ପରେ ହୁଏତ ପିଏଚ୍. ଡି. କିମ୍ବା ଡି. ଲିଟ୍, ତାପରେ ଜୀବିକା ନିର୍ବାହର ପନ୍ଥା, ଏଇଆ ତ? ମୁଁ କିନ୍ତୁ କୌଣସି ଦ୍ୱିଧା ବା ସଙ୍କୋଚ ନ ରଖି ତୁମକୁ ଏଇ ଉପଦେଶ ଦେଉଛି ଯେ, ଯେଉଁ ତିନୋଟି ଗୁଣ ତୁମର ରହିଛି ବୋଲି ତୁମକୁ କହିଲି, ତାକୁଇ ସମ୍ବଳ କରି ତୁମେ ରିସର୍ଚ୍ଚ କର—ଗବେଷଣା କର। ନା, ନା—ପିଏଚ୍. ଡି. କିମ୍ବା ଡି. ଲିଟ୍ ପାଇଁ ଗବେଷଣା ନୁହେଁ। ଯେଉଁ ଗବେଷଣା ଜଣେ ବୈଜ୍ଞାନିକର ମୌଳିକ ଧର୍ମ, ମୁଁ ସେଇ ଗବେଷଣା କଥା କହୁଚି। ଏଥିପାଇଁ ଅସୀମ ଧୈର୍ଯ୍ୟ ଦରକାର—ପାଞ୍ଚବର୍ଷ, ସାତବର୍ଷ, ଏପରିକି ପନ୍ଦରବର୍ଷ। ସେ ଧୈର୍ଯ୍ୟ ତମର ଅଛି। ସେଇଥିପାଇଁ ମୁଁ କହୁଛି ବିଜ୍ଞାନର ବିସ୍ତୃତ ଏରିଆ ପଡ଼ିଚି। ସେଇଥିରୁ କିଛି ବାଛି ନେଇ ତୁମେ ଗବେଷଣାରେ ବ୍ରତୀ ହୁଅ। ତମରି ଏ ସାଧନାର ସିଦ୍ଧି ତମେ ପାଇବ।

ଡକ୍ଟର ମାଲ୍‌ହୋତ୍ରାଙ୍କର ଏଇ ଉପଦେଶ ସେଦିନ ମାଧବୀ କେବଳ ନୀରବରେ ଶୁଣି ଯାଇଥିଲା। ପରୀକ୍ଷା ପରେ ମାଧବୀ ଏକଥା ବିକାଶକୁ କହିଲା। ବୁଝିହେଁ ସମର୍ଥ। ତଥାପି ଏଠିକି ଆସିବା ପରେ ମାଧବୀ ତାକୁ ତା'ର ପରମ

ଉପକାରୀ ବନ୍ଧୁ ବୋଲି ଗ୍ରହଣ କରି ନେଇଛୁ । କ୍ରମେ ଏଇ ବନ୍ଧୁତା ସ୍ନେହ, ଶ୍ରଦ୍ଧା ଓ ଅନ୍ତରଙ୍ଗ ଆନ୍ତରିକତାରେ ପରିଣତ ହେଉଛୁ । ଦୁହେଁ ବୁଝିପାରିଛନ୍ତି ଯେ, ଦୁହେଁ ଏକ ମଧୁର ଛନ୍ଦଯୁକ୍ତ ପଥରେ ଗ୍ଭଲିଛନ୍ତି । ମାଧବୀ ମୁହଁରୁ ତାକୁ ମାଲହୋତ୍ରାଙ୍କ ଉପଦେଶ କଥା ଶୁଣି ବିକାଶ ନିଜେ ବହୁଗୁଣ ଉତ୍ସାହିତ ହୋଇଉଠିଲା । କହିଲା —ମୁଁ ଜାଣେ ମାଧବୀ, ଗବେଷଣାରେ ବ୍ରତୀ ହେବାକୁ ହେଲେ ବହୁତ ସମୟ ଯେମିତି ଦରକାର, ବହୁତ ଟଙ୍କା ମଧ ସେମିତି ଦରକାର । ଏଥିପାଇଁ ତମର ଟଙ୍କା ଓ ସମୟ କିଛି ଅଭାବ ରହିବ ନାହିଁ । ଏବେଠୁ ତମେ ଗବେଷଣା କଥା ଚିନ୍ତାକର ।

ପରୀକ୍ଷା ପରେ ରାଜସ୍ଥାନର କିଛି ଦର୍ଶନୀୟ ସ୍ଥାନ ଭ୍ରମଣରେ ଦୁହେଁ ଯାଇଛନ୍ତି । ଦିନେ ରାତିରେ ଏମିତି ଗୋଟିଏ ଘଟଣା ଘଟିଲା । କିଛିଟା ଅବେଳରେ ଦୁହେଁ ଗୋଟିଏ ହୋଟେଲ୍‌ରେ ପହଞ୍ଚିଲେ, ଯେଉଁଠି ଏକ-ଶଯ୍ୟା ବିଶିଷ୍ଟ ଗୋଟିଏ ଛୋଟ କୋଠରିରେ ଦୁହିଁଙ୍କୁ ରାତି ଯାପନ କରିବାକୁ ପଡ଼ିଲା । ଏପରି ଏକ ପରିସ୍ଥିତି ସୃଷ୍ଟି ହେବ, ଏଥିରେ ବିକାଶ ତାକୁ କ'ଣ କହିବ ଓ ସେ ବିକାଶକୁ କି ଉତ୍ତର ଦେବ, ଏସବୁ ଚିନ୍ତାକୁ ଏଡ଼ାଇ ଦେଇ ମାଧବୀ ସେଦିନ ସମ୍ପୂର୍ଣ୍ଣ ରୂପେ ନିଜର ଭାଗ୍ୟ ଉପରେ ନିଜକୁ ଅର୍ପଣ କରିଦେଲା । ଶଯ୍ୟାଗ୍ରହଣ ପୂର୍ବରୁ ବିକାଶ କହିଲା—ଶୁଣ ମାଧବୀ, ଏଠି ଶୋଇବା ପୂର୍ବରୁ ଭଗବାନଙ୍କୁ ପ୍ରାର୍ଥନା କର—ଆମ ବିବାହ ପର୍ଯ୍ୟନ୍ତ ସେ ନିର୍ବିଘ୍ନରେ ଆମକୁ ଆମ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦିଅନ୍ତୁ । ···କଥା ଶେଷ କରି ବିକାଶ ଶଯ୍ୟା ଗ୍ରହଣ କଲା ଓ ପ୍ରାୟ ସଙ୍ଗେ ସଙ୍ଗେ ଶୋଇ ପଡ଼ିଲା । ମାଧବୀ ଚକ୍ଷାର୍ପିତ ପରି ସୁପ୍ତ ବିକାଶକୁ କିଛିକ୍ଷଣ ଗ୍ଭହିଁ ରହିଲା । ତା'ର ଇଚ୍ଛା ହେଉଥିଲା, ଏଇ ସୁଏଭ୍, ସଫିଷ୍ଟିକେଟେଡ୍ ଆଉ ଏକାନ୍ତ ଅରବାନାଇଜଡ୍ ତରୁଣଟିର ଏମିତି ଦିବ୍ୟ ଦର୍ଶନ ବୋଧରି ସ୍ୱରୂପ ତଳେ ନିଜକୁ ଲୋଟାଇ ଦେବାପାଇଁ ।

ପିଲାନିରୁ ଦୁହେଁ କଲିକତା ଆସିଲେ । କଲିକତାରେ ବିକାଶର ବାପା ଶ୍ରୀଯୁକ୍ତ ହରମୋହନ ପରିଡ଼ାଙ୍କର ତିନିପୁରୁଷର ଜାହାଜ ଚଳାଚଳ ଓ ଲଯ୍ୟନ୍‌ସ୍ ରେଞ୍ଜରେ ସେୟାର କିଣି ଖର୍ଦ୍ଦିର ଅପର୍ଯ୍ୟାପ୍ତ ବ୍ୟବସାୟ, ଯାହା ବର୍ତ୍ତମାନ ବ୍ୟବସାୟ ପରିଧିର ସୀମା ଅତିକ୍ରମ କରି ଇଣ୍ଡଷ୍ଟ୍ରିର ମର୍ଯ୍ୟାଦା ଲାଭକଲାଣି । ବିକାଶ ପୂର୍ବରୁ ମାଧବୀ କଥା ଚିଠିରେ ଲେଖି ବାପାଙ୍କୁ ଜଣାଇଥିଲା । ମାଧବୀକୁ ଦେଖି ଶ୍ରୀଯୁକ୍ତ ପରିଡ଼ା ତୃପ୍ତହେଲେ ଓ ବଧୂରୂପରେ ଗ୍ରହଣ କରିବା ପାଇଁ ଅତି ଆନନ୍ଦର ସହିତ ସ୍ୱୀକୃତି ଦେଲେ । ଏ ଭିତରେ ପୁଣି ସେ ତାଙ୍କ ନିଜ ପକ୍ଷରୁ ଏ ଦୁହେଁ ଫିଲା-ଡେଲଫିଆ ସ୍କୁଲ୍ ଅଫ ହାଇଆର ସାଏନ୍‌ସରେ ଯୋଗ ଦେବାପାଇଁ ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିସାରିଛନ୍ତି ବୋଲି ପୁତ୍ର ଓ ଭାବି ପୁତ୍ରବଧୂକୁ ଜଣାଇଲେ । ତେବେ ସର୍ତ୍ତ ରହିଲା, ବିବାହ ପରେ ଦୁହେଁ ଫିଲାଡେଲ୍‌ଫିଆ ଯାତ୍ରା କରିବେ । ମାଧବୀର ଗବେଷଣା କଥା ଶୁଣି ସେ ନିଜେ ଖୁବ୍ ଉତ୍ସାହିତ ହୋଇ ଜଣାଇଦେଲେ ଯେ,

ଏଥିରେ ସେ ଖୁସି । ବିବାହ ପରେ ଏଚ୍. ଏମ୍. ପଣ୍ଡ୍ୟାଙ୍କ ଇଷ୍ଟେଟ୍‌ର ଏକ ତୃତୀୟାଂଶ ସମ୍ପତ୍ତିର ଅଧିକାରୀ ହେଉଛନ୍ତି ବିକାଶ ଓ ମାଧବୀ, ଯାହାର ନେଟ୍ ଆୟ ହେଲା ଲକ୍ଷାଧିକ ଟଙ୍କା । ଏ ଟଙ୍କା ଆମେରିକାର ଏକ ବ୍ୟାଙ୍କରେ ଏ ଦୁହିଁଙ୍କ ନାମରେ ଡିପୋଜିଟ୍ ହେଉଥିବ । ଅତଏବ ପାଞ୍ଚବର୍ଷ ଦଶବର୍ଷ, ଯେତେ ଲାଗୁ ପଛକେ ମାଧବୀର ଗବେଷଣା ପାଇଁ ଟଙ୍କାର ଅଭାବ ହେବ ନାହିଁ ।

ମାଧବୀ ତାର ଗ୍ରାମ୍ୟ ଜୀବନରେ କେବେହେଲେ କଳ୍ପନା କରି ନଥିଲା ଯେ, ଏପରି ଏକ ପଥରେ ଯିବାର ଓ ଜଣେ ବୈଜ୍ଞାନିକ ହେବାର ସୁଯୋଗ ସେ ପାଇବ ! ପୁଣି ଏଥିପ୍ରତି ବିକାଶର ପୂର୍ଣ୍ଣ ସମର୍ଥନ ରହିଛି । ପ୍ରାଣଭରି କୃତଜ୍ଞତାରେ ସେ ଭାବୀ ଶ୍ୱଶୁରଙ୍କ ଚରଣ ସ୍ପର୍ଶ କରି କଟକ ଫେରିଲା । ସେ ପିଲାନିରେ ଥିଲାବେଳେ ତା' ବୋଉଙ୍କ ମୃତ୍ୟୁ ହୋଇଯାଇଚି । ସେମାନେ ପିଲାନିରେ ଏ ସମ୍ବାଦ ପାଇଥିଲେ । ମାଧବୀ ଏଥର ଘରକୁ ଫେରିବାର ତିନିଦିନ ପରେ ତା' ବାପାଙ୍କର ଗୋଟିଏ ହାତ ପକ୍ଷାଘାତ-ଗ୍ରସ୍ତ ହୋଇଗଲା । ମାଧବୀ ବାପାଙ୍କ ସେବାଯତ୍ନ କରୁଥାଏ । ତାର ଜଣେ ଡାକ୍ତରାଣୀ ବାନ୍ଧବୀ ଅମିତା ବେଳେବେଳେ ଆସି ଦେଖୁଥା'ନ୍ତି । ବୟସ ହେଇଗଲାଣି, ଏଥିରେ ପାରାଲିସିସ୍ ରୋଗର କ ଚିକିତ୍ସା ବା ହୋଇପାରିବ ।

ପିଲାନିରୁ କଲିକତା । କଲିକତାରେ ବିକାଶକୁ ଛାଡ଼ି ସେ ଏଠି କଟକରେ ତା' ଘରକୁ ଫେରିବା ପରେ ବିକାଶର ଏଇ ପ୍ରଥମ ଚିଠି ସେ ପାଇଛି । ଚିଠି ଉପରେ ମାଧବୀ ଆଉଥରେ ଆଖି ପକାଇଲା । ବିକାଶ ଲେଖିଚି—ଫିଲାଡେଲଫିଆ ଯିବା ପୂର୍ବରୁ ଭାରତରେ ଏ ଦୁହିଁଙ୍କର ଯାହା ପ୍ରୋଗ୍ରାମ, ତାହା ହେଲା—ଆସନ୍ତା ଏପ୍ରିଲ୍ ମାସ (ଏପ୍ରିଲ୍ ୨ ତାରିଖର ଏଇ ଚିଠି ମାଧବୀ ଆଜି ୬ ତାରିଖରେ ପାଇଛି) ୨୩ ତାରିଖରେ କଲିକତାଠାରେ ଏ ଦୁହିଁଙ୍କର ଗାନ୍ଧର୍ବ ମତରେ ବିବାହ । ଯେହେତୁ ଏ ବିବାହରେ ବରକନ୍ୟା ଦୁହିଁଙ୍କର ବ୍ୟକ୍ତିଗତ ଜୀବନଯାତ୍ରା ବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗ ଅର୍ଥାତ୍ ଜାତିମାତି ଯୌତୁକ ପ୍ରଭୃତି ଜଡ଼ିତ ନୁହେଁ, ଏ ବିବାହ ବୈଦିକ ମତରେ ହେବାର କୌଣସି ସାର୍ଥକତା ନାହିଁ । ସେଥିପାଇଁ ତିଥି ବାର ଖୋଜିବାର ସମସ୍ୟା ମଧ୍ୟ ନାହିଁ । ବିବାହ ପରେ ଏପ୍ରିଲ ୨୫ରେ କୁଲୁମାନାଲିକୁ ଯିବେ । ସେଠି ସାତଦିନ ହନିମୁନ୍ ବା ମଧୁଚନ୍ଦ୍ରିକା ଯାପନ, ତା'ପରେ ମେ' ମାସରେ ଫିଲାଡେଲଫିଆ ଯାତ୍ରା ।

ମାଧବୀ ହାତରେ ବିକାଶର ଖୋଲାଚିଠି । ସବୁ ଆୟୋଜନ ସମ୍ପୂର୍ଣ୍ଣ ହେଇଯାଇଛି ବୋଲି ବିକାଶ ଚିଠିରେ ଲେଖିଚି । ଏଥିରୁ ମାଧବୀ ତ ଉଲ୍ଲସିତା ହେଇ ଉଠିବା କଥା । ମାତ୍ର କ'ଣ ଭାବୁଚି ସେ ? ବାପାଙ୍କ କଥା ? କଲିକତାରୁ ଫେରିଲା ପରେ ସେ ବାପାଙ୍କୁ ତା'ର ସବୁକଥା କହିଥିଲା । ଏକାନ୍ତ ଜୀର୍ଣ୍ଣଶୀର୍ଣ୍ଣ

ବାପା, ମାଧବୀର ବୋଉ ମରିଯିବା ପରେ ତାଙ୍କର ଏପରି ଦୟନୀୟ ଅବସ୍ଥା ହୋଇଯାଇଛି । ଭଲଭାବେ କଥା କହିପାରୁ ନାହାନ୍ତି । ମାଷ୍ଟରଠାରୁ ତା'ର ବିବାହ ଓ ବିଦେଶଯାତ୍ରା କଥା ଶୁଣି ସେ ହସେଇ ହସେଇ କହିଥିଲେ—ଭଲ ହେଲା, ତୁ ବିଦେଶ ଯା' । କିଛି ଚିନ୍ତା କରନା । ଗାଁରେ ଘର ଖଣ୍ଡିକ, ଆଉ କିଛି ଜମିବାଡ଼ି ରହିଚି—ପଦନ ବେହେରା ମତେ ଚଳେଇ ନବ । ତୁ ତ ବିଦେଶରୁ ବର୍ଷେ ଦି' ବର୍ଷରେ ଥରେ ଅଧେ ଘରକୁ ଆସୁଥିବୁ । ବାଁ ହାତଟା ଟିକିଏ ଯାହା ଅଚଳ ହୋଇଯାଇଛି । କିଛି ଚିନ୍ତା କରନା । ...ମାଧବୀ ବାପାଙ୍କୁ ଦେଖୁଚି । ତାଙ୍କ କଥା ଶୁଣୁଚି । ଭେକେସନ୍ ବେଳେ ସେ ଘରକୁ ଆସିଥିଲା । ବୋଉ ସେତେବେଳେ ବଞ୍ଚିଥିଲା । ପଞ୍ଚସ୍ତରୀ ବର୍ଷ ବୟସରେ ବାପା ସେତେବେଳେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ । ବୋଉ ହାତରୁ ଚକୁଳି, ଛୁଞ୍ଚିପତ୍ରପିଠା ଖାଇ ସେ ପିଲାଙ୍କ ପରି ଯାଇଥିଲା । ସେଇ ବୋଉ ମରିଯିବା ପରେ ବାପାଙ୍କର ବୟସ ଯେମିତି ଅନ୍ତତ ଦଶବର୍ଷ ବଢ଼ିଯାଇଛି । ବୋଉ ମରିଯିବା ପରେ ବାପା ଏକୁଟିଆ ହୋଇଯାଇଛନ୍ତି । ଏଇ ନିର୍ମମ ସତକଥାଟା ହୁଏତ ମାଧବୀ ଚିନ୍ତା କରିପାରି ନ ଥିଲା । ତାକୁ ଏବେ ଆଶ୍ୱାସନା ଦେଇ ବାପା କହୁଛନ୍ତି—ସେ କିଛି ଚିନ୍ତା ନ କରି ବିଦେଶ ଯାଉ । ଏକଥା କହି ସେ ହୁଏତ ଜଣେ ନିଃସ୍ୱାର୍ଥପର ପିତାର କର୍ତ୍ତବ୍ୟ ସାଧନ କରୁଛନ୍ତି । କିନ୍ତୁ ଝିଅ ହୋଇ ସେ କେମିତି ଏଇ ଜୀର୍ଣ୍ଣଶୀର୍ଣ୍ଣ କଙ୍କାଳସାର ରୁଗ୍ଣ ପିତାଙ୍କୁ ଅନ୍ୟର ଦୟା ଉପରେ ଛାଡ଼ିଦେଇ ଚାଲିଯିବ ! ...ଚିଠି ଉପରେ ପୁଣି ଟିକିଏ ଆଖି ବୁଲେଇ ସେ ଭାବୁଚି, ଏକଥା ସେ ବିକାଶକୁ ଜଣାଇବ କି ? ଠିକ୍ ପର ମୁହୂର୍ତ୍ତରେ ତା ମନରେ ପ୍ରତିକ୍ରିୟା ଜାଗିଉଠୁଚି—ନା, ଏକଥା ସେ ତାଙ୍କୁ କହିବ କାହିଁକି ? ସେ ତାଙ୍କ ଘରକୁ ବୋହୂ ହୋଇ ଯାଉଚି ସତ, କିନ୍ତୁ ସେମାନଙ୍କୁ କାହିଁକି ତା ପାରିବାରିକ ଦୁଃଖସୁଖ ଜଣାଇବ—ବାପାଙ୍କ ପାଇଁ କାହିଁକି ତାଙ୍କ ପାଖରେ ହାତପାତି ଠିଆହେବ ? ଏଥିରେ ନା ସେମାନେ, ନା ଇଏ ନିଜେ, କେହି ତୁଷ୍ଟ ହୋଇପାରିବେ ନାହିଁ । ଉଭୟଙ୍କ ଆତ୍ମସମ୍ମାନରେ ବାଧା ଆସିବ । ପୁଣି କିଏ ଜାଣେ, ତାଙ୍କ ଘରେ ରହିଲେ ବାପା ନିଜେ ଯଦି ଅପମାନିତ ବୋଧ କରିବେ, ତା'ହେଲେ ?? ନା, ସେ ତା ବାପାଙ୍କୁ ଛାଡ଼ି ଯାଇପାରିବ ନାହିଁ ।

ମାଧବୀ ସେଇଠି ସେମିତି ବସିଛି । ତା'ର ମାନସପଟରେ ଭାସି ଆସିଲା, ଡକ୍ଟର ମାଲହୋତ୍ରାଙ୍କ ମୁଖ—ଗୁଞ୍ଜରି ଉଠିଲା ସେହି ଆନ୍ତରିକ ଉପଦେଶ । କ୍ରମେ ତା ଆଖି ବୁଜିହୋଇ ଆସୁଚି । ସେ ଦେଖୁଚି ଦିବାସ୍ୱପ୍ନ—ସମସ୍ତ ଶିକ୍ଷା ସମାପ୍ତି ପରେ ସେ ଗବେଷଣାରେ ମଗ୍ନ ହୋଇଯାଇଛି । ବିଭିନ୍ନ ପତ୍ର-ପତ୍ରିକାରେ ତା'ର ନିବନ୍ଧ ସବୁ ପ୍ରକାଶିତ ହେଉଛି । ବହୁ ଚିଠିପତ୍ର ଆସୁଛି । ସେକ୍ରେଟାରୀ ଏସବୁ ଦେଖାଶୁଣା କରୁଛନ୍ତି । ମାଧବୀର ନିଷ୍ଠା ଓ ସାଫଲ୍ୟ ଦେଖି ବିକାଶ ଆନନ୍ଦରେ

ଅଭିଭୂତ ହୋଇପଡ଼ୁଛି । କଲିକତା ଇଷ୍ଟେଟରୁ ପ୍ରଚୁର ଟଙ୍କା ଆସୁଛି । ଦେଶ ବିଦେଶ ଭ୍ରମଣରେ ଯାଉଛି । ମାନସମ୍ମାନ ଆଓ୍ୱାର୍ଡ ଆଉ ମିଳୁଛି । ଏମିତି ବର୍ଷ ପରେ ବର୍ଷ କଟିଯାଉଛି । ····ଏମିତି ଦିବାସ୍ୱପ୍ନ ସେ ଦେଖିଚାଲିଛି । ବି.ଏସ୍‌ସି.ରେ ସେ ଥିଲା ରମାଦେବୀ କଲେଜର ଛାତ୍ରୀ । ଆଜି ସେ ଦିବାସ୍ୱପ୍ନ ଦେଖୁଛିଯେ, ସେ ଆସିଛି ସେଇ ରମାଦେବୀ କଲେଜକୁ ଜଣେ ସମ୍ମାନିତା ଅତିଥି ହୋଇ । ମଞ୍ଚ ଉପରେ ଯେତେବେଳେ ତାକୁ ସମ୍ମାନ ପ୍ରଦାନ କରାଯାଉଛି···ଏଇଠି ହଠାତ୍ ତା'ର ଦିବାସ୍ୱପ୍ନରେ ବାଧା ପଡ଼ିଲା ! ଏ କି ସ୍ୱପ୍ନ ଦେଖୁଛି ସେ ! ···ମନ ଭିତରେ କିନ୍ତୁ ପୁଣି ଏକ ପ୍ରତିକ୍ରିୟା—କାହିଁକି ? ଏଥିରେ ତ କିଛି ଉଦ୍ଭଟ, ଅସ୍ୱାଭାବିକ ଚିନ୍ତା ନାହିଁ ! ଏହାହିଁ ତ ଏ କ୍ଷେତ୍ରରେ ସବୁବେଳେ ଘଟୁଛି । ସେ ଗବେଷଣା କରିବା ପାଇଁ ସମସ୍ତ କର୍ମପନ୍ଥା ନିର୍ଦ୍ଧାରିତ ହୋଇଯାଇଛି । ଏଥିରେ ଅଲୀକ ବା ଅସତ୍ୟ କିଛି ନାହିଁ । ତା'ର ଶ୍ୱଶୁର ଏବେଠୁ ଆମେରିକାର ବ୍ୟାଙ୍କ୍‌ରେ ଟଙ୍କା ଜମା କରିବା ପ୍ରକ୍ରିୟା ଆରମ୍ଭ କରିଦେଲେଣି । କିନ୍ତୁ ସେମାନେ କେହି ଜାଣନ୍ତି ନାହିଁ ଯେ, ସେ ତା ରୁଗ୍‌ଣ ପିତାକୁ ଏଠି ଅନ୍ୟର ଦୟା ଉପରେ ନିର୍ଭର କରି ରହିବାକୁ ଛାଡ଼ିଦେଇ ପାରିବ ନାହିଁ । ତା ପାଇଁ ଏ କଥାଟି ଯେମିତି ସତ୍ୟ, ସେ ଆମେରିକା ଯାଇ ଗବେଷଣା କରିବା କଥା ଠିକ୍ ସେମିତି ସତ୍ୟ । ଏଇ ଟିକିଏ ଆଗରୁ ସେ ଯେଉଁ ସ୍ୱପ୍ନ ଦେଖିଥିଲା, ତାହା ତ କେବଳ ସ୍ୱପ୍ନ ନୁହେଁ, ତାହା ସତ୍ୟର ଏକ ଛାୟା ମାତ୍ର । ଗୋଟିଏ ସାଧାରଣ ଓଡ଼ିଆ ଘରର ଝିଅ ସେ । ତା' ପାଇଁ ଏ ସତ୍ୟ ଏକ ବିରାଟ ପ୍ରଲୋଭନ ! ତା ଅବସ୍ଥାର କେହି ଏ ପ୍ରଲୋଭନକୁ ଏଡ଼ାଇ ଦେଇ ପାରିବନାହିଁ । ମଣିଷ ଜୀବନରେ ନିଜର ସାଂସାରିକ ଦୁର୍ବଳତା ବହୁ ସମୟରେ ଆସେ, ଆଉ ଚାଲିଯାଏ । କିନ୍ତୁ ତା ଜୀବନରେ ଏ ଯେଉଁ ବିରାଟ ପ୍ରଲୋଭନ, ତାହା ଏକାବେଳକେ ବିରଳ ଆଉ ଦୁର୍ଲ୍ଲଭ । କେମିତି ସେ ତାକୁ ଏଡ଼ାଇଦେବ !! ତା ବୋଉ ଆଜି ଚାଲିଯାଇଚି—ସେ ଆଉ ନାହିଁ । ମାଧବୀ ବସି ବସି ଭାବୁଛି—ହଁ, ତା'ର ବୋଉ ଆଉ ନାହିଁ—ସେମିତି ତା ବାପା ଯଦି ଆଜି ନ ଥାନ୍ତେ !! ଏଁ ! ଏ କ'ଣ ସେ ଭାବୁଛି ! ···ମନ ଭିତରେ ପୁଣି ପ୍ରତିକ୍ରିୟା । କାହିଁକି ? ଏଥିରେ ଭୁଲ୍ କୋଉଠି ? ବୋଉ ଚାଲିଯାଇଛି । ବାପା ଯଦି ସେମିତି ଚାଲିଯାଇ ଥା'ନ୍ତେ ! ···ଏଇ ତ ତା'ର ରୁଗ୍‌ଣ କଙ୍କାଳସାର ବାପା ତକ୍ତପୋଷ ଉପରେ ଶୋଇଛନ୍ତି । ନିଃଶ୍ୱାସ ଭାରି ହୋଇପଡ଼ୁଛି—ପ୍ରାୟ ଅଚଳ, ଅଥର୍ବ ଅବସ୍ଥାକୁ ଚାଲି ଆସିଲେଣି । ଏଠି ଏ ଥାକ ଉପରେ ଥୁଆ ହୋଇଚି ତାଙ୍କର ନିଦ ବଟିକା—ନିଦ ବଟିକା ଗୋଟିଏ ନ ଖାଇଲେ ନିଦ ହେବ ନାହିଁ । କିନ୍ତୁ ସେ ଜାଣେ, ଏଥିରୁ ତାଙ୍କୁ ଚାରି ପାଞ୍ଚଟି ବଟିକା ଖୁଆଇଦେଲେ ସେ ସବୁଦିନ ପାଇଁ ନିଦରେ ଶୋଇ-ପଡ଼ିବେ । ପ୍ରତିଦିନ ରାତିରେ ସେ ତାଙ୍କୁ ଗୋଟିଏ ଲେଖାଁ ନିଦ ବଟିକା ଖୁଆଇ

ଦେଇ ଶୁଆଇ ପକାଏ । କିନ୍ତୁ ଆଜି ଯଦି ସେ ତାଙ୍କୁ—ହଁ, ତା'ର ୭୭ ବର୍ଷ ବୟସର ରୁଟ୍‌ଣ ଅଥର୍ବ ବାପାଙ୍କୁ ଗୋଟିଏ ବଟିକା ଜାଗାରେ ହଁ, ଏକ—ଦୁଇ—ତିନି—ଚାରି—ପାଞ୍ଚ—ହଁ ଏକାବେଳକେ ଯଦି ପାଞ୍ଚଟି ନିଦ ଔଷଧ ଖୁଆଇ ତାଙ୍କୁ ଶୁଆଇପକାଏ, ତେବେ ସେ ନିଦ ତ ତାଙ୍କର କାଳନିଦ୍ରା ହୋଇଯିବ, ଆଉ ଏଇଠି, ହୋଇଯିବ ସବୁ ସମସ୍ୟାର ସମାଧାନ—ସେ ନିର୍ଣ୍ଣିନ୍ତରେ ଆମେରିକା ଯାଇ ତା'ର ଗବେଷଣା···ଏଇଠି ସେ ଏକାବେଳକେ ଗଲା ଫଟାଇ ଚିତ୍କାର କରି ଉଠିଲା—ଓ, ନୋ ! ନା-ନା-ନା । ଥାକରୁ ନିଦ ଔଷଧ ଶିଶିଟା ଆଣି ଜୋର୍‌ରେ ଝରକା ସେପାଖ ନର୍ଦ୍ଦମାକୁ ଫିଙ୍ଗିଦେଲା । ତା'ପରେ, ଅଣନିଃଶ୍ୱାସୀ ହେଲାପରି ଟେବୁଲ୍‌ରେ ଦୁଇ ହାତରେ ଭରାଦେଇ ମଥା ଚୁପି ବସି ରହିଲା । ଏତିକିବେଳେ ବାପା ଏଆଡ଼କୁ ମୁହଁ ବୁଲାଇ କ୍ଷୀଣ କଣ୍ଠରେ କହିଲେ—କ'ଣ ହେଲାକି ମା ?···ସ୍ନେହ, ଶ୍ରଦ୍ଧା ଓ ଆବେଗରେ ତରଳିଯାଇ ମାଧବୀ କହିଲା—ନାଇଁ ବାପା, କିଛି ହୋଇନି । ଧୀରେ ବାପାଙ୍କ ମଥା ଆଉଁସି ଦେଉଥାଏ, ଆଉ ମନେ ମନେ କହିହେଉଥାଏ—ମୁଁ ଆଉ କୁଆଡ଼େ ଯିବ ନାହିଁ ବାପା, ମୁଁ ଏଇଠି ଚାକିରି କରି ତମରି ପାଖରେ ରହିବ । ···ଟିକେ ରହି, ଦୁଇ ପାପୁଲିରେ ବାପାଙ୍କର ଶୀର୍ଣ୍ଣ ମୁହଁକୁ ସ୍ନେହରେ ଧରି କହିଲା—ହଁ ବାପା, ମୁଁ ତମ ପାଇଁ ପାଳୁଅ ଖିରି କରିଆଣେ ? ···ବାପା ଅତି ଆଦରରେ ତା'ର ପାପୁଲିଟିକୁ ଧରି ସେମିତି କ୍ଷୀଣ କଣ୍ଠରେ କହିଲେ—ତୋ ହାତର ପାଳୁଅ ଖିରି··· !! ବାଧାଦେଇ ମାଧବୀ କହିଲା—ମୁଁ ଜାଣେ ବାପା, ମୋ ହାତର ପାଳୁଅ ଖିରି ତମକୁ ଭଲ ଲାଗେ । ରୁହ, ମୁଁ ଏଇ ସାଙ୍ଗେ ସାଙ୍ଗେ କରିଆଣୁଛି ।

ମାଧବୀ ଉଠିଗଲା । ଷ୍ଟୋଭ୍ ଘରେ ତା କାମ କରୁଛି । କିଛି ସମୟ ପରେ ତାକୁ ଶୁଣାଗଲା, ତା ବାପା ସେମିତି କ'ଣ ତାକୁ କହୁଛନ୍ତି । ମାଧବୀ ଏଇଠି ଥାଇ କହିଲା—ହଁ, ଯାଉଛି ବାପା । ଖିରିଟା ଥଣ୍ଡା କରି ନେଇ ଯାଉଛି । ···ମାଧବୀ ମନେ ମନେ ଭଗବାନଙ୍କୁ କହୁଥାଏ—ମତେ କ୍ଷମାକର ପ୍ରଭୁ ! ମୋର ଏଇ କ୍ଷଣିକ ଉତ୍ତେଜନା ପାଇଁ ମତେ କ୍ଷମା କର । ···ଷ୍ଟୋଭ୍ ଘରେ ତା କାମ ଶେଷ ହେଲା ବେଳକୁ ସେ ଅନୁଭବ କଲା—ତା'ର ସବୁ ଉତ୍ତେଜନା ଥମି ଯାଇଛି । ଖୁସି ମନରେ ସେ ଖିରି ନେଇ ବାପାଙ୍କ ପାଖକୁ ଆସି କହିଲା—ଏଇ ଦେଖ ବାପା, ଆଜି ଟିକିଏ ଖିରିରେ ଅଳେଇଚ ଗୁଣ୍ଡ ଦେଇଛି । ତମେ ଏପାଖକୁ ଟିକେ ମୁହଁ ବୁଲାଅ କି···କିନ୍ତୁ ଏ କ'ଣ ସେ ଦେଖୁଛି ! ବାପାଙ୍କ କପାଳ ଉପରେ ଅଜସ୍ର ଝାଳବିନ୍ଦୁ ଜମି ଯାଇଛି ! ଡାହାଣ ହାତ ପାପୁଲିରେ ବାଁ ପାଖ ଛାତିକୁ ଜାବୁଡ଼ି ଧରିଛନ୍ତି । ପାଟି ଟିକିଏ ଆଁ ହୋଇଯାଇଛି । ଆଖିପତା ପଡ଼ୁନାହିଁ । ମାଧବୀ ଆତଙ୍କରେ ପାଟିକରି ଉଠିଲା, ବାପା ! ବାପା ! କ'ଣ ହେଲା ବାପା ? କଥା କହୁନ କାହିଁକି ? ମାଧବୀ

ଚାନ୍ଦ ଉଠିଲା । ଏତିକିବେଳେ ସେ ଘରକୁ ପଶିଆସିଲେ ତା'ର ଡାକ୍ତରଣୀ ବାନ୍ଧବୀ ଅନୀତା । ଏ ଦୃଶ୍ୟ ଦେଖି ହୁଏତ ସେ ସବୁ ବୁଝିପାରିଲେ । ମାଧବୀକୁ ତା ବାପାଙ୍କଠୁ ଟିକିଏ ଅଲଗା କରିଆଣି, ତାଙ୍କୁ ଯାହା ପରୀକ୍ଷା କରି ଦେଖିବାର କଥା ଦେଖି ମାଧବୀକୁ ନିଜ କୋଳକୁ ଟାଣି ଆଣି କହିଲେ—ସବୁ ଶେଷ ହୋଇଯାଇଛି । ମଉସା ଆଉ ନାହାନ୍ତି । ଅନ୍ୟ କିଛି ନୁହେଁ, ସେଇ କାଳାନ୍ତକ ରୋଗ—ହାର୍ଟଫେଲ୍ । ମାଧବୀ ପ୍ରସ୍ତର ମୂର୍ତ୍ତି ପରି ବସି ରହିଲା !

ଯଥାସମୟରେ ଶୁଦ୍ଧିକ୍ରିୟା ସମାପ୍ତ ହେଲା । ଗ୍ରାମର ଜଣେ ସମ୍ପର୍କୀୟା ମାଉସୀ ଆସି ମାଧବୀ ପାଖରେ ରହିଚନ୍ତି । ଆଉ ଦିନେ ଦୁଇଦିନ ପରେ ସେ ଗାଁ'କୁ ଫେରିଯିବେ । ...ସେଦିନ ମାଧବୀ ଯେଉଁ ଚୌକିରେ ବସି ବିକାଶର ଚିଠି ପଢ଼ୁଥିଲା, ଯେଉଁ ଚିଠିରେ ବିକାଶ ଓ ମାଧବୀ କଲିକତାରୁ ଫିଲାଡେଲ୍ଫିଆ ଯିବା ପ୍ରୋଗ୍ରାମ କଥା ବିକାଶ ଲେଖିଥିଲା—ଆଜି ସେଇ ଚୌକିରେ ସିଏ ବସିଚି । ଏଇ ସେ ଥାକରେ ବିକାଶର ଚିଠି ସେମିତି ଥୁଆ ହୋଇଚି । ମନ ଭିତରେ ଆଶା ଓ ଆଶଙ୍କା—ଆଗ୍ରହ ଓ ଉଦ୍‌ବେଗ ! ...କ'ଣ କରିବ ମାଧବୀ ?

ଏକ ଚକ୍ରପଟ

ଊନବିଂଶ ଶତାବ୍ଦୀର ଶେଷପାଦର କାହାଣୀ । Christian World ନାମକ ଏକ ବହୁପ୍ରସାରିତ ଓ ବହୁପ୍ରଶଂସିତ ରଙ୍ଗୀନ୍ ସାପ୍ତାହିକ ପତ୍ରିକା ଲଣ୍ଡନରୁ ପ୍ରକାଶିତ ହେଉଥାଏ । ଏହି ପତ୍ରିକା ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟାଳୟ ଲଣ୍ଡନର ସୋହୋଠାରେ ଅବସ୍ଥିତ । କିନ୍ତୁ ଏହାର ବହୁ ଶାଖାକାର୍ଯ୍ୟାଳୟ ଲଣ୍ଡନ ସହରର ହାଇଡ୍ ପାର୍କ, ପିକାଡ଼ିଲ୍ଲୀ, ଟ୍ରାଫଲ୍‌ଗାର୍ ସ୍କୋୟାର୍, ରିଜେଣ୍ଟପାର୍କ, ଟେମ୍‌ସ ନଦୀ, ହାମ୍ପିଷ୍ଟ, ଓ ଓ୍ବେଷ୍ଟମିନଷ୍ଟରସ୍ ପ୍ରଭୃତି ବହୁ ବିଖ୍ୟାତ ସ୍ଥାନମାନଙ୍କରେ ରହିଥିଲା । ୟୁରୋପର ପ୍ରାୟ ପ୍ରତ୍ୟେକ ଦେଶ ଓ ଆମେରିକା ତଥା ଅନ୍ୟ ବହୁଦେଶ ବିଦେଶରେ ଏ ପତ୍ରିକା ପ୍ରସାର ଲାଭ କରିଥାଏ । ଏଥିରୁ ପ୍ରତୀୟମାନ ହୁଏ ଯେ, ପତ୍ରିକାଟିର ବହୁଳ ପ୍ରସାରଣ ସଙ୍ଗେ ସଙ୍ଗେ ଏହା ଏକ ମର୍ଯ୍ୟାଦାସମ୍ପନ୍ନ ଓ ପାଠକମାନଙ୍କର ଏକ ଅତି ପ୍ରିୟ ପତ୍ରିକା ରୂପେ ପ୍ରସିଦ୍ଧି ଲାଭ କରିପାରିଥିଲା । ଏପରି ଦେଖାଯାଇଛି ଯେ, ଏହି ପତ୍ରିକା ପ୍ରକାଶନ ସହିତ ପ୍ରକାଶକଙ୍କର କେବଳ ଅର୍ଥାଗମ ନୁହେଁ, ତାଙ୍କର ମାନମର୍ଯ୍ୟାଦା ପ୍ରଶ୍ନ ମଧ୍ୟ ସଂପୃକ୍ତ । ପତ୍ରିକାର କଳେବର, କଥାବସ୍ତୁ ଚିତ୍ରକଳା ଓ ସଜ୍ଜୀକରଣ ପ୍ରଭୃତିରେ ଯେପରି ତିଳେମାତ୍ର ତ୍ରୁଟି ନ ରହେ, ସେଥିପାଇଁ ପ୍ରକାଶନ ସଂସ୍ଥା ସତତ ସତର୍କ ରହିଥା'ନ୍ତି । ପୁଣି ପ୍ରତି ରବିବାର ସକାଳ ୭ ଘଣ୍ଟା ସମୟରେ ଲଣ୍ଡନର ପ୍ରତ୍ୟେକ ଶାଖା କାଉଣ୍ଟରମାନଙ୍କରେ ପତ୍ରିକାଟି ଗ୍ରାହକମାନଙ୍କୁ ପ୍ରାପ୍ତ ହେବାର ବନ୍ଦୋବସ୍ତ ହୋଇଥାଏ । ପତ୍ରିକାଟିର ଜନ୍ମଠାରୁ ପିକାଡିଲ୍ଲୀ ଶାଖାରେ ଥରେ ମାତ୍ର ଏ ବ୍ୟବସ୍ଥାରେ କିଛିଟା ତ୍ରୁଟି ଘଟିଥିଲା । ସେଥିପାଇଁ ସେଦିନ ପିକାଡିଲ୍ଲୀ ଅଞ୍ଚଳରେ ଆଇନ ଓ ଶୃଙ୍ଖଳା ବ୍ୟବସ୍ଥାରେ ବାଧାସୃଷ୍ଟି ହୋଇଯାଇଥିଲା ।

ସେଦିନର ରବିବାର । ସମୟ ପ୍ରାତଃ ୭ ଘଣ୍ଟା । ଲଣ୍ଡନର ସବୁ ଶାଖା-ମାନଙ୍କର କାଉଣ୍ଟରକୁ ସେ ସପ୍ତାହର Christian World ଆସିଗଲା । କ୍ରେତାମାନେ କ୍ୟୁ ଲଗାଇ ପତ୍ରିକା ଉଠାଇ ନେଉଥା'ନ୍ତି ଓ ପତ୍ର ଲେଉଟାଇବା ସଙ୍ଗେ ସଙ୍ଗେ ପ୍ରାୟ ସମସ୍ତଙ୍କ ମୁହଁରେ ହର୍ଷ ବିସ୍ମୟ ସହିତ କିଛିଟା ଅସ୍ଥିରତାର ଛବି ପ୍ରତିଫଳିତ ହୋଇଯାଉଥାଏ । ସମସ୍ତ ଲଣ୍ଡନ ସହରରେ ଗୋଟାଏ ଯେପରି ଗୁଞ୍ଜରଣ ଖେଳିଗଲା । କାହିଁକି ?

Christian World ପତ୍ରିକା ଯଥାସମୟରେ ଯାଇ ମସ୍କୋରେ ପହଞ୍ଚିଲା । ମସ୍କୋରେ ଏ ପତ୍ରିକାର ଏଜେଣ୍ଟ ହୁଉଚନ୍ତି ଚେକୋଭ ବ୍ରଦର୍ସ । ସେମାନେ ଦୁଇ ଭାଇ । ବାହାର ଜଗତରେ ଏ ଦୁଇ ଭାଇ ଜଣେ ସିନିୟର ଚେକୋଭ ଓ ଜଣେ ଜୁନିୟର ଚେକୋଭ ନାମରେ ପରିଚିତ । ସିନିୟର ଚେକୋଭ ନ ଥା'ନ୍ତି, ପ୍ୟାକେଜ୍‌ଟିକୁ ଜୁନିୟର ଚେକୋଭ ଖୋଲିଲେ । ଖଣ୍ଡେ ପତ୍ରିକା ବାହାରକଲେ । ପତ୍ରିକାର ଗୋଟିଏ ସ୍ଥାନରେ ଥିବା ଗୋଟିଏ ଚିତ୍ର ଉପରେ ତାଙ୍କର ଆଖିପଡ଼ିଲା । ସଙ୍ଗେ ସଙ୍ଗେ ତାଙ୍କର ଆଖିଦୁଇଟି ଆପେ ଆପେ ବନ୍ଦହୋଇ ଆସିଲା, ମୁଖ ପାଣ୍ଡୁର ବର୍ଣ୍ଣ ହୋଇଗଲା । ସମସ୍ତ ଅଙ୍ଗ ଥର ଉଠୁଥାଏ । ସିନିୟର ଚେକୋଭଙ୍କୁ ତାଙ୍କର ଭାରି ଭୟ । ସେ ପତ୍ରିକା ଖୋଲି ଚିତ୍ରଟି ଦେଖିଚନ୍ତି ବୋଲି ତାଙ୍କ ଭାଇ ଜାଣିଲେ, ସେ ଆଉ ଜୀବନରେ ସିନିୟର ଚେକୋଭଙ୍କୁ ତାଙ୍କ ମୁହଁ ଦେଖାଇପାରିବେ ନାହିଁ । କ'ଣ କରିବେ ସିଏ ? ଜିଭ ଶୁଖିଯାଉଚି । ଋଷ୍ ଦେଶର ପ୍ରବଳ ଶୀତ ସତ୍ତ୍ୱେ ତାଙ୍କ ଦେହରେ ଝାଳ ଜକେଇ ଆସିଲାଣି । ପତ୍ରିକା ସବୁ ଯେଉଁ ପ୍ୟାକେଜ୍ ପେପରରେ ବନ୍ଧାହୋଇ ଆସିଥିଲା, ସେ ଦେଖିଲେ ସେସବୁ ସେମିତି ଅକ୍ଷତ ଅବସ୍ଥାରେ ରହିଚି । ଖୁବ୍ ସାହସ ସଞ୍ଚୟ କରି ସେ ପତ୍ରିକା ସବୁକୁ ସେଇ ପ୍ୟାକେଜ୍ ପେପରରେ ବନ୍ଧାବନ୍ଧି କରି ଅତି ନିଖୁଣ ଭାବରେ ପ୍ୟାକ୍ କରି ରଖିଲେ । ତା'ପରେ ନିକଟସ୍ଥ କଫି ହାଉସକୁ ଯାଇ କଫି ପାନକରି ଟିକିଏ ସୁସ୍ଥ ବୋଧ କଲେ ଓ ନିଜ ଷ୍ଟଲ୍‌କୁ ଫେରିଆସିଲେ । ତାଙ୍କ ଷ୍ଟଲ୍‌ଟି ଅତି ପ୍ରଶସ୍ତ । ୟୁରୋପର ପ୍ରାୟ ପ୍ରତ୍ୟେକ ଦେଶରୁ ଓ ପୃଥିବୀର ଅନ୍ୟ କିଛି ପ୍ରାନ୍ତରୁ ପତ୍ରପତ୍ରିକା ଏଠିକି ଆସେ । ପ୍ରଦର୍ଶନୀ ପାଇଁ ବହୁସଂଖ୍ୟାରେ ଶୋ' କେଶ୍ ଏଠି ରହିଚି । ଜୁନିୟର ଚେକୋଭ ଏସବୁ ପ୍ରତି ଆଦୌ ଦୃଷ୍ଟିପାତ ନ କରି ଗୋଟିଏ କୋଣରେ ଥିବା ଇଜି ଚେୟାରରେ ଢଳି ପଡ଼ିଲେ । କିଛି ସମୟରେ ସିନିୟର ଚେକୋଭ ଆସିଲେ । ପତ୍ରିକା ପ୍ୟାକେଜ୍ ଉପରେ ତାଙ୍କର ଆଖିପଡ଼ିଲା । ଜୁନିୟର ଚୌକି ଉପରୁ ଉଠିଆସି ତାଙ୍କ ପାଖରେ ଠିଆ ହେଲେଣି । ପ୍ୟାକେଜ୍ ଏପର୍ଯ୍ୟନ୍ତ ଖୋଲି ନ ହେବାର କାରଣ ସିନିୟର ପଚାରିଲେ—ଜୁନିୟର ଯେତେ ପାରନ୍ତି ସତର୍କତାର ସହିତ ଏ ପ୍ରଶ୍ନଟିକୁ ଏଡ଼ାଇଦେଇ ତାଙ୍କ ଅସୁସ୍ଥ ମା'ଙ୍କ ପାଇଁ ଔଷଧ ସେ ନିଜେ କିଣି ନିଜେ ଘରକୁ ଯାଇ, ଔଷଧ ପହଞ୍ଚାଇ ଦେଇ ଫେରିଆସିବେ ବୋଲି କହି ଅତି ଭ୍ରାତୃଭକ୍ତ ସାନଭାଇ ପରି ଷ୍ଟଲ୍‌ରୁ ବାହାରିଗଲେ । ଜୁନିୟରଙ୍କ ଏ ବ୍ୟବହାରରେ ସିନିୟର କିଛିକ୍ଷଣ ଶୂନ୍ୟକୁ ଚାହିଁରହିଲେ । ତା'ପରେ ଜଣେ ସେଲ୍‌ସ୍‌ମ୍ୟାନ୍‌କୁ ଡାକି ପତ୍ରିକା କେତେବେଳୁ ଆସିଲାଣି ବୋଲି ଜାଣିବାକୁ ଚାହିଁଲେ ଓ ସେଲସ୍‌ମ୍ୟାନ୍‌ଟି ପତ୍ରିକା ପ୍ରାୟ ଏକଘଣ୍ଟା ପୂର୍ବରୁ ଆସିଲାଣି ବୋଲି ଉତ୍ତରରେ କହିଲା । ଏକଘଣ୍ଟା ପୂର୍ବରୁ ଯଦି ଆସିଲାଣି, ତେବେ ଏ ପର୍ଯ୍ୟନ୍ତ କାହିଁକି

ଖୋଲା ହୋଇନାହିଁ ବୋଲି ଜାଣିବାକୁ ଚାହିଁବାରୁ ସେଲସ୍‌ମ୍ୟାନ୍ ଉତ୍ତର ଦେଲା—ନାହିଁ ସାର୍ ! ଜୁନସ୍ବର ସାହେବ ପ୍ୟାକେଜ୍‌କୁ ଖୋଲିଲେ—ଗୋଟିଏ ପତ୍ରିକା ଖୋଲି ଦେଖିଲେ । ତା'ପରେ ତାଙ୍କର କ'ଣ ହେଲା କେଜାଣି, ସେ ଯେମିତି ଏକାବେଳେକେ ଡରିଗଲେ । ମୁହଁ ଶୁଖିଗଲା—ଏଣିକି ତେଣିକି କନ୍‌କନ୍ ହୋଇ ଚାହୁଁଥା'ନ୍ତି, ତା'ପରେ ଚଟାପଟ ପତ୍ରିକା ସବୁକୁ ଅଲଥରେ ପ୍ୟାକ୍‌କରି ରଖିଲେ ଓ କଫିହାଉସ୍‌କୁ ଯାଇ କଫି ପିଇ ଇଜି ଚେୟାରରେ ଢଳିପଡ଼ିଲେ । ···ସେଲସ୍‌ମ୍ୟାନ୍ ମୁହଁରୁ ଏ କାହାଣୀ ଶୁଣି ସିନସ୍ବର ହତବାକ୍ । ତାଙ୍କର ଏ ଇଣ୍ଟରନ୍ୟାସ୍‌ନାଲ ପତ୍ରିକା ଷ୍ଟଲ୍ ଖୋଲିଲାଦିନୁ ଲଣ୍ଡନରୁ ପ୍ରକାଶିତ Christian World ନିୟମିତ ଭାବେ ଏଠିକି ଆସୁଚି—ଅନ୍ୟ ପତ୍ରିକା ଅପେକ୍ଷା Christian Worldର ଚାହିଦା ବହୁତ ବେଶୀ । କେବେ ଏମିତି ଅଘଟଣ ଘଟି ନ ଥିଲା । ପତ୍ରିକା ଭିତରେ କ'ଣ ଦେଖି ବା କ'ଣ ପଢ଼ି ଜୁନସ୍ବର ଅବସ୍ଥା ଏମିତି ହେଲା ଯେ, ସେ ସେଇ ଆଳରେ ଷ୍ଟଲ୍‌ଛାଡ଼ି ଘରକୁ ପଳେଇଗଲାଣି । ସିନସ୍ବର ଏବେ କରିବେ କ'ଣ । ଆତଙ୍କରେ ତାଙ୍କର ନିଜର ହୃତ୍‌କମ୍ପ ହେଲା । ପତ୍ରିକା ପ୍ୟାକେଜ୍ ଖୋଲିବା ଦୂରେଥାଉ ସେ ପ୍ୟାକେଜ୍‌କୁ ଚାହିଁ ପାରୁନାହାନ୍ତି । ଏତିକିବେଳେ କେତୋଟି ତରୁଣୀ ଷ୍ଟଲ୍‌ରେ ପହଞ୍ଚି ଏ ମାସର Christian World ଆସିଲାଣି କି ନାହିଁ ଜାଣିବାକୁ ଚାହିଁଲେ । ସିନସ୍ବର ସେମାନଙ୍କୁ କିଛି ନ କହି କେବଳ ଇଙ୍ଗିତରେ ପତ୍ରିକା ଆସିନାହିଁ ବୋଲି ସେମାନଙ୍କୁ ଜଣେଇଦେଲେ—ସେମାନେ ଫେରିଗଲେ । ···ଏବେ ତାଙ୍କର ଚେତନା ଜାଗ୍ରତ ହେଲା—କ'ଣ କରୁଚନ୍ତି ସେ ! ପତ୍ରିକା ଆସିଚି, ଅଥଚ ସେ ଗ୍ରାହକମାନଙ୍କୁ ଫେରେଇ ଦଉଚନ୍ତି ! ଏଥିରେ ବ୍ୟବସାୟ ବନ୍ଦ ହୋଇଯିବ ଯେ ! ଏ ବ୍ୟବସାୟ ସହିତ ସେ ଏପରି ଓତଃପ୍ରୋତ ଭାବେ ଜଡ଼ିତ ହୋଇପଡ଼ିଚନ୍ତି ଯେ ସେ ଅନ୍ୟ କୌଣସି ବ୍ୟବସାୟ ଚଳାଇ-ପାରିବେ ନାହିଁ । ତାଙ୍କୁ ଭିକ୍ଷା ଥାଳିର ଆଶ୍ରୟ ନେବାକୁ ପଡ଼ିବ । ସେ କିଛିଟା କୃତସଂକଳ୍ପ ଭାବରେ ଉଠିଲେ—ପ୍ୟାକେଜ୍‌ଟିକୁ ଟିକେ ନିକାଞ୍ଚନ ସ୍ଥାନକୁ ନେଇ ଖୋଲିଲେ । ଦେଖିଲେ, ପତ୍ରିକାର ପ୍ରଚ୍ଛଦପଟ ଖୁବ୍ ଲୋଭନୀୟ ହୋଇଚି । ପତ୍ରିକାଟି ଖୋଲିଲେ । ପୃଷ୍ଠା ଲେଉଟାଇଲେ—ଏବେ ସେ ଦେଖୁଚନ୍ତି ତାଙ୍କ ଦେଶର ଅପରୂପା ସୁନ୍ଦରୀ ତରୁଣୀ ସାମ୍ରାଜ୍ଞୀ ତାଙ୍କ ନବଜାତ କନ୍ୟାର ରୂପଲାବଣ୍ୟରେ ମୁଗ୍ଧ ହୋଇ ଓ ନିଜର ନବମାତୃତ୍ୱର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ତାଙ୍କ ଶିଶୁକନ୍ୟାଟିକୁ କୋଳରେ ଧରି ତାଙ୍କ ମୁକୁଳା ବକ୍ଷରୁ ସ୍ତନ୍ୟପାନ କରାଉଛନ୍ତି । ଚିତ୍ରଟି ପୁଣି ଇଂଲଣ୍ଡର ଜଣେ ବିଖ୍ୟାତ ଚିତ୍ରଶିଳ୍ପୀ ଅଙ୍କନ କରିଚନ୍ତି । ସତେ ଯେପରି ସେ ସାମ୍ରାଜ୍ଞୀଙ୍କୁ ମଡ଼େଲ ରଖି ଏ ଚିତ୍ର ଆଙ୍କିଛନ୍ତି ! ଚିତ୍ରଟିକୁ ଦେଖି ତାଙ୍କ ମନ ଭିତରେ କି ପ୍ରତିକ୍ରିୟା ଜାଗିଲା ତାହା ଠିକ୍ ବୁଝି ହେଉନାହିଁ ।

ସେ କିଛିକ୍ଷଣ ନିଥର ନିଶ୍ଚଳ ମନରେ ବସିରହିଲେ । ଅବଶ୍ୟ ଘନ ଘନ ଶ୍ୱାସପ୍ରଶ୍ୱାସ ଚାଲିଥାଏ । ତା'ପରେ ସେ ଜୁନିୟର ଡେକୋଭଙ୍କୁ ଗୃହରୁ ଡାକି ଆଣିବା ପାଇଁ ଲୋକ ପଠାଇଲେ । ...ସେତେବେଳେ ଜୁନିୟର ଡେକୋଭ ତାଙ୍କ ଶୟନକକ୍ଷ ଦ୍ୱାର ରୁଦ୍ଧ କରି, Christian World ପତ୍ରିକା ଖୋଲି ନିର୍ନିମେଷ ନୟନରେ ଚାହିଁ ରହିଥିଲେ । ଦୃଷ୍ଟି ଆଦୌ ଲୋଭାତୁର ନୁହେଁ । ସେ କେବଳ ସାମ୍ରାଜ୍ଞୀଙ୍କର ନବମାତୃତ୍ୱର ମୁକ୍ତ ସୌନ୍ଦର୍ଯ୍ୟର ଜଣେ ଉପାସକ ହୋଇପଡ଼ିଥିଲେ । ଏକଥା ନିଶ୍ଚୟ ଯେ, ଯେତେବେଳେ ଏ ଛବିଟିକୁ ପ୍ରଥମେ ସେ ଦେଖିଲେ ସେତେବେଳେ ତାଙ୍କ ଅନ୍ତ-ରାଜ୍ୟରେ ବହୁ ବିଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ସେଥିରୁ ମୁକ୍ତ ହେବାପାଇଁ ସେ ସ୍ୱଗୃହକୁ ଚାଲିଆସିଲେ ଓ ଆସିଲାବେଳେ ଅତି ସନ୍ତର୍ପଣରେ ଖଣ୍ଡିଏ Christian World ପତ୍ରିକା ନେଇ ଆସିଥିଲେ । ...ବର୍ତ୍ତମାନ ଜ୍ୟେଷ୍ଠ ଭ୍ରାତାଙ୍କଠାରୁ ନିର୍ଦ୍ଦେଶ ପାଇ ସେ ଟିକିଏ ବିଚଳିତ ହୋଇପଡ଼ିଲେ ସତ, ହାତରେ ଧରିଥିବା ପତ୍ରିକାଟିକୁ ଏକ ନିରାପଦ ସ୍ଥାନରେ ଲୁକ୍କାୟିତ କରି ରଖି ଷ୍ଟଲ୍‌ରେ ଯାଇ ସିନିୟରଙ୍କୁ ଭେଟିଲେ । ଚିତ୍ରଟି ଦୁହେଁ ଦେଖିଥିଲେ ଓ ଦୁହିଙ୍କ ମନରେ ଏଥିପାଇଁ କି ପ୍ରତିକ୍ରିୟା ଜାଗିଛି ସେ ପ୍ରସଙ୍ଗଟିକୁ ଦୁହେଁ ଏଡ଼ାଇଦେଇ ଅନ୍ୟ ଆଲୋଚନାରେ ରତ ହେଲେ । ସିନିୟର କହିଥିଲେ—ନା, ଆମେ ଏ ରିସ୍କ୍ ନେବା ନାହିଁ । ଚିତ୍ରଟି ଯେତେବେଳେ ନୂତନ ସାମ୍ରାଜ୍ଞୀଙ୍କର ମୁକୁଳା ରୂପ ସହିତ ସମ୍ପୂର୍ଣ୍ଣ ମିଳିଯାଉଛି ଆମେ ଏଇଟା ପୋଲିସ୍ ହାତରେ ଦେଇଦେବା । ପୋଲିସ୍ ନାଁ ଶୁଣି ଜୁନିୟର ଟିକେ ଆତଙ୍କିତ ହୋଇ ଉଠିଥିଲେ, କିନ୍ତୁ ସିନିୟର ତାଙ୍କୁ ଆଶ୍ୱାସନା ଦେଇ କହିଲେ—ନା, ନା, ତୋର ଏଥିରେ ଡରିବାର କିଛି ନାହିଁ । ଏ ଘଟଣାରେ ଆମେ ତ ଆଦୌ ହସ୍ତକ୍ଷେପ କରିନୁ । ଖଣ୍ଡିଏ ବି ପତ୍ରିକା ବିକ୍ରି ହୋଇନି, ମୁଁ କଷ୍ଟମର୍‌ମାନଙ୍କୁ ଫେରାଇ ଦେଇଛି । ଆ, ଉଠ—ଆମେ ଏ ପ୍ୟାକେଟ୍‌କୁ ନେଇ ପୋଲିସ୍ ଚିଫ୍‌ଙ୍କ ଦପ୍ତରକୁ ଯିବା । ...ଦୁହେଁ ବାହାରିପଡ଼ିଲେ । କିନ୍ତୁ ଜୁନିୟର ଡେକୋଭ ଷ୍ଟଲ୍‌କୁ ଆସିବା ପୂର୍ବରୁ ସିନିୟର ଖଣ୍ଡିଏ ଏଇ ସଂଖ୍ୟା Christian World ପତ୍ରିକା ନେଇ ତାଙ୍କର ଏକାନ୍ତ ନିଜସ୍ୱ ଆଲମାରୀ ଭିତରେ ଲୁଚାଇ ରଖି ଦେଇଥିଲେ ।

ଦୁହେଁ ପତ୍ରିକା ସହ ଯାଇ ପୋଲିସ୍ ଚିଫ୍‌ଙ୍କ ଦପ୍ତରରେ ପହଞ୍ଚିଲେ । ତାଙ୍କୁ ସବୁକଥା ଜଣାଇଲେ । ସବୁ କଥା ଶୁଣି ଚିଫ୍ ଏକାବେଳକେ ଅଗ୍ନିଶର୍ମା ହୋଇ-ଉଠି କହିଲେ—ଆପଣମାନଙ୍କର ବିଚାର ବୁଦ୍ଧି କଣ କିଛି ନାହିଁ ? ଏ ପୃଥିବୀରେ ଯାହା ଯୋଉଠି ଘଟିବ ସେକଥା କ'ଣ ପୋଲିସ୍ ବୁଝିବ ? ପତ୍ରିକା ଲଣ୍ଡନରୁ ବାହାରିଛି, ଏଥିରେ ମୁଁ କି ଆକ୍‌ସନ୍ ନେଇପାରିବି ବୋଲି ଆପଣ ମୋ' ପାଖରେ ଆସି ପହଞ୍ଚିଛନ୍ତି ? ଆପଣ ଏ ପତ୍ରିକା ନେଇ ଏଠୁ ଚାଲିଯା'ନ୍ତୁ । ..ଡେକୋଭ୍-

ବ୍ରିଟିଶ୍ ଏତେ ସହଜରେ ଦବିଯିବାର ଲୋକ ନୁହଁନ୍ତି । ସିନେଟର କହିଲେ—ଦେଖନ୍ତୁ ସାର୍, ଏହା ଆମପାଇଁ ଏକ ପତ୍ରିକା ନୁହେଁ, ଏକ ଅଗ୍ନିପିଣ୍ଡୁଳା । ଆମେ ସେଇ ଅଗ୍ନିପିଣ୍ଡୁଳା ହାତରେ ଧରି ଏଠିକି ଆସିଚୁ,—ଆଉ ପୁଣି ଯିବୁ କୁଆଡ଼େ ? ଯେଉଁ କାମଟା ପୋଲିସ୍ ପାରିଲାନାହିଁ, ଆଉ କାହା ଜିଭରେ ହାଡ଼ ଅଛି ଯେ ସେ ସେଇ କାମଟା ତୁଲେଇବ ? ଉତ୍ତରରେ ଚିଫ୍ କହିଲେ ଆପଣ ଏମିତି ଅଶ୍ଳୀଳ ପତ୍ରିକା ବିକ୍ରୟ କରୁଚନ୍ତି, ଏଥିପାଇଁ ଆପଣଙ୍କ ନାଁରେ କେଶ୍ କରି ମୁଁ ଆଗେ ଆପଣଙ୍କୁ ଆରେଷ୍ଟ କରିବି । ...ସିନେଟର ଟେକୋଭ କହୁଚନ୍ତି—ଦେଖନ୍ତୁ ସାର୍, ଆପଣ ମୋ' ବିଜନେସ୍ ବିରୁଦ୍ଧରେ ଅଭିଯୋଗ ଆଣିଚନ୍ତି ଯେ, ମୁଁ କାହିଁକି ଏ ଅଶ୍ଳୀଳ ପତ୍ରିକା ବିକ୍ରୟ କରୁଚି ? ଏ ପତ୍ରିକା ମୁଁ ମୋର ମନକୁ ବିକ୍ରୟ କରୁନାହିଁ । ଆପଣ ଅର୍ଥାତ୍ ଏଇ ଦେଶର ପୋଲିସ୍‌ର ସୁପାରିଶ୍‌ରେ ଷ୍ଟଲ୍ ଖୋଲି ଏଇ ସବୁ ପତ୍ରିକା ବିକ୍ରୟ କରିବା ପାଇଁ ଆପଣଙ୍କ ସରକାର ମତେ ଲାଇସେନ୍‌ସ ଦେଇଚନ୍ତି । ଆଉ ଦ୍ୱିତୀୟ କଥା ଆପଣ କହୁଚନ୍ତି ଯେ, ଏ ଚିତ୍ରଟି ଅଶ୍ଳୀଳ ! ଆମଦେଶର ମହାମାନ୍ୟା ସାମ୍ରାଜ୍ଞୀଙ୍କର ଏ ଚିତ୍ରଟି ଅଶ୍ଳୀଳ ବୋଲି ମତେ ଲେଖି ଦିଅନ୍ତୁ, ମୁଁ ଚାଲିଯିବି । ...ପୋଲିସ ଚିଫ୍ ବାକ୍‌ଶୂନ୍ୟ ହୋଇପଡ଼ିଲେ । କିଛି ସମୟ ପରେ କହିଲେ—ହଉ ଆପଣମାନେ ସେପଟେ ଅଫିସରୁ ରସିଦ୍ ନେଇଯା'ନ୍ତୁ । ...ନମସ୍କାର ଜଣାଇ ଟେକୋଭ ଭାଇ ଦୁହେଁ ବିଦାୟ ନେଲେ । ...ଚିଫ୍ ବସି ଭାବୁଚନ୍ତି—ଏ ଲୋକଟା ଆଜ୍ଞା ବୁଦ୍ଧି ମତେ ଶିଖେଇଦେଲା ! ଏ ଚିତ୍ରରେ ସାମ୍ରାଜ୍ଞୀଙ୍କର ନବମାତୃତ୍ୱର ଯେଉଁ ରୂପ ପ୍ରକାଶ ପାଇଚି ସେକଥା ବିଗ୍ଭର କରିବାର locus standi ମୋର ଅଛି କି ନାହିଁ ମୁଁ ଜାଣେନା । ଏଇଟା ପ୍ୟାଲେସ୍ ଓ ରୟାଲଟିର ବ୍ୟାପାର । ମୁଁ ଏଥିରେ ହାତଦେବିନି । ଏ ଚିତ୍ରଟି ପ୍ୟାଲେସ୍‌ରେ ପହଞ୍ଚିବା ପରେ ସେଥିରୁ କି ପ୍ରତିକ୍ରିୟା ଯେ ସୃଷ୍ଟିହେବ, ସେକଥା ଭଗବାନ ଜାଣନ୍ତି । ଅତଏବ ମୋ' ପରି ଜଣେ ଅଭିଜ୍ଞ ପୋଲିସ୍ କର୍ତ୍ତା ପକ୍ଷରେ ଏ ବାଟରେ ଚାଲିବା ଆଦୌ ବୁଦ୍ଧିମାନର କାର୍ଯ୍ୟ ହେବ ନାହିଁ । ମହାମାନ୍ୟ ସମ୍ରାଟଙ୍କ କଥା, ମୁଁ କାହିଁକି ଏଥିରେ ହାତଦେବି ! ...ଏଇସବୁ ଚିନ୍ତା ରାଜ୍ୟରେ ବୁଡ଼ିରହି ପୋଲିସ୍ ଚିଫ୍ ନିଜ ପାଇଁ ଖଣ୍ଡିଏ ପତ୍ରିକା ସନ୍ତର୍ପଣରେ ରଖି ବାକୀତକ ସେନ୍‌ସର (Censor) ଅଫିସ୍‌କୁ ପଠାଇଦେଲେ ।

ସେନ୍‌ସର କାର୍ଯ୍ୟାଳୟ । Christian world ପତ୍ରିକା ପୋଲିସ୍ ଚିଫ୍‌ଙ୍କ ପତ୍ର ସହ ଆସି ପହଞ୍ଚିଲା । ନିଜେ ପୋଲିସ୍ ଚିଫ୍ ସିନା ସେତେବେଳେ ଅଗ୍ନିଶର୍ମା ହୋଇ ଯାଇଥିଲେ, ତାଙ୍କ ଚିଠି ପତ୍ର ଓ ପତ୍ରିକା ପାଇ ସେନ୍‌ସର କର୍ତ୍ତା ଏକାବେଳେକେ ଅଗ୍ନିଦେବ ପାଲଟିଗଲେ । ପାଖରେ ପାଇଥିଲେ ପୋଲିସ୍ ଚିଫ୍‌ଙ୍କୁ ଟାଳି ଭସ୍ମକରି ଦେଇଥା'ନ୍ତେ । ତାଙ୍କ କହିବା କଥା ହେଲା ଏ ପୋଲିସ୍‌ବାଲା

ଯେତେବେଳେ କିଛି କେଶ୍ ନ ପା'ନ୍ତି ସେତେବେଳେ ଅନ୍ୟ କାହା ମୁଣ୍ଡରେ ଅଠାବୋଲି ନିଜେ ଦୂରେଇଯା'ନ୍ତି । ଆମେ ସେନ୍‌ସରବାଲା, ହାର୍ ହାଇନେସ୍ ସ୍ୱୟଂ ସାମ୍ରାଜ୍ଞୀଙ୍କ ଚିତ୍ରକୁ ଆମେ ସେନ୍‌ସର କରିବୁ ? ଆମର କ'ଣ ଘରସଂସାର ନାହିଁ ? ଆମ ପିଲାଙ୍କୁ କ'ଣ ଭୟ ନାହିଁ ? ମୁଁ ତ କହିବ ଏଇଟା ପୋଲିସ୍ ଚିଫ୍‌ଙ୍କର ଆମ ଡିପାର୍ଟମେଣ୍ଟ ଉପରେ ଅଯଥା ହସ୍ତକ୍ଷେପ । ମୁଁ ଏହାର ପ୍ରତିବାଦ କରିବ । ···ଏଇଠି ଜଣେ ସହକାରୀ କହିଲେ, ଆପଣ ଠିକ୍ କଥା କହୁଚନ୍ତି ସାର୍, କିନ୍ତୁ ପୋଲିସ୍‌ଙ୍କ ବିରୁଦ୍ଧରେ ଯିବାର ସାହସ କ'ଣ ଆପଣଙ୍କର ଅଛି ? ଆପଣ ରାସ୍ତାରେ ଯାଉଥିବାବେଳେ ସେମାନେ ପରା ଆପଣ ଭୁଲ୍ ମାର୍ଗରେ ଚାଲୁଚନ୍ତି ବୋଲି କହି ଆପଣଙ୍କୁ ହାଜତରେ ଭର୍ତ୍ତି କରିଦେବେ ! ···ଟିକେ ରହି କର୍ତ୍ତା କହିଲେ—ହୁଁ, ତୁମେ ଠିକ୍ କହୁଚ, ବର୍ତ୍ତମାନ ଆମେ କ'ଣ କରିବା ? ଏ ଛବିକୁ ସେନ୍‌ସର କରିବାର କ୍ଷମତା ତ ସ୍ୱୟଂ ଗଡ଼୍‌ଙ୍କର ନାହିଁ । ମୁଁ କୋଉ ଛାର ! ···ସହକାରୀ ଜଣକ କହିଲେ—ଆପଣ ସାର ଖାଲି ଡରିଯାଉଚନ୍ତି । ଛବିଟି ବାହାରୁ ଆସିଚି ! ସେଥିପାଇଁ ଆପଣଙ୍କର କ୍ଷମତା ଅଛି ଯେ, ଆପଣ ଏହାକୁ ସେନ୍‌ସର କରିପାରିବେ । ଚିଡ଼ିଯାଇ ସେନ୍‌ସର କର୍ତ୍ତା କହିଲେ—ଚୁପ୍ । କିଛି ଗୋଟାଏ ଏଣ୍ଡୁଡେଣ୍ଡୁ ଛବି ହୋଇଥିଲେ ଆମେ ତାକୁ black out କରି ଛାଡ଼ି ଦେଇପାରନ୍ତୁ । କିଏ ଜାଣେ ଏଇ ମହିୟସୀ ମହିଳା ଏ ଛବିଟିକୁ କେଉଁ ଦୃଷ୍ଟିରେ ଦେଖିବେ ! ···ଟିକିଏ ଉତ୍ସାହର ସହିତ ସହକାରୀ ଜଣକ କହିଲେ--ଯେହେତୁ ଏ ଛବି ବିଦେଶରୁ ଆସିଚି, ଆମେ ଏହାକୁ ବୈଦେଶିକ ବିଭାଗକୁ ପଠେଇଦେବା । ···ଏଥିରେ କର୍ତ୍ତା ଆନନ୍ଦରେ ଉଛୁଳିଯାଇ କହିଲେ—ବାସ୍ତବରେ ଏ ଫାଇଲ୍ ବୈଦେଶିକ ବିଭାଗକୁ ଯିବାର କଥା । ତୁମେ ସବୁ ଯାଅ, ମୁଁ ମୋର ନୋଟ୍ ଦେଇ ଏହାକୁ ବୈଦେଶିକ ବିଭାଗକୁ ପଠେଇବାର ବ୍ୟବସ୍ଥା କରୁଚି । ···ଅନ୍ୟମାନେ ଚାଲିଗଲେ । କର୍ତ୍ତା ନୋଟ୍ ଲେଖିବା ସଙ୍ଗେ ସଙ୍ଗେ ନିଜପାଇଁ ଖଣ୍ଡିଏ ପତ୍ରିକା ନିରାପଦ ସ୍ଥାନରେ ରଖି ନୋଟ୍ ସହ ବାକି ପତ୍ରିକାତକ ବୈଦେଶିକ ବିଭାଗକୁ ପଠାଇଦେଲେ ।

ପତ୍ରିକା ସବୁ ଯାଇ ବୈଦେଶିକ ବିଭାଗରେ ପହଞ୍ଚିଲା । କିଏ ନ ଜାଣେ ଗୋଟାଏ ଦେଶର ବୈଦେଶିକ ବିଭାଗ ହେଉଚି ଅତି ମର୍ଯ୍ୟାଦାସୂଚକ ତଥା ମହତ୍ତ୍ୱପୂର୍ଣ୍ଣ ବିଭାଗ । ବୈଦେଶିକ ବିଭାଗ ମୁଖ୍ୟତଃ ଦେଶର ରାଜନୀତି ଓ ବୈଦେଶିକ ନୀତି ସମ୍ପର୍କିତ ଘଟଣା ସବୁର ବିଚାରପାଇଁ ପ୍ରତିଷ୍ଠିତ । ସେମାନେ ଏପରି ଏକ ବିଚିତ୍ର ଘଟଣା ସହ ଜଡ଼ିତ ପତ୍ରିକା ସବୁକୁ ଦେଖି ଅବାକ୍ ହୋଇଗଲେ । ସେମାନଙ୍କର ମତ ହେଲା ଯେ, ଏଇ ସରକାରରେ କେଉଁ ବିଭାଗ କ'ଣ କରୁଚି, ତାହା ସେଇ ବିଭାଗକୁ ମଧ୍ୟ ଜ୍ଞାତ ନୁହେଁ । ପତ୍ରିକା ଲଣ୍ଡନରୁ ଆସି ମଷ୍ଟୋରେ ଏ ବିଭାଗରୁ ସେ ବିଭାଗ ଘୂରି ବୁଲିଲା ପରେ, ବୈଦେଶିକ ବିଭାଗକୁ କାହିଁକି ଆସିଚି ?

ସେନ୍‌ସରବାଲା କ'ଣ ଭାବୁଚନ୍ତି ଏ ଘଟଣାରେ ଆମେ ବ୍ରିଟେନ୍ ରାଜଦୂତଙ୍କୁ ଆମ ଅଫିସ୍‌କୁ ଡକାଇ ତାଙ୍କ ସାମାଜିକ ଅପକର୍ମର ନିନ୍ଦାବାଦ କରିବୁ । କିଛି ବିଚାର ଆଲୋଚନା ପରେ ବୈଦେଶିକ ବିଭାଗର ସଚିବ ଖଣ୍ଡିଏ ପତ୍ରିକା ନିଜ ପାଇଁ ରଖି ବାକୀତକ ଘରୋଇ ବିଭାଗକୁ ପଠେଇଦେଲେ—ପଠେଇଦେଲେ ଏଥିପାଇଁ ଯେ ଏଇଟା (czar) ସମ୍ରାଟ ଓ ସାମ୍ରାଜ୍ଞୀଙ୍କର ଘରୋଇ ବ୍ୟାପାର । ଅତଏବ ଘରୋଇ ବିଭାଗ ଏକଥା ବୁଝନ୍ତୁ ।

ପତ୍ରିକା ଯାଇ ଘରୋଇ ବିଭାଗରେ ପହଞ୍ଚିଲା । ଘରୋଇ ବିଭାଗ ଗୋଟିଏ ମୁହୂର୍ତ୍ତରେ ସିଦ୍ଧାନ୍ତ କରିନେଲେ ଯେ, ଏଇ ଘଟଣାଟି ଘରୋଇ ବିଭାଗ ହିଁ ବୁଝିବାର କଥା । ସେମାନେ ସରକାରୀ ଭାଷାରେ ଯାହା ମନ୍ତବ୍ୟ ଲେଖିବାର କଥା ଲେଖି, ଦୁଇଖଣ୍ଡି ପତ୍ରିକା ସହ ଫାଇଲ୍‌ଟିକୁ ସମ୍ରାଟଙ୍କ (czar) ନିକଟକୁ ପଠାଇଦେଲେ । ସମ୍ରାଟ୍ ସେତେବେଳକୁ ଚେସ୍ ଖେଳୁଥା'ନ୍ତି । ଏତିକିବେଳେ urgent ସ୍ଲିପ୍ ମରାହୋଇ ଫାଇଲ୍‌ଟି ଯାଇ ସମ୍ରାଟଙ୍କ ପାଖରେ ପହଞ୍ଚିଲା । ଚେସ୍ ଖେଳବେଳେ ଫାଇଲ୍ ଆସିଲା ବୋଲି ସେ ଉଦ୍‌ବ୍ୟସ୍ତ ହୋଇ ଉଠୁଥିଲେ, କିନ୍ତୁ ଏତିକିବେଳେ ଚେସ୍ ବୋର୍ଡର ତାଙ୍କ ମନ୍ତ୍ରୀ ଅପର-ପକ୍ଷର ମନ୍ତ୍ରୀଙ୍କୁ ମାରିଦେବାରୁ ସେ ଆନନ୍ଦରେ ଉଲ୍ଲସିତ ହୋଇ ଫାଇଲ୍‌ଟିକୁ ଖୋଲିଲେ । ତାଙ୍କ ଖୁସିର ସୀମା ରହିଲା ନାହିଁ । ମୁଗ୍ଧ ଦୃଷ୍ଟିରେ ପତ୍ନୀଙ୍କର ଦେବ-କନ୍ୟା ନିନ୍ଦିତ ମୁକ୍ତ ତନୁରେଖାକୁ ଚାହିଁ ଫାଇଲ୍‌ରେ ଲେଖିଲେ—'ଏ ଘଟଣାରେ ସବୁଠୁଁ ବଳି ଏଇ ଆନନ୍ଦଦାୟକ ଆଦେଶ ମୁଁ ଦେଉଛି ଯେ, ସ୍ୱୟଂ ସାମ୍ରାଜ୍ଞୀ ଏହାର ଅନ୍ତିମ ନିଷ୍ପତ୍ତି ନିଅନ୍ତୁ ।' ...ଫାଇଲ୍‌ଟିକୁ ନେଇ ସେ ନିଜେ ସାମ୍ରାଜ୍ଞୀଙ୍କ ନିକଟକୁ ଗଲେ ।

କିଛିକ୍ଷଣ ପରେ ସହର୍ଷ ବଦନରେ ସମ୍ରାଟ (Czar) ଫେରିଆସି ସେକ୍ରେଟେରୀଙ୍କୁ ଜଣାଇଲେ, Her Majesty ନିଜେ ଫାଇଲ୍ ଦେଖୁଚନ୍ତି, ତାଙ୍କର ଆଦେଶ ଦେଇ ସେ ଫାଇଲ୍‌ଟିକୁ ଫେରାଇବେ ।

ହଁ, ସାମ୍ରାଜ୍ଞୀ ଫାଇଲ୍‌ରୁ ବିଭିନ୍ନ ବିଭାଗର notes ସବୁ ପଢ଼ିଲେ—ଥରେ ନୁହେଁ, ଆଉଥରେ ପଢ଼ିଲେ । ତା'ପରେ ଇଂରାଜୀ ଚିତ୍ରଶିଳ୍ପୀଙ୍କ ସେଇ ବିଶ୍ୱ-ବିଶ୍ରୁତ ଛବିଟିକୁ ଦେଖିଲେ । ...ଛବିଟିକୁ ଦେଖୁଥାଆନ୍ତି, ପୁଣି ନିଜକୁ ଦେଖୁଥାନ୍ତି । ଏମିତି କିଛି ସମୟ କଟିଗଲା । ଛବିରେ ତାଙ୍କର କୋଳାଗତ ଓ ଦୁଗ୍ଧପାନରତ ଶିଶୁ କନ୍ୟାଟିର ଗୋଲାପକଢ଼ି ନିନ୍ଦିତ ଓଠରେ ନିଜ ଓଠକୁ ସ୍ପର୍ଶ କରାଇଲେ । ମୁଖମଣ୍ଡଳରେ ନବମାତୃତ୍ୱର ଅପୂର୍ବ ଆଭା । ତା'ପରେ ତାଙ୍କର ସେଇ ଅନିନ୍ଦ୍ୟ ସୁନ୍ଦର ମୁଖମଣ୍ଡଳରେ ଯେପରି ଈଷତ୍ ତରଳଭାବ ଫୁଟି ଉଠିଲା । ସେ ଫାଇଲ୍‌ରେ ଅର୍ଡ଼ର ଦେଇ ଫାଇଲ୍‌ଟିକୁ ଫେରାଇଦେଲେ । ...ରୁଷିଆର ସାମ୍ରାଜ୍ଞୀ ଫାଇଲ୍‌ରେ

ଏହି ଆଦେଶ ଦେଇଥିଲେ—"କ'ଣ ଅଛି ଏ ଛବିରେ ? ଜଣେ ସନ୍ତାନ-ବତ୍ସଳା ମା' ନିବିଡ଼ ଘରୋଇ ପରିବେଶରେ ନିଜର ସ୍ନେହପିଉଳା ସନ୍ତାନକୁ ସ୍ତନ୍ୟପାନ କରାଉଛି, ଏଥିରେ ଆଇନ୍‌ର ବିରୁଦ୍ଧାଚରଣ କେଉଁଠି ବା ଥିଲା ? ଅପରପକ୍ଷରେ ଏ ସରକାରଙ୍କ କେତୋଟି ବରିଷ୍ଠ ବିଭାଗ କୌଣସି କାରଣ ନଥାଇ ଏ ଘଟଣାଟିକୁ ଗୋଟିଏ ବିଭାଗରୁ ଅନ୍ୟ ବିଭାଗକୁ ପଠାଇ ଏହାର ଅବମାନନା କରିଛନ୍ତି । ଚିତ୍ରଟି ଯଦି ସେମାନଙ୍କର ପସନ୍ଦ ନ ହୋଇଛି, ତେବେ ସେମାନେ ଚିତ୍ରଟିକୁ ଦେଖି ଆଖି ବନ୍ଦ କରି ଦେଇଥିଲେ କାହାରି କିଛି କହିବାର ନ ଥିଲା । କିନ୍ତୁ ଏହି ଚିତ୍ର ସମ୍ପୃକ୍ତ ଘଟଣାଟି ପ୍ରତି ଏପରି ଅବମାନନା କେବେ କ୍ଷମଣୀୟ ନୁହେଁ । ମୋର ଆଦେଶ, ଯେଉଁମାନେ ଏଥିପାଇଁ ଦାୟୀ ସେମାନଙ୍କ ବିରୁଦ୍ଧରେ ଉଚିତ କାର୍ଯ୍ୟାନୁଷ୍ଠାନ କରାଯାଉ ଓ ପତ୍ରିକାଟିର ମୁକ୍ତ ପ୍ରସାରଣ ପାଇଁ ଏହାକୁ ଛାଡ଼ି ଦିଆଯାଉ ।

ଏପିଲୋଗ୍ (Epilogue)
(ଏକ ସମ୍ବାଦ)

୧୯୯୨ ଅଗଷ୍ଟ ପହିଲାରେ "ବିଶ୍ୱ ସ୍ତନ୍ୟପାନ ଦିବସ" ପାଳନ ଅବସରରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସମ୍ମିଳନୀରେ ବିଭିନ୍ନ ରାଜ୍ୟର ପ୍ରାୟ ଚାରିଶହ ବିଶିଷ୍ଟ ଶିଶୁରୋଗ ଚିକିତ୍ସକ, ପୁଷ୍ଟିସାରବିତ୍, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ପ୍ରସୂତି ବିଜ୍ଞାନୀ, ସ୍ତ୍ରୀରୋଗ ବିଶେଷଜ୍ଞ ଓ ପଥ୍ୟବିତ୍‌ମାନେ ଆଲୋଚନା କରି ମାତୃସ୍ତନ୍ୟପାନର ବିଭିନ୍ନ ଦିଗ ଉପରେ ବ୍ୟାପକ ଆଲୋକପାତ କରିଥିଲେ । ଶିଶୁମାନଙ୍କୁ ୪ ରୁ ୬ ମାସ ବୟସ ମଧ୍ୟରେ କେବଳ ମା' କ୍ଷୀର ପ୍ରଦାନ କରାଯିବାର ଗୁରୁତ୍ୱ ଉପରେ ସେମାନେ ବିଶେଷ ଧ୍ୟାନ ଦେଇଥିଲେ ।

ଅନ୍ତିମ ବାଣୀ

ଯେତେବେଳେ ଦିଲ୍ଲୀରେ ଔରଙ୍ଗଜେବ୍‌ଙ୍କ ଶାସନ ଚାଲିଥିଲା ଓ ରାଜସ୍ଥାନର ବହୁ ରାଜ୍ୟର ଦୁର୍ଗଶିଖରରେ ସ୍ୱାଧୀନତାର ପତାକା ସଗୌରବେ ଉତ୍ତୋଳିତ ରହିଥିଲା, ଦେଶର ସେଇ ସନ୍ଧିକ୍ଷଣରେ ଏଇ ରୋମାଞ୍ଚକର ଘଟଣାଟି ଘଟିଥିଲା, ଯାହା କ୍ରମେ ଏକ ଉପାଦେୟ ଗଳ୍ପର ସମ୍ମାନଲାଭ କରିଆସିଛି । ବିକାନିର୍ ରାଜ୍ୟର ଜଣେ ସର୍ଦ୍ଦାର ରାଜମୋହନ୍ ସିଂ । ପ୍ରଚଳିତ ପ୍ରଥା ଅନୁଯାୟୀ ସେ ରାଣାଙ୍କର ଜଣେ ଅତି ବିଶ୍ୱସ୍ତ ତଥା ଦକ୍ଷ ସର୍ଦ୍ଦାର୍‌ର ଆସନ ଅଳଂକୃତ କରିଥିଲେ । ସର୍ଦ୍ଦାରଙ୍କ ନିଜର ପରିବାର ଅର୍ଥାତ୍ ପୁତ୍ରକନ୍ୟାମାନଙ୍କ ମଧ୍ୟରେ କନ୍ୟା ମୃଦୁଳା ରାଜପୁତ ଲଳନାମାନଙ୍କ ମର୍ଯ୍ୟାଦା ରକ୍ଷାକରି ସର୍ବଗୁଣସମ୍ପନ୍ନା ହୋଇଥିଲା । ସାଧାରଣ ଶିକ୍ଷା ସହିତ ରାଜପୁତମାନଙ୍କ ଜନ୍ମଗତ ଦୀକ୍ଷା, ଅସ୍ତ୍ରଶସ୍ତ୍ରଚାଳନା, ଅଶ୍ୱାରୋହଣ ଓ ସମତୁଲ ଅନ୍ୟ କର୍ମମାନଙ୍କରେ ପ୍ରବୀଣା ହୋଇପାରିଥିଲା । ଏଥିରେ ରାଣା ଅବଶ୍ୟ ଉତ୍ଫୁଲ୍ଲିତ ହୋଇ ଉଠୁଥିଲେ, କିନ୍ତୁ ରାଣୀଙ୍କର ମନ ପ୍ରାୟ ଆତଙ୍କଗ୍ରସ୍ତ ହୋଇ ଉଠୁଥିଲା । ସେଦିନ ମାତାଙ୍କର କୋଳାଗତା ହୋଇ ମୃଦୁଳା କହିଲା—ତୁମେ ଯଦି ମୋ' ପାଇଁ ଚିନ୍ତାକରି ନିଜକୁ ଏମିତି କଷ୍ଟଦେବ ମା' ତେବେ ମୁଁ ଆଜ ଏଇ ମୁହୂର୍ତ୍ତିରୁ ନିୟମକରି କହୁଚି-ଖଡ୍‌ଗ ଧରିବିନାହିଁ, ଢାଲ-ଛୁଇଁବି ନାହିଁ, ଧନୁରେ ତୀରଚାଳନା କରିବି ନାହିଁ, ଘୋଡ଼ା ଚଢ଼ିବି ନାହିଁ—ଏସବୁ କିଛି-କିଛି-କିଛି କରିବି ନାହିଁ । ସେଇ ସଙ୍ଗେ ସଙ୍ଗେ କିନ୍ତୁ ମୁଁ ଏକଥା କହିରଖୁଚି ଯେ ମୋର ଏଇସବୁ ଗୁଣ ଯଦି ବଞ୍ଚିରହେ, ମୁଁ ଦିନେ ଏ ରାଜପୁତ ବଂଶର ମାନସମ୍ମାନ ରକ୍ଷାକରି ପାରିବି । ପୁଣି ଦେଖ ମା, ଆମେ ତମର ଦୁଇଝିଅ—ମୁଁ ସାନ । ତମର ବଡ଼ ଝିଅ—ମୋର ବଡ଼ ଭଉଣୀ ମୀରା । ତା'ରି ଆଗ୍ରହରେ ମୁଁ ଏ ବାଟରେ ପାଦ ଥୋଇଚି । ତୀରଚାଳନା କରୁଥିଲାବେଳେ ମୁଁ ଯଦି ଲକ୍ଷ୍ୟଭେଦ କରିପାରିଲି, ତା'ହେଲେ ସେ ମୋତେ କୋଳରେ ଧରି ସ୍ନେହ ଆଦର କରିବ । ମୁଁ ଅଶ୍ୱଚାଳନା କରି ଫେରିଆସିବାବେଳେ କୋଉଠି ଯଦି ମୁଁ ଟିକେ ଧିମେଇ-ଯାଇଥିବ ତେବେ ମୋ' କାନଧରି କହିବ—ଉଁ ହୁଁ ହେଲାନି, ଯା' ଗଡବଢ଼େଇ ଆଉଥରେ ବୁଲିଆ । ତମେ ତ ମା' ଏ ସବୁକଥା ଜାଣ···ମା'ଙ୍କର ଆଖି ଛଳ ଛଳ ହୋଇଆସିଲା, କହିଲେ—ହଁ ଲୋ ଝିଅ, ମୁଁ ସବୁ ଜାଣେ ସବୁ ବୁଝିଚି । ଏଇ ଦେଖ୍

ତୋ' କଥା ଶୁଣି ଗର୍ବରେ ଆଖି ମୋର କେମିତି ଛଳ ଛଳ ହୋଇ ଉଠୁଚି । ଆଜଠୁ ମୋ' ମନରୁ ସବୁ ଚିନ୍ତା, ସବୁ ଆଶଙ୍କା ପୋଛିଦେଲି । ···ତା'ପରେ ମୃଦୁଲାର ଲବଣ୍ୟ ଭରା ମୁହଁଟିକୁ ଦୁଇ ପାପୁଲିରେ ତୋଲିଧରି କପୋଳ ଚୁମ୍ବନକରି କହିଲେ—ତୁ ତ ଦେବୀ ଭଗବତୀଙ୍କ ଭକ୍ତ, ତାଙ୍କ ମନ୍ଦିରକୁ ଯାଉଚୁ, ମୋର ଆଉ ଚିନ୍ତା କ'ଣ !

ଭଗବତୀଙ୍କ ମନ୍ଦିର ହେଉଚି ଗଡ଼ ତଥା ନଗରର ବାହାରେ—ସର୍ଦ୍ଦାରଙ୍କ ପ୍ରାସାଦରୁ ବେଶ୍ କିଛି ଦୂରରେ । ରାଜପୁତନାର ପ୍ରାୟ ପ୍ରତ୍ୟେକ ରାଜବଂଶ ଏଇପରି ଦେବୀମନ୍ଦିରମାନ ପ୍ରତିଷ୍ଠା କରିଚନ୍ତି । ରାଜପୁତନାର ଉଷ୍ଣ ଜଳବାୟୁରେ ପରିପୁଷ୍ଟା ସର୍ଦ୍ଦାର ମନମୋହନ ସିଂଙ୍କ ଊନବିଂଶ ବର୍ଷୀୟା କନ୍ୟା ମୃଦୁଲାର ରୂପଲାବଣ୍ୟ ଯେପରି ଏକ ଦେବକନ୍ୟା ନିନ୍ଦିତ ସ୍ତରରେ ପହଞ୍ଚିପାରିଛି । ପିତାମାତା ଓ ପରିବାରବର୍ଗଙ୍କ ସ୍ନେହବନ୍ଧନ ତଥା ଅସ୍ତ୍ରଶସ୍ତ୍ର ପ୍ରତି ତାର ତରୁଣ ସୁଲଭ ଆକର୍ଷଣର ବାହାରେ, ମୃଦୁଲା ଦେବୀ ଭଗବତୀଙ୍କ ପ୍ରତି ଭକ୍ତି ବନ୍ଧନରେ ବାନ୍ଧିହୋଇ ପଡ଼ିଚି । ଏପରି ଏକ ସର୍ବଗୁଣ ସମ୍ପନ୍ନା ଦୁହିତାର ଜନକ ଜନନୀ ବୋଲି ସର୍ଦ୍ଦାର ଦମ୍ପତି ନିଜକୁ ଧନ୍ୟ ମନେ କରୁଥା'ନ୍ତି ।

ମୃଦୁଲା ପ୍ରାୟ ପ୍ରତ୍ୟେକଦିନ ଭଗବତୀ ମନ୍ଦିରକୁ ଯାଏ—ଶିବିକାରେ ନୁହେଁ, ଅଶ୍ୱାରୋହଣ କରିଯାଏ । ପୁଣି ମନ୍ଦିର ଗଲାବେଳେ ଅଶ୍ୱର ଗତି ତୀବ୍ର ନଥାଏ—ପହୁଣ୍ଡ ବା କଦମ୍ ପକାଇଯାଏ । ସାଥିରେ ଶିବିକାରେ ବସିଯାଏ ତା'ର ଅନ୍ତରଙ୍ଗ ସହଚରୀ ପଲ୍ଲବୀ । ···ପ୍ରତିଦିନ ପରି ସେଦିନ ପ୍ରାତଃକାଳରେ ମୃଦୁଲା ମନ୍ଦିରକୁ ଗଲା । ରକ୍ଷୀ ଯଥାସ୍ଥାନରେ ନେଇ ଘୋଡ଼ାଟିକୁ ବାନ୍ଧିଲା । ମନ୍ଦିର ଭିତରେ ମୃଦୁଲା ପୂଜା ଅର୍ଚ୍ଚନା ଆଦି ଶେଷକଲା । ମନ୍ଦିରକୁ ଆସିବା ପୂର୍ବରୁ ସେ ପ୍ରାସାଦରେ କିଛି ପ୍ରାତଃଭୋଜନ କରିନଥାଏ । ମନ୍ଦିରରେ ପୂଜା ଅର୍ଚ୍ଚନା ଶେଷପରେ ଯାହା କିଛି ପ୍ରସାଦ ସେବନ କରେ । ସେଦିନ ପ୍ରସାଦ ସେବନ କରି ବାହାରକୁ ଆସିଲା । ଘୋଡ଼ା ଯଥାସ୍ଥାନରେ ରହିଚି । ସେ ଘୋଡ଼ାରେ ବସିଲା । ଘୋଡ଼ା ମନ୍ଦଗତିରେ କଦମ୍ ପକାଇ ଯିବାର କଥା । କିନ୍ତୁ ସେଦିନ ଘୋଡ଼ା କିଛି ଆକଟ ବା ଶାସନ ନ ମାନି, ଉଆସକୁ ନ ଫେରି ଅନ୍ୟଦିଗକୁ ତୀବ୍ର ଗତିରେ ଯାଇ କେଉଁଆଡ଼େ ଅଦୃଶ୍ୟ ହୋଇଗଲା । ସହଚରୀ ପଲ୍ଲବୀ ଓ ଅନ୍ୟମାନେ ହତବାକ୍ ହୋଇ ରହିଥା'ନ୍ତି । ସେମାନେ ଯେତେ ଚଞ୍ଚଳ ପାରନ୍ତି ଏ ଦୁଃସମ୍ବାଦ ଦେବାପାଇଁ ଉଆସକୁ ଫେରିଲେ । ···ଏଣେ ମୃଦୁଲା ସେମିତି ଅଶ୍ୱ ଉପରେ ବସିଚି । ଅଶ୍ୱ ସେମିତି ତୀବ୍ର ଗତିରେ ଛୁଟୁଚି—ସେ କିଛି ବୁଝି ବାଟ ଖୋଜି ପାଉନି । ଅଶ୍ୱକୁ ଅଟକାଇବା ପାଇଁ ତା'ର ସମସ୍ତ ଚେଷ୍ଟା ବିଫଳ ହେଲାଣି । ଭାବିଲା ସେ ତଳକୁ ଡେଇଁପଡ଼ିବ । କିନ୍ତୁ ସାହସ କୁଳେଇଲା ନାହିଁ । ତା'ର ଯେଉଁ ପ୍ରିୟ ଅଶ୍ୱଟି ସବୁଦିନେ ସୁବୋଧ ପ୍ରାଣୀଟି ପରି

ତା'ର କଥା ମାନ ଆସିଚ ଆଜ କାହିଁକ ସେ ଏପର ବିପରୀତ ବୁଦ୍ଧି ଧରଲ ସେକଥା ମୃଦୁଲା କଛୁ ବୁଝିପାରୁନ । ଏହା କ'ଣ ତା' ଭାଗ୍ୟର ବଡ଼ମ୍ବନା ? ...ନା' ବଡ଼ମ୍ବନା ନୁହେଁ । ମୃଦୁଲା କେମିତି ଜାଣିବ ଯେ, ସେ ସେଦନ ଯେଉଁ ଅଶ୍ୱ ଉପରେ ବସିଚ, ସେଇଟି ତା'ର ଅଶ୍ୱ ନୁହେଁ, ଅଥଚ ଠିକ୍ ସେଇ ରଙ୍ଗ, ସେଇ ଆକାର ପ୍ରକାର, ସେଇ ଲଗାମ୍, ସେଇ ସାଜ ସେଇ ଜନ୍ ! କଛୁ ପଥ ଅତିକ୍ରମ କର ଗଲାପରେ କ'ଣ ଭାବ କେଜାଣି ମୃଦୁଲା ପଛକୁ ଫେରିଚାହିଁ ଦେଖିଲା, ତିନଜଣ ମୋଗଲ ଅଶ୍ୱାରୋହୀ ତାର ପିଛାଧର ଆସୁଚନ୍ତି । ଏଇଠି ସେ ଆହୁର ଭ୍ରମ, ଅ:ହୁର ଦ୍ୱନ୍ଦ୍ୱରେ ପଡ଼ିଲା । କ'ଣ କରବ ସେ ? ପୁଣି ଟିକଏ ପଛକୁ ଚାହିଁ ଦେଖିଲା, ମୋଗଲ ଅଶ୍ୱାରୋହୀମାନେ ତାର ପ୍ରାୟ ପଛକୁ ଲଗିଆସି ତାକୁ ଯେପର ଜଗି ଜଗି ବାଟ କଢ଼େଇ ନଉଚନ୍ତି ! ତା' ହେଲେ ଏ ଘଟଣା ପଛରେ କ'ଣ କଛୁ ଚକ୍ରାନ୍ତ ରହିଚ ! ତା'ର ନଜର ଘୋଡ଼ା ତା' କଥା ମାନୁନାହିଁ, ଏହା କ'ଣ ଏକ ଯାଦୁଖେଳ ! ସେ ଏପର ତୀବ୍ରଗତିରେ ଯାଉଛୁ ଯେ ବେଲେବେଲେ ତା'ର ଆଖି ଝାପ୍‌ସା ହେଇଯାଉଚ—ସେ ଜାଣିପାରୁନାହିଁ ସେ କୁଆଡ଼େ ଯାଉଚ—ହିଁ, ସେ ଜାଣି ପାରୁନାହିଁ ଯେ ସେ ବର୍ତ୍ତମାନ୍ ବିକାନର ରାଜ୍ୟର ସୀମା ପାରହୋଇ ଆସିଲାଣି । ଏତିକବେଳେ ତା' ପଛରେ ଆସୁଥିବା ତନଜଣ ଅଶ୍ୱାରୋହୀଙ୍କ ଭିତରୁ ଜଣେ ବାହାରଯାଇ ତା'ର ସମ୍ମୁଖରେ ତାକୁ ଯେପର ବାଟ କଢ଼େଇ ଚାଲିଲା । ଅନ୍ୟ-ଦୁଇଜଣ ତା'ର ଦୁଇପାଖରେ ତାକୁ ଜଗି ଜଗି ଚାଲିଚନ୍ତି । ସମସ୍ତେ ସଶସ୍ତ୍ର । ବୁଦ୍ଧିମତୀ ମୃଦୁଲା ଏବେ ବୁଝିପାରଲା ବର୍ତ୍ତମାନ ତା'ର ରାଜ୍ୟ ସୀମାର ବାହାରେ ତାକୁ ବନ୍ଦନୀ ଅବସ୍ଥାରେ ଅପହରଣ କର ନଆଯାଉଚ । ଆଉ କଛୁ ଦୂର ଗଲାପରେ ସେମାନେ ଏକ ମୋଗଲ ଶିବିରରେ ପହଞ୍ଚିଲେ । ସେଇଠି ତା'ର ଘୋଡ଼ା ଅଟକଲା ଓ ତାକୁ ଶିବିରର ମୋଗଲ ସେନାପତିଙ୍କ ସମ୍ମୁଖରେ ଉପସ୍ଥିତ କରଗଲା । ଅନ୍ୟ କଛୁ ପ୍ରସଙ୍ଗ ପୂର୍ବରୁ ତାକୁ ବୁଝାଇ ଦଆଗଲା ଯେ, କପଟ କୌଶଳକ୍ରମେ ତା' ଘୋଡ଼ା ସ୍ଥାନରେ ଠିକ୍ ଅବିକଳ ସେଇପର ଏମାନଙ୍କର ଏକ ଘୋଡ଼ାକୁ ସେଠି ରଖାଯାଇଥିଲା ଓ ସେଇ ଘୋଡ଼ା ତାକୁ ଆଣି ଏଠି ପହଞ୍ଚାଇଚ । ସେ ବର୍ତ୍ତମାନ ମୋଗଲ ସେନାପତିଙ୍କ ବନ୍ଦନୀ । ଏହାପରେ ତାକୁ ଦୁଇଜଣ ସେବକାଙ୍କ ସହ ଏକ ଅଜ୍ଞାତସ୍ଥାନକୁ ପଠାଇ ଦଆଗଲା । ଏଇ ଶିବିରରେ ଯୋଉ ମୋଗଲ ସେନାପତି ଅଛନ୍ତି, ସେ ପରୋକ୍ଷରେ ହେଲେ ବି ଏଇ ଘଟଣା ସହିତ ଜଡ଼ିତ । ସେଇ ଅଞ୍ଚଳରେ ଏକ ସାଧାରଣ ପରିବାରରେ ଜଣେ ଅପରୂପା ମୁସଲମାନ ଯୁବତୀ ଥିଲେ । ସେ ଅବିବାହିତା । ଏଇ ମୋଗଲ ସେନାପତି—ପୁଣି ଔରଙ୍ଗଜେବଙ୍କ ରାଜଦ୍ୱର ସେନାପତି ! ସେ ଯୋଉ ଅଞ୍ଚଳରେ ରହୁଥିଲେ ସେ ସମଗ୍ର ଅଞ୍ଚଳ ଉପରେ ତାଙ୍କର ପ୍ରଭାବ ରହିବା ସ୍ୱାଭାବିକ । ସେ ମୁସଲମାନ ଯୁବତୀଟି

ତାଙ୍କ ଦୃଷ୍ଟିକୁ ଆସିଚ । ତାକୁ ଦେଖି ସେ ବିମୋହିତ ହୋଇଛନ୍ତି । କିନ୍ତୁ ଉକ୍ତର ମଧ୍ୟବୟସ୍କ ସେନାପତି ଜଣେ ସତରବର୍ଷ ବୟସ୍କା ଯୁବତୀଟି ସହିତ ବିବାହପ୍ରସ୍ତାବ ବାଢ଼ିବା ପାଇଁ ହୁଏତ କୁଣ୍ଠାବୋଧ କଲେ । କିନ୍ତୁ ଯୁବତୀଟିକୁ ଯେକୌଣସି ଉପାୟରେ ତାଙ୍କ ହାରେମ୍‌କୁ ଆଣିବାକୁ ହେବ । ସେଥିପାଇଁ ତାଙ୍କ ଅଧୀନସ୍ଥ ଜଣେ ଭୃତ୍ୟ—ବିବାହ ପାଇଁ ଯିଏ ସମ୍ପୂର୍ଣ୍ଣ ରୂପେ ଅପାତ୍ର—ତା'ର ସହିତ ଯୁବତୀଟିର ବିବାହ କରାଇବା ପାଇଁ ସେ ମନସ୍ଥ କଲେ । ତାଙ୍କର ଉଦ୍ଦେଶ୍ୟ ଥିଲା, ବିବାହ ପରେ ଯୁବତୀଟି ଏହି ଅପାତ୍ରଟିକୁ ତଲାକ୍ ଦେଇ ତାଙ୍କୁ ବିବାହ କରି ତାଙ୍କ ହାରେମ୍‌କୁ ଆସିବ । କିନ୍ତୁ ଯୁବତୀଟି ତାଙ୍କ ସମ୍ପ୍ରଦାୟର ଜଣେ ଉପଯୁକ୍ତ ଯୁବକ ସହିତ ପ୍ରେମରେ ଆବଦ୍ଧ ଥିଲା । ସେମାନଙ୍କର ପରିବାର ସେନାପତିଙ୍କର ଏହି ହୀନ ଚକ୍ରାନ୍ତର ସନ୍ଧାନ ପାଇ, ଗୋପନରେ ସେ ଦୁହିଁଙ୍କର ବିବାହ କରାଇ ବିକାନୀର ପଠାଇଦେଲେ । ଯୁବକଟି ବିକାନୀର ରାଣାଙ୍କ ଶରଣାଗତ ହୋଇ, ତାଙ୍କୁ ସମସ୍ତ କଥା ଜଣାଇ ବିକାନୀର ରାଜ୍ୟରେ ଆଶ୍ରୟ ଭିକ୍ଷା କଲା । ରାଣା ତାକୁ ଆଶ୍ରୟ ତ ଦେଲେ, ସେଇ ସଙ୍ଗେ ସଙ୍ଗେ ତାଙ୍କୁ ବିକାନୀର ସୈନ୍ୟବାହିନୀରେ ଭର୍ତ୍ତି କରାଇଦେଲେ । ଏହାପରେ ଏହି ନବଦମ୍ପତି ବିକାନୀର ରାଜ୍ୟରେ ବସବାସ କରି ରହିଲେ ।

ବହୁ ଅନୁସନ୍ଧାନ ପରେ ସେନାପତିଙ୍କ ଈପ୍‌ସିତ ଯୁବତୀଟିର ସମସ୍ତ ତଥ୍ୟ ତାଙ୍କ ଦୃଷ୍ଟିକୁ ଆସିଲା । କ'ଣ କରିବେ ସେ ! ବିକାନୀର ଆକ୍ରମଣ କରିବେ ? ନା, ଏ ଦୁଃସାହସ ସେ କରିପାରିଲେ ନାହିଁ । ମାତ୍ର ଯୁବତୀଟି କିପରି ବିକାନୀର ରାଜ୍ୟରୁ ଉଦ୍ଧାର ପାଇ ତାଙ୍କ କବଳକୁ ଆସିବ ସେଇ ସୁଯୋଗର ଅପେକ୍ଷାରେ ରହିଲେ । ଆଜି ସେଇ ସୂତ୍ରରୁ ହିଁ ରାଣାଙ୍କ ଅତି ବିଶ୍ୱସ୍ତ ସର୍ଦ୍ଦାର ରାଜମୋହନ ସିଂଙ୍କ କନ୍ୟା ମୃଦୁଲାକୁ ସେ ବନ୍ଦିନୀ କରି ରଖିଛନ୍ତି ।

ବନ୍ଦିନୀ ମୃଦୁଲା । 'ରମ୍ୟନିବାସ' ନାମରେ ଏକ ମନୋହର ବାସଗୃହରେ ସେ ବନ୍ଦିନୀ ହୋଇ ରହିଚି । ତା'ର ସେବା ପାଇଁ ହିନ୍ଦୁ ପାଚକ ଓ ବହୁସଂଖ୍ୟାରେ ପରିଚାରିକା ନିଯୁକ୍ତ ହୋଇଚନ୍ତି । ତା'ର ପୂଜା ଆରାଧନା ପାଇଁ ସମସ୍ତ ସୁବନ୍ଦୋବସ୍ତ କରାଯାଇଛି । କିନ୍ତୁ ଏହି ବନ୍ଦୀଶାଳାରୁ ଲେଶମାତ୍ର କିଛି ସୂଚନା ଯେପରି ବାହାରକୁ ଯାଇ ନପାରିବ କିମ୍ବା ବାହାରର ଲୋକ କେହି ଭିତରକୁ ଆସି ନପାରିବେ ସେଥିପାଇଁ ଦୁର୍ଦ୍ଧର୍ଷ ମୋଗଲ ସୈନିକମାନଙ୍କୁ ନିଯୁକ୍ତ କରାଯାଇଛି ।···

ବିଚ୍ଚାରି ମୃଦୁଲା । ସେ କିଛି ବୁଝିପାରୁନାହିଁ । ତାକୁ କାହିଁକି ଦେବୀ ଭଗବତୀଙ୍କ ମନ୍ଦିର ପରିସରରୁ ଏକ ଚମତ୍କାର ପ୍ରଣାଳୀରେ ଅପହରଣ କରାଯାଇ ଏଠି ଏ ସୁରମ୍ୟ ଅଟ୍ଟାଳିକାରେ ରଖାଯାଇଛି ଓ ତା'ପାଇଁ ଏପରି ରାଜକୀୟ ଉପଚାରମାନ

ଖଞ୍ଜାଯାଇଛି । ସେ ଏଥିରୁ କିଛି ସୂତ୍ର ଖୋଜି ବାହାର କରିପାରୁନ । ସବୁ ଯେପରି ଏକ ଯାଦୁବିଦ୍ୟାର କାହାଣୀ—ଏକ ପ୍ରହେଳିକା ! ପ୍ରାୟ ଦୁଇ ତିନି ଦିନ ପରେ ସେନାପତିଙ୍କର ଏକ ଚର ରମ୍ୟ ନିବାସକୁ ଆସିଲା । ମୃଦୁଳା ନିକଟକୁ ବାର୍ତ୍ତା ପ୍ରେରଣ କରାଗଲା । ଉତ୍ତର ଆସିଲା ସର୍ଦ୍ଦାର ଦୁହିତା ସେତେବେଳେ ଧ୍ୟାନରତା । ପ୍ରାୟ ଦୁଇଘଣ୍ଟା ଅପେକ୍ଷା କଲାପରେ ଚରକୁ ଅନ୍ଦରମହଲକୁ ନିଆଗଲା । ଏକ ସୂକ୍ଷ୍ମ ଜାଲିପରଦା ସେପାଖରେ ମୃଦୁଳା—ଏପାଖରେ ସେନାପତିଙ୍କ ଚର । ମୃଦୁଳାକୁ ଯଥାବିଧି ସମ୍ମାନ ଜଣାଇ ଚର କହିଲେ—ମୁଁ ସେନାପତିଙ୍କ ନିକଟରୁ ଆସିଛି । ଆପଣଙ୍କ ଅନୁମତି ପାଇଲେ···ବାଧାଦେଇ ମୃଦୁଳା କହିଲା—ମୋ ଠାରୁ କୌଣସି ଅନୁମତି ବା ଉତ୍ତର ଆଦିକୁ ଅପେକ୍ଷା ନକରି ଆପଣଙ୍କର ମୋତେ ଯାହା କହିବାକୁ ଅଛି କହିଯା'ନ୍ତୁ ।···କିଛିଟା ପରେ ଚର କହିଲେ—ଅନଓ୍ୱାର୍ ହୁସେନ୍, ଆମ ଏ ଅଞ୍ଚଳର ଜଣେ ଯୁବକ, ସେ ଏଇଠିକାର ଜଣେ ଯୁବତୀକୁ ବିବାହ କଲା । ବିବାହ ପରେ ପରେ ସେ ଗୋପନରେ ଏଠୁ ତା' ସ୍ତ୍ରୀକୁ ନେଇ ବିକାନିର ଗ୍ଲଲିଗଲା । ସେଠି ମହାମାନ୍ୟରାଣୀ ତାକୁ ଆଶ୍ରୟ ଦେଲେ, ସେ ପୁଣି ବିକାନିର ସୈନ୍ୟବାହିନୀରେ କାମ କରୁଛି । ଏଥିରେ ଆମର କାହାର କିଛି କହିବାର ନ ଥିଲା । କିନ୍ତୁ ସେ ଯିବା ପୂର୍ବରୁ ସେନାପତିଙ୍କ ନିକଟରେ ଏମିତି ଗୁରୁତର ଅପରାଧ କରିଛି ଯେଉଁଥିପାଇଁ ତା'ର ଏଠି ବିଗ୍ଲର ହେବାକଥା । ଅନଓ୍ୱାରକୁ ଛାଡ଼ିଦେବାପାଇଁ ଆମ ସେନାପତି ବିକାନିର ସେନାପତିଙ୍କୁ ଅନୁରୋଧ କରି ପତ୍ର ଲେଖିଥିଲେ । କିନ୍ତୁ କିଛି ଫଳ ହେଲାନି । ଆପଣଙ୍କୁ ବନ୍ଦିନୀ କରି ଏଠି ରଖାଯାଇଛି, ଏଥିପାଇଁ ଆମ ସେନାପତିଙ୍କ ମନରେ ବହୁତ ଦୁଃଖ । ଆମେ ଆପଣଙ୍କୁ ଛାଡ଼ିଦେବୁ—କିନ୍ତୁ ଏଇ ସର୍ତ୍ତରେ ଯେ, ମହାମାନ୍ୟରାଣୀ, ଅନଓ୍ୱାର୍ ହୁସେନ୍ ଓ ତା' ସ୍ତ୍ରୀକୁ ଆମ ଜିମାରେ ଦେଇଦେବେ । ଏଥିରେ ଆପଣଙ୍କ ସମ୍ମତି ପାଇଲେ ଆମେ ବିକାନିର ଦୂତ ପଠାଇବୁ । ଉତ୍ତରରେ ମୃଦୁଳା ମାତ୍ର ଏତିକି କହିଲା—ପଠାନ୍ତୁ ।

ବିକାନିରରେ ମୋଗଲ ସେନାପତିଙ୍କ ଦୂତ ଯାଇ ପହଞ୍ଚିଲା । ରାଣୀଙ୍କୁ ସବୁକଥା ଜଣାଇ ଦିଆଗଲା । ରାଣୀ ପ୍ରାୟ ଉତ୍ତେଜିତ ଅବସ୍ଥାରେ ମୋଗଲ ସେନାପତିଙ୍କ ସର୍ତ୍ତକୁ ଅସ୍ୱୀକାର କଲେ । ସେ କହିଲେ—ମୁଁ ଜାଣେ, ଏ ସେନାପତିଟା ଗୋଟିଏ ଲମ୍ପଟ, ସ୍ୱୈରୀ, ଚରିତ୍ରହୀନ ଲୋକ । ଅନଓ୍ୱାର୍ ହୁସେନ୍‌କୁ ଆମେ ଛାଡ଼ିଦେଲେ ସେ ଆଉ ଜୀବନରେ ରହିବ ନାହିଁ—ତା'ର ସ୍ତ୍ରୀ ଚରମ ଦୁର୍ଦ୍ଦଶା ଭୋଗିବ । ସେନାପତି ଯେବେ ମୃଦୁଳାକୁ ବିନା ସର୍ତ୍ତରେ ଛାଡ଼ି ନ ଦିଏ, ତେବେ ମୁଁ ତା ଶିବିର ଉପରେ ଆକ୍ରମଣ କରିବି । ସେଠି ସର୍ଦ୍ଦାର ବ୍ରଜମୋହନ ଉପସ୍ଥିତ

ଥିଲେ । ଏକଥା ଶୁଣି ସେ କାନ୍ଦି କାନ୍ଦି ରାଣାଙ୍କ ପାଖରେ ନିବେଦନ କଲେ— ଆମେ ଯଦି ଶିବିର ଆକ୍ରମଣ କରିବା ତା'ହେଲେ ମୃଦୁଳା ଆଉ ଜୀବନରେ ରହିବ ନାହିଁ । ସେମାନେ ତାକୁ ମାରିଦେବେ । ତୁମ୍ଭେ ତ ନିଜେ ମୋ ମୃଦୁଳାକୁ ନିଜ ଝିଅଠୁ ବଳି ବେଶୀ ସ୍ନେହ ଆଦର କରନ୍ତି । ଖାଲି ରୂପରେ ନୁହେଁ, ମୃଦୁଳା ମୋର ସବୁଠୁ ଗୁଣବତୀ ଝିଅ । ତାକୁ ହରାଇଲେ ଆମ ପରିବାର ଏକାବେଳେକେ ଧ୍ୱଂସ ପାଇଯିବ । ...ରାଣା ବୁଝିପାରିଲେ ସର୍ଦ୍ଦାର ଯାହା କହୁଚନ୍ତି ତାକୁ ଅସ୍ୱୀକାର କରିହେବ ନାହିଁ । ତା'ପରେ ବିକାନିର ରାଜପୁରୁଷମାନଙ୍କ ସହିତ ବହୁ ବିଚାର ଆଲୋଚନା ତଥା ଆଶଙ୍କା ଓ ପ୍ରତୀକ୍ଷା ପରେ ଏଇ ସିଦ୍ଧାନ୍ତରେ ସେମାନେ ପହଞ୍ଚିଲେ ଯେ, ରାଣା ସେନାପତିଙ୍କ ସର୍ତ୍ତ ମାନିନେବେ । ମୃଦୁଳା ମୁକ୍ତ ହୋଇ ଘରକୁ ଫେରିବ । ସର୍ଦ୍ଦାର ଆନନ୍ଦରେ ଆତ୍ମହରା ହୋଇ ରାଣାଙ୍କ ପାଦ ସ୍ପର୍ଶ କଲେ । ପାଦ ସ୍ପର୍ଶ କରି କହିଲେ—ମୃଦୁଳା ଫେରିଲେ ଭଗବତୀ ମନ୍ଦିରରେ ମହୋତ୍ସବ ହେବ । ମତେ ଏବେଠୁ ହୁକୁମ୍ ହେଉ ପ୍ରଭୁ, ମୁଁ ସେଦିନ ମନ୍ଦିରରେ ତୁମ୍ଭଙ୍କୁ ନିଜ ହାତରେ ପ୍ରସାଦ ପରିବେଷଣ କରିବି । ...ଜୟ ଚନ୍ଦ୍ର ମଲ୍ଲ, ସେ ସର୍ଦ୍ଦାରଙ୍କ ବନ୍ଧୁ, ପୁଣି ମୋଗଲ ସେନାପତିଙ୍କ ବନ୍ଧୁ । ସେ ମଧ୍ୟସ୍ଥ ହୋଇ ସେନାପତିଙ୍କ ଶିବିରକୁ ଯାତ୍ରା କଲେ । ଶିବିରରେ ତାଙ୍କର ସେନାପତିଙ୍କ ସହିତ ଭେଟ ହେଲା । ସେନାପତିଙ୍କ ସର୍ତ୍ତ ସମ୍ପର୍କରେ ରାଣାଙ୍କର ନିଷ୍ପତ୍ତି ସେନାପତିଙ୍କୁ ଜଣେଇ ଦେଲେ । ଏଥିରେ ସେନାପତି ଆନନ୍ଦରେ ବିହ୍ୱଳିତ ହୋଇ ଜୟଚନ୍ଦ୍ରଙ୍କୁ ଆତିଥ୍ୟ ସତ୍କାର, ଏପରି ହର୍ଷ ଉଲ୍ଲାସ ସହକାରେ କରାଇଲେ ଯେ ଜୟଚନ୍ଦ୍ର ଏକାବେଳେକେ ଅଭିଭୂତ ହୋଇପଡ଼ିଲେ । ମୋଗଲ ସେନାପତି ତାଙ୍କର ପୁରାତନ ବନ୍ଧୁ । ଅତୀତରେ ସେ କେବେ ସେନାପତିଙ୍କଠାରୁ ଏଭଳି ମାନସମ୍ମାନ ସହ ଆତିଥ୍ୟ ଗ୍ରହଣ କରିଥିବା ତାଙ୍କର ସ୍ମରଣ ହେଉନାହିଁ । ତା'ପରେ ରମ୍ୟନିବାସକୁ ଯାଇ ତାଙ୍କର ଅତି ସ୍ନେହର ବନ୍ଧୁକନ୍ୟା ମୃଦୁଳାକୁ ଭେଟିଲେ । ତାକୁ କିଛି କହିବା ପୂର୍ବରୁ ତାଙ୍କର ଆଖିପତା ଓଦା ହୋଇଗଲା । କିନ୍ତୁ ମୃଦୁଳା ? ସେ ଟିକିଏ ବି ବିଚଳିତ ହୋଇନି । ବେଶ୍ ସୌମ୍ୟ, ଶାନ୍ତ ବଦନରେ ପିତୃବନ୍ଧୁଙ୍କୁ ପ୍ରଣତି ଜଣାଇ ତାଙ୍କର କୁଶଳ ସମାଚାର ପଚାରିଲା । ଜୟଚନ୍ଦ୍ର ଏଥିରେ ଯେ କେବଳ ବିସ୍ମିତ ହେଲେ ତା ନୁହେଁ, ତାଙ୍କ ବାକ୍‌ଶକ୍ତି ଯେମିତି ରୁଦ୍ଧ ହେଇଗଲା । ସେ ଆଶଙ୍କା କରୁଥିଲେ ତାଙ୍କୁ ଦେଖି ମୃଦୁଳା ହୁଏତ ଦୁଃଖ ଶୋକରେ ଭାଙ୍ଗିପଡ଼ି ଭୂଇଁରେ ଲୋଟି ପଡ଼ିଥା'ନ୍ତା । ଅଥଚ ପ୍ରଥମେ କଥା ଆରମ୍ଭ କଲା ମୃଦୁଳା । ସ୍ପଷ୍ଟ ଅବିଚଳିତ ଭାବରେ ସେ କହୁଚି—ଦେଖନ୍ତୁ ମଉସା, ମୁଁ ଏଠି ବେଶ୍ ଭଲରେ ଅଛି । ମତେ କୁହନ୍ତୁ, କୁଆଡ଼େ ଆପଣ ଆସିଲେ ? ...ମୃଦୁଳାର ଏ ଉତ୍ତରରେ ଜୟଚନ୍ଦ୍ରଙ୍କ ମନରେ ଚେତନା ଉଦୟ ହେଲା । ସେ ଅଧିକ ବିସ୍ମିତ ହୋଇ ମନେ ମନେ

ଚିନ୍ତାକଲେ ଯେ, ମୃଦୁଲା ଏପର୍ଯ୍ୟନ୍ତ ତା'ର ପିତାମାତାଙ୍କ ସମ୍ପର୍କରେ ତାଙ୍କୁ କିଛି ପଚାରିନି । ତା'ପରେ କିଛିଟା ସଙ୍କୋଚର ସହ ମୃଦୁଲାର ଏଠୁ ମୁକ୍ତି ପାଇବା ସମ୍ପର୍କରେ ମୋଗଲ ସେନାପତିଙ୍କ ସର୍ତ୍ତ ଓ ଏଥିରେ ରାଣା ଓ ସର୍ଦ୍ଦାରଙ୍କର ବିସ୍ମୟ ଓ ସିଦ୍ଧାନ୍ତ ସବୁ ସେ ମୃଦୁଲାକୁ ବୁଝାଇ ଦେଲେ । ସେ ଦେଖୁଚନ୍ତି ମୃଦୁଲାର ମୁଖମଣ୍ଡଳରେ କୌଣସି ବିପରୀତ ପ୍ରତିକ୍ରିୟା ନାହିଁ । ସେ ମନେ ମନେ ନିଶ୍ଚିନ୍ତ ହେଲେ ଯେ, ତାଙ୍କର ଏଠିକି ଯାତ୍ରା ସଫଳ ହୋଇଚି । ଟିକେ ରହି ସେ ମୃଦୁଲାକୁ ପଚାରିଲେ—କହ ମା' ତୋର ଏଥିରେ କ'ଣ କହିବାର ଅଛି, କହ । ...ମୃଦୁଲା ସେମିତି ଶାନ୍ତ ନିଥର ଗଳାରେ ତା'ର ସଂକ୍ଷିପ୍ତ ଉତ୍ତର ଦେଲା—ମୁଁ ରାଜି । ଜୟମଲ୍ଲ ହସହସ ମୁହଁରେ ମୃଦୁଲାର ମଥା ଆଉଁସିଦେଇ କହିଲେ—ମୁଁ ଖୁସି ମା', ଖୁବ୍ ଖୁସି । ମୁଁ ଯାଉଚି, ସେନାପତିଙ୍କ ସହିତ କଥାବାର୍ତ୍ତା କରିବି ଓ ବିକାନିର ଫେରି ରାଜାଙ୍କୁ ଏସବୁ କଥା ଜଣାଇବି । ତା'ପରେ କେବେ ଓ କିପରି ଅନୱାର୍ ଓ ତା ସ୍ତ୍ରୀ ଏଠିକି ଆସିବେ ଓ ତୁ ବିକାନିର ଫେରିବୁ, ସେସବୁ କଥା ସ୍ଥିରହେବ । ମୁଁ ଯାଉଚି । ଜୟମଲ୍ଲ ଉଠିଲେ । ଏତିକିବେଳେ ମୃଦୁଲା କହିଲା—ଯେଉଁଦିନ ସେ ଦୁହେଁ ଏଠିକି ଫେରିବେ ଓ ମୁଁ ଏଠୁ ମୁକ୍ତିପାଇବି, ତା'ର ପୂର୍ବଦିନ ଆପଣ ଏଠିକି ଆସି ମତେ ସବୁ କଥା ଜଣାଇବେ । ...ଅତି ଉତ୍ସାହର ସହିତ ଜୟଚନ୍ଦ୍ର ଆଉଥରେ ମୃଦୁଲାର ମଥା ଆଉଁସି ଦେଇ କହିଲେ—ନିଶ୍ଚୟ, ମୁଁ ନିଶ୍ଚୟ ଆସିବି । ତୋତେ ସବୁକଥା ଜଣାଇବି । ...ବେଶ୍ ହୃଷ୍ଟ ଚିତ୍ତରେ ସେ ବିଦାୟ ନେଲେ ।

ନିର୍ଦ୍ଧାରିତ ଦିନରେ ଜୟଚନ୍ଦ୍ର ମଲ୍ଲ ଅତିଶୟ ହୃଷ୍ଟ ମନରେ ରମ୍ୟନିବାସରେ ଆସି ପହଞ୍ଚିଲେ । ସାଥିରେ ଆସିଚି ମୃଦୁଲାର ଅନ୍ତରଙ୍ଗ ସହଚରୀ ପଲ୍ଲବୀ । କୋଠରି ଭିତରକୁ ପଶିଆସି ପଲ୍ଲବୀ ଦେଖିଚି, ସର୍ଦ୍ଦାର ଦୁହିତା ଗୋଟିଏ ସ୍ଥାନରେ ବସିଚନ୍ତି । ମୁଖମଣ୍ଡଳରେ ତାଙ୍କର ହର୍ଷ କି ବିଷାଦର କୌଣସି ପ୍ରଲେପ ନାହିଁ । ସେ ସ୍ଥିର, ଶାନ୍ତ ଓ ଅବିଚଳିତ ରହିଚନ୍ତି । ପଲ୍ଲବୀ କିଛି ସମୟ ତା'ର ପ୍ରିୟ ବାନ୍ଧବୀ ମୃଦୁଲାକୁ କେବଳ ଅପଲକ ଦୃଷ୍ଟିରେ ଚାହିଁରହିଲା. ତା'ପରେ ଗୋଟିଏ ଆବେଗରେ ତାଙ୍କୁ କୋଳାଗ୍ରତ କରି ଶୋକୋଚ୍ଛ୍ୱାସରେ ଭାଙ୍ଗିପଡ଼ିଲା । ମୃଦୁଲା ମୁହଁରେ ଈଷତ୍ ହସ ଆଣି ପଲ୍ଲବୀ କାନ୍ଧରେ ହାତରଖି ତା'ର ମଥା ଆଉଁସି କହିଲା—ନା, ନା ପଲ୍ଲବୀ ଏମିତି କାନ୍ଦନାହିଁ । ଏଇ ମତେ ଦେଖ୍, ମୁଁ ଏତେ ଦିନ ଏଠି ରହିଲିଣି—ମୋର କିଛି ହୋଇନି, ମୋ ଆଖିରୁ ଟୋପାଏ ବି ଲୁହ ଝରିନି । ସୁନାଟା, ତୁ ଟିକେ ସ୍ଥିର ହୋଇ ବସ, ମୁଁ ଆଗେ ଜୟଚନ୍ଦ୍ର ମଲ୍ଲଙ୍କ ସହିତ କଥାବାର୍ତ୍ତା କରେ । ଟିକେ ପରେ ଜୟଚନ୍ଦ୍ର ମଲ୍ଲ ଆସିଲେ । ଖୁବ୍ ଖୁସି ମନରେ କହିଲେ—ମା ମୃଦୁଲା, ସବୁ ଠିକ୍ ହୋଇଗଲା । ଅନୱାର୍ ହୁସେନ୍ ଛାଉଣୀରୁ ଆସି ଗଡ଼ରେ ତା' ସ୍ତ୍ରୀ ସହିତ ରହିଲାଣି । କାଲି ସକାଳେ ସେ ଦୁହିଁଙ୍କୁ ଆମର ପ୍ରହରୀମାନେ ଆଣି ସୀମାନ୍ତ ଏପଟେ

ପହଞ୍ଚାଇ ଦେବେ । ତା'ପରେ ତୋପାଇଁ ରମ୍ୟନିବାସର ଦ୍ୱାର ମୁକ୍ତ ହୋଇଯିବ । ତୁ ମହାସମାରୋହରେ ଗଡ଼କୁ ଫେରିଯିବୁ । ସେବିକା ଓ ପ୍ରହରୀମାନଙ୍କ ବ୍ୟବସ୍ଥା ହୋଇଯାଇଛି । ସେମାନେ ଆସି ଆଜିଠୁ ରହିଛନ୍ତି । ତୁ ଗଡ଼କୁ ଫେରିଲାପରେ ଭଗବତୀ ମନ୍ଦିରରେ ମହୋତ୍ସବ ହେବ । ମହୋତ୍ସବରେ ତୋର ପିତା ରାଜମୋହନ ସିଂ ନିଜ ହସ୍ତରେ ମହାମାନ୍ୟ ରାଣାଙ୍କୁ ପ୍ରସାଦ ପରିବେଷଣ କରିବେ । ତୁ ଏବେଠୁ ଭାବିଦେଖ୍ ମା, ସେଦିନ ତ ସେମାନେ ତୋତେ ମନ୍ଦିରପ୍ରାଙ୍ଗଣରୁ ନେଇଆସିଥିଲେ, କାଲି ତୁ ଏଠୁ ମୁକ୍ତ ହୋଇ ପ୍ରଥମେ ସେଇ ମନ୍ଦିରକୁ ଯିବୁ । ତୋତେ ଖୁସି କରିବା ପାଇଁ ସର୍ଦ୍ଦାର ନିଜେ ଏ ଆୟୋଜନ କରିଛନ୍ତି । ମୃଦୁଲା ଏ ସମସ୍ତ ଶୁଣିଲା । ସେ ଏଠିକି ବନ୍ଦିନୀ ହୋଇ ଆସିବା ପରଠୁ ଏଇ ପ୍ରଥମ ତା ଆଖିରୁ ଧାର ଧାର ଲୁହ ବହିଆସିଲା । ···ତା'ପରେ ମଲ୍ଲଙ୍କୁ କହିଲା—ଆପଣଙ୍କ ପାଖରେ ଆମେ, ଆମ ପରିବାର ଚିରଦିନ କୃତଜ୍ଞ ହୋଇ ରହିବୁ । ମୋ ଜୀବନ ରକ୍ଷାହେବ—ସର୍ଦ୍ଦାର ଦମ୍ପତି ତାଙ୍କ କନ୍ୟାକୁ ଫେରି ପାଇବେ । ଆପଣଙ୍କ ପାଦଧୂଳି ମତେ ଦିଅନ୍ତୁ । ··ନଇଁପଡ଼ି ମଲ୍ଲଙ୍କ ପାଦଛୁଇଁବା ଅବସରରେ ପଲକପାତରେ ତାଙ୍କ କଟିରୁ ତୀକ୍ଷ୍ଣ ତରବାରିଟି ଟାଣିଆଣିଲା । ସେଇ ମୁହୂର୍ତ୍ତରେ ତା'ର କୁଆଁରୀ ସୁଲଭ ସଜଫୁଲପରି ମୁହଁଟି ଶକ୍ତହୋଇ ଉଠିଲା । ମଲ୍ଲ ପାଟିକରି ଉଠିଲେ । ଧମକପୂର୍ଣ୍ଣ ଆଦେଶ ଦେବା ଭଙ୍ଗୀରେ ମୃଦୁଲା କହିଲା—ପାଟି କରନ୍ତୁ ନାହିଁ । ···ମୃଦୁଲା କହିଚାଲିଛି, ପାଟି କରନ୍ତୁ ନାହିଁ, ସେଇଠି ଠିଆହୋଇ ରହନ୍ତୁ । ହଁ ପଲ୍ଲବୀ, ତୁ ଯା' ଦରଜାଟା ଭିତରପଟୁ ବନ୍ଦ କରିଦେ··· ପଲ୍ଲବୀ ଆଦେଶ ପାଳନ କଲା । ···ମୃଦୁଲା ଅଧିକ ଶକ୍ତହୋଇ କହିଲା—ଜୟଚନ୍ଦ୍ର ମଲ୍ଲ, ଆପଣଙ୍କ ବନ୍ଧୁ ଏଇ ମୋଗଲ ସେନାପତି ମଜହର ଖାଁଙ୍କ କୀର୍ତ୍ତି ସବୁଠୁ ବେଶୀ ଆପଣ ଜାଣନ୍ତି । ଏଇ କଳଙ୍କିତ ମୋଗଲ ଶାସନରେ ତା'ର ବହୁ କଳଙ୍କିତ କାହାଣୀ ସବୁ ସୀମାକୁ ଅତିକ୍ରମ କରିଯାଇଛି । ଗୋଟାଏ ନାରୀ ମାଂସପିପାସୀ ନଷ୍ଟଚରିତ୍ର ରାକ୍ଷସର କାମାଗ୍ନି ପ୍ରଜ୍ୱଳିତ କରିବାପାଇଁ ମୁଁ ଘୃତ ସଂଯୋଗ କରିବି, ଆପଣ ଏଇ ବ୍ୟବସ୍ଥା କରିଛନ୍ତି । ଛି-ଛି-ଛି ! ସ୍ୱୀକାର କରୁଛି, ତାଙ୍କର ଝିଅପାଇଁ ମୋର ପିତାମାତା ହୁଏତ ପାଗଳ ହୋଇଯାଇଥିବେ । ମହାମାନ୍ୟ ରାଣା ତାଙ୍କର ଅତିପ୍ରିୟ ସର୍ଦ୍ଦାରଙ୍କ ଦୁଃଖ ସହି ନ ପାରି ଏସବୁ ସର୍ତ୍ତ ମାନି ନେଇଥିବେ । କିନ୍ତୁ ଆପଣ ? ଆପଣ ରାଜପୁତ୍ର ସନ୍ତାନ ହୋଇ ମୋ ପରି ଜଣେ ରାଜପୁତ୍ର କନ୍ୟାର ଅନ୍ତରାତ୍ମାକୁ ଚିହ୍ନି ପାରିଲେ ନାହିଁ କେମିତି ? ଅନୱାରଙ୍କ ହୁସେନ୍‌କୁ ହତ୍ୟାକରି ମୋଗଲ ସେନାପତି ଅନୱାରର ତରୁଣୀ ପତ୍ନୀକୁ ତା' ହାରେମ୍‌କୁ ଆଣିବ, ସେଥିପାଇଁ ମୁଁ ଏଠୁ ମୁକ୍ତ ପାଇବା ଲୋଭରେ ସେଇ ପଶୁଟାର ଯାତ୍ରାପଥରେ ଫୁଲର ପାଙ୍କୁଡ଼ା ବିଛାଇଦେଇ ପାରିବି ନାହିଁ । ମୋର ଶେଷକଥା

ଶୁଣନ୍ତୁ—ମୁଁ ଏଠୁ ମୁକ୍ତ ହେବ ନାହିଁ !! ··ଏପର୍ଯ୍ୟନ୍ତ ଜୟଚନ୍ଦ୍ରମଲ୍ଲ ପଥର ପ୍ରତିମାଟି ପରି ଠିଆହୋଇ ରହିଥିଲେ । ଏବେ ତାଙ୍କ ଓଠ ଥରିଉଠୁଚି । ସେ କହିଲେ—ତୁ, ତୁ ଏଠୁ ମୁକ୍ତ ହେବୁ ନାହିଁ ? କ'ଣ ତା'ହେଲେ କରିବୁ ? ···ସଙ୍ଗେ ସଙ୍ଗେ ମୃଦୁଳାର ଉତ୍ତର—ଏଇ ଦେଖନ୍ତୁ କ'ଣ କରୁଚି । ···ପଲ୍ଲବୀ, ଦରଜା ଖୋଲିଦେ' । ···ପଲ୍ଲବୀ ଦରଜା ଖୋଲିବା ସଙ୍ଗେ ସଙ୍ଗେ ଅସ୍ତ୍ରଚାଳନାରେ ସିଦ୍ଧହସ୍ତା ମୃଦୁଳା ଜୟଚନ୍ଦ୍ରଙ୍କ ଶାଣିତ ତରବାରି ଚଳାଇ ସେଇ ଜୟଚନ୍ଦ୍ରଙ୍କ ମଥାକୁ ତାଙ୍କ ଶରୀରରୁ ଅଲଗା କରିଦେଲା ଓ ସେଇପରି ପଲକପାତରେ ତରବାରିକୁ ନିଜ ଗଳାରେ ବିନ୍ଧକରି ସେଇଠି ଢଳିପଡ଼ିଲା । ରକ୍ତର ସୁଅ ଛୁଟି-ଚାଲିଚି । ପଲ୍ଲବୀ ଚିତ୍କାର କରି ତଳେ ଲୋଟିପଡ଼ିଲାଣି । ଦରଜା ପାଖରେ ଜୟଚନ୍ଦ୍ରଙ୍କ ମୃତଦେହ । ଏପଟେ ପଲଙ୍କ ପାଖରେ ମୃଦୁଳା ଶେଷ ନିଃଶ୍ୱାସ ଛାଡ଼ିବା ପୂର୍ବରୁ ତା'ର ପ୍ରିୟ ସହଚରୀ ପଲ୍ଲବୀ ହାତକୁ ଲେଖା ଖଣ୍ଡିଏ ବଢ଼େଇଦେଲା । ସେଥିରେ ଲେଖାଅଛି—"ଯେହେତୁ ମୁଁ ମୋ ବନ୍ଦିନୀ ଅବସ୍ଥାରୁ ମୁକ୍ତ ହେଲିନି, ଅନଓ୍ୱାର୍ ଓ ତା'ର ପତ୍ନୀ ବିକାନିର ଛାଡ଼ି ଆସିବେ ନାହିଁ । ···ମୁଁ ଜୀବିତା ଅବସ୍ଥାରେ କାଲି ଯେମିତି ଗଡ଼କୁ ଶିବିକା ଓ ଅଶ୍ୱାରୋହୀମାନଙ୍କ ଗହଣରେ ଯାଇଥା'ନ୍ତି, ମୋର ମୃତଶରୀରକୁ ଠିକ୍ ସେମିତି ଉପଚାରରେ ଆଜି ନିଆଯିବ—ମନ୍ଦିରରେ ସେମିତି ମହୋତ୍ସବ ପାଳିତ ହେବ—ମୋର ଜନ୍ମଦାତା, ପାଳନକର୍ତ୍ତା, ମୋର ପରମପୂଜ୍ୟ ଆଦରଣୀୟ ପିତା ଆନନ୍ଦ ଚିତ୍ତରେ ରାଣୀଙ୍କ ପାଦସ୍ପର୍ଶ କରି ତାଙ୍କୁ ନିଜ ହାତରେ ପ୍ରସାଦ ପରିବେଷଣ କରିବେ । ଆଉ ମୋର ଅନ୍ତିମବାଣୀ—ମୋର ଏଇ ସାମାନ୍ୟ ଜୀବନ ଦାନ ବିନିମୟରେ ଜଣେ ପତିପ୍ରାଣା ସତୀନାରୀ ପାଶବିକ ଅତ୍ୟାଚାରରୁ ମୁକ୍ତି ପାଇବା ସଙ୍ଗେ ସଙ୍ଗେ ତା ନିରୀହ ସ୍ୱାମୀ ସହିତ ଦୁହେଁ ଯେ ମୃତ୍ୟୁମୁଖରୁ ରକ୍ଷାପାଇଲେ, ସେଥିପାଇଁ କେବଳ ବିକାନିର ନୁହେଁ, ସମସ୍ତ ରାଜସ୍ଥାନ, ଏପରିକି ସମସ୍ତ ଭାରତବର୍ଷ ଯେଉଁ ମାନସମ୍ମାନ ଓ ମର୍ଯ୍ୟାଦାବୋଧ ଲାଭକଲା, ସେଇ ଆଶ୍ୱାସନାରେ ମୁଁ ହସି ହସି ମୋର ଏ ମୃତ୍ୟୁପଥକୁ ବାଛିନେଲି ।"

—※—